# ଧରିତ୍ରୀ
DHARITRI

ବାର୍ତ୍ତା ପଠାନ୍ତୁ Rakhi ପୁରସ୍କାର ଜିତନ୍ତୁ
ଦେଖନ୍ତୁ ପୃଷ୍ଠା-୫

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୦/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, August 10/2021 | ★★★★
୪୭ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ଭୁବନେଶ୍ୱର ଓସେପା କାର୍ଯ୍ୟାଳୟ ସମ୍ମୁଖରେ ପୁନଃନିଯୁକ୍ତି ଦାବିରେ ସୋମବାର କମ୍ପ୍ୟୁଟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମୂହ ବିକ୍ଷୋଭ ବେଳେ ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରୁଛନ୍ତି।

# କ୍ରୀଡ଼ା ଭିତ୍ତିଭୂମି ସର୍ବାଗ୍ରେ

## ୮୯ ସହରାଞ୍ଚଳରେ ନିର୍ମାଣ ହେବ ବିଜୁ ଇନ୍‌ଡୋର ଷ୍ଟାଡିୟମ

ଭୁବନେଶ୍ୱର, ୯।୮ (ବ୍ୟୁରୋ)

**କ୍ୟାବିନେଟ ନିଷ୍ପତ୍ତି**
- ୬୯୩ କୋଟି ବ୍ୟୟ ବରାଦ
- ୧୮ ମାସରେ ପ୍ରକଳ୍ପ ନିର୍ମାଣ ସରିବ
- ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀରେ ବ୍ୟବହାର ହେବ

ଗତ କିଛିବର୍ଷ ହେବ ରାଜ୍ୟ ସରକାର କ୍ରୀଡ଼ା ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେଇଆସୁଛନ୍ତି। ଭୁବନେଶ୍ୱରରେ ଆନ୍ତର୍ଜାତିକ ହକି ଟୁର୍ନାମେଣ୍ଟ ଆୟୋଜନ ଏବଂ ଭାରତୀୟ ହକି ଦଳର ପ୍ରଯୋଜକ ହୋଇ ସମଗ୍ର ଦେଶ ପାଇଁ ଓଡ଼ିଶା ଉଦାହରଣ ପାଲଟିଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଓ ସହାୟତାରେ ଦୀର୍ଘ ୪୧ ବର୍ଷ ପରେ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ପାଇଥିବାବେଳେ ମହିଳା ହକି ଦଳ ସେମିଫାଇନାଲକୁ ଯାଇପାରିଛି। କେବଳ ହକି ନୁହେଁ, ଅନ୍ୟାନ୍ୟ ଖେଳକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ନିରନ୍ତର ଉଦ୍ୟମ ଚଳାଇଛନ୍ତି। ସହରାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରି ନୂଆ କ୍ରୀଡ଼ାବିତ୍ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ତତ୍ପର ହୋଇଛନ୍ତି। ଏହି କ୍ରମରେ ଓଡ଼ିଶା ସହରାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ସୋମବାର ଅନୁମୋଦନ କରିଛି।

କ୍ରୀଡ଼ା ଭିତ୍ତିଭୂମି ନ ଥିବା ରାଜ୍ୟର ୮୯ ସହରାଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ପୌରାଞ୍ଚଳରେ ଗୋଟିଏ ଲେଖାଏ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ କରାଯିବ। ଏଥିପାଇଁ ୬୯୩.୩୫ କୋଟି ବ୍ୟୟବରାଦ କରାଯାଇଛି। ଷ୍ଟାଡିୟମ ନିର୍ମାଣ ୧୮ ମାସ ମଧ୍ୟରେ ଶେଷ ହେବ। ଇନ୍‌ଡୋର ଷ୍ଟାଡିୟମଗୁଡ଼ିକରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଭାରୋତ୍ତୋଳନ ଆଦି କ୍ରୀଡ଼ା ସହ ଯୋଗ ଓ ବ୍ୟାୟାମଶାଳାର ବ୍ୟବସ୍ଥା ରହିବ। ସେହିପରି ସ୍ଥାନୀୟ ଅଞ୍ଚଳର ☞ପୃଷ୍ଠା-୪

## ବଦଳିଲେ ଢେଙ୍କାନାଳ, ଭଦ୍ରକ ଜିଲାପାଳ

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଆଇଏଏସ୍ ଏବଂ ଓଏଏସ୍ ସ୍ତରରେ ରାଜ୍ୟ ସରକାର ସୋମବାର ଛୋଟ ଧରଣର ଅଦଳବଦଳ କରିଛନ୍ତି। ଭଦ୍ରକ ଜିଲାପାଳ ଥିବା ଜ୍ଞାନରଞ୍ଜନ ଦାସଙ୍କୁ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଭାବେ ନୂଆ ନିଯୁକ୍ତି ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ☞ପୃଷ୍ଠା-୪

## ତୃତୀୟ ଲହରରେ ୧୫% ଶିଶୁ ଆକ୍ରାନ୍ତ ଆଶଙ୍କା

- ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ
- ଟିକା ନେଲେଣି ୧.୭୮ କୋଟି ଲୋକ

ଭୁବନେଶ୍ୱର, ୯।୮ (ବ୍ୟୁରୋ): କରୋନାର ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ମାନବ ସମ୍ବଳ, ଉପକରଣ ଆଦି ସବୁ କ୍ଷେତ୍ରରେ ବ୍ୟବସ୍ଥା ହୋଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତୃତୀୟ ଲହର ସେତେଟା ଗୁରୁତର ହେବ ନାହିଁ ବୋଲି ସମସ୍ତେ ଆକଳନ କରୁଛନ୍ତି। ତଥାପି ୧୫% ଶିଶୁ ଆକ୍ରାନ୍ତ ହେବାର ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପ୍ରସ୍ତୁତି କରାଯାଉଛି। ସେଥିଲାଗି ରାଜ୍ୟସ୍ତରୀୟ ଟାସ୍କଫୋର୍ସ ମିଟିଂ ହେବ। ଆଶା, ଅଙ୍ଗନବାଡି କର୍ମୀଙ୍କ ଭଳି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଟିକା ପରେ ସ୍କୁଲ

## ବିନା ଭକ୍ତରେ ପାର୍ବଣକୁ ଅନୁମତି

ଭୁବନେଶ୍ୱର, ୯।୮ (ବ୍ୟୁରୋ)

**ପୂଜା ପାଇଁ ଗାଇଡ୍‌ଲାଇନ ଜାରି**
- ଜିଲାପାଳ, ପୋଲିସ କମିଶନର ଦେବେ ଅନୁମତି
- ମୂର୍ତ୍ତି ଉଚ୍ଚତା ୪ଫୁଟରୁ କମ୍, ରହିବେ ସର୍ବାଧିକ ୭
- ସାଂସ୍କୃତିକ କାର୍ଯ୍ୟକ୍ରମ, ବିସର୍ଜନ ଶୋଭାଯାତ୍ରା ମନା
- ଶିକ୍ଷାନୁଷ୍ଠାନରେ ହେବ ଗଣେଶ ପୂଜା

ଗତବର୍ଷ ଭଳି ଏବର୍ଷ ମଧ୍ୟ ବିନା ଭକ୍ତରେ ଗଣେଶପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ଅନୁଷ୍ଠିତ ହେବ। ଏନେଇ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେବା ସହ ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ସବୁ ପାର୍ବଣ ଲାଗି ଗାଇଡ୍‌ଲାଇନ୍ ଜାରି କରିଛନ୍ତି।

କଟକଣା ସହ ପୂଜା ଆୟୋଜନ ପାଇଁ ପୂଜା କମିଟିଗୁଡ଼ିକୁ ଅନୁମତି ଦିଆଯାଇଛି। ମଣ୍ଡପ, ପେଣ୍ଡାଲରେ ପୂଜା ପାଇଁ ଜିଲାରେ ଜିଲାପାଳ ଓ ଦ୍ୱୈତନଗରୀରେ ପୋଲିସ କମିଶନରଙ୍କ ଅନୁମତି ଜରୁରୀ। କେବଳ ପରମ୍ପରା ରକ୍ଷା ପାଇଁ ନିରାଡ଼ମ୍ବର ଭାବେ ପୂଜା କରାଯିବ। କୌଣସି ସାଜସଜ୍ଜା ହୋଇପାରିବ ନାହିଁ। ମଣ୍ଡପକୁ ଶ୍ରଦ୍ଧାଳୁ ଆସି ପାରିବେ ନାହିଁ। ମଣ୍ଡପ ତିନି ପାର୍ଶ୍ୱରୁ ବନ୍ଦ ରହିବ। ଗୋଟିଏ ପାର୍ଶ୍ୱ ସାମାନ୍ୟ ଖୋଲା ରହିବ। ମଣ୍ଡପରେ ସାଧାରଣ ଦର୍ଶନାର୍ଥୀଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ରହିବ ନାହିଁ। ସବୁ ପୂଜାମଣ୍ଡପରେ ୪ ଫୁଟରୁ କମ୍ ଉଚ୍ଚତାରେ ମୂର୍ତ୍ତି ହେବ। ☞ପୃଷ୍ଠା-୪

# ସାମୁଦ୍ରିକ ସହଯୋଗ ବୃଦ୍ଧି ଆହ୍ୱାନ

## ଜାତିସଂଘ ସୁରକ୍ଷା ପରିଷଦରେ ଅଧ୍ୟକ୍ଷତା କଲେ ମୋଦି

ନୂଆଦିଲ୍ଲୀ, ୯।୮ (ପି.ଟି.)

**୫ ସୂତ୍ରୀ ପ୍ରସ୍ତାବ ଉପସ୍ଥାପନ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଧ୍ୟକ୍ଷତା କରି ସାମୁଦ୍ରିକ ସୁରକ୍ଷା ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବିବାଦଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ ସହ ଅଣରାଷ୍ଟ୍ର ତତ୍ତ୍ୱ ଦ୍ୱାରା ସୃଷ୍ଟ ସାମୁଦ୍ରିକ ବିପଦକୁ ମିଳିତ ଭାବେ ମୁକାବିଲା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭିଡିଓ କନଫରେନ୍ସ ଜରିଆରେ ଜାତିସଂଘ ସୁରକ୍ଷା ପରିଷଦରେ ମୋଦି 'ସାମୁଦ୍ରିକ ସୁରକ୍ଷା ବୃଦ୍ଧି- ଅନ୍ତର୍ଜାତୀୟ ସହଯୋଗ ପ୍ରସଙ୍ଗ' ଉପରେ ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ଏହି ଅବସରରେ ସେ ସାମୁଦ୍ରିକ ସୁରକ୍ଷା ରଣନୀତି ପାଇଁ ୫-ସୂତ୍ରୀ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମହାସାଗରର ଦୀର୍ଘମିଆଦୀ ଉପଯୋଗ ଲାଗି ଭାରତର ଭିଜନ 'ସାଗର' ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

ମହାସାଗର ବିଶ୍ୱର ସାଧାରଣ ଐତିହ୍ୟ ହୋଇଥିବାବେଳେ ସାମୁଦ୍ରିକ ପଥ ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟର ଜୀବନରେଖା। ତେବେ ସମୁଦ୍ର ପଥରେ ବାଣିଜ୍ୟ ବେଳେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଆଇନସମ୍ମତ ସାମୁଦ୍ରିକ ବାଣିଜ୍ୟ ପାଇଁ ପ୍ରତିବନ୍ଧକ ହଟାଇବାକୁ ହେବ। ବିଶ୍ୱ ସମୃଦ୍ଧି ସକ୍ରିୟ ସାମୁଦ୍ରିକ ବାଣିଜ୍ୟ ପ୍ରବାହ ଉପରେ ନିର୍ଭର କରୁଛି। ଏଥିରେ ପ୍ରତିବନ୍ଧକ ବିଶ୍ୱ ଅର୍ଥନୀତି ପାଇଁ ବିପଦ ହୋଇପାରେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆପୋସ ବିଶ୍ୱାସ ଓ ଆସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ। ଏହା ମାଧ୍ୟମରେ ବିଶ୍ୱ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରାଯାଇପାରିବ। ଭାରତ ଏହାର ପଡୋଶୀ ବାଂଲାଦେଶ ସହ ସାମୁଦ୍ରିକ ସୀମା ପ୍ରସଙ୍ଗର ସମାଧାନ ☞ପୃଷ୍ଠା-୪







## ସଂକ୍ଷେପରେ

### ଈଶ୍ୱର ନିନ୍ଦା: ବାଳକ ଗିରଫ

**ଇସ୍‌ଲାମାବାଦ, ୯।୮:** ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରି ଆସୁଥିବା ପାକିସ୍ତାନ ନିରୀହ ପିଲାଙ୍କ ଉପରେ ମଧ ବର୍ବରତା ଜାରି ରଖିଛି। ଈଶ୍ୱର ବିରୋଧୀ କାର୍ଯ୍ୟ ଆଳରେ ସେଠାକାର ଜଣେ ୮ ବର୍ଷର ହିନ୍ଦୁ ବାଳକଙ୍କୁ ଗିରଫ କରିଛି। ଏପରି ମାମଲାରେ ଗିରଫ ହେବାରେ ସେ ହେଉଛନ୍ତି ସର୍ବକନିଷ୍ଠ। ସେ ଉଦ୍ଦେଶ୍ୟମୂଳକ ଭାବେ ମଦ୍ରାସାରେ ରଖାଯାଇଥିବା ଧର୍ମଗ୍ରନ୍ଥ ନିକଟରେ ପରିସ୍ରା କରିଥିବା ଅଭିଯୋଗ ରହିଛି। ପାକିସ୍ତାନରେ କୌଣସି ବ୍ୟକ୍ତିଙ୍କ ବିରୋଧରେ ଏପରି ଅଭିଯୋଗ ଆସିଲେ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଥାଏ। ଏପରିକି ଅନେକ ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସେହି ଲୋକଙ୍କୁ ଭିଡ଼ ହିଂସାରେ ହତ୍ୟା କରିଦିଆଯାଏ। ତେବେ ତାଙ୍କୁ ଜାଣିଶୁଣି ଏପରି ମାମଲାରେ ଫସାଯାଇ ସପ୍ତାହେ ହେଲା ଜେଲରେ ରଖାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି।

### ୩ ଶିଶୁ ସମେତ ୧୦ ଜଳିଗଲେ

**ଲାହୋର, ୯।୮(ପି.ଟି.):** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଭ୍ୟାନ୍ ଅନ୍ୟ ଏକ ଗାଡ଼ି ସହ ଧକ୍କା ହୋଇ ଜଳିଯିବାରୁ ୩ ଶିଶୁଙ୍କ ସମେତ ୧୦ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ରାଓ୍ୱଲପିଣ୍ଡିରୁ ଲାହୋର ଯାଉଥିବା ଉକ୍ତ ଭ୍ୟାନ୍‌ରେ ୧୭ ଯାତ୍ରୀ ଥିଲେ। ଗୁଜ୍ରନ୍‌ୱାଲାଠାରେ ଦୁର୍ଘଟଣା ଘଟିଥିଲା। ଏକ ମିନି ଟ୍ୟାଙ୍କର ଭ୍ୟାନ୍‌କୁ ପଛ ପଟୁ ଧକ୍କା ଦେବାରୁ ଏଥିରେ ଥିବା ଗ୍ୟାସ ସିଲିଣ୍ଡର ନୋଜଲ ଢିଲା ହୋଇଯାଇଥିଲା। ଗ୍ୟାସ୍ ଲିକ୍‌ରୁ ସିଲିଣ୍ଡରରେ ବିସ୍ଫୋରଣ ଘଟି ୧୦ ଜଣ ଘଟଣାସ୍ଥଳରେ ଜଳିଯାଇଥିଲେ।

### କରାଚୀ ବନ୍ଦରରେ ବୋମା ଫିଙ୍ଗିଥିବା କମୋଡର ଗୋପାଳ ରାଓଙ୍କ ପରଲୋକ

**ଚେନ୍ନାଇ, ୯।୮:** ୧୯୭୧ ଭାରତ-ପାକ୍ ଯୁଦ୍ଧ ବେଳେ କରାଚୀ ବନ୍ଦରରେ ବୋମା ପକାଇ ପାକିସ୍ତାନର ଦୁଇଟି ଯୁଦ୍ଧଜାହାଜ ବୁଡ଼ାଇଦେବା ସହ ଗୋଟିଏ ମାଇନ୍‌ସୁଇପରକୁ ନଷ୍ଟ କରିବାରେ ମୁଖ୍ୟ ଭୂମିକା ନେଇଥିବା କମୋଡର କେ.ପି. ଗୋପାଳ ରାଓଙ୍କର ପରଲୋକ ହୋଇଯାଇଛି। ଗତ ମାସ ୨୨ରେ ୧୯୭୧ ଯୁଦ୍ଧ ବିଜୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୨୬ ନଭେମ୍ବର ୧୩ରେ ଜନ୍ମିତ ରାଓଙ୍କୁ ଦ୍ୱିତୀୟ ସର୍ବୋଚ୍ଚ ସାମରିକ ପୁରସ୍କାର ମହାବୀର ଚକ୍ରରେ ସମ୍ମାନିତ କରାଯାଇଥିଲା।

### ବାଂଲାଦେଶରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

**ଢାକା, ୯।୮(ପି.ଟି.):** ବାଂଲାଦେଶର ଖୁଲ୍‌ନା ଜିଲାରେ ଦୁର୍ବୃତ୍ତମାନେ ୪ଟି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରିଛନ୍ତି। ଏଥିସହ ସେମାନେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ କେତେକ ଦୋକାନ ଓ ଘର ଭାଙ୍ଗିଛନ୍ତି। ପୋଲିସ ୧୦ ଜଣଙ୍କୁ ଗିରଫ କରିବା ସହ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଛି। ରୁପ୍‌ସା ଉପଜିଲାର ଶିଆଲି ଗ୍ରାମରେ ହିନ୍ଦୁ ଓ ମୁସଲମାନ ପରିବାରରେ ବଚସାକୁ କେନ୍ଦ୍ର କରି ଶନିବାର ଏଭଳି ଆକ୍ରମଣ କରାଯାଇଛି। ଦୁର୍ବୃତ୍ତମାନେ ହରି ମନ୍ଦିର, ଦୁର୍ଗା ମନ୍ଦିର, ଗୋବିନ୍ଦ ମନ୍ଦିର ଏବଂ ମହାଶ୍ମଶାନ ମନ୍ଦିରରେ ପଶି ମୂର୍ତ୍ତି ଭାଙ୍ଗିଥିଲେ।



## ଜାତିଆଣ ମନ୍ତବ୍ୟ: ଅଡୁଆରେ ମୀରା

ଜାତିଆଣ ମନ୍ତବ୍ୟ ରଖି ଅଡୁଆରେ ପଡ଼ିଛନ୍ତି ମଡେଲ-ଅଭିନେତ୍ରୀ ମୀରା ମିଥୁନ। ଅନୁସୂଚିତ ଜାତି ବିରୋଧରେ ମନ୍ତବ୍ୟ ଦେବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତାମିଲନାଡୁର ସାଇବର ଶାଖା ପୋଲିସ ମୀରାଙ୍କ ନାଁରେ ମାମଲା ରୁଜୁ କରିଛି। ଦଳିତ ସମ୍ପ୍ରଦାୟ ସମର୍ଥନରେ ବିଦୁଥଲାଇ ଚିରୁଥାଗାଇ କାଚ୍ଚି(ଡିସିକେ) ରାଜନୈତିକ ଦଳର ନେତା ତଥା ପାର୍ଲାମେଣ୍ଟ ସଦସ୍ୟ ଥୋ ଥିରୁମାବଲ୍ଲଭମ୍ ଏ ନେଇ ଏତଲା ଦେଇଥିଲେ। ଏକ ଟକ୍ ଶୋ'ରେ ଭାଗ ନେଇ ମୀରା କହିଥିଲେ ଯେ, ସାଧାରଣତଃ ସେ ଏସ୍‌ସି ବର୍ଗର ଲୋକଙ୍କ ବିଷୟରେ କଥାବାର୍ତ୍ତା କରନ୍ତି ନାହିଁ। ଫିଲ୍ମ ଇଣ୍ଡଷ୍ଟ୍ରିରେ ହେଉଥିବା ସମସ୍ତ ଅସୁବିଧା ପାଇଁ ଅନୁସୂଚିତ ଜାତିର ନିର୍ଦ୍ଦେଶକମାନଙ୍କୁ ସେ ଦାୟୀ କରିଥିବା ଏତଲାରେ ଦର୍ଶାଯାଇଛି।

## ବିଗ୍ ବସ୍‌ରେ ସମିତା ସେଟ୍ଟୀ



ଅଶ୍ଳୀଳ ଫିଲ୍ମ ନିର୍ମାଣ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରା ଗିରଫ ହୋଇଥିବାବେଳେ ଶିଳ୍ପାଙ୍କ ଭଉଣୀ ସମିତା ସେଟ୍ଟୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ବିଗ୍ ବସ୍ ଓଟିଟି ହାଉସ୍‌ରେ ଏଣ୍ଟ୍ରି କରିଛନ୍ତି। ଆସନ୍ତା ସେପ୍ଟେମ୍ବରରେ କରନ ଜୋହରଙ୍କ ଉପସ୍ଥାପନାରେ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଆୟୋଜନ ହେବାକୁ ଥିବା ବିଗ୍ ବସ୍-୧୫ର ସମିତା ପ୍ରଥମ ପ୍ରତିଯୋଗୀ ହୋଇଛନ୍ତି। ଏ ନେଇ ଶମିତା ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ଲେଖିଛନ୍ତି, ନିଜକୁ ଲୁଚାଇ ରଖନାହିଁ। ଛିଡ଼ା ହୁଅ, ମୁଣ୍ଡ ଉଚ୍ଚା କର ଏବଂ ସେମାନଙ୍କୁ ଦେଖାଇଦିଅ ତୁମ ପାଖରେ କ'ଣ ଅଛି। ୧୦ ବର୍ଷ ପରେ ବିଗ୍ ବସ୍‌କୁ ଫେରିଥିବାରୁ ସେ ବେଶ୍ ଖୁସି ଅଛନ୍ତି ବୋଲି କହିଛନ୍ତି। କୁନ୍ଦ୍ରାଙ୍କ ସମର୍ଥନରେ ବାହାରି ଥିବାରୁ ସମିତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଗ୍‌ବସର ଟିଆର୍‌ପି ବଢ଼ାଇବା ପାଇଁ ତାଙ୍କୁ ଜାଣିଶୁଣି ଶୋ'ରେ ନିଆଯାଇଥିବା ଚର୍ଚ୍ଚା ହେଉଛି।

# ଭାରତରେ ବଢ଼ିବ ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ, ୯।୮

ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତରେ ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ ଅନାବୃଷ୍ଟି, ଅତିବୃଷ୍ଟି ଦେଖାଦେବ। ଏଥିସହିତ ଦେଶ ଅଧିକ ବାତ୍ୟାର ସମ୍ମୁଖୀନ ହେବ ବୋଲି ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ କମିଟି (ଆଇପିସିସି) ରିପୋର୍ଟରେ କୁହାଯାଇଛି। ଆଇପିସିସି ୱାର୍କିଂ ଗ୍ରୁପ୍-୧ ଏହାର ଷଷ୍ଠ ଆକଳନ ରିପୋର୍ଟ ସୋମବାର ପ୍ରକାଶ ପାଇଛି। ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ହାରାହାରି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାକୁ ସାରା ବିଶ୍ୱ ଉଦ୍ୟମ ଚଳାଇଥିବାବେଳେ ଜାତିସଂଘ ଜଳବାୟୁ ପରିବର୍ତ୍ତନ କମିଟିର ଏହି ରିପୋର୍ଟ ଚିନ୍ତା ବଢ଼ାଇ ଦେଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ଆଗାମୀ ୨୦ ବର୍ଷ ମଧ୍ୟରେ ତାପମାତ୍ରା ୧.୫ ଡିଗ୍ରୀ ବୃଦ୍ଧି ପାଇବ କିମ୍ବା ଏହାକୁ ଟପିଯିବ। ଏହାର ପରିଣାମ ସ୍ୱରୂପ ଗ୍ରୀଷ୍ମ ଲହର ବଢ଼ିବା ସାଙ୍ଗକୁ ଗ୍ରୀଷ୍ମଋତୁ ଅବଧି ବୃଦ୍ଧି ପାଇବ ଓ ଶୀତଦିନ କମିଯିବ। ସମୁଦ୍ର ପଉନ ଦ୍ରୁତ ଗତିରେ ବୃଦ୍ଧି ପାଇବ। ଭାରତର ବିଭିନ୍ନ ଅଞ୍ଚଳରେ ଅନୁରୂପ ପ୍ରଭାବ ଅନୁଭୂତ ହେବ। ହିମାଳୟ ଅଞ୍ଚଳରେ ଗ୍ଲେସିୟର ହ୍ରଦଗୁଡ଼ିକ ଅତ୍ୟଧିକ ତରଳିବ ବୋଲି କୁହାଯାଇଛି।

ଜଳବାୟୁ ପରିବର୍ତ୍ତନ ପଛରେ ଥିବା ବିଜ୍ଞାନସମ୍ମତ କାରଣ ଦର୍ଶାଇବା ସହ ଆଇପିସିସି ପ୍ରଥମ ଥର ପାଇଁ ବିଭିନ୍ନ ଅଞ୍ଚଳରେ ହେବାକୁ ଥିବା ପରିବର୍ତ୍ତନର ସବିଶେଷ ବିବରଣୀ ଦେଇଛି। ସାରା ବିଶ୍ୱକୁ ୧୧ଟି ଅଞ୍ଚଳରେ ବିଭକ୍ତ କରି ଜଳବାୟୁ ପରିବର୍ତ୍ତନର ସବିଶେଷ ତଥ୍ୟ ଦିଆଯାଇଛି। ଫଳରେ ଆଗାମୀ ଦିନରେ କେଉଁ ଅଞ୍ଚଳ କିଭଳି ସମସ୍ୟାର ସମ୍ମୁଖୀନ ହେବ ତାହା ଆକଳନ କରିବା ସହଜ ହେବ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ। ଯଦିଓ ରିପୋର୍ଟରେ ନିର୍ଦ୍ଦିଷ୍ଟ ସହର ଭବିଷ୍ୟତରେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇନାହିଁ ତେବେ ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁ ଭାରତର ୭,୫୧୭ କିଲୋମିଟର ଉପକୂଳ ଅଞ୍ଚଳ ଏବଂ ମୁମ୍ବାଇ, ଚେନ୍ନାଇ, କୋଚି, କୋଲକାତା, ସୁରଟ, ବିଶାଖାପାଟଣା ଆଦି ବୃହତ୍ ବନ୍ଦର ନଗରୀ ପ୍ରଭାବିତ ହେବ।

'କ୍ଲାଇମେଟ୍ ଚେଞ୍ଜ ୨୦୨୧: ଦି ଫିଜିକାଲ ସାଇନ୍ସ ବେସିସ୍' ନାମରେ ପ୍ରକାଶିତ ଏହି ରିପୋର୍ଟକୁ ଭାରତ ସମେତ ୧୯୫ ସରକାର ଏବଂ ବୈଜ୍ଞାନିକମାନେ ଚୂଡ଼ାନ୍ତ କରିଛନ୍ତି। ରିପୋର୍ଟରେ ଭାରତୀୟ ଉପମହାଦେଶ ଅଞ୍ଚଳ ସମ୍ପର୍କରେ କୁହାଯାଇଛି, ଏଠାରେ ଭୂପୃଷ୍ଠ ତାପମାତ୍ରା ୧୮୫୦-୧୯୦୦ ଆଭ୍ୟନ୍ତରୀଣ ପରିବର୍ତ୍ତନ ରେଞ୍ଜ୍ ତୁଳନାରେ ବଢ଼ିଛି। ଗ୍ରୀଷ୍ମ ଅତ୍ୟଧିକ ବଢ଼ିବା ସହ ଶୀତ କମିଛି। ଆଗାମୀ ଦଶନ୍ଧିଗୁଡ଼ିକରେ ଏହି ଧାରା ଜାରି ରହିବ।



**ଆଇପିସିସି ରିପୋର୍ଟ**

- ଆଗାମୀ ଦଶନ୍ଧିରେ ଅଧିକ ବାତ୍ୟା
- ଭୟଙ୍କର ବିପର୍ଯ୍ୟୟ ଆଣିବ ଜଳବାୟୁ ପରିବର୍ତ୍ତନ
- ୨୦ ବର୍ଷରେ ସର୍ବୋଚ୍ଚ ଧାର୍ଯ୍ୟ ସୀମା ଅତିକ୍ରମ କରିବ ତାପମାତ୍ରା

ବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧରେ ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆରେ ମୌସୁମୀ ଦୁର୍ବଳ ହୋଇପଡ଼ିଥିଲା। ମୁଖ୍ୟତଃ ଏରୋସଲ ଏବଂ ପ୍ରଦୂଷଣ ବୃଦ୍ଧି ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିଲା। ସବୁଜ ଗୃହ ବାଷ୍ପ ପ୍ରଭାବ ଓ ଏରୋସଲର ଫଳ ସ୍ୱରୂପ ପୂର୍ବ ଏସିଆରେ ମୌସୁମୀ ବର୍ଷା ପ୍ରଭାବିତ ହୋଇଥିଲା। ଆଭ୍ୟନ୍ତରୀଣ ପରିବର୍ତ୍ତନର ପ୍ରଭାବ ଯୋଗୁ ଦକ୍ଷିଣ, ଦକ୍ଷିଣପୂର୍ବ ଏସିଆର ମୌସୁମୀ ଏବଂ ପୂର୍ବ ଏସିଆର ଗ୍ରୀଷ୍ମ ମୌସୁମୀ ସ୍ୱଳ୍ପ ମିଆଦିରେ କମ୍ ହେବାକୁ ଥିବାବେଳେ ଦୀର୍ଘମିଆଦୀରେ ବୃଦ୍ଧି ପାଇବ। ଏଥିସହିତ ଏହି ଉପମହାଦେଶରେ ଅନାବୃଷ୍ଟି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି ବୋଲି ରିପୋର୍ଟରେ କୁହାଯାଇଛି।

ତେବେ ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ ସବୁଜଗୃହ ବାଷ୍ପ ନିର୍ଗମନକୁ କମାଇପାରିଲେ ଜଳବାୟୁ ପରିବର୍ତ୍ତନକୁ ସୀମିତ କରାଯାଇପାରିବ ବୋଲି ବିଶ୍ୱାସ କରାଯାଉଛି। ଏଥିପାଇଁ ସତାବ୍ଦୀ ମଧ୍ୟଭାଗ ସୁଦ୍ଧା କାର୍ବନ ଡାଇଅକ୍ସାଇଡ୍ ନିର୍ଗମନକୁ ଶୂନରେ ପହଞ୍ଚାଇବାକୁ ହେବ। ଏଥିସହିତ ବାୟୁ ପ୍ରଦୂଷକ ଏବଂ ମିଥେନ ଆଦି ଅନ୍ୟାନ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ପାଇଲେ ସ୍ୱାସ୍ଥ୍ୟ ଏବଂ ଜଳବାୟୁ ଉପରେ ଏହାର ଅନୁକୂଳ ପ୍ରଭାବ ପଡ଼ିବ ବୋଲି ଆଇପିସିସି କାର୍ଯ୍ୟକାରୀ ଗ୍ରୁପ୍-୧ର ସହ-ଅଧ୍ୟକ୍ଷ ପାନ୍‌ମାଓ ଝାଇ କହିଛନ୍ତି।

## ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ପଣ୍ଡ

### ଆଇଡି, ଗ୍ରେନେଡ୍ ଜବତ

ଚଣ୍ଡିଗଡ଼, ୯।୮

ସ୍ୱାଧୀନତା ଦିବସ ପୂର୍ବରୁ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ପଣ୍ଡ କରିଛି ପଞ୍ଜାବ ପୋଲିସ। ଅମୃତସରଠାରେ ଭାରତ-ପାକ୍ ସୀମା ନିକଟରୁ ଶନିବାର ସନ୍ଧ୍ୟାରେ ୨/୩ କେ.ଜି. ଆଇଡି ଜବତ କରାଯାଇଥିବା ପୋଲିସ କହିଛି। ଡାଲେକେ ଗ୍ରାମଠାରେ ଏକ ବ୍ୟାଗ୍‌ରୁ ଡବଲ-ଡେକର ଟିଫିନ୍ ବକ୍ସରୁ ୫ ଗ୍ରେନେଡ୍ ଏବଂ ୧୦୦ କାର୍ଟ୍ରିଜ ସହ ୨/୩ କେଜିର ଆର୍‌ଡିଏକ୍ସ, ସୁଇଚ୍, ଏକ ରିମୋଟ କଣ୍ଟ୍ରୋଲ ଯନ୍ତ୍ର, ୩ ଡିଟୋନେଟର ମଧ ମିଳିଛି। ଏହି ବିସ୍ଫୋରକ ପାକିସ୍ତାନରୁ ଡ୍ରୋନ୍ ଯୋଗେ ଅଣାଯାଇଥାଇପାରେ। ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଭାଜପା ନେତା, ସ୍ତ୍ରୀଙ୍କୁ ହତ୍ୟା

ଶ୍ରୀନଗର, ୯।୮

ଜମ୍ମୁ-କଶ୍ମୀରର ଅନନ୍ତନାଗଠାରେ ଭାଜପା ନେତା ତଥା ସରପଞ୍ଚ ଗୁଲାମ ରାସୋଲ ଦର ଏବଂ ତାଙ୍କ ସ୍ତ୍ରୀ ଜାହିରା ବାନୋଙ୍କୁ କେତେଜଣ ଦୁର୍ବୃତ୍ତ ସୋମବାର ଗୁଳି କରି ହତ୍ୟା କରିଛନ୍ତି। ଭାଜପାର ଜମ୍ମୁ-କଶ୍ମୀର ମୁଖପାତ୍ର ଅଲତାଫ ଠାକୁର ଏହାକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜ୍ୟପାଳ ମନୋଜ ସିହ୍ନା ଘଟଣାକୁ ନିନ୍ଦା କରିବା ସହ ମୃତକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି।

## ଚାଷୀଙ୍କ ଆକାଉଣ୍ଟକୁ ଗଲା ୧୯,୫୦୦ କୋଟି

### ପିଏମ୍-କିଷାନ ଯୋଜନା

ନୂଆଦିଲ୍ଲୀ, ୯।୮(ପି.ଟି.)



ପିଏମ୍-କିଷାନ ଯୋଜନାର ନବମ କିସ୍ତି ସ୍ୱରୂପ ହିତାଧିକାରୀ ଚାଷୀମାନଙ୍କୁ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୧୯,୫୦୦ କୋଟି ଟଙ୍କା ଛାଡ଼ିଛନ୍ତି। ଏହାଦ୍ୱାରା ଦେଶର ୯.୭୫ କୋଟିରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ। ମହାମାରୀ ସମୟରେ ଦେଶ ଚାଷୀମାନଙ୍କ ଶକ୍ତି ଦେଖିଛି। ଏହି ସମୟରେ ସେମାନେ ରେକର୍ଡ ଫସଲ ଉତ୍ପାଦନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସେମାନଙ୍କ କଷ୍ଟ ଲାଘବ କରିବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। କୃଷକମାନଙ୍କୁ ବିହନ, ସାର ଯୋଗାଇ ଦିଆଯିବା ସହ ଉତ୍ପାଦିତ ଫସଲକୁ ବଜାରରେ ପହଞ୍ଚାଇବାରେ ସରକାର ସହାୟତା କରୁଛନ୍ତି।

ଚଳିତ ବର୍ଷ ଦେଶ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହା ଆମ ପାଇଁ କେବଳ ଗର୍ବର କଥା ନୁହେଁ, ନୂଆ ସଂକଳ୍ପ ଏବଂ ଲକ୍ଷ୍ୟର ଏକ ଅବସର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ୨୫ ବର୍ଷରେ ଭାରତକୁ ଆମେ କେଉଁଠି ଦେଖିବାକୁ ଚାହୁଁଛେ, ତାହା ଏହି ଅବସରରେ ନିଷ୍ପତ୍ତି ନେବାକୁ ହେବ। ପିଏମ୍-କିଷାନ କିସ୍ତି ଟଙ୍କା ପଠାଇବା ପରେ ପ୍ରଧାନମନ୍ତ୍ରୀ କେତେଜଣ ହିତାଧିକାରୀ ଚାଷୀଙ୍କ ସହ କଥା ହୋଇଥିଲେ।

## ଖବରଦାତାଙ୍କୁ ହତ୍ୟାକଲେ ନିଲମ୍ବିତ କନଷ୍ଟେବଲ

ହାଇଦ୍ରାବାଦ, ୯।୮

ଜଣେ ନିଲମ୍ବିତ କନଷ୍ଟେବଲ ଏକ ସ୍କ୍ରୁଡ୍ରାଇଭର ଭୁସି ଜଣେ ଖବରଦାତାଙ୍କୁ ହତ୍ୟା କରିଛନ୍ତି। ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ରବିବାର ରାତିରେ ଏହି ଘଟଣା ଘଟିଛି। ମୃତକ କେଶବ ସ୍ଥାନୀୟ ଏକ ଚ୍ୟାନେଲରେ ରିପୋର୍ଟର ଭାବେ କାମ କରୁଥିଲେ। ପୋଲିସ ବିଭାଗରେ ଦୁର୍ନୀତି ଘଟଣାରେ ସେ ରିପୋର୍ଟିଂ କରିଥିବାବେଳେ ଏହା ଆଧାରରେ କନଷ୍ଟେବଲ ଭେଙ୍କଟ ସୁବାୟାଙ୍କୁ ନିଲମ୍ବନ କରାଯାଇଥିଲା। ପ୍ରତିଶୋଧ ନେବାକୁ ଯାଇ ଭେଙ୍କଟ ଏପରି କରିଥିବା ପୋଲିସ କହିଛି। ଭେଙ୍କଟ ଓ ତାଙ୍କ ଭାଇ ନାନି ମିଶି କେଶବଙ୍କୁ ଏକ ଢାବା ନିକଟକୁ ଡାକିଥିଲେ। ସେଠାରେ ଏକ ସ୍କ୍ରୁଡ୍ରାଇଭର ଭୁସି କେଶବଙ୍କୁ ହତ୍ୟା କରିଥିଲେ। ଉଭୟେ ଘଟଣାସ୍ଥଳରୁ ଫେରାର ଅଛନ୍ତି।



ବିଶ୍ୱ ଆଦିବାସୀ ଦିବସ ଅବସରରେ ଝାରଗ୍ରାମ ଷ୍ଟାଡିୟମରେ ଆଦିବାସୀଙ୍କ ଗହଣରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

## ଆକ୍ରମଣରେ ଯାଉଛି ଶିଶୁଙ୍କ ଜୀବନ

### ତାଲିବାନୀ ବର୍ବରତା

କାବୁଲ, ୯।୮(ପି.ଟି.)

ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବା ସହିତ ତାଲିବାନ ଆତଙ୍କବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ଅଧିକାଂଶ ଗ୍ରାମାଞ୍ଚଳ ଅକ୍ତିଆର କରିବା ପରେ ଏବେ ଗୋଟିଏ ପରେ ଗୋଟିଏ ପ୍ରାଦେଶିକ ରାଜଧାନୀ ଦଖଲ କରିବାରେ ଲାଗିଛନ୍ତି। ସୈନ୍ୟବାହିନୀ ସହ ତାଲିବାନ ଆତଙ୍କବାଦୀଙ୍କ ଲଢ଼େଇରେ ଅନେକ ସାଧାରଣ ନାଗରିକ ଏପରିକି ବହୁସଂଖ୍ୟାରେ ଛୋଟ ପିଲା ପ୍ରାଣ ହରାଉଥିବା ଦେଖାଯାଇଛି। ସେଠାରେ ମାନବାଧିକାରର ଗୁରୁତର ଉଲ୍ଲଂଘନ ହେଉଥିବା ଖବର ପ୍ରକାଶ ପାଇଛି। ନିକଟରେ ତାଲିବାନ ଦଖଲ କରିଥିବା ତଖର ପ୍ରଦେଶର ରାଜଧାନୀ ତାଲୁକାନ୍ ସହରରେ କେତେକ ପିଲା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବାର ଚିତ୍ର ଗଣମାଧ୍ୟମରେ ପ୍ରକାଶ ପାଇଛି। ସେମାନେ ରକେଟ ମାଡ଼ରେ ପ୍ରାଣ ହରାଇଛନ୍ତି। ଗଜନୀର ମାଲିସ୍ତାନ ଜିଲାରେ ତାଲିବାନ ଯୁଦ୍ଧ ଅପରାଧ କରିଥିବା ଆଫଗାନିସ୍ତାନର ସ୍ୱାଧୀନ ମାନବାଧିକାର କମିଶନ (ଏଆଇଏଚ୍‌ଆର୍‌ସି) କହିଥିବାବେଳେ ଆତଙ୍କବାଦୀ ସଂଗଠନ ଏହାକୁ ଅସ୍ୱୀକାର କରିଛି। ମାଲିସ୍ତାନରେ ଜଣେ ଯୁବକ ତାଙ୍କ ମାଆବାପାଙ୍କୁ ହସ୍ପିଟାଲ ନେଉଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ମାଡ଼ ମାରିବା ସହ ବ୍ୟାଗ୍‌ରୁ ଫୋନ୍ ଏବଂ କ୍ୟାମେରା ନେଇ ଭାଙ୍ଗିଦେଇଥିଲେ। ଉକ୍ତ ଜିଲାରେ ସେମାନେ ୨୭ ନିରୀହ ଲୋକଙ୍କୁ ହତ୍ୟା କରିବା ସହିତ ଅନେକଙ୍କୁ ନିର୍ଯାତନା ଦେଇଛନ୍ତି।

# ଏନ୍‌ଏସ୍‌ଓ ସହ କୌଣସି ଦେଣନେଣ ହୋଇନି

### ପେଗାସସ୍ ପ୍ରସଙ୍ଗରେ ଉତ୍ତର ରଖିଲା କେନ୍ଦ୍ର

ନୂଆଦିଲ୍ଲୀ, ୯।୮



ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ସ୍ପାଏୱେର ପେଗାସସ୍‌କୁ କେନ୍ଦ୍ର ସରକାର କିଣି ଏହା ମାଧ୍ୟମରେ ଗୁପ୍ତଚରଗିରି କରିଥିବା ଅଭିଯୋଗର ତଦନ୍ତ ଦାବିରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଏ ବାବଦରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରତିକ୍ରିୟା ରଖାଯାଇଛି। ଏନ୍‌ଏସ୍‌ଓ ସହ କୌଣସି ପ୍ରକାର ଦେଣନେଣ ହୋଇନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ ପାର୍ଲାମେଣ୍ଟରେ ଉତ୍ତର ରଖିଛନ୍ତି। କେନ୍ଦ୍ର ସରକାର ଏନ୍‌ଏସ୍‌ଓ ସହ ଟ୍ରାଞ୍ଜାକଶନ୍ କରିଛନ୍ତି କି ନାହିଁ ବୋଲି ସିପିଏମ୍ ଏମ୍‌ପି ଡ. ଭି. ଶିବଦାସନ ପଚାରିଥିଲେ। ଏକ ଲିଖିତ ଉତ୍ତର ପଢ଼ି ଅଜୟ ଭଟ୍ଟ କହିଥିଲେ, ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଏସ୍‌ଓ ସହ କୌଣସି ପ୍ରକାର ଦେଣନେଣ ହୋଇନାହିଁ। ଦେଶବାସୀଙ୍କ ଉପରେ ବେଆଇନ ଭାବେ ଗୁପ୍ତଚରଗିରି କରାଯାଇ ନ ଥିବା କେନ୍ଦ୍ର ସଫେଇ ଦେଇଆସୁଥିଲେ ହେଁ ତାହା ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଆଇନ ଅନୁଯାୟୀ ଗୁପ୍ତଚରଗିରି ଏକ ଜଟିଳ ପ୍ରକ୍ରିୟା। ତାହା ସ୍ୱରାଷ୍ଟ୍ର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର କାମ। ତେଣୁ ଏ ବାବଦରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସ୍ପଷ୍ଟୀକରଣ ରଖନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି।

## ହଟ୍ଟଗୋଳ ମଧ୍ୟରେ ୩ ବିଲ୍ ଗୃହୀତ

ନୂଆଦିଲ୍ଲୀ, ୯।୮(ପି.ଟି.)

ପେଗାସସ୍ ଗୁପ୍ତଚରଗିରି ବିବାଦ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ସୋମବାର ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ଲାଗି ରହିଥିବାବେଳେ ସରକାର ୬ଟି ବିଲ୍ ଆଣିଥିଲେ। ସେଥିରୁ ୩ଟି ଗୃହୀତ ହୋଇଛି। ପେଗାସସ୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକର ଆଲୋଚନା ଦାବିକୁ ସରକାର ଗ୍ରହଣ କରୁନାହାନ୍ତି। ଏହା ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର ସୀମିତ ଦାୟବଦ୍ଧତା ଅଂଶୀଦାର (ସଂଶୋଧନ) ବିଲ୍, ୨୦୨୧, ବୀମା ଓ ଋଣ ଗ୍ୟାରେଣ୍ଟି କର୍ପୋରେଶନ (ସଂଶୋଧନ) ବିଲ୍, ୨୦୨୧ ଏବଂ ସମ୍ବିଧାନ (ଅନୁସୂଚିତ ଜାତି) ନିର୍ଦ୍ଦେଶନାମା (ସଂଶୋଧନ) ବିଲ୍, ୨୦୨୧ ମାତ୍ର ୧୦ ମିନିଟରେ ଗୃହୀତ ହୋଇଥିଲା। ଏହା ବ୍ୟତୀତ ହୋମିଓପାଥି ଜାତୀୟ କମିଶନ (ସଂଶୋଧନ) ବିଲ୍ ଏବଂ ଭାରତୀୟ ଔଷଧ ବ୍ୟବସ୍ଥା ପାଇଁ ଜାତୀୟ କମିଶନ (ସଂଶୋଧନ) ବିଲ୍ ଉପସ୍ଥାପନ ହୋଇଥିଲା। ଗୃହ ଚାଲିପାରୁ ନ ଥିବାବେଳେ ସରକାର ବିନା ଆଲୋଚନାରେ ବିଲ୍ ଗୃହୀତ କରାଇ ନେଉଥିବାରୁ ଗଣତନ୍ତ୍ରର ହତ୍ୟା କରାଯାଉଛି ବୋଲି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଏବଂ ମନୀଷ ତିୱାରୀ ଅଭିଯୋଗ କରିଥିଲେ। ଓବିସି ତାଲିକା ପ୍ରସ୍ତୁତିରେ ରାଜ୍ୟ ଅଧିକାର ବଜାୟ ରଖିବା ପାଇଁ ୧୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଉପସ୍ଥାପନ ପୂର୍ବରୁ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗରୁ ସେମାନଙ୍କ ଆସନକୁ ଫେରିଯାଇଥିଲେ।

ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ପେଗାସସ୍, କୃଷି ଆଇନ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ସୋମବାର ହଟ୍ଟଗୋଳ ଜାରି ରଖିଥିଲେ। କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଏହା ମଧ୍ୟରେ ଟିକସ ଆଇନ (ସଂଶୋଧନ) ବିଲ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା। ଏହା ପରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୩୭,୪୪,୩୫୬ | ୪୩,୧୨,୫୬୧ | ୧୮,୩୦,୬୯,୫୭୫ |
| ଭାରତ | ୩,୧୯,୮୧,୮୬୯ | ୪,୨୮,୫୬୨ | ୩,୧୧,୪୮,୫୩୬ |
| ଓଡ଼ିଶା | ୯,୮୭,୯୫୬ | ୬୫୦୧(+୫୩) | ୯,୭୧,୩୯୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଏ ବର୍ଷ ପୂଜା ହେବ, କିନ୍ତୁ ବିନା ଭକ୍ତରେ।




# ୧.୧ କୋଟିର ବ୍ରାଉନସୁଗାର ଜବତ

**କଟକ ଅଫିସ, ୯।୮**

କଟକ ଓ ଭୁବନେଶ୍ୱର ଟୁଇନସିଟି ଏବେ ବ୍ରାଉନସୁଗାର କାରବାରର ହବ୍ ପାଲଟିଛି। ନିଶା ବ୍ୟବସାୟୀମାନେ ବାଲେଶ୍ୱର ଜିଲାର ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ଏଠାରେ ବିକ୍ରି କରୁଛନ୍ତି। ସେମାନେ କଟକରୁ ବିଭିନ୍ନ ଜିଲାକୁ ବ୍ରାଉନସୁଗାର ପଠାଉଛନ୍ତି। ଚଳିତବର୍ଷ କଟକ ଓ ଭୁବନେଶ୍ୱରରୁ ମୋଟ ୬କେଜି ୩୦୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। କମିଶନରେଟ୍ ପୋଲିସର ଡ୍ରଗ୍ସ ବିରୋଧୀ ଅଭିଯାନ ଜୋରଦାର ଚାଲିଥିବାବେଳେ ରବିବାର କଟକ ଲାଲ୍‌ବାଗ ଥାନା ଅଞ୍ଚଳରୁ ୧ କିଲୋ ୧୫୯ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ୫୯ ହଜାର ଟଙ୍କା ହେବ। ଏ ନେଇ ଏକ ମାମଲା (ନଂ. ୨୦୬/୨୧) ରୁଜୁ କରାଯିବା ସହ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ସାହେବଜାଦା ବଜାରର ମାନସ ଚାନ୍ଦ, ଜଗତ୍‌ସିଂହପୁର ଜିଲା କୁଜଙ୍ଗର ଦେବାଶିଷ ଦାସ, ନୂଆଗାଁର ଉଲ୍ଲାସ ଚନ୍ଦ୍ର ଦାସ, ଲାରା ଭୋଇ, ମୁନା ସାହୁ ଏବଂ ପୁରୀ ଜିଲା ନିମାପଡ଼ାର ଚତୁର୍ଭୁଜ ବାରିକ। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତମାନେ।


ଜବତ ବ୍ରାଉନ ସୁଗାର

**୬ ଗିରଫ, କଟକରେ ଚାଲିଥିଲା ବେପାର**
- ବିଭିନ୍ନ ଜିଲାକୁ ମାଡ଼ିଛି କାରବାରର ଚେର
- ଟୁଇନ୍ ସିଟି ପାଲଟିଛି ବ୍ରାଉନସୁଗାର ହବ୍

ପୋଲିସ କମିଶନର କହିଛନ୍ତି, ରବିବାର ଅପରାହ୍ଣରେ ଜଗତ୍‌ସିଂହପୁର ଓ ପୁରୀ ଜିଲାର କେତେଜଣ ନିଶା ମାଫିଆ କଟକର ନିଶା ବ୍ୟବସାୟୀଙ୍କ ସହ ରାଧାନାଥ ଟ୍ରେନିଂ କଲେଜ ପଛପଟେ ଏକାଠି ହେଉଥିବା ନେଇ ଲାଲବାଗ ଥାନା ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଏସ୍‌ଆଇ ଅବିନାଶ ରାଉତଙ୍କ ନେତୃତ୍ୱରେ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ଏକ ମିଳିତ ଟିମ୍ ସେଠାରେ ପହଞ୍ଚିଥିଲା। ଏହି ସମୟରେ ୨ଜଣ ନିଶା ମାଫିଆ ଦୁଇଟି ବାଇକରେ ଆସି ପହଞ୍ଚିଥିଲେ। ପରେ ପୋଲିସ ଟିମ୍ ଚଢ଼ାଉ କରି ସମସ୍ତଙ୍କୁ କାବୁ କରିଥିଲା। ନାର୍କୋଟିକ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରୋପିକ ସବ୍‌ଷ୍ଟାନ୍ସେସ (ଏନ୍‌ଡିପିଏସ) ରୁଲ୍ ଅନୁସାରେ ସେମାନଙ୍କୁ ଯାଞ୍ଚ କରାଯିବାରୁ ୬ ପ୍ୟାକେଟ ଉତ୍ତମ ମାନର ବ୍ରାଉନସୁଗାର ମିଳିଥିଲା। ସେଥିରେ ମୋଟ ୧ କିଲୋ ୧୫୯ ଗ୍ରାମ୍ ବ୍ରାଉନସୁଗାର ରହିଥିଲା, ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ୫୯ ହଜାର ଟଙ୍କା ହେବ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଅନ୍ୟାନ୍ୟ ମାମଲା ମଧ୍ୟ ରହିଛି। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁରର ୪ଜଣ, ପୁରୀ ଓ କଟକରୁ ଜଣେ ଲେଖାଏ ରହିଛନ୍ତି। ଅଭିଯୁକ୍ତମାନେ ବାଲେଶ୍ୱର ଜିଲା ଜଳେଶ୍ୱରରୁ ବ୍ରାଉନସୁଗାର ଆଣି କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ପୁରୀ ଆଦି ଅଞ୍ଚଳକୁ ପଠାଇଥାଆନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଚଳିତବର୍ଷ କଟକ ସହରାଞ୍ଚଳ ଜିଲା ପୋଲିସ ୪ କେଜି ୨୮୦ ଗ୍ରାମ୍ ବ୍ରାଉନସୁଗାର, ୬କୁଇଣ୍ଟାଲ ୭୭ କିଲୋ ଗଞ୍ଜେଇ ଜବତ କରିଥିବାବେଳେ ବିଭିନ୍ନ ଜିଲାରୁ ୩୯ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କମିଶନର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଟକ ଡିସିପି ପ୍ରତୀକ ସିଂ ଉପସ୍ଥିତ ଥିଲେ।

# କୋର୍ଟ ବର୍ଜନ ନିଷ୍ପତ୍ତି ସ୍ଥଗିତ

**କଟକ ଅଫିସ, ୯।୮**

- ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଯୋଗଦେଲେ ଆଇନଜୀବୀ
- ପ୍ରୋସିଡିଂର ସିଧା ପ୍ରସାରଣକୁ ବିରୋଧ ପ୍ରସଙ୍ଗ

ହାଇକୋର୍ଟର ବିଭିନ୍ନ ପ୍ରୋସିଡିଂର ସିଧା ପ୍ରସାରଣକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବିରୋଧ ଜାରି ରହିଥିଲା। ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ଆଇନଜୀବୀମାନେ ବର୍ଜନ କରିଆସୁଥିଲେ। ତେବେ ସୋମବାରଠାରୁ ବର୍ଜନ ନିଷ୍ପତ୍ତି ସ୍ଥଗିତ ରହିଛି। ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ପରେ ସୋମବାର ଅପରାହ୍ଣ ୨ଟାରୁ ଆଇନଜୀବୀମାନେ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ଆସୋସିଏଶନ୍‌ର ଏକ ପ୍ରତିନିଧି ଦଳ ଏ ନେଇ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ହାଇକୋର୍ଟର ବିଭିନ୍ନ ପ୍ରୋସିଡିଂର ଲାଇଭ୍ ଷ୍ଟ୍ରିମିଂ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରଦିନ ହାଇକୋର୍ଟ ଓକିଲ ସଂଘ ଏହାକୁ ବିରୋଧ କରି ମୁଖ୍ୟ ବିଚାରପତିଙ୍କୁ ସ୍ମାରକପତ୍ର ଦେଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ପ୍ରୋସିଡିଂର ସିଧା ପ୍ରସାରଣ କରାଯିବା ନିଷ୍ପତ୍ତି ତରବରିଆ ଭାବେ ନିଆଯାଇଛି। ଏହାର ଖରାପ ପ୍ରଭାବ ଉଭୟ ବିଚାରପତି ଓ ଆଇନଜୀବୀଙ୍କ ଉପରେ ପଡିବ। ଏହି ନିଷ୍ପତ୍ତି ପୂର୍ବରୁ ହାଇକୋର୍ଟ ବାର୍ ସଦସ୍ୟମାନଙ୍କ ମତାମତ ନେବାର ଥିଲା। ଏଥିପାଇଁ ଉଚ୍ଚ ଡାଟାସମ୍ପନ୍ନ ସୁରକ୍ଷା ଓ ଗୋପନୀୟତାର ଆବଶ୍ୟକତା ରହିଛି। ଭିତ୍ତିଭୂମି ଓ ହାଇସ୍ପିଡ ଇଣ୍ଟରନେଟ ବିନା ଏହା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ କୋର୍ଟ ତୃତୀୟ ପକ୍ଷ ଦ୍ୱାରା ପରିଚାଳିତ ହେଉଥିବା ସଫ୍ଟୱେର ଉପରେ ନିର୍ଭର କରି ଲାଇଭ ଷ୍ଟ୍ରିମ ଚଳାଇବା ସହଜ ହେବ ନାହିଁ। ଏନେଇ ଗ୍ରାମାଞ୍ଚଳରେ ମହକିଲଙ୍କୁ ସମସ୍ୟା ଉପୁଜିପାରେ। ସାଇବର ଅପରାଧ ଅଦାଲତଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଥିଲା। ଗତ ୨ତାରିଖରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ଆରମ୍ଭ ହୋଇଛି। ତେଣୁ ହାଇକୋର୍ଟ ବାର ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪ ତାରିଖ ଓ ପରେ ୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ବର୍ଜନ କରାଯାଇଥିଲା।

# ଆଜିଠୁ ଖୋଲିବ ଘଟଗାଁ ତାରିଣୀ ମନ୍ଦିର

**କେନ୍ଦୁଝର/ଘଟଗାଁ,୯।୮(ସ୍ୱ.ପ୍ର./ଡି.ଏନ.ଏ.):** ମଙ୍ଗଳବାରଠାରୁ କୋଭିଡ୍ କଟକଣାରେ ଖୋଲିବ କେନ୍ଦୁଝର ଜିଲାର ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିର। ଏନେଇ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶ୍ରଦ୍ଧାଳୁମାନେ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ରକ୍ଷାକରି ମା’ଙ୍କ ଦର୍ଶନ କରିପାରିବେ। ଦୁଇଟି ପର୍ଯ୍ୟାୟରେ ଦର୍ଶନ ବ୍ୟବସ୍ଥା କରାଯାଇଛି। ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ଏବଂ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। ଭକ୍ତମାନେ ୩ନଂ. ଗେଟ୍‌ରେ ଧାଡ଼ି ହୋଇ ପ୍ରବେଶ କରି ୪ନଂ. ଗେଟ୍‌ରେ ପ୍ରସ୍ଥାନ କରିବେ। ମନ୍ଦିରରେ କୌଣସି ଭୋଗ, ନଡ଼ିଆ ଲାଗି କରାଯିବ ନାହିଁ। କେବଳ ଭକ୍ତମାନେ ମା’ଙ୍କ ଦର୍ଶନ କରିପାରିବେ। ମନ୍ଦିରକୁ ୧୦ବର୍ଷରୁ କମ୍ ବୟସର ପିଲା ଓ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ। ମନ୍ଦିରରେ ହେଉଥିବା ଦୈନନ୍ଦିନ ଅନ୍ନପ୍ରସାଦ ବିକ୍ରି କିମ୍ବା ପାର୍ସଲ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବନ୍ଦ ରହିବ। ମନ୍ଦିରର ସେବାୟତ, କର୍ମଚାରୀ, କର୍ମକର୍ତ୍ତାମାନେ କୋଭିଡ୍ ନିୟମ ଅନୁସାରେ ମାସ୍କ, ସାନିଟାଇଜର୍ ବ୍ୟବହାର କରିବେ। ମନ୍ଦିର ପରିସରରେ ଥିବା ସମସ୍ତ ଦୋକାନ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବନ୍ଦ ରହିବ। ଅନ୍ୟାଦେଶ ପର୍ଯ୍ୟନ୍ତ ମନ୍ଦିରରେ ବିବାହ, ବ୍ରତ ଓ କଲ୍ୟାଣ ମଣ୍ଡପ ବନ୍ଦ ରହିବ। ମନ୍ଦିର କମିଟି ଓ ଟ୍ରଷ୍ଟ ବୋର୍ଡ ଏହି ସବୁ ଗାଇଡ୍ ଲାଇନ ପାଳନର ତଦାରଖ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଥରକେ ୫୦ ଜଣ ଭକ୍ତଙ୍କ ପ୍ରବେଶ ପାଇଁ ଅନୁମତି ମିଳିବ। ତାରିଣୀ ମନ୍ଦିର ସମେତ ଜିଲାର ସମସ୍ତ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାର ଆଦି ଧର୍ମାନୁଷ୍ଠାନ ମଧ୍ୟ ଖୋଲିବ ବୋଲି ସୂଚନା ମିଳିଛି।






72198 21111 | BAJAJ FINANCE LTD - AF

*ସର୍ତ୍ତ ଓ ନିୟମାବଳୀ ଲାଗିବ। ସର୍ବାଧିକ ₹3 000/- ର ସଞ୍ଚୟ ରାଶି ପଲ୍‌ସର୍ RS200 ବକାଶେ ଉଦ୍ଦିଷ୍ଟ। #ପଲ୍‌ସର୍ 150 ସିଙ୍ଗଲ୍ ଡିସ୍କ ପ୍ରକାର ସକାଶେ ଡାଉନ୍ ପେମେଣ୍ଟ। ଡିବିସି ଚାର୍ଜେସ୍ ଓ ପ୍ରୋସେସିଙ୍ଗ ଫୀଜ୍ ଯଥାପ୍ରଯୁକ୍ତ୍ୟ ଅତିରିକ୍ତ। ଫାଇନାନ୍ସିଅରଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ। ବଜାଜ ଅଟୋ ବବିନା ଅଗ୍ରୀମ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି। ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟମାନେ କରିଛନ୍ତି, ପେସାଦାରଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଆଉ ଆବଦ୍ଧ ଅଞ୍ଚଳରେ, ସର୍ବସାଧାରଣ ବା ସାର୍ବଜନିକ ସଡ଼କ ଠାରୁ ଅନ୍ୟତ୍ର। ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ଏବଂ ସର୍ବଦା ଟ୍ରାଫିକ୍ ତଥା ସୁରକ୍ଷା ନିୟମସବୁ ପାଳନ କରନ୍ତୁ।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8260712525 Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576 Bidanasi 9437877622 22, Athgarh 9937289417, Bidharpur 7008503281, Banki 8895278126, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945.

**ଆଜିର ମନ୍ତବ୍ୟ**
"ବିଶ୍ୱ ସମୃଦ୍ଧି ସକ୍ରିୟ ସାମୁଦ୍ରିକ ବାଣିଜ୍ୟ ପ୍ରବାହ ଉପରେ ନିର୍ଭରଶୀଳ। ଏଥିରେ ପ୍ରତିବନ୍ଧକ ବିଶ୍ୱ ଅର୍ଥନୀତି ପାଇଁ ବିପଦ ହୋଇପାରେ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା ତୁଲେ କାହାକୁ ନଛ**
**ସୁନା ତଳେ ପିତ୍ତଳ କସା।**
ମାଜିମୁଜି ଦେଲେ ପିତ୍ତଳ ସୁନା ପରି ଚିକ୍‌ଚିକ୍ କରିଥାଏ। ସୁନା ଓ ପିତ୍ତଳ ରଙ୍ଗ ପ୍ରାୟତଃ ଏକାଭଳି ଲାଗୁଥିଲେ ମଧ୍ୟ ଗୁଣରେ ଆକାଶ ପାତାଳ ଫରକ ରହିଥାଏ। ସୁନା ସହ ପିତ୍ତଳକୁ ତୁଳନା କରିବା ହାସ୍ୟାସ୍ପଦ କଥା। ପରୋକ୍ଷରେ ଯାହାର ଗୁଣ ଓ ପ୍ରତିଭା ଅଛି ସେ ହିଁ ଶ୍ରେଷ୍ଠ ବୋଲାଇଥାଏ। ଯୋଗ୍ୟ ଓ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଆଦର ସମ୍ମାନ ପାଇବାକୁ ହକଦାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ୍ଦୁଥିବା**
**ଯାହା ପାଉଥିବା ବାନ୍ଧୁଥିବା।**
ମଣିଷର ଆଶା ଅନେକ ସମୟରେ ଅପୂରଣୀୟ ହୋଇ ରହିଯାଏ। ଆଶାନୁରୂପ ନ ମିଳିଲେ ବା ନ ପାଇଲେ ମନ ବିରସ ହୋଇଯାଏ। ତେବେ ମନ ଊଣା ନ କରି ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ ହେବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପୁନଃ ନିଯୁକ୍ତି ଦାବିରେ କମ୍ପ୍ୟୁଟର ଶିକ୍ଷକଙ୍କ ସମୂହ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର, ୯।୮ (ବ୍ୟୁରୋ)**

ପୁନଃ ନିଯୁକ୍ତି ଦାବିରେ ଛଟେଇ କମ୍ପ୍ୟୁଟର ଶିକ୍ଷକମାନେ ସୋମବାର ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଦୁଇବର୍ଷ ହେବ ବିନା କାରଣରେ ସରକାର ଛଟେଇ କରିଥିବା ସେମାନେ ଅଭିଯୋଗ ଆଣି ଶେଷରେ ସମୂହ ଫିନାଇଲ ଓ କିରୋସିନ ପିଇ ଆତ୍ମାହୁତି କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ କାବୁ କରିବାକୁ ଯାଇ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଏହି ସମୟରେ ଶିକ୍ଷକ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିବାବେଳେ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଧସ୍ତାଧସ୍ତିବେଳେ କ୍ୟାପିଟାଲ ଥାନା ଅଧିକାରୀ ଆହତ ହୋଇଥିବା ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଆନ୍ଦୋଳନରତ କମ୍ପ୍ୟୁଟର ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ୧୪ଜଣ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଇଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଶିକ୍ଷକମାନେ ନିଜ ଜିଦ୍‌ରେ ଅଟଳ ରହି ସେଠାରେ ଆମରଣ ଅନଶନ ଜାରି ରଖିଛନ୍ତି।

ରାଜ୍ୟର ୪ହଜାର ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କ ପୁନଃନିଯୁକ୍ତି ନିମନ୍ତେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିବା ସହ ଆନ୍ଦୋଳନ ଜାରି ରଖିଛି। ଏନେଇ ସଂଘ କହିଛି, ଦାବି ପ୍ରତି ସରକାର କୌଣସି ପଦକ୍ଷେପ ନ ନେବାରୁ ବାଧହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲୁ। ହାଇକୋର୍ଟ ଆମ ସପକ୍ଷରେ ରାୟ ଦେବାର ଦୁଇମାସ ବିତି ଯାଇଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଲେ ନାହିଁ। ଏହାପରେ ସଂଘ ଶିକ୍ଷାମନ୍ତ୍ରୀ, ସଚିବ, ଓସେପା ନିର୍ଦ୍ଦେଶକଙ୍କୁ ଭେଟି ପୁନଃ ନିଯୁକ୍ତି ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଲିଖିତ ଦାବି ଜଣାଇ ସମୟ ଦେଇଥିଲୁ। କିନ୍ତୁ ୭ଦିନ ବିତି ଯାଇଥିଲେ ମଧ୍ୟ ସରକାର ଆମ କଥା କର୍ଣ୍ଣପାତ କଲେନାହିଁ। ଫଳରେ ଶିକ୍ଷକମାନେ ବାଧହୋଇ ସୋମବାରଠାରୁ ବିକ୍ଷୋଭ କରିବା ଓ ସମସ୍ତେ ଆତ୍ମାହୁତି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସେପଟେ ଓଡ଼ିଶା ଅଭିଭାବକ ମହାସଂଘ ଗିରଫ ଶିକ୍ଷକଙ୍କୁ ଭେଟି ଆମରଣରୁ ଉଠିବା ପାଇଁ ପରାମର୍ଶ ଦେଇଥିଲା। କିନ୍ତୁ ସେମାନେ ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

### ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା

# ୧୮ ମାସରେ ସରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ଭୁବନେଶ୍ୱର,୯।୮ (ବ୍ୟୁରୋ):** ଐତିହ୍ୟ ସହର ପୁରୀକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଅବଢ଼ା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅବଢ଼ା କାର୍ଯ୍ୟକ୍ରମରେ ୩୩୧ କୋଟି ୨୮ ଲକ୍ଷ ୧୮ ହଜାର ୮୬୫ ଟଙ୍କର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ୧୮ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପ୍ରତ୍ୟେକ କ୍ଷେତ୍ରରେ କିଛି ସମସ୍ୟା ଲାଗି ରହିବ, କିନ୍ତୁ କୃତ୍ତିକା ନକ୍ଷତ୍ରର କିଛି ଅସୁବିଧା ହେବନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଗୁରୁଜନଙ୍କ ପରାମର୍ଶ କ୍ରମେ କାମ କଲେ ସମସ୍ୟାର ସରଳ ସମାଧାନ ହେବାର ସମ୍ଭାବନା ରହିଛି।

**ବୃଷ** – ଆଜି ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ କିନ୍ତୁ ଅନ୍ୟମାନେ ବିରୁଦ୍ଧାଚରଣ କରିପାରନ୍ତି। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି।

**ମିଥୁନ** – ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନାହିଁ, ଯାହା କି କଳହର କାରଣ ହୋଇପାରେ। ଆର୍ଦ୍ରା ନକ୍ଷତ୍ରର ପୁରାତନ ରୋଗର ପୀଡ଼ା ସାମୟିକ ମନକୁ ବିଷାଦିତ କରିବ।

**କର୍କଟ** – ଆଜି ଯାହା କରନ୍ତୁ, ସବୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ଅଶ୍ଳେଷା ନକ୍ଷତ୍ରର କିନ୍ତୁ ବାଣିଜ୍ୟ, ବ୍ୟବସାୟ ବିଶେଷଭାବେ ଆଶାନୁରୂପ ନ ହୋଇପାରେ। କର୍ମାରମ୍ଭ ପ୍ରତିପଦ ହେବ, ଏଥିପାଇଁ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିବ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ।

**ସିଂହ** – ଗତକାଲିଠାରୁ ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ନିଶ୍ଚିତ ମିଳିବ କିନ୍ତୁ ଅପରାହ୍ନରେ। ମଘା ନକ୍ଷତ୍ର ସକାଶେ ଆଜି ଇଚ୍ଛା ନ ଥାଇ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନିଧ୍ୟରୁ ଉପକୃତ ହେବେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** – ବିଳମ୍ବରେ କାମଗୁଡିକ ସମ୍ପନ୍ନ ହେବାରୁ ମନରେ ସରସତା ରହିବ ନାହିଁ। ହସ୍ତା ନକ୍ଷତ୍ର ଜାତ ବ୍ୟକ୍ତିମାନେ ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇ ପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବେ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡିବେ ନାହିଁ।

**ତୁଳା** – କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ଚିତ୍ରା ନକ୍ଷତ୍ର, ମନ ଭଲ ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେବେ। ପାଖ,ପଡୋଶୀମାନେ ନିଜ ନିଜର ସ୍ୱାର୍ଥସାଧନ ମାନସରେ ମନ ବୁଝିଲା ଭଳି କଥା କହି କାର୍ଯ୍ୟ ହାସଲ କରିବେ।

**ବିଛା** – ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟକ୍ତିମାନେ କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ଭଲ ବ୍ୟବହାର କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** – ଆଜି ସକାଳୁ ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଶ୍ରବଣା ନକ୍ଷତ୍ରର ସାମାନ୍ୟ ଥଣ୍ଡା ଜନିତ କାରଣରୁ ଦେହଟା ଭଲ ଲାଗିବ ନାହିଁ। କଳା, ସାହିତ୍ୟ, ପରିବହନ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ ନିର୍ମାଣ କାର୍ଯ୍ୟରେ ଉନ୍ନତି ହେବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** – ନିଜର ଅସହାୟତାକୁ ଚିନ୍ତାକରି କେତେକ କ୍ଷେତ୍ରରେ ନ୍ୟୂନ ବୋଧ ହୋଇପାରେ। କାମଗୁଡିକ ନ ହେବା କାରଣରୁ ଦୁଃଖ ପ୍ରକାଶ କରିବେ। ଶତଭିଷା ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** – ଯେମିତି ଭାବୁଛନ୍ତି ସେମିତି କଲେ ସବୁ ଠିକ୍ ହୋଇଯିବ। ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ନିକଟସ୍ଥ ବନ୍ଧୁ ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

## ପ୍ରଥମ ପୃଷ୍ଠାରୁ...

### କ୍ରୀଡ଼ା ଭିତ୍ତିଭୂମି...

ଲୋକପ୍ରିୟ ଖେଳ ପାଇଁ ମଧ୍ୟ ଉକ୍ତ ଷ୍ଟାଡିୟମ ବ୍ୟବହାର କରାଯାଇପାରିବ। ଇନ୍‌ଡୋର ଷ୍ଟାଡିୟମଗୁଡ଼ିକ ୨୦୦ କି.ମି. ପବନ ବେଗକୁ ସମ୍ଭାଳି ପାରିବା ଭଳି ନିର୍ମାଣ କରାଯିବ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ଏହାକୁ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯାଇପାରିବ। ଏହାଛଡ଼ା ଏହି ଇନ୍‌ଡୋର ଷ୍ଟାଡିୟମଗୁଡ଼ିକୁ ମହାମାରୀ ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ ୫୦ ଏବଂ ମ୍ୟୁନିସିପାଲିଟିଗୁଡ଼ିକରେ ୧୦୦ ଶଯ୍ୟା ଭାବେ ବ୍ୟବହାର କରାଯାଇ ପାରିବ। ଏହାଛଡ଼ା ସହରାଞ୍ଚଳରେ ତାଲିମ ପ୍ରଦାନ, ସଭା ପରିଚାଳନା, ପରୀକ୍ଷା କେନ୍ଦ୍ର ଇତ୍ୟାଦି ପାଇଁ ମଧ୍ୟ ଉକ୍ତ ଷ୍ଟାଡିୟମକୁ ବ୍ୟବହାର କରାଯିବ।

ଗତ କିଛିବର୍ଷ ହେବ ରାଜ୍ୟ ସରକାର ଓଡ଼ିଶା କ୍ରୀଡ଼ାର ବିକାଶ ଓ ଆୟୋଜନର ଏକ ପ୍ରମୁଖ ସ୍ଥାନର ମାନ୍ୟତା ପାଇଛି। ୫–ଟି କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟର କ୍ରୀଡ଼ା କ୍ଷେତ୍ର ରୂପାନ୍ତରଣକୁ ସୁନିଶ୍ଚିତ କରିବା ପାଇଁ ଏହି ପ୍ରକଳ୍ପ ପରିକଳ୍ପନା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୌରାଞ୍ଚଳ ଜନପ୍ରତିନିଧି ଓ କ୍ରୀଡ଼ାବିତ୍‌ମାନଙ୍କୁ ନେଇ ହୋଇଥିବା ପରାମର୍ଶ ଆଧାରରେ ଏହି କ୍ରୀଡ଼ା ଭିତ୍ତିଭୂମିର ନକ୍ସା ପ୍ରସ୍ତୁତ କରାଯାଇଛି। ସହରାଞ୍ଚଳଗୁଡ଼ିକ କ୍ରୀଡ଼ା ବିକାଶ ଓ ପ୍ରଶିକ୍ଷଣ ବୃଦ୍ଧି ପାଇଁ ପ୍ରମୁଖ ସ୍ଥଳ ହୋଇଥିବାରୁ ସହରାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଏ ଦିଗରେ ବିଶେଷ ସହାୟକ ହୋଇ ପାରିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

### ବଦଳିଲେ ଢେଙ୍କାନାଳ...

ନିର୍ଦ୍ଦେଶକ ଉମାକାନ୍ତ ତ୍ରିପାଠୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଆୟୁଷ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ସରୋଜ କୁମାର ସେଠୀଙ୍କୁ ଢେଙ୍କାନାଳ ଭାବେ ନିଯୁକ୍ତି ଦିଆଯାଇଛି। ଆୟୁଷ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ତ୍ରିଲୋଚନ ମାଝିଙ୍କୁ ଭଦ୍ରକ ଜିଲାପାଳ ଭାବେ ନୂଆ ନିଯୁକ୍ତି ମିଳିଛି।

### ବିନା ଭକ୍ତରେ...

ପୂଜା ସମୟରେ ପୂଜକ, ଆୟୋଜକ ଓ କର୍ତ୍ତାଙ୍କୁ ମିଶାଇ ୭ ଜଣରୁ ଅଧିକ ରହି ପାରିବେ ନାହିଁ। ବିସର୍ଜନ ଶୋଭାଯାତ୍ରାକୁ ମନା କରାଯାଇଥିବାବେଳେ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ। ସେହିପରି ମେଲୋଡ଼ି, ଭଜନ ସନ୍ଧ୍ୟା ଭଳି କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ନାହିଁ। ପୂଜାରେ ଭୋଜିଭାତ କରିବାକୁ ଅନୁମତି ନାହିଁ। ଗାଇଡ୍‌ଲାଇନ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଖୁସିର କଥା ଏଥର ଶିକ୍ଷାନୁଷ୍ଠାନରେ ଗଣେଶ ପୂଜାକୁ ଅନୁମତି ମିଳିଛି। ଅଳ୍ପ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ଗଣେଶ ପୂଜା ଶିକ୍ଷାନୁଷ୍ଠାନଗୁଡ଼ିକରେ ହୋଇପାରିବ। ସମସ୍ତ କୋଭିଡ଼ ନିୟମ ମାନି ଗଣେଶ ପୂଜା କରିବାକୁ କୁହାଯାଇଛି।

ସେପଟେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନକୁ ସବୁ ପୂଜା ମଣ୍ଡପ କର୍ତ୍ତୃପକ୍ଷ ସ୍ୱାଗତ କରିଛନ୍ତି। ବିନା ସାଜସଜ୍ଜାରେ ଓ ସମସ୍ତ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରି ପୂଜା କରିବେ ବୋଲି କହିଛନ୍ତି। କିନ୍ତୁ ପୂର୍ବଥର ଭଳି ଏଥର ବି ମୂର୍ତ୍ତି ଉଚ୍ଚତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୪ଫୁଟରୁ କମ୍ ଉଚ୍ଚତାରେ ମୂର୍ତ୍ତି କରିବା କଷ୍ଟ ହେବ। ପୂଜା ବିଧିବଦ୍ଧ ପରମ୍ପରାରେ ହେଉ, କିନ୍ତୁ ମୂର୍ତ୍ତି ଉଚ୍ଚତାକୁ ବଢ଼ାଇବା ପାଇଁ ସରକାର ଆଉଥରେ ଚିନ୍ତା କରନ୍ତୁ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

### ତୃତୀୟ ଲହରରେ...

ତୃଣମୂଳ ସ୍ତରର ଫ୍ରଣ୍ଟଲାଇନ ୱାର୍କରମାନଙ୍କୁ ତାଲିମ ଦିଆସରିଛି। ଆଗକୁ ଶିଶୁମାନେ ଯଦି ସଂକ୍ରମିତ ହୁଅନ୍ତି ସେମାନେ କିପରି ଠିକ ଚିକିତ୍ସା ପାଇ ପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସୋମବାରଠାରୁ ଅନ୍‌ଲାଇନ ତାଲିମ ଶିବିର ଜରିଆରେ ପେଡିଆଟ୍ରିସିଆନ, ମେଡିକାଲ ଅଫିସର ଓ ଷ୍ଟାଫ୍, ନର୍ସମାନଙ୍କୁ ତାଲିମ ଦିଆଯାଇଛି। ଯେଉଁମାନେ କୋଭିଡ୍ ହସ୍ପିଟାଲରେ ଶିଶୁଙ୍କ ଚିକିତ୍ସା ଦାୟିତ୍ୱରେ ରହିବେ ୬ଟି ବ୍ୟାଚ୍‌ରେ ସେମାନଙ୍କୁ ତାଲିମ ଦିଆଯିବ। ପ୍ରାକ୍ଟିକାଲ ତାଲିମ ମଧ୍ୟ ପ୍ରଦାନ କରାଯିବ ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଟିକାକରଣ ସ୍ଥିତି ନେଇ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ମୋଟ ୧ କୋଟି ୭୮ ଲକ୍ଷ ଟିକାକରଣ ସରିଛି। ପ୍ରଥମ ଡୋଜ୍ ୧ କୋଟି ୩୭ ଲକ୍ଷ ଓ ଦ୍ୱିତୀୟ ଡୋଜ୍ ୪୧ ଲକ୍ଷ ଲୋକ ନେଇଛନ୍ତି। ୪୦ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯିବାର ଥିଲା। ଏବେ ରାଜ୍ୟରେ କୋଭାକ୍ସିନ ଟିକା କମ୍ ଅଛି। ତେଣୁ ଟିକାକରଣରେ ସାମାନ୍ୟ ଅସୁବିଧା ହୋଇଛି। ଟିକା ଆସିଲେ ସମସ୍ୟା ଦୂର ହେବ। ଗର୍ଭବତୀ ମହିଳାଙ୍କର ଟିକାକରଣ ବି ଚାଲିଛି। ଇତିମଧ୍ୟରେ ୫୭ହଜାର ଗର୍ଭବତୀଙ୍କୁ ଟିକା ଦିଆଯାଇଛି। ୧,୩୫୩ କେନ୍ଦ୍ରରେ ଟିକାକରଣ ହେଉଛି। ସମ୍ଭାବ୍ୟ ତୃତୀୟ ଲହର ପୂର୍ବରୁ ଅଧିକରୁ ଅଧିକ ଟିକାକରଣ ପାଇଁ ଯୋଜନା କରାଯାଇଛି। ଟିକାକରଣରେ ପ୍ରଥମେ ସହରାଞ୍ଚଳକୁ ଫୋକସ୍ କରାଯାଉଥିବାବେଳେ ୮୦ ପ୍ରତିଶତ ସରିଲାଣି। ଏବେ ଗ୍ରାମାଞ୍ଚଳକୁ ଫୋକସ କରାଯାଉଛି। ଟିକା ସାର୍ଟିଫିକେଟ୍ ପାଇଁ ଲୋକମାନେ ଜାରି ହୋଇଥିବା ହେଲ୍ପ ଡେସ୍କ ନଂ. ୯୦୧୩୧୫୧୫୧୫କୁ ଫୋନ କରିପାରିବେ ବୋଲି ପାଣିଗ୍ରାହୀ କହିଛନ୍ତି।

### ସାମୁଦ୍ରିକ ସହଯୋଗ...

କରିପାରିଥିବା ମୋଦି କହିଥିଲେ। ସାମୁଦ୍ରିକ ପରିବେଶ ଓ ସମ୍ପଦର ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ସାମୁଦ୍ରିକ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ। ଜାତିସଂଘ ସୁରକ୍ଷା ପରିଷଦ ଉଦ୍‌ଘାଟନୀ ବିତର୍କରେ ଅଧ୍ୟକ୍ଷତା କରିବାରେ ମୋଦି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ବୈଠକରେ ଜାତିସଂଘ ସୁରକ୍ଷା ପରିଷଦର ବିଭିନ୍ନ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ତଥା ସରକାରୀ ମୁଖ୍ୟମାନେ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରେ ସାମୁଦ୍ରିକ ଅପରାଧଗୁଡ଼ିକୁ ସିଧାସଳଖ ନିୟନ୍ତ୍ରଣ ପାଇଁ ଜାତିସଂଘ ବ୍ୟବସ୍ଥା ମଧ୍ୟରେ ଏକ ସ୍ୱତନ୍ତ୍ର ଷ୍ଟ୍ରକ୍ଚର ଗଠନ ଲାଗି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଆହ୍ୱାନ ଦେଇଥିଲେ।

# ପୁନରୁଦ୍ଧାର ହେବ ଅପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ

### ୧୪୮ କୋଟିର ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର,୯।୮ (ବ୍ୟୁରୋ)**

ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଦକ୍ଷିଣ ପାର୍ଶ୍ୱ କେନାଲର ପୁନରୁଦ୍ଧାର କରାଯିବ। ଆରମ୍ଭରୁ ୪୧ କିଲୋମିଟର ପର୍ଯ୍ୟନ୍ତ କଂକ୍ରିଟ କରାଯିବ। ସମୁଦାୟ ୪୨ ହଜାର ହେକ୍ଟର ଜଳସେଚନ ହେବ। ଏଥିପାଇଁ ଡକାଯାଇଥିବା ୧୪୮ କୋଟି ୧୨ ଲକ୍ଷ ୬୫ ହଜାର ୮୯୪ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଳାହାଣ୍ଡି ଜିଲାର ୪୨,୪୫୫ ହେକ୍ଟର ଚାଷଜମିକୁ ନିଶ୍ଚିତ ଜଳସେଚନର ସୁବିଧା ମିଳିବ। ସେହିପରି ପ୍ରକଳ୍ପ ନିର୍ମାଣ ଶେଷ ହେଲେ ଏଥିରେ ୫୦ କ୍ୟୁସେକ ଜଳଧାରଣ କ୍ଷମତା ରହିବା ପର ଇନ୍ଦ୍ରାବତୀ ସମ୍ପ୍ରସାରଣ କେନାଲ ମାଧ୍ୟମରେ କଳାହାଣ୍ଡି ଜିଲାର ୧୫,୨୬୦ ହେକ୍ଟର ଜମିକୁ ପର୍ଯ୍ୟାପ୍ତ ପାଣି ଯୋଗାଇ ଦିଆଯାଇପାରିବ।

# ଅର୍ଥସେବା କ୍ୟାଡର ପଦବୀ ସଂଖ୍ୟା ୧୦୧୬କୁ ବଢ଼ିଲା

**ଭୁବନେଶ୍ୱର,୯।୮ (ବ୍ୟୁରୋ)**

ଓଡ଼ିଶା ଅର୍ଥ ସେବା (ଓଏଫ୍‌ଏସ୍)କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଫଳରେ କ୍ୟାଡର ପଦବୀ ସଂଖ୍ୟା ୯୧୨ରୁ ୧୦୧୬ ହେବ। ଓଏଫ୍‌ଏସ୍(ଏସ୍‌ଏସ୍) ପଦବୀ ସଂଖ୍ୟା ୩୧ ରହିଥିବା ବେଳେ ଓଏଫ୍‌ଏସ୍(ଏସ୍‌ଏଜି) ୭୦, ଓଏଫ୍‌ଏସ୍ (ଏସ୍‌ଜି) ୧୩୦, ଓଏଫ୍‌ଏସ୍(ଏସ୍‌ବି) ୨୦୪ ଏବଂ ଓଏଫ୍‌ଏସ୍(ଜେବି) ୫୮୧କୁ ବୃଦ୍ଧି ପାଇବ।


# classifieds Everyday
0674-2580101, 2549302




**SALE**

2BHK flat inbetween Garage Chhak and Ravitalkies Bus Stop, Bhubaneswar. Buyer 8328890345. D-70236

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

2000sqft. residential plot for sale at Mahadev Nagar, Jharpada, Bhubaneswar. Price-46lakhs. 7656005431. D-71127

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




Swarna SPA newly open positively health benefits with expert therapist. 9556978408. D-71128

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Newly open Sairkupa Panchakarma Spa positively health benefits with expert. 8984068077. D-21263

Refreshing your mind, your body with tha best therapy at Lotus Spa. 8018891951. D-70466

Newly open SPA offer @799/-, positively health benefits, Jaydev Bihar. 7846814019. D-60000

**AFFIDAVIT**

By an affidavit before The Notary, Jagatsinghpur, I, Husnara Khatoon, W/o- Mohammed Badruz Zamma, Nuadhana, Anakhia, Biridi, Jagatsinghpur as per latest Aadhaar No. 895280421854 but in my previous Aadhaar my name wrongly mentioned as Husanara Khatoon. Henceforth Husnara Khatoon & Husanara Khatoon is one and same person. D-21307


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୭.୦୧.୧୯୫୭
ତିରୋଧାନ : ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୪ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆର୍ଶୀବାଦ ପ୍ରଦାନ କରୁଥାଉ। ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:**
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ–୨୧୩୦୧

**୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱ ଗୋବିନ୍ଦ ଚନ୍ଦ୍ର ମହାନ୍ତି**
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୪ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ–୨୧୩୦୯

# ଆଗକୁ ବ୍ଲେଣ୍ଡେଡ୍ ମୋଡ୍‌ରେ ପାଠପଢ଼ା

**ଧରିତ୍ରୀ ଆଳାପ**

ପ୍ରଫେସର କ୍ଷିତିଭୂଷଣ ଦାସ। ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ୩୮ ବର୍ଷର ଅଭିଜ୍ଞତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ସିଡିସି ନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ ସମ୍ପାଦନା କରିଛନ୍ତି। ଅବସର ପରେ ସେ ଆଇସିଏସ୍ଏସ୍ଆର୍ ନ୍ୟାଶନାଲ ଫେଲୋ ଏବଂ ଇଗ୍ନୋର ପ୍ରୋଭାଇସ ଚାନ୍ସେଲର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରୋଭାଇସ ଚାନ୍ସେଲର ଥିଲେ। ନିକଟରେ କେନ୍ଦ୍ର ସରକାର ତାଙ୍କୁ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେଇଛନ୍ତି ଓ ସେ ଇତିମଧ୍ୟରେ କାର୍ଯ୍ୟଭାର ଗ୍ରହଣ କରିସାରିଛନ୍ତି। ପ୍ରଫେସର ଦାସଙ୍କ ସହିତ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।



ପ୍ରଫେସର କ୍ଷିତିଭୂଷଣ ଦାସ

**୧. ଜାତୀୟ ଶିକ୍ଷାନୀତି-୨୦୨୦ରେ ଦୁଇ ପ୍ରକାର ବିଶ୍ୱବିଦ୍ୟାଳୟ କଥା କୁହାଯାଇଛି। ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ଓ ଟିଚିଂ ବିଶ୍ୱବିଦ୍ୟାଳୟ। ଆପଣ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ କିପରି ରୂପାନ୍ତରିତ କରିବାକୁ ଚାହୁଁଛନ୍ତି ?**

ଉ: ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଆଗାମୀ ୫ ବର୍ଷ ଭିତରେ ଏକ ମଲ୍‌ଟିଡିସିପ୍ଲିନାରି ଟିଚିଂ ଇଣ୍ଟେନସିଭ୍ ୟୁନିଭରସିଟି କରିବାର ଯୋଜନା ରହିଛି। ଏହାର କାମ ଆରମ୍ଭ ହୋଇଯାଇଛି, ଯେଉଁଥିରେ ସବୁ କ୍ଷେତ୍ରରେ ଭଲ ପୋର୍ଟଫୋଲିଓ ତିଆରି କରାଯିବ। ଏହି ଅବଧି ପରେ ଧୀରେ ଧୀରେ ତାକୁ ପୁଣି ୧୦-୧୨ବର୍ଷ ପରେ ରିସର୍ଚ୍ଚ ଇଣ୍ଟେନସିଭ୍ ୟୁନିଭରସିଟିରେ ରୂପାନ୍ତରିତ କରାଯିବ।

**୨. ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବନବାସୀଙ୍କ ଜୀବନଧାରଣ ମାନ ବୃଦ୍ଧିରେ ସହାୟକ ହୋଇପାରିବ କି ?**

ଉ: ନିଶ୍ଚିତ। ତାକୁହିଁ ଆଧାର କରି କାର୍ଯ୍ୟ ହେବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଦେବା ପାଇଁ ନାହିଁ। ଏହାର କିଛି ଗୁରୁଦାୟିତ୍ୱ ରହିଛି।

**୩. ଏଥିପାଇଁ ଆପଣଙ୍କର କ'ଣ ପ୍ରସ୍ତାବ ରହିଛି ?**

ଉ: ସେଠିକାର ଅଧିବାସୀମାନେ କିପରି କ୍ଷୁଦ୍ର ବ୍ୟବସାୟ କରିବେ, ଦକ୍ଷତା ବିକାଶ କରାଯିବ, ଡିଜିଟାଲ ଫାଇନାନ୍ସିଆଲ ଲିଟେରାସି ବଢ଼ାଇବା ଦିଗରେ ଉଦ୍ୟମ କରାଯାଉଛି। ସେଥିପାଇଁ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କ୍ୟାମ୍ପସ ଉତ୍ସର୍ଗୀକୃତ କରାଯିବ। ଯେଉଁଠାରେ ଟ୍ରାଇବାଲ ସ୍କିଲ୍ ଓ ଇନ୍‌କ୍ୟୁବେସନ ସେଣ୍ଟର କାମ କରିବ।

**୪. ଆପଣ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ପଦ ପଦବୀରେ ରହି ସଫଳତାର ସହ କାମ କରିଛନ୍ତି। ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କାମ କରିବା ବେଳେ କେଉଁ ପ୍ରକାର ଆହ୍ୱାନର ସମ୍ମୁଖୀନ ହେବେ ବୋଲି ଭାବୁଛନ୍ତି?**

ଉ: ଜମି ଅଧିଗ୍ରହଣ ହେଉଛି ବଡ଼ ଆହ୍ୱାନ। ବର୍ତ୍ତମାନ ସୁଦ୍ଧା ସେଠି ଜମି ଅଧିଗ୍ରହଣ ହୋଇ ନାହିଁ। ସେଠାରେ ଅଧାରୁ ଅଧିକ ଜାଗା ହେଉଛି ପ୍ରାଇଭେଟ୍ ପ୍ଲଟ୍।

**୫. କିପରି ତାହାର ସମାଧାନ କରାଯାଇ ପାରିବ ?**

ଉ: ଭୂମିମାଲିକଙ୍କୁ କ୍ଷତିପୂରଣ ଦିଆଯିବା ପରେ ଜାଗା ଆସିପାରିବ। ଏ ନେଇ ମୁଁ ସେମାନଙ୍କ ମୁଖିଆଙ୍କ ସହ କଥା ହୋଇଛି। ସେମାନେ ସହଯୋଗ କରୁଛନ୍ତି। ସେମାନେ ବି ରାଜି ଅଛନ୍ତି। କ୍ଷତିପୂରଣ ମିଳିଗଲେ ସେମାନେ ଜାଗା ଦେବେ ବୋଲି କହୁଛନ୍ତି। ଏ ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରାଇଛି। କ୍ଷତିପୂରଣ ଅଧିକ ହୋଇଯାଉଛି ବୋଲି ସମସ୍ତେ କହୁଛନ୍ତି। ତା'ର ଏକ ଫର୍ମୁଲା ବାହାର କରି ସମାଧାନ ନିଶ୍ଚିତ କରାଯିବ। ତିନି ଚାରି ବର୍ଷ ଭିତରେ ଧୀରେ ଧୀରେ ସମାଧାନ ହୋଇଯିବ ବୋଲି ଆଶା କରୁଛି।

**୬. ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୋଟିଏ ସମୟରେ ସ୍ଥାପିତ ହୋଇଥିଲା। ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବହୁ ଆଗକୁ ଯାଇପାରିଛି। କିନ୍ତୁ ଓଡ଼ିଶା ନୁହେଁ। ଏହାର କାରଣ କ'ଣ ହୋଇପାରେ?**

ଉ: ଏଥିପାଇଁ ବହୁଜଣ ଦାୟୀ ରହିବେ। ଯାହା ଆମକୁ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଦିଆଯାଇପାରୁନି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦେଉ। ଏଭଳି ଆଶା ଆମର ଥିଲା। ଯେଉଁଥିପାଇଁ ଓଡ଼ିଶାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେଉ ବୋଲି ଆମେ ଦାବି କରିଥିଲୁ। କିନ୍ତୁ ହେଲା ପରେ ଆମେ ହିଁ କେବେ ପଚାରିନୁ ତାହା ହେଲା କି ନାହିଁ। ସେହିପରି ବିଶ୍ୱବିଦ୍ୟାଳୟକୁ ଆଗକୁ ନେବା ପାଇଁ ଯେଉଁମାନଙ୍କୁ ନେତୃତ୍ୱ ମିଳିଲା, ସେମାନେ ମଧ୍ୟ ଦାୟୀ। ସେମାନଙ୍କର ଦାୟିତ୍ୱ ଅନେକ ଥିଲା, ଯେଉଁଥିପାଇଁ ସେମାନଙ୍କୁ ସେଠାରେ ନିଯୁକ୍ତି ଦିଆଗଲା ସେମାନେ ତାହା କଲେ ନାହିଁ।

**୭. ଭାରତର ଗୋଟିଏ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଜଣେ ଓଡ଼ିଆ କୁଳପତିଙ୍କଠାରୁ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ କ'ଣ ଆଶା କରିପାରିବେ?**

ଉ: ମୁଁ ତ ନିଶ୍ଚିତ ଭାବେ ଚାହିଁବି ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଆଗକୁ ଯାଉ। ମୋର ପରିଚୟ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଓଡ଼ିଶାରେ ଜନ୍ମ ଓ ପାଠପଢ଼ା। ବିଭିନ୍ନ ସ୍ଥାନରେ ପାଠପଢ଼ା ହୋଇଛି। ଜଣେ ଆଲୁମ୍‌ନି ଭାବେ ଯଦି ମୋର ସହଯୋଗ ଚାହିଁବେ, ମୁଁ ନିଶ୍ଚିତ ସହଯୋଗ କରିବି।

**୮. ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିରେ କ'ଣ ପରିବର୍ତ୍ତନର ଆବଶ୍ୟକତା ରହିଛି ?**

ଉ: କରୋନା ଆମକୁ ବହୁତ ଶିକ୍ଷା ଦେଇଛି। ଅନ୍‌ଲାଇନ ଶିକ୍ଷା କେତେ ଗୁରୁତ୍ୱ ବହନ କରେ ତାହା କରୋନା ସମୟରେ ଆମେ ସମସ୍ତେ ଅନୁଭବ କଲେ। ତେଣୁ ଅନ୍‌ଲାଇନ୍ ଶିକ୍ଷା କିପରି ସୁଦୃଢ଼ ହେବ ସେଥିପ୍ରତି କାର୍ଯ୍ୟ କରିବା ଉଚିତ। ଭିତ୍ତିଭୂମି ବିକାଶ ପାଇଁ ବର୍ତ୍ତମାନ ବଡ଼ ବଡ଼ ବିଲ୍ଡିଂ ତିଆରି କରିବାର ଆବଶ୍ୟକତା ଆଉ ନାହିଁ। ଏବେ ଆଇଟି ଭିତ୍ତିଭୂମିର ବିକାଶ କରିବାକୁ ପଡ଼ିବ। କାରଣ ଆଗାମୀ ଦିନରେ ଆମକୁ ବ୍ଲେଣ୍ଡେଡ୍ ମୋଡ୍‌ରେ ପାଠ ପଢ଼ାଇବାକୁ ପଡ଼ିବ। ଅର୍ଥାତ୍ ୫୦% ଅନ୍‌ଲାଇନ୍ ଓ ୫୦% ଅଫ୍‌ଲାଇନ୍। ତେଣୁ କ୍ଲାସ୍‌ରୁମ୍‌କୁ ସେହିଭଳି ଭାବେ ତିଆରି କରିବାର ଅଛି।

**୯. ସମୟ ମିଳିଲେ କ'ଣ କରିବାକୁ ପସନ୍ଦ କରନ୍ତି ?**

ଉ: ମତେ ସବୁବେଳେ ସମାଜ ଭିତରେ ବିଭିନ୍ନ ସମସ୍ୟା ଉପରେ ଷ୍ଟଡି କରିବାକୁ ଭଲଲାଗେ। ପଲିସି ମେକିଂରେ ରହିବାକୁ ଭଲ ଲାଗେ। ବିଶେଷକରି ଅର୍ଥନୀତି ଓ ଶିକ୍ଷା ପଲିସି ମେକିଂ ବଡିରେ ରହିବାକୁ ପସନ୍ଦ କରେ।

**୧୦. ବାହାରକୁ ବୁଲିବାକୁ ପସନ୍ଦ କରନ୍ତି ?**

ଉ: ଭଲ ଲାଗେ। ଆଗରୁ ସମୟ ମିଳୁଥିଲା ବହୁ ଜାଗାକୁ ବୁଲିବାକୁ ଯାଉଥିଲି। କିନ୍ତୁ ଏବେ ଦାୟିତ୍ୱ ବଢ଼ିଯାଇଛି। ତେଣୁ ଏବେ ବୁଲିବା ସମୟ ନୁହେଁ।

**୧୧. ଟିଭିରେ କ'ଣ ଦେଖିବାକୁ ଭଲଲାଗେ?**

ଉ: ମୁଁ କେବଳ ନ୍ୟୁଜ୍ ଦେଖେ। ନ୍ୟୁଜ୍ ଆଉ ଭ୍ୟୁଜ୍ ମୋତେ ଭଲ ଲାଗେ। ପଲିଟିକାଲ, ଇକୋନୋମି ବିଷୟ ଉପରେ ଦେଖିବା ପାଇଁ ପସନ୍ଦ ଲାଗେ।

**– ସାକ୍ଷାତ୍‌କାର: ଅସମାପିକା ସାହୁ**






# ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ ଉତ୍ସବ ଅବସରରେ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ଅନ୍ୟ ବିଚାରପତିମାନଙ୍କ ଗହଣରେ ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନେ।

**କଟକ ଅଫିସ,୯।୮:** ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ସୋମବାର ୨୦୧୯ ବ୍ୟାଚ୍‌ର ନବନିଯୁକ୍ତ ୪୭ ଜଣ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଯୋଗଦେଇ ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଶପଥ ପାଠ କରାଇବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି, ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଏବଂ ସଦସ୍ୟମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପାଠ୍ୟ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ବିଶ୍ୱଜିତ ମହାନ୍ତି, ଜଷ୍ଟିସ ବି.ଆର୍. ଷଡଙ୍ଗୀ, ଜଷ୍ଟିସ ଏସ୍. କେ. ସାହୁ, ଜଷ୍ଟିସ ବି.ପି.ରାଉତରାୟ, ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀ ସଦସ୍ୟ ଜଷ୍ଟିସ ଦେବବ୍ରତ ଦାଶ ଧନ୍ୟବାଦ ଦେଇଥିଲେ।

# ନୟନଯୋରିରେ ଯୁବକଙ୍କ ମୃତଦେହ

- ନିକଟରେ ପଡ଼ିଥିଲା ବାଇକ୍
- ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଚାନ୍ଦବାଲି,୯।୮(ଡି.ଏନ.ଏ.)**

ଭଦ୍ରକ ଜିଲା ମତୋ-ନାନ୍ଦପୁର ରାସ୍ତାର ଯୁକ୍ତ ୨ କଲେଜ ଛକଠାରୁ କିଛି ଦୂର ଏକ ନୟନଯୋରିରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ପରମାନନ୍ଦପୁର ଗାଁର ଗୋଲଖି ଦାସଙ୍କ ପୁଅ ବସନ୍ତ(୨୮)। ଭଦ୍ରକରୁ ସାଇଣ୍ଟିଫିକ୍ ଦଳ ଓ ବାଲେଶ୍ୱରରୁ ସନ୍ଧାନୀ କୁକୁର ଆଣି ପୋଲିସ ତଦନ୍ତ କରିଛି। ସନ୍ଧାନୀ କୁକୁର ମାଧପୁର ରାସ୍ତାର କରାଣ୍ଡିମାଳ ଛକ ଆଡ଼କୁ ଯାଇ ଫେରି ଆସିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସକାଳେ ଉକ୍ତ ନୟନଯୋରିରେ ଅଳ୍ପ ପାଣି କାଦୁଅରେ ଏକ ମୃତଦେହ ମୁହଁ ତଳକୁ କରି ପଡ଼ିଥିବା ଦେଖି ରାସ୍ତାରେ ଯାଉଥିବା ଲୋକେ ପୋଲିସକୁ ଖବର ଦେଇଥିଲେ। ମତୋ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି, ଚାନ୍ଦବାଲି ଥାନାଧିକାରୀ କରୁଣାକର ରାଉତ, ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସୋମବାର ବସନ୍ତ କାମ କରିବାକୁ ମୁମ୍ବାଇ ଯିବାର ଯୋଜନା ଥିଲା। ରବିବାର ରାତିରେ ଘର ପାଖରେ ସେ ସାଙ୍ଗମାନଙ୍କ ସହ ମିଶି ଭୋଜି କରିଥିଲେ ବୋଲି ତାଙ୍କ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି। ତେବେ ଘରଠାରୁ ପ୍ରାୟ ୩ କି.ମି. ଦୂରରୁ ତାଙ୍କ ମୃତଦେହ ମିଳିବା ଘଟଣାକୁ ସନ୍ଦେହଘେରକୁ ଆଣିଛି। ବସନ୍ତଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ହତ୍ୟା ମାମଲା (ନଂ.୨୦୯/୨୧ ) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।




ପାଣି ଭିତରେ ମୃତଦେହ ଓ ବାଇକ୍।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍-୨୦୨୧ ରାଜ୍ୟ ସଭାରେ ଗୃହୀତ

**ଭୁବନେଶ୍ୱର, ୯।୮(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ରାଜ୍ୟ ସଭାରେ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍, ୨୦୨୧ ଉପରେ ପ୍ରତିକ୍ରିୟା ରଖିବା ପରେ ଏହି ବିଲ୍ ଗୃହୀତ ହୋଇଛି। ଗୃହରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍, ୨୦୨୧ ଉପରେ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ର କହିଛନ୍ତି, ଭାରତ ସରକାର ଲେହ, ଲଦାଖ ଏବଂ କାର୍‌ଗିଲରେ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଲଦାଖରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଭାରତ ସରକାରଙ୍କ ଲକ୍ଷ୍ୟ। ଆରକ୍ଷଣ ପ୍ରସଙ୍ଗରେ ଧର୍ମେନ୍ଦ୍ର କହିଛନ୍ତି, କେନ୍ଦ୍ର ସରକାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ସାମ୍ବିଧାନିକ ଆରକ୍ଷଣ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। କେବଳ ଓବିସି ବର୍ଗ ନୁହେଁ ବରଂ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ(ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ଆରକ୍ଷଣର ସାମ୍ବିଧାନିକ ବ୍ୟବସ୍ଥା ହୋଇଛି। ୨୦୨୧-୨୨ ଶିକ୍ଷା ବର୍ଷରୁ ମେଡିକାଲ ଏବଂ ଡେଣ୍ଟାଲ ପାଠ୍ୟକ୍ରମରେ ସ୍ନାତକ ଏବଂ ସ୍ନାତକୋତ୍ତରରେ ସର୍ବଭାରତୀୟ କୋଟା(ଏଆଇକ୍ୟୁ) ଯୋଜନାରେ ଓବିସିଙ୍କୁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ର ଛାତ୍ରୀଛାତ୍ରଙ୍କ ପାଇଁ ୧୦ ପ୍ରତିଶତ ଆରକ୍ଷଣର ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପ ଦ୍ୱାରା ପଛୁଆ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଓଡ଼ିଶା ସମେତ ଭାରତବର୍ଷର ୫ ହଜାର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କୁ ରାଷ୍ଟ୍ରପତି ସମ୍ମାନ

**ବାସୁଦେବପୁର, ୯।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ତୁଳମତୁଳା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କୁ କ୍ରାନ୍ତି ଦିବସରେ ସୋମବାର ରାଷ୍ଟ୍ରପତିଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ପୂର୍ବାହ୍ନରେ ଜିଲା ପ୍ରଶାସନ ମାଧ୍ୟମରେ ତାଙ୍କ ବାସଭବନରେ ପହଞ୍ଚି ଜିଲାପାଳ ଡ. ଜ୍ଞାନ ଦାସ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରଦତ୍ତ ମାନପତ୍ର, ଉତ୍ତରୀୟ, ପଦକ ଦେଇ ସଂଗ୍ରାମୀ ରାୟଙ୍କୁ ସମ୍ମାନିତ କରିଥିଲେ। ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ, ଜିଲା ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ବିଡିଓ ପ୍ରଣବ ବେହେରା, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ସରପଞ୍ଚ କଳ୍ପନାରାଣୀ ସାହୁ, ସମିତିସଭ୍ୟ ପ୍ରତିନିଧି ପ୍ରଦୀପ ମହାପାତ୍ର, ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ ପ୍ରମୁଖ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ସଂଗ୍ରାମୀ ରାୟ ବାସୁଦେବପୁର ଅଞ୍ଚଳର ଗର୍ବ ଓ ଗୌରବ। ଭାରତଛାଡ଼ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା ବୋଲି ବିଧାୟକ ରାଉତରାୟ ମତବ୍ୟକ୍ତ କରିଥିଲେ। ପ୍ରକାଶଯୋଗ୍ୟ, ଭାରତଛାଡ଼ ଆନ୍ଦୋଳନରେ ସଂଗ୍ରାମୀ ରାୟ ସାମିଲହୋଇ ଏହି ଅଞ୍ଚଳର ନେତୃତ୍ୱ ନେଇ କାରାବରଣ କରିଥିଲେ। ତାଙ୍କୁ ରାଷ୍ଟ୍ରପତିଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସମ୍ବର୍ଦ୍ଧନା ବେଳେ ତାଙ୍କ ସ୍ତ୍ରୀ କମଳା କୁମାରୀ ରାୟ, ପୁଅ କିଶୋର ଚନ୍ଦ୍ର ରାୟ, ରାମଚନ୍ଦ୍ର ରାୟ, ଝିଅ ମମତାଞ୍ଜଳିଙ୍କ ସମେତ ପରିବାର ସଦସ୍ୟ ଓ ପଚୁଆଁ ସରପଞ୍ଚ ଦୀନବନ୍ଧୁ ଦାସ ଉପସ୍ଥିତ ଥିଲେ।



ଜିଲାପାଳ ଡ. ଜ୍ଞାନ ଦାସ ସ୍ୱାଧୀନତା ସଂଗ୍ରାମୀ ସାରଦା ପ୍ରସାଦ ରାୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପରିବାର ପକ୍ଷରୁ କୃତଜ୍ଞତା

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ବାସୁଦେବପୁର ମାଟିର ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କୁ କ୍ରାନ୍ତି ଦିବସ ଅବସରରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି। ଏଥିପାଇଁ ତାଙ୍କ ପରିବାର ପକ୍ଷରୁ ସୋମବାର ସନ୍ଧ୍ୟାରେ ଭଦ୍ରକ ମୋଟେଲ ଛକ ସ୍ଥିତ କଳ୍ପନାଦେବୀ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ ପରିସରରେ ସଭା ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରାଯାଇଛି। ତେବେ ସଭାରେ ସଂଗ୍ରାମୀ ରାୟଙ୍କ ପୁଅ ମହେଶ ଓ ରାମଚନ୍ଦ୍ର ବହୁ ଡେରିରେ ତାଙ୍କ ବାପାଙ୍କୁ ଏହି ସମ୍ମାନ ଦିଆଗଲା ବୋଲି ପ୍ରତିକ୍ରିୟା ରଖିଥିଲେ।

ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ– ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। –ଶ୍ରୀଅରବିନ୍ଦ

# ଟିକା ପରେ ସ୍କୁଲ

ଭାରତର ବିଭିନ୍ନ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସ୍କୁଲ ଓ କଲେଜ ଖୋଲୁଛନ୍ତି। ଓଡ଼ିଶାରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲା ସରିଥିବା ବେଳେ ଅଗଷ୍ଟ ୯ରେ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିଛି। ଅଗଷ୍ଟ ୧୬ରେ ନବମ ଓ ଏକାଦଶ ଏବଂ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲାଯିବା ନେଇ ଘୋଷଣା ହୋଇଛି। ୧୮ବର୍ଷରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କ ପାଇଁ ଟିକା ଦିଆଯିବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ସମସ୍ତେ ପାଇପାରି ନାହାନ୍ତି। ଏଭଳିସ୍ଥଳେ ସ୍କୁଲ ପିଲାଙ୍କୁ କେବେ ଟିକା ମିଳିବ ଭାବିଲା ବେଳକୁ ଆଖି ପାଉନାହିଁ। ତେଣୁ ପିଲାଙ୍କୁ ସ୍କୁଲ ଛାଡ଼ିବା ନେଇ ମାତାପିତା ଓ ଅଭିଭାବକମାନେ ଚିନ୍ତାରେ ରହିବା ସ୍ୱାଭାବିକ। ଏହା ସତ୍ୟ ଯେ, କୋଭିଡ୍‌–୧୯ ଯୋଗୁ ପାଖାପାଖି ଦେଢ଼ ବର୍ଷ ଧରି ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନକୁ ଯାଇ ନ ପାରି ଘରେ ରହି ପଢୁଛନ୍ତି। ସ୍କୁଲ ସାଙ୍ଗମାନଙ୍କ ସହ ଦେଖାସାକ୍ଷାତ୍ ହୋଇପାରୁ ନ ଥିବାରୁ ସାମାଜିକ ସମ୍ପର୍କରେ ପରିବର୍ତ୍ତନ ଆସିଛି। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, କରୋନା ସମୟରେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି। ଏପରିକି ମାତାପିତାଙ୍କ ସହ ପିଲାମାନଙ୍କ ସମ୍ପର୍କରେ ପରିବର୍ତ୍ତନ ଆସିଛି। ସ୍କୁଲର ବାତାବରଣ ଏକ ଭିନ୍ନ ପ୍ରଭାବ ପକାଇଥାଏ। ଦୀର୍ଘଦିନ ବନ୍ଦ ରହିଥିବା ଶିକ୍ଷାନୁଷ୍ଠାନ ଖୋଲିବା ଲାଗି ସରକାର ଏବେ ଆଗଭର ହୋଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ମିଳିଥିବା ଖବର ଅନୁଯାୟୀ ସରକାର ଏକ ନୂଆ ନିୟମ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ଯେ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନକୁ ଯିବାକୁ ଚାହିଁଲେ ଅଭିଭାବକମାନଙ୍କୁ ଏକ ଇନ୍‌ଡେମ୍ନିଟି ବା ନିଜେ ଦାୟିତ୍ୱ ନେଉଛନ୍ତି ବୋଲି ଲେଖା ଦେବାକୁ ପଡ଼ିବ। ଏହାର ଅର୍ଥ ହେଲା ପିଲାମାନଙ୍କ ସ୍ୱାସ୍ଥ୍ୟଜନିତ କୌଣସି ଅସୁବିଧା ହେଲେ ସେଥିପାଇଁ ସରକାର କିମ୍ବା ଶିକ୍ଷାନୁଷ୍ଠାନ ଦାୟୀ ରହିବେ ନାହିଁ। ତେବେ ସ୍ଥିତି ଦେଖି ସରକାର ନିଷ୍ପତ୍ତି ନେବା ଉଚିତ। ଉଦାହରଣ ଭାବେ ଆମେରିକାକୁ ଦେଖାଯାଉ। ସେଠାରେ ସ୍କୁଲ ଖୋଲିଦିଆଯିବା ପରେ କୋଭିଡ୍‌–୧୯ରେ ସଂକ୍ରମିତ ହୋଇ ଅନେକ ପିଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସମସ୍ତଙ୍କ ପାଇଁ ଟିକାକରଣ ହୋଇ ନ ଥିବାରୁ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଭଳି ସ୍ଥିତି ବିଷୟରେ ଭାରତୀୟ ମାତାପିତାଙ୍କୁ ଚିନ୍ତା କରିବାକୁ ପଡ଼ିବ। କୋଭିଡ୍‌–୧୯ ସଂକ୍ରମିତ ପିଲା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ପାଖରେ ମାତାପିତା ପହଞ୍ଚି ପାରିବେ ନାହିଁ। ପିଲାର ସ୍ଥିତି କେଉଁ ପ୍ରକାର ଅଛି ସେ ବିଷୟରେ କୌଣସି ଠିକ୍ ତଥ୍ୟ ପାଇବା ସମ୍ଭବପର ନ ହେଲେ ଅଭିଭାବକଙ୍କ ମାନସିକ ସ୍ଥିତି କେଉଁପ୍ରକାର ହେବ ତାହା ପୂର୍ବରୁ ଭାବିବା କଷ୍ଟକର।

ଅଗଷ୍ଟ ୬ରେ ଶିକ୍ଷା, ମହିଳା, ଶିଶୁ, ଯୁବ ଓ କ୍ରୀଡ଼ା ବ୍ୟାପାର ସଂକ୍ରାନ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟି ପାର୍ଲାମେଣ୍ଟରେ ରିପୋର୍ଟ ଉପସ୍ଥାପନ କରି ମତ ଦେଇଛି ଯେ, ଅନ୍‌ଲାଇନ ଶିକ୍ଷା ବାସ୍ତବ ଶିକ୍ଷା ନୁହେଁ। ପାଠପଢ଼ାରେ ଦେଖାଦେଉଥିବା ବ୍ୟବଧାନକୁ ପୂରଣ କରିବା ସକାଶେ ଶ୍ରେଣୀ ପାଠପଢ଼ାର ଆବଶ୍ୟକତା ରହିଛି ବୋଲି କମିଟି କହିବା ସହ ପ୍ରତ୍ୟେକ ପିଲା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବ୍ୟକ୍ତି ଟିକା ନେବା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଛି। ସଂସଦୀୟ କମିଟିର ଟିକା ସମ୍ପର୍କିତ ସୁପାରିସ ସ୍ୱୀକାରଯୋଗ୍ୟ। କିନ୍ତୁ ଯେ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ଟିକା ନ ମିଳିଛି, ସେ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ବିପଜ୍ଜନକ ବୋଲି ଆମେରିକାର ଉଦାହରଣରୁ ଜଣାପଡ଼ିଛି। ଶ୍ରେଣୀ କକ୍ଷରେ ଶିକ୍ଷାଦାନ ଲାଗି ଗହଳି କମାଇବା ଉଦ୍ଦେଶ୍ୟରେ ଦିନେ ଛାଡ଼ି ଦିନେ କିମ୍ବା ଦୁଇଟି ଶିଫ୍‌ଟରେ ପିଲାଙ୍କୁ ପଢ଼ାଇବାର ବ୍ୟବସ୍ଥା ଉପରେ କମିଟି ଜୋର ଦେଇଛି। ଏପରି କି କୋଭିଡ୍‌–୧୯ ଯୋଗୁ ଦୀର୍ଘ ଦିନ ଧରି ଦିଆଯାଉଥିବା ଅନ୍‌ଲାଇନ ଶିକ୍ଷାରୁ ଅଭିଜ୍ଞତା ଆହରଣ କରାଯାଇ ବ୍ଲେଣ୍ଡେଡ୍ ମୋଡ୍‌ରେ ପଢ଼ାଯିବା ଦରକାର ବୋଲି କମିଟି ସୁପାରିସ କରିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ଲେଣ୍ଡେଡ୍ ପଦ୍ଧତି ହେଉଛି ୫୦ ପ୍ରତିଶତ ଅନ୍‌ଲାଇନ୍ ଓ ୫୦ ପ୍ରତିଶତ ଅଫ୍‌ଲାଇନ୍‌ରେ କ୍ଲାସ ହେବାକୁ ବୁଝାଇଥାଏ। ଆମେ ଏହି ସ୍ତମ୍ଭରେ ୩୦ ଜୁନ୍ ୨୦୨୧ରେ 'ମିଶ୍ରିତ ଶିକ୍ଷା' ଶୀର୍ଷକ ଲେଖାରେ ମତ ରଖିଥିଲୁ ଯେ, ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ର ମିଶ୍ରଣ ଘଟି ଯେଉଁ ଶିକ୍ଷା ବ୍ୟବସ୍ଥା ପିଲାଙ୍କୁ ଭେଟି ଦିଆଯାଇପାରନ୍ତା, ତାହା ଦ୍ୱାରା ସେମାନେ ଯେକୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ହୁଅନ୍ତେ। ଏଥିସହିତ କୁହାଯାଇପାରେ ଯେ ଅନ୍‌ଲାଇନ୍ ବ୍ୟବସ୍ଥାରେ ଭାରତ ଭଳି ଦେଶର ବହୁସଂଖ୍ୟକ ପିଲା ଅର୍ଥନୈତିକ ଦୃଷ୍ଟିରୁ ବାଦ୍ ପଡ଼ିଯାଉଛନ୍ତି। ସେମାନଙ୍କ ବିଷୟରେ ବିଶେଷ ଚିନ୍ତା କରାଯିବା ଦରକାର।

ଆଜିର ସ୍ଥିତି ଦେଖିଲେ କୋଭିଡ୍‌–୧୯ର ପ୍ରାଦୁର୍ଭାବ କମି ନ ଥିବାରୁ ଏଥିପ୍ରତି ସତର୍କତା ଅବଲମ୍ବନ କରାଯିବା ଉଚିତ। ଥରେ ପିଲାମାନେ ସ୍କୁଲ ଯାଇ ସଂକ୍ରମିତ ହୋଇଗଲେ ମାତାପିତାଙ୍କ ଚିନ୍ତା ବହୁଗୁଣ ବଢ଼ିଯିବ। ବର୍ତ୍ତମାନ ସରକାରଙ୍କ ପ୍ରଧାନ କାର୍ଯ୍ୟ ହେବା ଉଚିତ ଯେ, ଯେଭଳି ହେଉ ପ୍ରତ୍ୟେକ ପିଲାକୁ ଟିକା ଦେଇ ଶ୍ରେଣୀକକ୍ଷକୁ ଅନୁମତି ଦିଅନ୍ତୁ। ନଚେତ୍ ମାତାପିତାଙ୍କଠାରୁ ଇଣ୍ଡେମ୍ନିଟି ଲେଖା ଯୋଗାଡ଼ କଲେ କେବଳ ସରକାର ପିଲାଙ୍କ ଅସୁବିଧା ପାଇଁ ଦାୟୀ ହେବେ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଅଗଷ୍ଟ ୧୯୯୬

- ଶ୍ରୀଲଙ୍କାରେ ତାମିଲ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସକାଶେ ତାମିଲ ବିଦ୍ରୋହୀ ଗେରିଲା ଗୋଷ୍ଠୀ ଏଲ୍‌ଟିଟିଇ ପକ୍ଷରୁ ଆନ୍ତର୍ଜାତିକ ସମୁଦାୟକୁ ନିବେଦନ।
- ଦଳବିରୋଧୀ କାର୍ଯ୍ୟକଳାପର ଅଭିଯୋଗ କ୍ରମେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ବିଜେପି ଶାଖାର ବିଦ୍ରୋହୀ ନେତା ଶଙ୍କର ସିଂ ବାଘେଲାଙ୍କୁ ଦଳରୁ ୬ ବର୍ଷ ସକାଶେ ବହିଷ୍କାର କରିଛନ୍ତି।
- ଉତ୍ତର ପ୍ରଦେଶର କୃଷକମାନଙ୍କ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଆଠଦଫା ସମ୍ବଳିତ ପ୍ୟାକେଜ୍ ଘୋଷଣା କରିଛନ୍ତି।

# ଗଣତନ୍ତ୍ର ଦଳତନ୍ତ୍ର ହୋଇଯାଉଛି



ସହଦେବ ସାହୁ

ଗଣତନ୍ତ୍ର ଗଣ ବା ଜନତାର ଶାସନ ବୋଲି କୁହାଯାଉଥିବା ବେଳେ ପ୍ରକୃତରେ ଜନତାର ପ୍ରତିନିଧିମାନେ ଶାସନ ଚଳାନ୍ତି। କିନ୍ତୁ ପ୍ରତିନିଧିତନ୍ତ୍ର ଶବ୍ଦ ବ୍ୟବହାର କରାଯାଏ ନାହିଁ। କିନ୍ତୁ ସଂଖ୍ୟାଗରିଷ୍ଠ ପ୍ରତିନିଧିମାନଙ୍କୁ ନେଇ ସମ୍ପୃକ୍ତ ରାଜନୈତିକ ଦଳ ଯଦି ବିରୋଧର ସ୍ୱରକୁ ଦବାଇ ଶାସନ ଚଳାଏ ସେ ପ୍ରକାରର ଦଳୀୟ ଶାସନକୁ ଫାସିଷ୍ଟ ଶାସନ କରନ୍ତି – ଫାସିଜିମ୍ ହେଉଛି ଦଳତନ୍ତ୍ର। ଅନ୍ୟ ଅର୍ଥରେ ଦଳର ମୁଖ୍ୟ (ସୁପ୍ରିମୋ ହୁଅନ୍ତୁ କି ହାଇକମାଣ୍ଡ) ଶାସନ ଚଳାନ୍ତି। ଆମେ କହିହେଉଛୁ ଆମେରିକା ଯୁକ୍ତରାଷ୍ଟ୍ର, ବିଲାତ ତଥା ଆମ ଦେଶ ପ୍ରତିନିଧିମୂଳକ ଗଣତନ୍ତ୍ରର ଉଦାହରଣ। କିନ୍ତୁ ପ୍ରକୃତ ଚିତ୍ର କ'ଣ ଦେଖିବା ଆସନ୍ତୁ। ନିଜର ପ୍ରତିନିଧି ବାଛିବାର ଅଧିକାର ଲୋକଙ୍କ ହାତରୁ ଛଡ଼ାଇନିଆଯାଇଛି। ପ୍ରତ୍ୟେକ ଦଳ ବାଛୁଛି କିଏ ସେ ଦଳର ପ୍ରାର୍ଥୀ ହେବ, ଯେଉଁ ଦଳର ପ୍ରାର୍ଥୀର ଚିହ୍ନରେ ସର୍ବାଧିକ ମୋହର ବାଜିଥିବ, ସେ ହିଁ ଲୋକ ପ୍ରତିନିଧି ବୋଲାଇବ। ଭୋଟରଙ୍କ ଅଞ୍ଚଳର ବାସିନ୍ଦା ନ ହୋଇଥିଲେ ବି! ତେଣୁ ଭୁବନେଶ୍ୱରର ଲୋକ କନ୍ଧମାଳରେ, କି ନୟାଗଡରେ, କି କଳାହାଣ୍ଡିରେ ବିଧାନସଭାରେ ଲୋକ ପ୍ରତିନିଧି (ଏମ୍‌ଏଲ୍‌ଏ) ହୋଇପାରେ। କେରଳର ଲୋକ ଓଡ଼ିଶାରେ, ପଞ୍ଜାବର ଲୋକ ଆସାମରେ, ଦିଲ୍ଲୀର ଲୋକ କେରଳରେ, ଲୋକ ସଭା ପ୍ରାର୍ଥୀ ହୋଇପାରେ ଏବଂ ରାଜ୍ୟ ବିଧାନସଭା ଦ୍ୱାରା ରାଜ୍ୟ ସଭାର ସଦସ୍ୟ (ଏମ୍‌ପି) ନିର୍ବାଚିତ ହୋଇପାରେ, ତେଣୁ ସେଠାକାର ବାସିନ୍ଦା ନ ହୋଇ ବି ସେଠାକାର ସାଂସଦ କି ପ୍ରକାରର ଲୋକପ୍ରତିନିଧି ବୋଲାଇବ? ରାଜ୍ୟ ସଭାରେ ସମ୍ପୃକ୍ତ ରାଜ୍ୟର ଲୋକ ନ ହୋଇ ମଧ୍ୟ, ଅର୍ଥାତ୍ ଭାରତର ଯେ କୌଣସି କୋଣର ଲୋକ ଅନ୍ୟ ଯେ କୌଣସି ରାଜ୍ୟର ପ୍ରତିନିଧିତ୍ୱ କରିପାରେ। ଯେଉଁ ଲୋକଙ୍କ ଭିତରୁ ସେ ଆସିନାହିଁ, ଯେଉଁ ଲୋକେ ତାଙ୍କୁ କଦାଚିତ୍ ଦେଖିଛନ୍ତି ସେ ଯଦି ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବେ, ଲୋକଙ୍କ ଆଶା ଆକାଂକ୍ଷା କ'ଣ ସେ କିପରି ଜାଣିବେ, ପୁଣି ତା' ଉପରେ ବିଧାନସଭା ବା ସଂସଦରେ କି ପ୍ରକାରର ଆଲୋଚନା କରିବେ? ସେ ତ କେବଳ ଦଳ ଇଙ୍ଗିତରେ ଦେଶ ବା ରାଷ୍ଟ୍ର କଥା ଭାବିପାରିବେ, ରାଜ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇପାରିବେ।

ମନେରଖିବା କଥା ଯେ, ଆମ ସମ୍ବିଧାନ–ପ୍ରଣେତାମାନେ ବିଲାତର ରାଜନୀତି–ପରମ୍ପରାକୁ ଅନୁକରଣ କରିନେଇଥିଲେ ବି ସମ୍ବିଧାନରେ 'ରାଜନୈତିକ ଦଳ'ର ଉଲ୍ଲେଖ କରି ନ ଥିଲେ। କଂଗ୍ରେସ ଦଳ ହିଁ 'ରାଜନୈତିକ ଦଳ'କୁ ସାମ୍ବିଧାନିକ ସ୍ୱୀକୃତି ଦେଉଥିଲା। ସେହିଦିନଠୁ ଦଳଗତ ସରକାର ବା ଫାସିଷ୍ଟ ଶାସନର ବୀଜ ଆମ ଦେଶରେ ବପନ କରାଗଲା। ଯେଉଁ ବ୍ୟକ୍ତିକୁ ରାଜନୈତିକ ଦଳର ମୁଖ୍ୟ ସୁପାରିସ କରିବେ ତାଙ୍କୁ ହିଁ ନିର୍ବାଚନ ଅଧିକାରୀ ଦଳର ପ୍ରାର୍ଥୀ ରୂପେ ଗ୍ରହଣ କରିବେ। ନୋମିନେସନ୍ ଫର୍ମ ସାଙ୍ଗରେ ଦଳପତିଙ୍କ ଚିଠି ଥିଲେ ଜଣେ ପ୍ରସ୍ତାବକ ଯଥେଷ୍ଟ। ନିର୍ବାଚନ କମିଶନ ସ୍ୱୀକାର କରି ନ ଥିବା 'ଲୋକଙ୍କ ଗୋଷ୍ଠୀ'କୁ ରାଜନୈତିକ ଦଳ କୁହାଯିବ ନାହିଁ। ସେପରି ଗୋଷ୍ଠୀର ବା କୌଣସି ଦଳର ସମର୍ଥନ ନ ପାଇ ପ୍ରାର୍ଥୀ ହେଲେ ସ୍ୱାଧୀନ ପ୍ରାର୍ଥୀ ଗଣାଯିବ, ତାଙ୍କ ନୋମିନେସନ୍ ଫର୍ମରେ ଅତିକମ୍‌ରେ ୧୦ଜଣ ଭୋଟର୍ ଦସ୍ତଖତ କରିବା ଆବଶ୍ୟକ। ସେତେ କଷ୍ଟ କଲେ ବି ନିର୍ଦ୍ଦଳୀୟ ପ୍ରାର୍ଥୀଟିଏ ନିର୍ବାଚିତ ହେବା ଅସମ୍ଭବ। ଲୋକଙ୍କ ଭୋଟରେ ଜିତିଥିବା ସାଂସଦ ବା ବିଧାୟକ ଯଦି ଦଳପତିଙ୍କ କଥା ମାନିବେ ନାହିଁ (ଅର୍ଥାତ୍ ଦଳର ହ୍ୱିପ୍ ବା ଛାଟ ଅନୁଯାୟୀ ଭୋଟ ଦେବେ ନାହିଁ) ଦଳପତି ତାଙ୍କୁ ଦଳରୁ ତଡିଦେଇପାରିବେ ଓ ଗୃହର ବାଚସ୍ପତିଙ୍କୁ ତାହା ଜଣାଇଦେବେ। ହ୍ୱିପ୍ ବିରୁଦ୍ଧରେ ଯାଇଛନ୍ତି ବୋଲି ପ୍ରମାଣ ପାଇଲେ ବାଚସ୍ପତି ଉକ୍ତ ସାଂସଦ ବା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବେ। ଏହାର ଅର୍ଥ, ଭୋଟରମାନେ ଚୟନ କରିଥିବା ଲୋକଟିକୁ ଦଳ ବିତାଡିତ କରିପାରିବ। ଏ ପରିସ୍ଥିତିରେ ଲୋକର ସ୍ୱାର୍ଥ ବା ଭୋଟରର ଭୂମିକା କିଏ ପଚାରୁଛି? ଦଳପତି ତ ନିଷ୍ପତ୍ତି ନେଉଛନ୍ତି କିଏ ପ୍ରାର୍ଥୀ ହେବ, ପୁଣି ସିଏ ଏମ୍‌ଏଲ୍‌ଏ ବା ଏମ୍‌ପି ପଦରେ ତିଷ୍ଠି ରହିପାରିବ କି ନାହିଁ ତାହା ଦଳପତି ଥୟ କରିବେ: ଏ କି ପ୍ରକାରର ଲୋକ–ପ୍ରତିନିଧି!

୧୯୫୬ର ରିପ୍ରେଜେଣ୍ଟେସନ ଅଫ୍ ପିପୁଲସ୍ ଆକ୍ଟରେ ପଲିଟିକାଲ୍ ପାର୍ଟି ଶବ୍ଦ ବ୍ୟବହାର ହୋଇ ନ ଥିଲା। ୧୯୯୬ର ଆକ୍ଟ ସଂଖ୍ୟା ୨୧ ସ୍ପଷ୍ଟ କରିଦେଲା ଯେ ପ୍ରାର୍ଥୀଟି କୌଣସି ସ୍ୱୀକୃତିପ୍ରାପ୍ତ ଦଳର ନ ହୋଇଥିଲେ, ତା' ନିର୍ବାଚନମଣ୍ଡଳୀର ୧୦ ଜଣ ଭୋଟରଙ୍କୁ ଯୋଗାଡ଼ କରିବାକୁ ପଡ଼ିବ ପ୍ରସ୍ତାବକ ହେବାକୁ। ଅର୍ଥାତ୍ ସେ ନିଜ ବାସସ୍ଥଳୀର ନିର୍ବାଚନମଣ୍ଡଳୀରୁ ହିଁ ପ୍ରାର୍ଥୀ ହୋଇପାରିବ। କିନ୍ତୁ ୧୯୮୯ ଜୁନ୍ ୧୫ରେ ପାର୍ଟ ୪ଏ –ରେଜିଷ୍ଟ୍ରେସନ୍ ଅଫ ପଲିଟିକାଲ୍ ପାର୍ଟିଜ୍– ନାମରେ ଏକ ଅଧ୍ୟାୟ ରିପ୍ରେଜେଣ୍ଟେସନ୍ ଅଫ୍ ପିପୁଲସ୍ ଆକ୍ଟରେ ଯୋଡ଼ାଗଲା, ସେକ୍ସନ୍ ୨୯ଏ ଅନୁଯାୟୀ ନିଜକୁ ପଲିଟିକାଲ୍ ପାର୍ଟି ବୋଲାଉଥିବା ସଂଗଠନ ବା ନାଗରିକମାନଙ୍କ ଯେକୌଣସି ସଂଗଠନ ରାଜନୈତିକ ପାର୍ଟି ହିସାବରେ ଇଲେକ୍ସନ କମିଶନଙ୍କ ନିକଟରେ ରେଜିଷ୍ଟ୍ରି କରିବେ। ୨୦୦୩ର ଆକ୍ଟ ନମ୍ବର ୪୬ ଏହି ଲୋକପ୍ରତିନିଧି ଆଇନରେ ଗୋଟିଏ ସେକ୍ସନ '୨୯ବି' ଭର୍ତ୍ତି କଲା, ଯାହା ଫଳରେ ପ୍ରତି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସାଧାରଣ ଲୋକଙ୍କଠାରୁ ଓ ବେସରକାରୀ କମ୍ପାନୀଙ୍କଠାରୁ ଚାନ୍ଦା ନେଇପାରିବେ।

୪ ବର୍ଷ ଆଗରୁ ୧୯୮୫ରେ ଆଣ୍ଟିଡିଫେକ୍ସନ୍ ଆକ୍ଟ (ଦଳ ବଦଳ ନିରୋଧ ଆଇନ) ପାରିତ ହୋଇଥିଲେ ବି ତାକୁ ସାମ୍ବିଧାନିକ ସ୍ୱୀକୃତି ମିଳି ନ ଥିଲା। ସମ୍ବିଧାନ ୫୨ତମ ସଂଶୋଧନ ଆଇନ ସମ୍ବିଧାନରେ ୧୦ମ ସ୍କେଡୁଲ୍ ଯୋଡ଼ିଦେଲା, ତହିଁରେ ଆର୍ଟିକ୍ଲ ୧୦୨(୨) ଓ ୧୯୧(୨) କହେ ଯେ ସାଂସଦ ଓ ବିଧାୟକ ପଦ ରକ୍ଷା କରିବାକୁ ହେଲେ ରାଜନୈତିକ ଦଳ ପ୍ରତିନିଧିଙ୍କୁ ଦଳରୁ ବିତାଡ଼ିତ କରିବା କଥା ନୁହେଁ। ଏ ଏକ ନୂଆ ଅଯୋଗ୍ୟତା ସର୍ତ୍ତ। ଦଳପତିଙ୍କ କଥାରେ ନ ଚାଲିଲେ ବିଧାୟକ ବା ସାଂସଦ ପଦ ଚାଲିଯାଇପାରେ, 'ଲୋକପ୍ରତିନିଧି' ଶବ୍ଦରୁ 'ଲୋକ' ଉଡ଼ିଗଲା। ୧୯୮୫ ମାର୍ଚ୍ଚରୁ 'ଲୋକ'ପ୍ରତିନିଧି ଆଇନଟା ବସ୍ତୁତଃ 'ରାଜନୈତିକ ଦଳ' ପ୍ରତିନିଧି ଆଇନ ହୋଇଗଲା। ୧୦ମ ସ୍କେଡୁଲ୍‌ଟା ସମ୍ବିଧାନ ଭିତରେ ଏକ ସମ୍ବିଧାନ (ମା' କଙ୍ଗାରୁ ପେଟରେ ପିଲା କଙ୍ଗାରୁ ରହିଲା ଭଳି) ହୋଇରହିଲା। ସମ୍ବିଧାନର ବ୍ୟାଖ୍ୟା ଉପଧାରା (ଇଣ୍ଟରପ୍ରିଟେସନ୍ କ୍ଲଜ୍) ଯଥେଷ୍ଟ ବୋଲି ମନେକରାଗଲା ନାହିଁ, ୧୦ମ ସ୍କେଡୁଲରେ ଏକ ସ୍ୱତନ୍ତ୍ର ବ୍ୟାଖ୍ୟା ଉପଧାରା ବି ରହିଲା। ଲୋକ ପ୍ରତିନିଧି ଆଇନକୁ ୨୦୦୩ର ଆକ୍ଟ ୪୦ ଦ୍ୱାରା ସଂଶୋଧିତ କରାଗଲା, ଲୋକ ସଭା ବା ରାଜ୍ୟ ସଭା ପାଇଁ ପ୍ରାର୍ଥୀର ବାସସ୍ଥାନ 'ରାଜ୍ୟ ବା ୟୁନିୟନ୍ ଟେରିଟୋରୀରେ' ହେବାର ଆବଶ୍ୟକତା ରହିଲା ନାହିଁ, 'ଭାରତରେ' ହୋଇଗଲା। ରାଜ୍ୟର ବିଧାନସଭା ପାଇଁ ପ୍ରାର୍ଥୀ ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ବାସିନ୍ଦା ହେବା ଦରକାର ନାହିଁ, ସେ ରାଜ୍ୟର ଯେ କୌଣସି ନିର୍ବାଚନମଣ୍ଡଳୀର ଭୋଟର୍ ହୋଇଥାଇପାରେ। ଲୋକ ସଭା ବା ରାଜ୍ୟ ସଭାର ସଦସ୍ୟ ହେବାଲାଗି ସମ୍ପୃକ୍ତ ରାଜ୍ୟର ଅଧିବାସୀ ହେବା ଦରକାର ନାହିଁ। ତେଣୁ ରାଜ୍ୟର ବାସିନ୍ଦା ନ ହୋଇ ମଧ୍ୟ ଆଗରୁ ପୁଞ୍ଜି ଓ ଏବେ ବୈଷ୍ଣବ ରାଜ୍ୟ ସଭାରେ ଓଡ଼ିଶାର ପ୍ରତିନିଧି!

ନିର୍ବାଚନ କାହିଁକି ହୁଏ? ଗଣତନ୍ତ୍ରରେ ନିର୍ବାଚିତ ବ୍ୟକ୍ତି ଲୋକଙ୍କ ପାଖରେ ଉତ୍ତରଦାୟୀ, ସେ ଲୋକଙ୍କ ନିକଟକୁ ଯାଇ ଆଉ ଥରେ ପ୍ରତିନିଧିତ୍ୱ କରିବାକୁ ମାଣ୍ଡେଟ୍ (ଆଦେଶ) ମାଗେ, ଜନାଦେଶ ନ ପାଇଲେ ସେ ବିଧାୟକ ବା ସାଂସଦ ପଦବୀରେ ରହିପାରିବେ ନାହିଁ। ସେଇଥିପାଇଁ ତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିର୍ବାଚନ ହୋଇଥାଏ। ମୋଟ ଆସନର ଅଧାରୁ ବେଶି ଆସନ ହାସଲ କରିଥିବା ଦଳର ନେତା ଦେଶର ଶାସନଭାର ସମ୍ଭାଳେ। ତେଣୁ ଦଳର ନେତା ତାଙ୍କ ନିର୍ବାଚନମଣ୍ଡଳୀଟିକୁ ନିଜ ଆୟତ୍ତରେ ରଖିବା ଲାଗି ସେଠାକାର ଲୋକଙ୍କୁ ଖୁସି କରି ରଖୁଥିଲେ। ପରିବର୍ତ୍ତିତ ଆଇନ ଅନୁଯାୟୀ ଦଳର ନେତା ବିଧାନସଭା ପାଇଁ ରାଜ୍ୟର ଯେ କୌଣସି ନିର୍ବାଚନମଣ୍ଡଳୀରୁ, ସଂସଦ ପାଇଁ ଦେଶର ଯେ କୌଣସି ସାଂସଦୀୟ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରିବେ। ଲୋକଙ୍କ ପସନ୍ଦ ଦରକାର ନାହିଁ, ଯେଉଁ ନିର୍ବାଚନମଣ୍ଡଳୀରେ ତାଙ୍କ ଦଳର ସମର୍ଥକଙ୍କ ସଂଖ୍ୟା ବେଶି ଥିବ ବୋଲି ଭାବିବେ ସେଠି ପ୍ରାର୍ଥୀ ହେବେ। 'ଦି ଜଙ୍ଗଲ୍ ବୁକ୍'ର ଲେଖକ କିପ୍ଲିଙ୍ଗ୍‌ଙ୍କ ଭାଷାରେ ଦଳଗତ ଶାସନ କେବଳ 'ଜଙ୍ଗଲ ଆଇନ' ଅନୁସରଣ କରେ। ଗଧିଆ ଦଳରେ ମୁଖ୍ୟ ଜନ୍ତୁଟି – ଆଲ୍‌ଫା ମେଲ୍ ବା ଆଲ୍ଫା ଫିମେଲ୍ – ଅଧୀନରେ ସବୁ ଗଧିଆ କାମ କରନ୍ତି, ସବୁ ଗଧିଆ ମୁଖ୍ୟ ଗଧିଆର ଇଙ୍ଗିତରେ ଚାଲନ୍ତି, ମୁଖ୍ୟ ଗଧିଆର କାରବାର ଦଳର ନୈତିକତା ତିଆରି କରେ। ମଣିଷ ସମାଜରେ କିପ୍ଲିଙ୍ଗ୍‌ଙ୍କ ଉଲ୍ଲିଖିତ ଜଙ୍ଗଲ ଆଇନ କାମ କରୁଛି: ଦଳ ଲୋକଙ୍କଠାରୁ ଊର୍ଦ୍ଧ୍ୱରେ ଓ ଦଳପତି ଦଳଠାରୁ ଊର୍ଦ୍ଧ୍ୱରେ, ତେଣୁ ଦଳପତି ଦେଶର ହର୍ତ୍ତାକର୍ତ୍ତା।

ମନେପକାନ୍ତୁ, ସୁଇଜରଲାଣ୍ଡ ଭଳି ଗଣତନ୍ତ୍ରରେ ଲୋକେ ଚାହିଁଲେ ତାଙ୍କ ପ୍ରତିନିଧିଙ୍କୁ ରିକଲ୍ କରିପାରନ୍ତି, ପ୍ରତ୍ୟାହାର ବା ରିକଲ୍ ହୋଇଥିବା ବ୍ୟକ୍ତି ଆଉଥରେ ନିର୍ବାଚନ ରଣାଙ୍ଗନରେ ଉଭା ହୋଇପାରେ। କିନ୍ତୁ ଆମ ଦେଶରେ ଲୋକେ ନୁହେଁ, ଦଳପତି ହିଁ ପ୍ରତିନିଧିଙ୍କୁ ପ୍ରତ୍ୟାହାର କରିପାରିବେ, ଦଳରୁ ତଡ଼ା ଖାଇଲେ ରାଜନୈତିକ ମୃତ୍ୟୁ ଘଟେ, ଦଳପତି ତ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁ ଆଉ ସୁପାରିସ୍ କରିବେ ନାହିଁ ସେ ପ୍ରାର୍ଥୀ ହେବ କିପରି? ତେଣୁ ବିଧାୟକ ବା ସାଂସଦ ନିର୍ବାଚନମଣ୍ଡଳୀର ଲୋକଙ୍କୁ ନୁହେଁ, ଦଳର ମୁଖ୍ୟଙ୍କୁ ତୋଷାମଦ କରି, ପ୍ରାର୍ଥନା କରି, ସନ୍ତୁଷ୍ଟ କରିବ। ଦଳକୁ ପୂରାପୂରି ନିୟନ୍ତ୍ରଣ କରିରଖିଥିଲେ ବୋଲି ଇନ୍ଦିରା ଗାନ୍ଧୀ ୧୯୭୫ରୁ ୧୯୭୭ ଯାଏ ୧୯ ମାସର ଜରୁରୀ ପରିସ୍ଥିତି ଜାରି କରିପାରିଲେ, ପ୍ରେସିଡେଣ୍ଟ ଫଖ୍ରୁଦ୍ଦିନ୍ ଅଲି ଅହମ୍ମଦ ବି ରାଜି ହୋଇବାକୁ ବାଧ୍ୟ ଥିଲେ, କାରଣ ଗାନ୍ଧୀଙ୍କ ପରିଚାଳିତ ସାଂସଦମାନେ ସମ୍ବିଧାନ ସଂଶୋଧନ କରି ମନ୍ତ୍ରିମଣ୍ଡଳର ସୁପାରିସ୍‌କୁ ରାଷ୍ଟ୍ରପତି ଗ୍ରହଣ କରିବାକୁ ବାଧ୍ୟ ବୋଲି ସମ୍ବିଧାନରେ ଲେଖାଇନେଇଥିଲେ। ଏପରି କଥା ଘଟିଲା ଯେତେବେଳେ ଏମ୍‌ପିମାନେ ଲୋକପ୍ରତିନିଧି ଥିଲେ, କିନ୍ତୁ ଏବେ ତ ସେମାନେ ଦଳ–ପ୍ରତିନିଧି। ଆମ ଦେଶ ଫାସିଷ୍ଟ ଷ୍ଟେଟ୍‌ର ବହୁତ ପାଖାପାଖି। ଗୋଡ଼ାଣିଆ ସଂଖ୍ୟାଗରିଷ୍ଠତା ଥିଲେ ଶକ୍ତିଶାଳୀ ନେତାଙ୍କ ହେର୍‌ଫେର୍ ଫଳରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା (ଇଣ୍ଟରନାଲ୍ ଡିଷ୍ଟର୍‌ବାନ୍ସ) ସୃଷ୍ଟି ହୋଇପାରେ, ଆର୍ଟିକ୍ଲ ୩୫୨ ଅଧୀନରେ ଜରୁରୀ ପରିସ୍ଥିତି ଘୋଷଣା କରିବା ଲାଗି ତାକୁ କାରଣ ଦର୍ଶାଇବା ସମ୍ଭବ।

sahadevas@yahoo.com

# ସଙ୍କଟରେ ଗଣମାଧ୍ୟମ



ରବିନାରାୟଣ ସାମଲ

ଦେଶର ଗଣମାଧ୍ୟମ ବର୍ତ୍ତମାନ ଦୁଇଟି ଶିବିରରେ ବିଭକ୍ତ ହେବା ଲକ୍ଷ୍ୟ କରାଯାଉଛି। ଗୋଟିଏ ହେଉଛି ସରକାରୀ ଶିବିର, ଅନ୍ୟଟି ବିରୋଧୀ ଶିବିର। ସରକାରୀ ଶିବିରର ଗଣମାଧ୍ୟମଗୁଡ଼ିକ ସରକାରଙ୍କ ସ୍ତାବକ ପାଲଟି ଥିବା ସ୍ଥଳେ ବିରୋଧୀ ଶିବିରର ଗଣମାଧ୍ୟମଗୁଡ଼ିକ ସରକାରଙ୍କ ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣୁଛନ୍ତି। ସରକାରୀ ଶିବିରର ଗଣମାଧ୍ୟମଗୁଡ଼ିକ ସରକାରଙ୍କ ଗେହ୍ଲା ପୁଅ ହୋଇଥିବା ବେଳେ ବିରୋଧୀ ଗଣମାଧ୍ୟମଗୁଡ଼ିକ ସାବତ ପୁଅ ସ୍ଥିତିରେ ରହିଛନ୍ତି। ଏଗୁଡ଼ିକ ଶାସକ ଗୋଷ୍ଠୀର କୋପ ଦୃଷ୍ଟିର ଶିକାର ହେଉଥିବା ଲକ୍ଷ୍ୟ କରାଯାଉଛି।

ଉତ୍ତରପ୍ରଦେଶର ଗାଜିଆବାଦରେ ୪ ଜଣ ବ୍ୟକ୍ତି ଅବଦୁଲ ସମାଦଙ୍କୁ ମାଡ଼ମାରି ତାଙ୍କ ଦାଢ଼ି କାଟିଦେବା ସହ 'ଜୟ ଶ୍ରୀରାମ' କହିବାକୁ ତାଙ୍କୁ ବାଧ୍ୟ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ସମେତ ୩ ଜଣ ସାମ୍ବାଦିକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହା ବ୍ୟତୀତ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନର ବିବରଣୀ ସୋସିଆଲ ମିଡିଆରେ ପ୍ରସାରଣ ଓ ଶେୟାର ଅଭିଯୋଗରେ ୮ଜଣ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ପରିବେଶବିତ୍ ଗ୍ରେଟା ଥନ୍‌ବର୍ଗ କୃଷକ ଆନ୍ଦୋଳନକୁ ସମର୍ଥନ କରି ସାମାଜିକ ଗଣମାଧ୍ୟମରେ ଏକ ଟୁଲ୍‌କିଟ୍ ଉପସ୍ଥାପନ କରିଥିଲେ। 'ଫ୍ରାଇଡେଜ୍ ଫର୍ ଫ୍ୟୁଚର୍ ଇନ୍ ଇଣ୍ଡିଆ'ର ପ୍ରତିଷ୍ଠାତା ବେଙ୍ଗାଲୁରୁର ଦିଶା ରବି ଏହାକୁ ଶେୟାର କରିବାରୁ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରି ଦେଶଦ୍ରୋହ ମାମଲାରେ ଜେଲକୁ ପଠାଇ ଦେଲା। ସେତେବେଳେ ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା।

ଖ୍ୟାତନାମା ସାମ୍ବାଦିକ ପଦ୍ମଶ୍ରୀ ବିନୋଦ ଗୁହା ପ୍ରଧାନମନ୍ତ୍ରୀଙ୍କ ଭୋଟ ପ୍ରଚାର ଶୈଳୀକୁ ୟୁଟ୍ୟୁବ୍‌ରେ ସମାଲୋଚନା କରିଥିଲେ। ତାଙ୍କ ନାଆଁରେ ମଧ୍ୟ ଦେଶଦ୍ରୋହ ମାମଲା ରୁଜୁ ହେଲା। ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ମାମଲାଟିକୁ ଖାରଜ କରିଦେଲେ। ଆନ୍ଧ୍ରପ୍ରଦେଶର ଦୁଇଟି ଟିଭି ଚ୍ୟାନେଲ୍ ୱାଇଏସ୍‌ଆର୍ କଂଗ୍ରେସର ଜଣେ ସାଂସଦଙ୍କ ବିବୃତିକୁ ପ୍ରସାରଣ କରିବାରୁ ସେଗୁଡ଼ିକ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ଏହା ଗଣମାଧ୍ୟମ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ଟିପ୍ପଣି ଦେଇ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଲେ। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର କେତେଜଣ ବିଧାୟକ ଲାଞ୍ଚ ନେବା ସମୟରେ ଷ୍ଟିଙ୍ଗ୍ ଅପରେସନ ହୋଇଥିଲା। ଏହି ଷ୍ଟିଙ୍ଗ୍ ଅପରେସନ୍ କରିଥିବା ସାମ୍ବାଦିକଙ୍କୁ ପଶ୍ଚିମବଙ୍ଗ ପୋଲିସ ଗିରଫ କରିଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଫଳରେ ସେ ମୁକ୍ତ ହୋଇଥିଲେ।

କୋଭିଡ୍ ପରିଚାଳନାରେ କେନ୍ଦ୍ର ସରକାର ଅସଫଳ ହୋଇଛନ୍ତି। ଏକଥା ଯେ କେହି ସ୍ୱୀକାର କରିବେ। କିନ୍ତୁ ସୋସିଆଲ ମିଡିଆରେ ତତ୍ ସମ୍ପର୍କରେ କିଛି ତଥ୍ୟ ବା ମତାମତ ପ୍ରକାଶ ପାଇଲେ କେନ୍ଦ୍ର ସରକାର ପ୍ରତିକ୍ରିୟାଶୀଳ ହୋଇପଡୁଥିବା ଲକ୍ଷ୍ୟ କରାଯାଉଛି। ପୋଷ୍ଟିଂ କର୍ତ୍ତାଙ୍କ ବିରୋଧରେ ମାମଲା ଦାଏର କରିବାକୁ ଗତ ଏପ୍ରିଲ ୨୯ରେ କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଲେ। କିନ୍ତୁ ଏହାର ଠିକ୍ ପରଦିନ ଏଥିରେ ହସ୍ତକ୍ଷେପ କରି ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ବାକ୍ ସ୍ୱାଧୀନତାର ପରିପନ୍ଥୀ ବୋଲି କହିଲେ ଏବଂ ଏଥିପାଇଁ କାହାକୁ ଗିରଫ କଲେ ତାହାକୁ ଅଦାଲତ ଅବମାନନା ରୂପେ ଗ୍ରହଣ କରାଯିବ ବୋଲି ସବୁ ରାଜ୍ୟର ପୋଲିସ ମୁଖ୍ୟଙ୍କୁ ସତର୍କବାଣୀ ଶୁଣାଇ ଥିଲେ। କୋଭିଡ୍‌–୧୯ ସମ୍ପର୍କରେ ରିପୋର୍ଟିଂ କରି ଗତ ବର୍ଷ ୨୫ ମାର୍ଚ୍ଚ–୩୧ ମଇ ମଧ୍ୟରେ ୫୫ ଜଣ ସାମ୍ବାଦିକ ହିଂସା, ଧମକ, ନିର୍ଯାତନା, ଗିରଫ କିମ୍ବା କୈଫିୟତ୍ ତଲବର ଶିକାର ହୋଇଛନ୍ତି। ଭାଜପା ଶାସିତ ରାଜ୍ୟରେ ଗିରଫଦାରି ଅଧିକ ହେବା ସହିତ ସେମାନଙ୍କ ବିରୋଧରେ ମାନହାନି ମକଦ୍ଦମା ମଧ୍ୟ ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ନରେନ୍ଦ୍ର ମୋଦିଙ୍କ ୭ ବର୍ଷର ଶାସନକାଳ (୨୦୧୪–୨୦୨୦) ମଧ୍ୟରେ ୨୦୦ ଜଣ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇଛି ଏବଂ ୪୦ ଜଣଙ୍କୁ ହତ୍ୟା କରାଯାଇଛି। ଦୁର୍ଭାଗ୍ୟର କଥା ଯେ ଏହି ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫ୍ରିଡମ୍ ହାଉସ୍ ନାମକ ଏକ ସଂସ୍ଥା ଏହି ତଥ୍ୟ ପ୍ରକାଶ କରିଛି। କେବଳ ସାମ୍ବାଦିକ ନୁହନ୍ତି, ସରକାରଙ୍କୁ ସମାଲୋଚନା କରିଥିବା ୪୦୫ ଜଣ ଲେଖକ ଓ ବୁଦ୍ଧିଜୀବୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ବି ରୁଜୁ ହୋଇଛି। ବିଚାରାଧୀନ ଅବସ୍ଥାରେ ଜେଲରେ ଥିବା ଲେଖକ ତଥା ସାମାଜିକ କର୍ମୀ ଫାଦର୍ ଷ୍ଟାନ୍ ସ୍ୱାମୀଙ୍କର ଦୁଃଖଦ ଦେହାନ୍ତ ଘଟିଛି। ବିଶ୍ୱରେ ସାମ୍ବାଦିକଙ୍କ ପାଇଁ ବିପଜ୍ଜନକ ଦେଶ ମଧ୍ୟରୁ ଭାରତ ଅନ୍ୟତମ ଏବଂ ୧୮୦ଟି ଦେଶ ମଧ୍ୟରେ ଏହାର ସ୍ଥାନ ୧୪୨ ବୋଲି ରିପୋର୍ଟର୍ସ୍ ୱିଦାଉଟ୍ ବର୍ଡରସ୍ ତା'ର ସମୀକ୍ଷାରେ ପ୍ରକାଶ କରିଛି।

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହି ସ୍ତମ୍ଭ ଉପରେ ଆକ୍ରମଣ ହେଲେ ଗଣତନ୍ତ୍ର ନିଶ୍ଚୟ ଦୁର୍ବଳ ହୋଇପଡ଼ିବ। ସରକାରଙ୍କ ନୂଆ ସୂଚନା ପ୍ରଯୁକ୍ତି ଆଇନ୍‌–୨୦୨୦ରେ ସୋସିଆଲ ମିଡିଆ, ଓଭର ଦି ଟପ୍, ଡିଜିଟାଲ ମିଡିଆ ୱେବ୍‌ସାଇଟ୍ ଉପରେ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଗଣମାଧ୍ୟମର ସ୍ୱାଧୀନତାକୁ କ୍ଷୁଣ୍ଣ କରୁଛି। ଏହା ମଧ୍ୟ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁଛି ବୋଲି ଜାତିସଂଘ ମନ୍ତବ୍ୟ ଦେଇ ଏହାକୁ ପ୍ରତ୍ୟାହାର କରି ନେବାକୁ ଭାରତ ସରକାରଙ୍କୁ ପରାମର୍ଶ ଦେଇଛି। କିନ୍ତୁ ସରକାରଙ୍କର ଏଥି ପ୍ରତି ଭ୍ରୂକ୍ଷେପ ନାହିଁ। ସରକାର ବ୍ରିଟିଶ୍ ଅମଳର ଦେଶଦ୍ରୋହ ଦଫାକୁ କଥା କଥାକେ ଲାଗୁ କରିଦେଉଛନ୍ତି। ସରକାରୀ ଶିବିରରେ ଥିବା ମିଡିଆଗୁଡ଼ିକ ବର୍ତ୍ତମାନ ନୀରବ ଦର୍ଶକ ସାଜିଛନ୍ତି। ଏହା ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ଭଳି ପରିସ୍ଥିତି ସୃଷ୍ଟି କରିଛି। ଗଣତନ୍ତ୍ର ପାଇଁ ଏହା ବିପଜ୍ଜନକ ଅବସ୍ଥା ରୂପେ ଉଭା ହୋଇଛି।

ଏଭଳି ପରିସ୍ଥିତିରେ ଗଣତନ୍ତ୍ରପ୍ରେମୀ ବ୍ୟକ୍ତିବିଶେଷଙ୍କର ଦାୟିତ୍ୱ ବଢ଼ିଯାଇଛି। ସେମାନଙ୍କ ସମ୍ମିଳିତ ସ୍ୱର ହିଁ ଦେଶକୁ ଏହି ସଙ୍ଗିନ ପରିସ୍ଥିତିରୁ ଉଦ୍ଧାର କରିପାରିବ, ଅନ୍ୟ ରାସ୍ତା ନାହିଁ।

ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

କୃଷ୍ଣ ମୁରାରୀ ଯାଦବ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ଲୋକମାନଙ୍କୁ ତଥ୍ୟ ହାସଲ କରିବାରେ ଯେଭଳି ସାହାଯ୍ୟ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଭିନ୍ନ। ଏଥିପାଇଁ ସେ ଉତ୍ତରପ୍ରଦେଶର କାନପୁରର ଆଖପାଖ କେତେକ ଗାଁରେ ଚା'ଦୋକାନରେ ଆର୍‌ଟିଆଇ ଚା ଷ୍ଟଲ୍ ଚଳାଉଛନ୍ତି। ସେ ୨୦୧୩ରୁ ଏଭଳି ଷ୍ଟଲ୍ ଆରମ୍ଭ କରି ଲୋକମାନଙ୍କୁ ଆର୍‌ଟିଆଇ ସମ୍ପର୍କରେ ସଚେତନ କରିବା ସହ ଏହା ଫାଇଲ୍ କରିବାରେ ସାହାଯ୍ୟ କରୁଛନ୍ତି। ପ୍ରଥମେ ଚୌବେପୁର ଗାଁରେ ଥିବା ଏକ ଚା' ଷ୍ଟଲ୍‌ରୁ କୃଷ୍ଣ ଅଭିଯାନ ଆରମ୍ଭ କରିଥିଲେ ଓ ବର୍ତ୍ତମାନ ଆଉ ୪ଟି ଗାଁରେ ଏଭଳି ଷ୍ଟଲ୍ ଖୋଲିସାରିଲେଣି। ୩୬ ବର୍ଷୀୟ କେଏମ୍ ଏବେ ସୁଦ୍ଧା ୫,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାହାଯ୍ୟ କରି ସାରିଲେଣି। ଏଥିପାଇଁ ଲୋକମାନେ ତାଙ୍କୁ ଶ୍ରଦ୍ଧାରେ କେଏମ୍ ଭାଇ ବୋଲି ସମ୍ବୋଧନ କରୁଛନ୍ତି। ଆରମ୍ଭରୁ ସେ ଗାଁରୁ ଗାଁକୁ ଚାଲିଚାଲି ଯାଇ ଆରଟିଆଇ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କିନ୍ତୁ ଏଥିରେ ଲୋକଙ୍କ ପ୍ରତିକ୍ରିୟା ଭଲ ନ ମିଳିବାରୁ ସେ ଏଭଳି ଷ୍ଟଲ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଷ୍ଟଲ୍‌କୁ ଯେ କେହି ଆସି ଚା' ପିଇବା ସହ ଆର୍‌ଟିଆଇ ସମ୍ପର୍କରେ ସୂଚନା ପାଇପାରୁଛନ୍ତି। କାନପୁର ବାହାରୁ ବି ଲୋକମାନେ ତାଙ୍କ ସହାୟତା ପାଇବା ପାଇଁ ଆସୁଛନ୍ତି। ବିଭିନ୍ନ ସ୍ଥାନରେ ଆର୍‌ଟିଆଇ ସମ୍ପର୍କରେ ସହଯୋଗ କରିବା ଲାଗି କେଏମ୍ ମଧ୍ୟ ୧୦୦୦ ଯୁବକଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇ ସାରିଲେଣି। ଉକ୍ତ ଅଭିଯାନ ପାଇଁ ତାଙ୍କୁ ବହୁବାର ଆକ୍ରମଣର ଶିକାର ହେବାକୁ ପଡ଼ିଛି, ହେଲେ ସେ ପଛକୁ ହଟି ନାହାନ୍ତି।

## ଚିରନ୍ତନୀ

ଭୁଲିବାକୁ ମୋତେ କରିଥିଲୁ ଅଭିଳାଷ
ଲୋଡ଼ିଥିଲୁ କେତେ ଅଖଣ୍ଡ ଅବକାଶ,
ଛାଡ଼ି ଏ ଧରଣୀ ଆକାଶ ବିହାର ଲାଗି
ସ୍ୱପନ ମଦିରା ପାନେ ହେଲୁ ଅନୁରାଗୀ।
–(ଜୀବନର ସ୍ପର୍ଶ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | | 9 | 4 | | | | |
| | | 6 | 7 | | | 9 | | |
| | 4 | | 5 | | | | | |
| | 1 | | | | | | 2 | 4 |
| | | | | 7 | | | | 6 |
| | | 5 | | | | | | 1 |
| | 5 | | | | | | 7 | 8 |
| 8 | 2 | | | 3 | | 1 | | |
| 9 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 5 | 2 | 6 | 9 | 1 | 8 |
| 8 | 9 | 1 | 3 | 4 | 7 | 2 | 5 | 6 |
| 6 | 2 | 5 | 8 | 1 | 9 | 3 | 4 | 7 |
| 3 | 5 | 6 | 2 | 9 | 8 | 4 | 7 | 1 |
| 9 | 1 | 8 | 6 | 7 | 4 | 5 | 2 | 3 |
| 7 | 4 | 2 | 1 | 3 | 5 | 6 | 8 | 9 |
| 1 | 6 | 3 | 7 | 5 | 2 | 8 | 9 | 4 |
| 5 | 7 | 4 | 9 | 8 | 3 | 1 | 6 | 2 |
| 2 | 8 | 9 | 4 | 6 | 1 | 7 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭଲ ଅଛି, ଖରାପ ଅଛି

ମହାଶୟ,

ରେଡିଓକୁ ନବେ ଦଶକରେ ଡିଡି ୱାନ ପଛକୁ ଠେଲିବା ଆରମ୍ଭ କରିଥିଲା। ଇଣ୍ଟରନେଟ ବର୍ତ୍ତମାନ କେବୁଲ ଟିଭିକୁ ଠେଲିବା ଆରମ୍ଭ କରିଛି। ଏବେ କାର୍ଯ୍ୟବ୍ୟସ୍ତତା ଯୋଗୁ ଅନେକଙ୍କୁ ଟିଭି ଦେଖିବାକୁ ସମୟ ଅଣ୍ଟୁନି। ଫେସବୁକର ଚାହିଦା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଯୁବପିଢ଼ି ଭୁଲ୍ ବାଟରେ ଯାଇ ନିଜର ସର୍ବନାଶ କରୁଛନ୍ତି। ଯୋଗାଯୋଗର ଅପୂର୍ବ ସୁଯୋଗ ମିଳିଯିବା ଯୋଗୁ ସେମାନେ ଅବାଟରେ ଯାଉଛନ୍ତି। ଏବେ ସେଲ୍‌ଫି ନେବା ସମୟରେ ଅସାବଧାନତା ପାଇଁ ବିଶ୍ୱରେ ସର୍ବାଧିକ ଲୋକ ଭାରତବର୍ଷରେ ମୃତ୍ୟୁବରଣ କରୁଛନ୍ତି। ବହୁ ସମୟରେ ସାଇବର ଠକ ନିଜକୁ ବ୍ୟାଙ୍କ କର୍ମଚାରୀର ପରିଚୟ ଦେଇ ଫୋନ ମାଧ୍ୟମରେ ଲୋକଙ୍କଠାରୁ ବ୍ୟାଙ୍କ ଜମାଜନିତ ଗୁପ୍ତ ତଥ୍ୟ ହାସଲ କରିନେଉଛନ୍ତି। ପରେ କରି ନିମିଷକ ମଧ୍ୟରେ ଗଚ୍ଛିତ ଧନ ଚଳୁ କରି ନେଉଛନ୍ତି। ଏ ସବୁ ଦିଗପ୍ରତି ସମସ୍ତେ ସଚେତନ ରହିବା ସାଂପ୍ରତିକ ଯୁଗରେ ଅତ୍ୟନ୍ତ ଜରୁରୀ। ପିଲାଙ୍କ ହାତରେ ମୋବାଇଲ ଫୋନ ପହଞ୍ଚିଲେ ପିଲା ଖରାପ ହୋଇଯିବା ଆଶଙ୍କା କରିବା ଭୁଲ୍ କଥା। ପିଲା କିପରି କମ୍ ସମୟ ମୋବାଇଲ ବ୍ୟବହାର କରିବ ଓ ସେଥିରୁ ଭଲ କଥା ଶିଖିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖୋଲିଲା ବୈଷୟିକ ଶିକ୍ଷାନୁଷ୍ଠାନ



କଟକ ଅଫିସ,୯।୮

**ଖପୁରିଆ ଆଇଟିଆଇରେ ୩୯ % ଉପସ୍ଥାନ**

କରୋନା ଦ୍ୱିତୀୟ ଲହର କାରଣରୁ ଦୀର୍ଘ ୫ମାସ ଧରି ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ତେବେ ସୋମବାରଠାରୁ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଖୋଲିଛି। କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ମଧ୍ୟ ସୋମବାରଠାରୁ ଖୋଲିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ, କେବଳ ଶେଷବର୍ଷ ଛାତ୍ରୀଛାତ୍ର ଆସିଥିଲେ। ପ୍ରଥମ ଦିନରେ ୩୯ ପ୍ରତିଶତ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରହିଥିଲା ବୋଲି ପ୍ରିନ୍ସିପାଲ ହୃଷିକେଶ ମହାନ୍ତି କହିଛନ୍ତି। ସେହିପରି ଦୁଇଟି ପର୍ଯ୍ୟାୟରେ କ୍ଲାସ ହେବ। ପ୍ରଥମ ପର୍ଯ୍ୟାୟରେ ସକାଳ ୬ରୁ ଅପରାହ୍ନ ୧.୩୦ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପୂର୍ବାହ୍ନ ୯.୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କ୍ଲାସ ହେବ। ଛାତ୍ରୀଛାତ୍ରମାନେ ପୂର୍ବ ପରି ଶ୍ରେଣୀଗୃହରେ ବସି ପାଠ ପଢ଼ିବା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷାଦାନ ପୂର୍ବରୁ ଶ୍ରେଣୀଗୃହ, ଲାବୋରେଟରି, ହଷ୍ଟେଲଗୁଡ଼ିକୁ ବିଶୋଧନ କରାଯାଇଥିଲା। ସେହିପରି ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର କ୍ୟାମ୍ପସରେ ହାତ ସାନିଟାଇଜ୍ କରିବାର ବ୍ୟବସ୍ଥା କରାଯାଇଛି। କ୍ଲାସ୍‌ରୁମ୍, ଲାଇବ୍ରେରି, ଲାବରେଟୋରିରେ ୬ଫୁଟ୍‌ର ସାମାଜିକ ଦୂରତା ରକ୍ଷା ଉପରେ ପ୍ରାଥମିକତା ଦିଆଯାଉଛି। କ୍ୟାମ୍ପସରେ ଛେପ ପକାଇବା ଉପରେ କଟକଣା ଲାଗୁ ହୋଇଛି । ଦୀର୍ଘଦିନ ପରେ ଶ୍ରେଣୀଗୃହରେ ପାଠ ପଢ଼ିବା ଆରମ୍ଭ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ସିବିଆଇ ଦ୍ୱାରା ତଦନ୍ତ ହେଉ

ବିଞ୍ଝାରପୁର,୯।୮(ଡି.ଏନ.ଏ.)

**ପିହୁ ନିଖୋଜ ଘଟଣା**

- ବର୍ଷେ ବିତିଲା, ପୋଲିସ ଓ କ୍ରାଇମବ୍ରାଞ୍ଚ ହାତ ଖାଲି
- କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ପିହୁଙ୍କ ମା' ମୋନାଲିସା

ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ରଥସାହି ଗ୍ରାମର ୨ ବର୍ଷୀୟା ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ ଓରଫ୍ ପିହୁ ନିଖୋଜ ଘଟଣାକୁ ଏହା ମଧ୍ୟରେ ୧ ବର୍ଷ ବିତିଯାଇଛି। ହେଲେ ଏ ପର୍ଯ୍ୟନ୍ତ ପୋଲିସ ଓ କ୍ରାଇମବ୍ରାଞ୍ଚ୍ ପିହୁଙ୍କ ପତ୍ତା ପାଇପାରିନାହାନ୍ତି। ପ୍ରଥମେ ବିଞ୍ଝାରପୁର ପୋଲିସ ପିହୁଙ୍କୁ ଖୋଜିବା ଆରମ୍ଭ କରିଥିଲା। ଯାଜପୁର ତତ୍କାଳୀନ ଏସ୍‌ପି ଚରଣ ସିଂ ମୀନାଙ୍କ ହସ୍ତକ୍ଷେପରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ୫ଟି ଟିମ୍ ଗଠନ କରାଯାଇଥିଲା। ଏସ୍‌ପି ମୀନାଙ୍କ ତତ୍ତ୍ୱାଧାନରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ହେଲେ ପିହୁଙ୍କୁ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଥିଲା। ଏସ୍‌ପି ମୀନାଙ୍କ ବଦଳି ପରେ ଏସ୍‌ପି ରାହୁଲ ପି.ଆର୍ ଯୋଗ ଦେଇଥିଲେ। ନୂଆ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ପୋଲିସ ରଥସାହି ଗାଁରେ ଥିବା ୨ଟି ପୋଖରୀ ଶୁଖାଇ ପିହୁଙ୍କୁ ଖୋଜିଥିଲା। ସେହିପରି ଗାଁରେ ପିହୁ ନିଖୋଜ ପୋଷ୍ଟର ଲଗାଇଥିଲା ଏବଂ ପିହୁ ସମ୍ପର୍କରେ ସୂଚନା ଦେଲେ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲା। ଅନ୍ୟପଟେ ପିହୁଙ୍କ ପରିବାର ବିଞ୍ଝାରପୁର ଥାନାଠାରୁ ଆରମ୍ଭକରି ଏସ୍‌ପି, ଯାଜପୁର ଜିଲାପାଳ, ଜିଲା ଶିଶୁ ସୁରକ୍ଷା କମିଟି, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଭେଟିଥିଲେ। ପୋଲିସ ପ୍ରଶାସନର ବିଫଳତାକୁ ଦେଖି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ପିହୁଙ୍କ ମା' ମୋନାଲିସା ନାୟକ ଦାବି କରିଥିଲେ। ପରେ ମାମଲାକୁ କ୍ରାଇମବ୍ରାଞ୍ଚ ଗ୍ରହଣ କରିଥିଲା। ହେଲେ ପିହୁ ନିଖୋଜ ଘଟଣାକୁ ଅଗଷ୍ଟ ୯କୁ ୧ବର୍ଷ ପୂରିଥିଲେ ମଧ୍ୟ ପୋଲିସ ଓ କ୍ରାଇମବ୍ରାଞ୍ଚ ହାତ ଖାଲିଥିବାରୁ ସାଧାରଣରେ ଉଭୟ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଓ କ୍ରାଇମବ୍ରାଞ୍ଚ ଉପରୁ ବିଶ୍ୱାସ ହରାଇଥିବା ପିହୁଙ୍କ ମା' ମୋନାଲିସା ଖୁବ୍‌ଶୀଘ୍ର କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଭେଟି ନିଖୋଜ ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରିବେ ବୋଲି କହିଛନ୍ତି।

# ନୀରବଙ୍କ ପ୍ରତ୍ୟର୍ପଣରେ ବିଳମ୍ବ

ନୂଆଦିଲ୍ଲୀ, ୯।୮



**ମାନସିକ ସ୍ୱାସ୍ଥ୍ୟ ଆଧାରରେ ଅପିଲ ଲାଗି କୋର୍ଟଙ୍କ ମଞ୍ଜୁରୀ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ବୃହତ୍ ଋଣ ଠକେଇରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ଭାରତ ପ୍ରତ୍ୟର୍ପଣ ବିଳମ୍ବ ହେଉଛି। ଏହି ପ୍ରକ୍ରିୟା ଆହୁରି ବିଳମ୍ବ ହେବ ବୋଲି କୁହାଯାଉଛି। ବ୍ରିଟେନ ହାଇକୋର୍ଟ ନୀରବଙ୍କୁ ମାନସିକ ସ୍ୱାସ୍ଥ୍ୟ ଆଧାରରେ ଆବେଦନ କରିବାକୁ ମଞ୍ଜୁରୀ ଦେଇଛନ୍ତି। ଲଣ୍ଡନର ମାଜିଷ୍ଟ୍ରେଟ କୋର୍ଟ ନୀରବଙ୍କ ଭାରତ ପ୍ରତ୍ୟର୍ପଣ ନିଷ୍ପତ୍ତି ବିରୋଧରେ ଅପିଲ କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି। ମାନସିକ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ଭଳି ପ୍ରସଙ୍ଗକୁ ବିଚାରକରି ନୀରବଙ୍କୁ କୋର୍ଟ ଏଭଳି ଆଶ୍ୱସ୍ତି ଦେଇଛନ୍ତି। ଲଣ୍ଡନ ହାଇକୋର୍ଟରେ ବିଚାରପତି ମାର୍ଟିନ ଚ୍ୟାମ୍ପରଲିନ କୋଭିଡ୍ ନିୟମକୁ ନଜରରେ ରଖି ଭର୍ଚୁଆଲ ଭାବେ ଶୁଣାଣି କରିଛନ୍ତି। ନୀରବଙ୍କ ଓକିଲ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଛନ୍ତି। ନୀରବଙ୍କ ଆତ୍ମହତ୍ୟା ଭଳି କଥା ମଧ୍ୟ ସେ କହିଛନ୍ତି।

ନୀରବଙ୍କ ଆତ୍ମହତ୍ୟା ପ୍ରୟାସକୁ ରୋକିବା ପାଇଁ ମୁମ୍ବାଇ ଆର୍ଥର ରୋଡ୍ ଜେଲରେ ପର୍ଯ୍ୟାପ୍ତ ସୁବିଧା ନେଇ କୋର୍ଟରେ ଶୁଣାଣି ହେବା ଆବଶ୍ୟକ ବୋଲି ଓକିଲ କହିଛନ୍ତି। ନୀରବ ଭାରତ ଆସିଲେ ଏହି ଜେଲରେ ରହିବେ ବୋଲି ଆଲୋଚନା ହେଉଛି। ଲଣ୍ଡନର ମାଜିଷ୍ଟ୍ରେଟ କୋର୍ଟ ଚଳିତ ବର୍ଷ ଫେବୃୟାରୀରେ ନୀରବଙ୍କ ଭାରତ ପ୍ରତ୍ୟର୍ପଣକୁ ମଞ୍ଜୁରୀ ଦେଇଥିଲେ। ଏପ୍ରିଲରେ ବ୍ରିଟେନ ସରକାର ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ଏହାକୁ ନେଇ ବ୍ରିଟେନ ହାଇକୋର୍ଟରେ ଅପିଲ କରିବା ନେଇ ନୀରବଙ୍କ ନିକଟରେ ବିକଳ୍ପ ରହିଥିଲା। ମୋଦିଙ୍କ ଅପିଲ ପରେ ହାଇକୋର୍ଟ ମାଜିଷ୍ଟ୍ରେଟ କୋର୍ଟଙ୍କ ନିଷ୍ପତ୍ତି ଉପରେ ଅପିଲ କରିବାକୁ ମଞ୍ଜୁରୀ ଦେଇଛନ୍ତି। ବ୍ରିଟେନ ଆଇନ ଅନୁସାରେ କୌଣସି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ଲାଗି ପ୍ରଥମେ ସମ୍ବନ୍ଧିତ କୋର୍ଟର ଅନୁମତି ନେବାକୁ ପଡ଼ିବ। ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ଲାଗି ପର୍ଯ୍ୟାପ୍ତ କାରଣ ରହିଛି କି ନାହିଁ ତାହା କୋର୍ଟ ବିଚାର କରିଥାନ୍ତି।

# ୩ ନାବାଳକଙ୍କୁ ପୋଲିସ ଧରିନେବାବେଳେ ଉତ୍ତେଜନା

କାଳିଆପାଣି,୯।୮(ଡି.ଏନ.ଏ.)

**ମହିଳାଙ୍କୁ ବଳାତ୍କାର ମାମଲା**

ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ କାଳିଆପାଣି ଥାନା ପୋଲିସ ରବିବାର ୩ଜଣ ନାବାଳକଙ୍କୁ ଅଟକ ରଖିଥିଲା। ସୋମବାର ସେମାନଙ୍କୁ ପୋଲିସ ଯାଜପୁର ଜୁଭେନାଇଲ ଜଷ୍ଟିସ୍ ହୋମ୍‌କୁ ହଜାର କରିବାକୁ ନେଉଥିଲା। ଏହି ସମୟରେ ସ୍ଥାନୀୟ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ନାବାଳକମାନେ ବଳାତ୍କାର କରିନାହାନ୍ତି। ସେମାନଙ୍କୁ ପୋଲିସ ଅଯଥାରେ ଦୋଷୀ ସଜାଇଥିବା ଗ୍ରାମବାସୀ କହିବା ସହ ପୋଲିସ ଗାଡ଼ିକୁ ଅଟକାଇଥିଲେ, ଯାହାକୁ ନେଇ ପୋଲିସ କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପ୍ରାୟ ଏକ ଘଣ୍ଟା କାଳ କାଳିଆପାଣି–ମଙ୍ଗଳପୁର ରାସ୍ତାର ଗରାମିଆଁଠାରେ ପୋଲିସ ଗାଡ଼ି ଅଟକି ରହିଥିଲା। ଘଣ୍ଟାଏ ପରେ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଗ୍ରାମବାସୀ ପୋଲିସ ଗାଡ଼ିକୁ ଛାଡ଼ିଥିଲେ। ପୋଲିସ ସମ୍ପୃକ୍ତ ନାବାଳକମାନଙ୍କୁ ଜୁଭେନାଇଲ ଜଷ୍ଟିସ୍ ହୋମ୍‌ରେ ହାଜର କରିବା ପରେ ସେମାନଙ୍କୁ ଅନୁଗୋଳସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ଗରାମିଆଁ ଅଞ୍ଚଳର ଜଣେ ମହିଳାଙ୍କୁ ସମ୍ପୃକ୍ତ ୩ ନାବାଳକ ବଳାତ୍କାର କରିଥିବା ନେଇ ଶନିବାର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୭୯।୨୧) ରୁଜୁ କରିବା ସହ ନାବାଳକମାନଙ୍କୁ ଅଟକ ରଖିଥିଲା।

# ବନ୍ଧୁକ ଦେଖାଇ ୩ ଲକ୍ଷ ୬୦ ହଜାର ଲୁଟ୍

କଳିଙ୍ଗନଗର,୯।୮(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଥାନା ଅଧୀନ ବଙ୍ଗଳା ଛକରେ ଥିବା ସସ୍ମିତା ପେଟ୍ରୋଲ ପମ୍ପର ମ୍ୟାନେଜରଙ୍କଠାରୁ ୩ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଛି। ସୋମବାର ପେଟ୍ରୋଲ୍ ପମ୍ପ ମ୍ୟାନେଜର କ୍ଷେତ୍ରବାସୀ ମୁଦୁଲି ଓ କର୍ମଚାରୀ ଦିଲୀପ ବିନ୍ଧାଣି ବାଇକ୍ ଯୋଗେ ଡୁବୁରିରେ ଥିବା ଏକ ବ୍ୟାଙ୍କକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିଲେ। ବାଇସାହି ଛକ ନିକଟରେ ବାଇକ୍‌ରେ ତିନି ଯୁବକ ଆସି ଟଙ୍କା ବ୍ୟାଗ ଛଡ଼ାଇଥିଲେ। କ୍ଷେତ୍ରବାସୀ ବିରୋଧ କରିବାରୁ ଜଣେ ବନ୍ଧୁକ ବାହାର କରି ଭୟଭୀତ କରାଇଥିଲେ। ଅନ୍ୟଜଣେ ଭୁଜାଲିରେ କ୍ଷେତ୍ରବାସୀଙ୍କ ହାତକୁ ଆକ୍ରମଣ କରି ବ୍ୟାଗ ଛଡ଼ାଇ ନେଇ ପଳାଇଥିଲେ।


## GOVT. OF ODISHA
## OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR

**'e' Procurement Notice No.CEMKS 02 OF 2021-22**

No.A-344:- 1. Name of the work : Protection to right bank of Old Baitarani within Sankharimuhan to Killapadia. 2. Amount put to Tender : Rs.20,62,34,496.00. 3. Bid document cost : Rs.10, 000.00 (online). 4. E.M.D : Bid Security Declaration to be furnished as per Annexure-III of Section-6 of technical bid document. 5. Class of Contractor : Super Class. 6. Period of Completion : 18 calendar months (548 Days). 7. Other details are as follows.

| Procurement Officer | Bid Identification No. | Available of tender Online for bidding | | Date of opening of technical bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS JPD 01 OF 2021-22 | 10.08.2021 10.00 hrs. | 25.08.2021 17.00 hrs. | 26.08.2021 11.00 hrs. |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

Sd./- Chief Engineer & Basin Manager, Mahanadi Kathajodi System, Bhubaneswar

OIPR-32252/11/0003/2122



## SAMBALPUR UNIVERSITY
## PRIVATE EXAMINATION CELL
### Jyoti Vihar- 768019, Odisha

Letter No. 413/PEC Dt.09.08.2021

**ADMISSION OPEN FOR UG AND PG COURSES FROM DATE 15.08.2021**

Online applications are invited for Admission-cum-Examination into PG and UG courses under Private Examination Cell of Sambalpur University.

**UG Course:** BA (Hons.), BA (Pass), B.Com (Hons.), B.Com (Pass).

**PG Courses:** PG in Commerce, Economics, English, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.

Last date of Online submission of Application: **15th September 2021.**

Candidates are advised to visit website of Private Examination Cell, Sambalpur University (https://www.pec.suniv.ac.in) for details information of admission procedure.

Sd./- Director,
Private Examination Cell, S.U.



## OFFICE OF THE SUPERINTENDING ENGINEER, RWSS DIVISION, BERHAMPUR

Near Jarada Bunglow, Pin – 760004, Ph. 0680-2296344
eerwss_bam@nic.in /rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-12/2021-22**

**No. O-518:-** The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 06 Nos. |
| 3 | Estimated cost (Approximate) | From Rs18.82 Lakhs to Rs 522.91 Lakhs |
| 4 | Period of completion | From 180 days to 365 days |
| 5 | Date & Time of availability of bid document in the Portal. | From 10.08.2021 at 11.00 hrs to 31.08.2021 upto 17.00 hrs |
| 6 | Last date &time for seeking clarification | 26.08.2021 up to 17.00 hrs |
| 7 | Dt. of opening of Bid | 01.09.2021at 11.00 hrs |
| 8 | Late date / Time for receipt of bids in the Portal | 31.08.2021up to 17.00 hrs |
| 9 | Name & address of the Officer inviting tender. | Executive Engineer, RWSS Division, Near Jarada Bunglow, Berhampur-760004, Dist.- Ganjam, Odisha. |

Further details can be seen from the e-procurement portal https://tendersorissa.gov.in

Sd./- 4.8.21, Superintending Engineer, RWS&S Division, Berhampur

OIPR-25035/11/0005/2122



## BHUBANESWAR MUNICIPAL CORPORATION
### e-Procurement Notice

e-Mail: ee1@bmc.gov.in

No. C-720:-

| | | | |
|---|---|---|---|
| 1. | Bid Reference No. | : | BMC-DIV-1/07-2021-22 Dt.**09.08.2021** |
| 2. | Tender Call Notice No. | : | **64610** dtd.**09.08.2021** |
| 3. | No. of works | : | **12** (Twelve) |
| 4. | Bid Value | : | Rs.2,26,142/- to Rs.16,31,154/- |
| 5. | Period of Completion | : | 30 days to 60 days |

**Date and Time Schedule**

| Start | End | Opening |
|---|---|---|
| 11.00 A.M. of 11.08.2021 | 5.00 P.M. of 19.08.2021 | 4.30 P.M. of 21.08.2021 |

6. Tender details can be seen for the e-Procurement portal https://www.tendersodisha.gov.in & BMC Website https:// www.bmc.gov.in

Sd./- Executive Engineer
BMC Division - 1

OIPR-13002/11/0040/2122



## GRIDCO Limited
( A Govt. of Odisha Undertaking)
Regd. Office:Janpath, Bhubaneswar-751022, Odisha

No. CAD-835

**Corrigendum to Tender No.: 01/2021 Dated 27.07.2021**

**Corrigendum to GRIDCO's Tender No.:01/ 2021 dated 27.07.2021 regarding sale of power to the State Industries with CGP through DISCOMs issued for extension of bid submission date and other terms & conditions. Interested bidders may please refer GRIDCO's website www.gridco.co.in for further details / information.**

**Senior General Manager (Trading & BD)**

OIPR-14069/11/0005/2122



## GOVT. OF ODISHA
## OFFICE OF THE COLLECTOR, KANDHAMAL, PHULBANI
(ST & SC Development Section)
e-mail:dwo.khandhamal@gmail.com
No.2664/SSD/XVII-27/2021 Date, 07.08.2021

**Advertisement for Engagement of Guest Faculty in Higher Secondary Schools**

No.V-29:-Applications are invited from the deserving candidates of Kandhamal District for engagement as GUEST FACULTY in Govt. (SSD) Higher Secondary School, Kudutuli/ Boida/ Badagaon/ Ranapatuli/ Phiringia/ Gumma running under ST & SC Development Department in Kandhamal District. In case of non availability of suitable candidates from Kandhamal District, applications of the candidates from other District will be taken into consideration. The appointment will be made on purely temporary basis & liable for termination at any time without any notice or assigning any reason. The application should reach to District Welfare Office, Collectorate, Kandhamal on or before 09.09.2021 (5.00 P.M.) by Regd. Post / Speed Post.

The detail information regarding engagement of Guest Faculty are available in the District website www.kandhamal.nic. in as well as Notice Board of Collectorate, Kandhamal/ District Welfare Officer, Kandhamal. Collector, Kandhamal reserves the right for modification or cancellation of advertisement without assigning any reason thereof.

Sd./- Collector, Kandhamal, Phulbani

OIPR-24041/11/0004/2122



## ZILLA SWASTHY SAMITI, MALKANGIRI
## OFFICE OF THE CDM & PHO, MALKANGIRI

Advt. No. 8878 Dated: 07.08.2021

No. E-320 **CORRIGENDUM - II**

1. As per our **Advt. No. 8248 Dated: 26.07.2021** published, it is notified that, for the Walk in Interview for the Post of **"Block Program Manager"** the computer qualification may read as "s/he must have passes PGDCA/DCA from Universities/AICTE recognized Institutions/NIELIT 'O' Level/ Odisha State Certificate in information & Technology (OS-CIT)."
2. Further age limit of MO (AYUSH) is revised and base remuneration changed.
3. Other terms and conditions remain same.
4. The inconvenience in this regard is regretted.

Sd./- CDM&PHO, Malkangiri

OIPR-10082/11/0011/2122



## ODISHA HYDRO POWER CORPORATION LTD.
(A Gold Rated State PSU)
### O/o. SR. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, Email: sgmel500@gmail.com

No.: RHEP/C & P/PUR-III-38/4367 Date: 07.08.2021

**NOTICE INVITING TENDER No. RHEP-19/2021-22**

No.: CAD-831: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Supply of 03 Nos. of Air Pressure Regulator/Reducing Vaive and Safety Valve Assembly to be mounted in H.P. Compressor System of Rengali Power House including Freight Charges | Rs.2,360/- (Rs.2,000/- + GST @ 18%) | In Lieu of EMD, Bid Security declaration form to be submitted | From Dtd.13.08.2021 to Dtd.23.08.2021 upto 04.00 P.M. | Dtd.23.08.21 upto 04.30 P.M. | Dt.24.08.21 at 04.45 P.M. |

For details and further correspondence/corrigendum, please visit our website **www.ohpcltd.com**.

OIPR-04005/11/0014/2122 Sd./- C & P Head, RHEP, Rengali



## GOVERNMENT OF ODISHA No. B-282
## OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
### INVITATIONS FOR BIDS (IFB)

e-mail ID: supenger_rbjyp@yahoo.co.in
Phone No.: 06854-231528, Fax No. 06854-231528

**Bid Identification No. C.C.E.J.C. (R&B) - 05/2021-22**

No. 2981 Date: 30.07.2021

1. Nature of the Work : Road Work
2. Total No. of Works : 01 (One) No.
3. Estimated Cost : Rs.301.72 lakhs
4. Period of Completion : 6 (Six) Months
5. Cost of Bid Document : Rs.10,000/-
6. Bid Security (EMD) : Bid Security Declaration (Schedule-K)
7. Class of Contractor : "A" & "Special" Class
8. Date & time of availability of bid document in the portal : From 10.00 hours of 10.08.2021 to 17.00 hours of 23.08.2021
9. Last date/time for receipt of bids in the portal : 17.00 hours of 23.08.2021
10. Opening date of Bid : 10.00 hours of 24.08.2021
11. Name and address of the Officer Inviting Bid : Chief Construction Engineer Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

**Sd./- Chief Construction Engineer**
**Jeypore (R&B) Circle, Jeypore**

OIPR-34108/11/0005/2122



## GOVERNMENT OF ODISHA No. A-349
## OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA
### NOTICE INVITATION OF TENDERS

**e-Procurement Notice No. 05/2021-22 on Dated: 26.07.2021**

E-mail ID: eenidnimapara@gmail.com

1. Type of Works : Restoration of Embankment
2. Total No. of Works : 1 (One) No.
3. Estimated Cost : 78.74 lakhs
4. Period of Completion : 120 days

| Procurement Officer | Bid Identification No. | BId Amount in Lakh Rs. | Availability & Submission of Bids Online |
|---|---|---|---|
| Superintending Engineer Nimapara Irrigation Division, Nimapara | NID - 94 / 2021-22 | Rs.78.74 | From 12.08.2021 10.00 A.M. to 26.08.2021 5.30 P.M. |

Date of opening of the Bid : 27.08.2021 at 10.00 A.M.

Further details can be seen from the Govt. website: **www. tendersodisha.gov.in.**

**Sd./- Superintending Engineer**
**Nimapara Irrigation Division, Nimapara**

OIPR-32097/11/0005/2122



## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019

F.No. J-11021(014)/2021-22/S&P Date: 05-08-2021

**E-TENDER & TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"Rate Contract for Supply of Laboratory Reagents and Chemicals, Glassware, Plastic ware at AIIMS, Bhubaneswar in Two Bid System".** The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in /www.tenderwizard.com** and **CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the e-tenders & Tender without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar



## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)
Jagatsinghpur (District), Phone: 06724-223066

Tender No. 2724 Date: 09.08.2021

No. CAD-826: District Manager, Odisha State Civil Supplies Corporation Ltd., Jagatsinghpur invite tenders through **ONLINE MODE ONLY** for the below mentioned works.

| | | |
|---|---|---|
| 1 | Name of the work | Selection and appointment of **Level-II** Transport Contractor for transportation of foodgrains from OSWC, Basantapur (RRC) to FPS points of Biridi Block & Raghunathpur Block under Jagatsinghpur district. |
| 2 | Availability of tender documents in the website | 10.08.2021 |
| 3 | Last date for online submission of completed tender documents with enclosure | 25.08.2021 upto 5 P.M. |
| 4 | Date of Technical Bid Opening | Dt.26.08.2021 at 11 A.M. |

Tender documents & other details can be seen from the e-procurement portal **www.tendersodisha.gov.in** along with the district website **www. jagatsinghpur.nic.in**. Amendments/corrigendum/cancellation/re-tenders etc. if any shall be published only in the above websites.

**Sd./- District Manager**
**OSCSC Ltd., Jagatsinghpur**

OIPR-07020/11/0005/2122



## CIME Bhubaneswar
## COLLEGE OF IT & MANAGEMENT EDUCATION
(A Constituent College of BPUT, Odisha)

Plot No.4, Sector-A, Zone-B, Mancheswar Indl. Estate, Bhubaneswar-751010, Tel.: 0674-2582442, www.cime.ac.in

**TENDER NOTICE**

**TENDER CALL NOTICE FOR RUNNING OF HOSTEL MESS OF COLLEGE OF IT AND MANAGEMENT EDUCATION, BHUBANESWAR**

No.KK-51:- Sealed tenders are invited from Registered Caterers / Professional Agencies having valid permit/ licence and fulfilling all the criteria as notified in the tender document to run the Hostel Mess at CIME, Bhubaneswar which must reach the CIME, Bhubaneswar Office by Regd. Post/ Speed Post on or before **18.08.2021, 12.00 Noon**. The tender bid document with details of terms and coditions are to be downloaded from our website: **www.cime.ac.in**.

The authority reserves the right to reject/ cancel the tenders in whole or in part without assigning any reason thereof. The authority will not be responsible for any postal delay.

**PRINCIPAL**

OIPR-14087/11/0001/2122

## ସଂକ୍ଷେପରେ

### ୮ ଦିନରେ କେନ୍ଦ୍ରାପଡ଼ାରେ ୩୦ ପିଲା ସଂକ୍ରମିତ

**କେନ୍ଦ୍ରାପଡ଼ା ଅଫିସ,୯।୮:** କେନ୍ଦ୍ରାପଡ଼ାରେ କରୋନା ସଂକ୍ରମିତଙ୍କ ଅଗଷ୍ଟରେ ଗ୍ରାଫ ନିମ୍ନକୁ ଯାଉଛି। ତେବେ ଚଳିତ ମାସର ମାତ୍ର ୮ ଦିନ ମଧ୍ୟରେ ୩୦ ଜଣ ୧ରୁ ୧୭ ବର୍ଷ ପର୍ଯ୍ୟନ୍ତ ବୟସର ପିଲା ଏଥିରେ ସଂକ୍ରମିତ ହୋଇଛନ୍ତି। ଶିଶୁଙ୍କର କରୋନା ସଂକ୍ରମଣ ଗ୍ରାଫ୍ ବଢ଼ି ଚାଲିଥିବାରୁ ବୁଦ୍ଧିଜୀବୀମାନେ ଆତଙ୍କିତ ହୋଇପଡିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଗତ ୧ରୁ ୮ ତାରିଖ ମଧ୍ୟରେ ରାଜକନିକା ବ୍ଲକ ଅଞ୍ଚଳରେ ୩ ଜଣ ଶିଶୁ କରୋନା ଆକ୍ରାନ୍ତ ହୋଇଛନ୍ତି। ସେହିପରି ଡେରାବିଶ ବ୍ଲକରେ ୬ ଜଣ, ମହାକାଳପଡାରେ ୫ ଜଣ, କେନ୍ଦ୍ରାପଡାରେ ୮ ଜଣ, ପଟ୍ଟାମୁଣ୍ଡାଇ, ମାର୍ଶାଘାଇ, ଆଳି ଓ ଗରଦପୁର ବ୍ଲକ ଅଞ୍ଚଳରେ ୨ ଜଣ ଲେଖାଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ପୌରାଞ୍ଚଳରୁ ଜଣେ ୧ ବର୍ଷର ଶିଶୁ ଓ ଡେରାବିଶ ବ୍ଲକ ପବିତ୍ରପଡା ଗ୍ରାମର ଜଣେ ୨ ବର୍ଷର ଶିଶୁ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ହେଲେ ରାଜନଗର ବ୍ଲକ ଅଞ୍ଚଳରେ ଶିଶୁ ସଂକ୍ରମିତ ହୋଇନାହାନ୍ତି। ଏହି ୩୦ ଜଣଙ୍କ ମଧ୍ୟରୁ ୧୮ ପୁଅ ଅଛନ୍ତି। ଗତ ୮ ଦିନ ମଧ୍ୟରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮୮ । ସୂଚନାଯୋଗ୍ୟ, ଜିଲାରେ ଅଦ୍ୟାବଧି ୨୩,୬୫୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ୨୩,୨୧୬ ସୁସ୍ଥ ହୋଇଛନ୍ତି। ୨୮୯ ଚିକିତ୍ସିତ ହେଉଥିବା ବେଳେ ୧୫୧ ଜଣଙ୍କର କରୋନାରେ ଜୀବନ ଯାଇଛି। ଅଗଷ୍ଟରେ ଶିଶୁ ସଂକ୍ରମଣ ବଢ଼ିବ ବୋଲି ବିଶେଷଜ୍ଞ ଆଗୁଆ ସୂଚନା ଦେଇଥିଲେ। କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ କରୋନା ସଂକ୍ରମଣ ପରିଚାଳନାର ଜିଲା ନୋଡାଲ ଅଧିକାରୀ ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଅଧିକାଂଶ ଶିଶୁଙ୍କଠାରେ କୋଭିଡ୍-୧୯ର ଅଳ୍ପ ଲକ୍ଷଣ ଦେଖାଦେଇଛି। ତେବେ ଏହାକୁ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଦିନ ଏହି ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ନିଆଯିବା ସହ ବିଧିବଦ୍ଧ ଭାବେ ଔଷଧ ପ୍ରଦାନ କରାଯାଉଛି। ଏ ପର୍ଯ୍ୟନ୍ତ କରୋନା ସଂକ୍ରମଣରେ କୌଣସି ଶିଶୁ କୋଭିଡ୍ ହସ୍ପିଟାଲକୁ ଯାଇନାହାନ୍ତି। ଏଥିରେ ଅଭିଭାବକମାନେ ଆତଙ୍କିତ ହେବାର ଆବଶ୍ୟକତା ନାହିଁ। କୋଭିଡ୍ ଗାଇଡ୍‌ଲାଇନରେ ପିଲାଙ୍କ ଯତ୍ନ ନେବାକୁ ସେ ପରାମର୍ଶ ଦେଇଛନ୍ତି।

### ନଳଦିଆ ଅଙ୍ଗନୱାଡି କେନ୍ଦ୍ରରେ ଦୁର୍ନୀତି ଅଭିଯୋଗ

**ରାଜନଗର,୯।୮(ଡି.ଏନ.ଏ.):** ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଳଦିଆ ଅଙ୍ଗନୱାଡି କେନ୍ଦ୍ରରେ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେନ୍ଦ୍ରରେ ଦୁର୍ନୀତି ସମ୍ପର୍କରେ ସୁପରଭାଇଜରଙ୍କୁ ଜଣାଇବା ପରେ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ସିଡିପିଓଙ୍କୁ ଗ୍ରାମବାସୀ ଭେଟି ଅଭିଯୋଗ କରିବା ପରେ ସେ ଆସି କେନ୍ଦ୍ର ପରିଦର୍ଶନ କରି ଦୁର୍ନୀତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଦୀର୍ଘଦିନ ତଳୁ ମୃତ୍ୟୁ ହୋଇଥିବା ଜଣେ ବ୍ୟକ୍ତିଙ୍କ ନାଁରେ ଅଙ୍ଗନୱାଡି ସାମଗ୍ରୀ ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ମାତ୍ର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବଦଳରେ ସୁପରଭାଇଜର ତାଙ୍କୁ ସୁରକ୍ଷା ଦେଉଥିବା ଗାଁର ବନମାଳୀ ବେହେରା, କଳାକାର ଜେନା, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ୧୧ ତାରିଖରେ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଜଣାଇଛନ୍ତି। ଏ ନେଇ ସିଡିପିଓ ପୁଷ୍ପଲତା ଦାଶ କହିଛନ୍ତି, ଅଭିଯୋଗ ପାଇବା ପରେ ସୁପରପାଇଭଜରଙ୍କୁ ତଦନ୍ତ ପାଇ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପଦକ୍ଷେପ ଦିଆଯିବ।

### ଯୁବକଂଗ୍ରେସ ପ୍ରତିଷ୍ଠା ଦିବସ

**ଜଗତ୍‌ସିଂହପୁର ଅଫିସ,୯।୮:** ଜଗତ୍‌ସିଂହପୁର ବ୍ଲକ ଖଇରଙ୍ଗ ଈଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର କ୍ରାନ୍ତି ଦିବସ ଓ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଲିପକ ସାହୁଙ୍କ ପୌରୋହିତ୍ୟରେ ଚାରାରୋପଣ ଓ ସଭା କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲା ଯୁବ କଂଗ୍ରେସ ଉପସଭାପତି ଶିବ ପ୍ରସାଦ ବେହେରା, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସ୍ୱରୂପ କାନୁନ୍‌ଗୋ, ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ ଚରଣ ଜେନା ଓ ମାନସ କୁମାର ରଥଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କରତକଳରେ ସୀମିତ ଶିଳ୍ପ

- ଯୁବ ଉଦ୍ୟୋଗୀଙ୍କୁ ମିଳୁନାହିଁ ପ୍ରୋତ୍ସାହନ
- ଜବରଦଖଲକାରୀଙ୍କ କବ୍‌ଜାରେ ତିନିମୁହାଣୀ ଶିଳ୍ପାଞ୍ଚଳ

**କେନ୍ଦ୍ରାପଡ଼ା ଅଫିସ,୯।୮**

କେନ୍ଦ୍ରାପଡ଼ା ଜିଲାରେ ବୃହତ୍ ଓ ମଧ୍ୟମ ଶିଳ୍ପ ନାହିଁ। କ୍ଷୁଦ୍ର ଶିଳ୍ପ ପାଇଁ ପ୍ରୋତ୍ସାହନ ମିଳିଲେ ଯୁବ ଉଦ୍ୟୋଗୀଙ୍କ ଆର୍ଥିକ ଉନ୍ନତି ସହ ଜିଲାର ପ୍ରଗତି ଘଟିବ। ହେଲେ ସେଥିରେ ବ୍ୟତିକ୍ରମ ଘଟିଛି। ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ମିଳିପାରୁ ନ ଥିବାରୁ ସେମାନେ ହତୋତ୍ସାହିତ ହୋଇ ଜିଲା ବାହାରକୁ କର୍ମ ଅନ୍ୱେଷଣରେ ଚାଲିଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ (ଇଡ୍‌କୋ) ପକ୍ଷରୁ ତିନିମୁହାଣିଠାରେ ଜମି ଅଧିଗ୍ରହଣ ହୋଇଥିଲା। ଏବେ ସେହି ଅଞ୍ଚଳରେ ଜବରଦଖଲକାରୀଙ୍କ ଭିଡ ଜମିଛି । ଜିଲାରେ ଶିଳ୍ପ ସମୃଦ୍ଧି ପାଇଁ ପ୍ରସ୍ତୁତି ହୋଇଥିବା ଯୋଜନା ଅଦ୍ୟାବଧି କେବଳ କରତକଳରେ ସୀମିତ ରହିଛି ।

ପ୍ରାଥମିକ ଅବସ୍ଥାରେ ଶିଳ୍ପାଞ୍ଚଳ ପାଇଁ ସହରର ତିନିମୁହାଣି ଓ ଡେରାବିଶର ଛତାଠାରେ ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ ହୋଇଥିଲା। ଛତାଠାରେ ପଲିଟେକ୍‌ନିକ କଲେଜ ସ୍ଥାପନ ପରେ ଉକ୍ତ ବ୍ଲକର ବଳଭଦ୍ରପୁରରେ ୭.୭୬୦ ଏକର ପରିମିତ ସ୍ଥାନକୁ ଶିଳ୍ପାଞ୍ଚଳ ଭାବେ ଉପଯୋଗ କରାଯାଇଥିଲା । ସେହି ସ୍ଥାନର ୪.୮୧୦ ଏକର ଅଞ୍ଚଳରେ ଶିଳ୍ପ ନାମରେ ୧୪ଟି କରତକଳ ଚାଲୁଛି। ଅପରପକ୍ଷେ ତିନିମୁହାଣି ଶିଳ୍ପାଞ୍ଚଳର ବହୁ ଅଂଶ ଜବରଦଖଲକୁ ଚାଲି ଯାଇଥିବା ବେଳେ ଅବଶିଷ୍ଟ ସ୍ଥାନ ଅନାବନା ଗଛଲତାରେ ପୂର୍ଣ୍ଣ ହୋଇରହିଛି। ଶିଳ୍ପାଞ୍ଚଳର ଜମି ଉଦ୍ଧାର ଲାଗି ଇଡ୍‌କୋ ଅଥବା ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି, ତିନିମୁହାଣି ଶିଳ୍ପାଞ୍ଚଳରେ ବଳଦେବ ଜୀଉ ସର୍ଭିସ ଷ୍ଟେଶନ, କଳିଙ୍ଗ ଉଡ୍ ପ୍ରଡକ୍ଟସ, ବରଦା ଟେକ୍ସଟାଇଲ, ଏସ୍.ଏନ୍. ସାହୁ ଏଣ୍ଡ କୋ, ବଳଦେବ ଜୀଉ ଅଏଲ ମିଲ୍, ଆଗ୍ରୋ ସର୍ଭିସ ଷ୍ଟେଶନ ଓ ବଳଦେବଜୀଉ ପାୱାରଲୁମ୍ ୱେଭର୍ସ କୋ-ଅପରେଟିଭ ସୋସାଇଟି ଆଦି ଥିଲା। ଉପରୋକ୍ତ ସଂସ୍ଥାରେ ଜିଲାର ବହୁ ଲୋକଙ୍କୁ କର୍ମନିଯୁକ୍ତି ମିଳିଥିଲା। ଏଥିସହିତ ଜିଲାର ଆର୍ଥିକ ପ୍ରଗତିରେ ଶିଳ୍ପଗୁଡ଼ିକ ସହାୟକ ହୋଇଥିଲେ। ତେବେ ଏହି ଅନୁଷ୍ଠାନଗୁଡ଼ିକ ଦୀର୍ଘଦିନ ହେବ ବନ୍ଦ ପଡ଼ିଛି। ଶିଳ୍ପାଞ୍ଚଳ ଜମିକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲ କରି ରଖିଛନ୍ତି। ସେହି ଜମିର ଉଦ୍ଧାର ସହ ଯୁବ ଉଦ୍ୟୋଗୀଙ୍କୁ ତାହା ଆବଣ୍ଟନ କରାଯିବା କଥା। ହେଲେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ନୀରବ ରହିଛି। କରତକଳରେ ସୀମିତ ଶିଳ୍ପ ଜିଲାର ଆର୍ଥିକ ବିକାଶକୁ ଆଗେଇ ନେବାକୁ ସହାୟକ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଯୁବ ଉଦ୍ୟୋଗୀ ସୂର୍ଯ୍ୟକାନ୍ତ ମହାନ୍ତି କୁହନ୍ତି, ଜିଲାରେ ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ଅଛି। ଅଳ୍ପ ମୂଲ୍ୟରେ ବୁଲା ବେପାରୀମାନେ ସହଜରେ ବ୍ୟବସାୟ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ ସାମଗ୍ରୀ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାଙ୍କ ଓ ଜିଲା ଶିଳ୍ପକେନ୍ଦ୍ର ସହିତ ଯୋଗାଯୋଗ କରାଯାଇଥିଲା। ତେବେ କାଗଜପତ୍ରର ଅଡୁଆ ଖିଅକୁ ୨ ବର୍ଷ ମଧ୍ୟରେ ସଜଡା ଯାଇପାରିନାହିଁ। ଏପରି କି ଅଧିକାଂଶ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟବସାୟ ବୁଡିଯିବା ଆଶଙ୍କା କରି ଋଣ ଦେବାକୁ ମନା କରିଛନ୍ତି। ଏପରି ସ୍ଥିତିରେ ଯୁବବର୍ଗଙ୍କ ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନରେ ରହିଯାଉଛି ବୋଲି ସେ ମତ ଦେଇଛନ୍ତି। ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ କୁମାର ଦାଶ କହିଛନ୍ତି, ଜିଲାରେ ଶିଳ୍ପ ପ୍ରତିଷ୍ଠା ଅର୍ଥ ଆର୍ଥିକ ବିକାଶର ପ୍ରଗତି। ଏହି ଜିଲାରେ ଖଣିଜ ପଦାର୍ଥ ବା ଆବଶ୍ୟକ କଞ୍ଚାମାଲ ନ ଥିଲେ ମଧ୍ୟ ବହୁ ଯୁବକ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ। ଜିଲାରେ ଶୀତଳଭଣ୍ଡାରଠାରୁ ଆରମ୍ଭ କରି ପେପର ପ୍ଲେଟ ଶିଳ୍ପ ପାଇଁ ଭିତ୍ତିଭୂମି ଅଛି। ଏଥିପାଇଁ ବ୍ୟାଙ୍କ ଋଣ ସହ ଇଡ୍‌କୋ ପକ୍ଷରୁ ଶସ୍ତାରେ ଜମି ଯୋଗାଣ ଆବଶ୍ୟକ। ତେବେ ଶିଳ୍ପାଞ୍ଚଳ ଜମି ଜବରଦଖଲ ଆଡକୁ ଗତି କରୁଥିବା ବେଳେ ଏହାର ପୁନରୁଦ୍ଧାର ହେଉନାହିଁ। ଫଳରେ ଆଶାୟୀ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀ ଜିଲା ବାହାରେ ନିଜର କର୍ମ ସଂସ୍ଥାନ ଯୋଗାଡ଼ କରୁଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ବ୍ୟାଙ୍କର୍ସ ଓ ଜିଲା ଶିଳ୍ପକେନ୍ଦ୍ରର ଏକ ସମନ୍ୱୟ ବୈଠକ ହୋଇଛି। ଏଥିରେ ଯୁବ ଶିଳ୍ପ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି।


କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକରେ ଥିବା ବଳଦେବ ଜୀଉ ପାୱାର ଲୁମ ବନ୍ଦ ହୋଇପଡିଛି।

### ୨ ଟ୍ରଲର, ୧ ଟାପା ଜବତ: ୧୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୯।୮(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟାପା ଓ ୨ଟି ଟ୍ରଲର ଜବତ କରିଛି। ଫରେଷ୍ଟର ନିର୍ମଳ କୁମାର ନାୟକଙ୍କ ନେତୃତ୍ୱରେ ଟିମ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ପଇଁତରା ମାରୁଥିବାବେଳେ ହୁକିଟୋଲା ନିକଟରେ ଗୋଟିଏ ଟାପା ଜବତ କରିଥିଲେ। ସେଥିରେ ଥିବା ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ମାଦଳୀ ମାଉଥ ନିକଟରୁ ବିଶ୍ୱକୃପା ଓ ଯୋଗମାୟା ନାମକ ଦୁଇଟି ଟ୍ରଲରକୁ ଜବତ କରିଥିଲେ। ସେଥିରେ ଥିବା ୧୨ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଟାପା ଓ ୨ ଟ୍ରଲରରେ ଆନ୍ଧ୍ରପ୍ରଦେଶ ବିଜୟନଗରମର ମଇଲାପାଲି ଆପ୍ପାନ୍ନା, ଶ୍ରୀକାକୁଲମର ବୈପାଲୀ ଭେଙ୍କଟ ରାଓ, ବିଶାଖାପାଟଣାର କୋନାଡା ଗୁରୁମୂର୍ତ୍ତିଙ୍କ ସହ ଓଡ଼ିଶାର ବିଶ୍ୱନାଥ ସିଂ, ରାଜୁ ଟାଙ୍ଗାନିଆ, ଅନଙ୍ଗ ରାମାୟା, ଏ. ରାମବାବୁ, ରମାକାନ୍ତ ସ୍ୱାଇଁ, ଯଶୋବନ୍ତ ପ୍ରଧାନ, ଉମାକାନ୍ତ ସ୍ୱାଇଁ, ଜଗନ୍ନାଥ ମଲ୍ଲିକ, କଲ୍ୟାଣ ଦାସ, ଅନନ୍ତ ଦାସ, ନିରଞ୍ଜନ ବେହେରା, ସଞ୍ଜୟ ସ୍ୱାଇଁ, ନରହରି ମହାନ୍ତି, ବୈଦେଶୀ ମହାକୁଡ଼, ସୁନା ସୋରେନ, ଗୋରା ମଲ୍ଲିକ ପ୍ରମୁଖ ୧୯ଜଣଙ୍କୁ ଗିରଫ କରାଯାଇଛି। ୧୪ କୁଇଣ୍ଟାଲ ୭୫ କେଜି ମାଛ ସହ ଜିପିଏସ୍, ଫିସ୍ ଫାଇଣ୍ଡର, ଭିଏଚ୍‌ଏଫ୍ ଓ ଟ୍ରଲିଂ ନେଟ ଜବତ କରାଯାଇଛି।

## ବିଭିନ୍ନ ସ୍ଥାନରେ କ୍ରାନ୍ତି ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ, ୯।୮**

ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ ଗରାପୁର ଡାକବଙ୍ଗଳାଠାରେ ଏ ନେଇ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ଭଜକୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗାନ୍ଧୀ ଦର୍ଶନ କାର୍ଯ୍ୟକ୍ରମରେ ଅଗଷ୍ଟ କ୍ରାନ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବିଧାୟକ ଶଶିଭୂଷଣ ବେହେରା, ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ଡ. ବାସୁଦେବ ଦାସ ପ୍ରମୁଖ ନିଜର ମତ ପ୍ରଦାନ କରିଥିଲେ। ଏହାକୁ କମିଟିର ସଂଯୋଜକ ଡ. ଗଦାଧର ମଲ୍ଲିକ, ଆବାହକ ରାଜେଶ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ଉପସଭାପତି ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ କଜଳାସ୍ଥିତ କଂଗ୍ରେସ ଭବନରେ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ ଏହି ଦିବସ ସମ୍ପର୍କରେ ମତ ରଖିଥିଲେ। ଅପରପକ୍ଷରେ ଏହି ଦିବସକୁ କେନ୍ଦ୍ରୀୟ ମିଳିତ ମଞ୍ଚ ପକ୍ଷରୁ 'ଭାରତ ବଞ୍ଚାଅ ଦିବସ' ରୂପେ ପାଳନ କରାଯାଇଥିଲା। ସାମ୍ପ୍ରତିକ ସମୟରେ କର୍ମନିଯୁକ୍ତି, ଶ୍ରମିକ ଛଟେଇ, ଦେଶଦ୍ରୋହୀ ଆଇନ ଲାଗୁ, ଶ୍ରମ ଆଇନ, କୃଷି ଆଇନ ଆଦି ତୃଣମୂଳସ୍ତରର ବାଧକ ବୋଲି ଦର୍ଶାଇ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବହୁ ଶ୍ରମିକ ନେତା ସାମିଲ ହୋଇଥିଲେ। ସେହିପରି ଅଖିଳ ଭାରତୀୟ କୃଷକ ସଭା କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ରମଣୀରଞ୍ଜନ ରାଉତରାୟ, ସତ୍ୟନାରାୟଣ ଜେନା, ପଦ୍ମଲାଭ ଦାସ, ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ଉପସ୍ଥାପନ କରି ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। କୃଷକଙ୍କ ବିଭିନ୍ନ ଦାବି ଉପସ୍ଥାପନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କୃଷକ ସଭାର କର୍ମକର୍ତ୍ତା ଗୟାଧର ଧଳ, ମାଧବ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।


କ୍ରାନ୍ତି ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତାମାନେ।

### ବେଲପାଳରେ ୮୫ ୟୁନିଟ୍ ରକ୍ତ ସଂଗୃହୀତ

**ରାଜନଗର,୯।୮(ଡି.ଏନ.ଏ.)**

ରାଜନଗର ବ୍ଲକ ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ଓ ଓଡ଼ିଶା ମୋ ପରିବାର ପକ୍ଷରୁ ସୋମବାର ଆୟୋଜିତ ଜୀବନବିନ୍ଦୁ ରକ୍ତଦାନ ଶିବିରରେ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ରାଜନଗର ଆଇଆଇସି ତପନ କୁମାର ନାୟକ, ପଟ୍ଟାମୁଣ୍ଡାଇ ଆଇଆଇସି ରାକେଶ କୁମାର ତ୍ରିପାଠୀ, ତହସିଲଦାର ଭୋଳାନାଥ ସେଠୀ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳା, ଓଡ଼ିଶା ମୋ ପରିବାର କେନ୍ଦ୍ରାପଡ଼ା ଜିଲା ସଂଯୋଜକ କାଳି ପ୍ରସାଦ ମିଶ୍ର, ସହସଂଯୋଜକ ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ରକ୍ତଦାତାଙ୍କୁ ଫଳଚାରା ବଣ୍ଟନ କରାଯାଇଥିଲା।

## ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ, ୯।୮**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର କେନ୍ଦ୍ରାପଡ଼ା ଏଡିଏମ୍‌ଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଶିକ୍ଷକ ନେତା ରବି ଦାସ କହିଛନ୍ତି, ଦେଶ ଗଠନରେ ଶିକ୍ଷା ଓ ଶିକ୍ଷକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହେଉନାହିଁ। ଶିକ୍ଷକମାନେ ଦୀର୍ଘଦିନ ଧରି ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ତୁଲାଇ ଆସୁଥିଲେ ମଧ୍ୟ ଦରମା ପ୍ରାପ୍ତିରେ ସମସ୍ୟା ଅଛି। ଏପରି କି ୨୦୧୮ ଚାକିରି ସର୍ତ୍ତାବଳୀରେ ପେନସନ ବ୍ୟବସ୍ଥା ନାହିଁ। ଏଥିସହ ସପ୍ତମ ବେତନ ସୁବିଧା, କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ, ଅବସରକାଳୀନ ସୁବିଧା, ଅବସର ସମୟ ୬୦ରୁ ୬୨କୁ ବୃଦ୍ଧି କରିବା ଆଦି ସମସ୍ୟାର ସମାଧାନ ପାଇଁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି ।



ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ।

## ୭ ବର୍ଷ ପରେ ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ପଟ୍ଟାମୁଣ୍ଡାଇ, ୯।୮(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ପୋଲିସ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ୭ବର୍ଷ ପରେ ବାଙ୍ଗାଲୋରରୁ କାବୁ କରିଛି। ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳପୁଆ ଅଞ୍ଚଳର ଦୁଷ୍ମନ୍ତ ମହାନ୍ତିଙ୍କ ସମେତ କେତେ ଜଣ ଯୁବକ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଅନ୍ତଃସତ୍ତ୍ୱା କରି ଫେରାର ହୋଇ ଯାଇଥିଲେ। ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୫୭/୨୦୧୪ରେ ମାମଲା ରୁଜୁ କରିବା ସହ ଭାରତୀୟ ଦଣ୍ଡବିଧି ଆଇନର ୩୭୬, ୩୭୬ ଡି, ୨୯୪, ୫୦୬, ୩୪/୪/୧୪ ପୋକ୍‌ସୋ ଆକ୍ଟରେ ଦଫା ଲଗାଇ ଘଟଣାର ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କୁ ଖୋଜୁଥିଲା। କିନ୍ତୁ ଅଭିଯୁକ୍ତମାନେ କୋଲକାତା, ଦିଲ୍ଲୀ, ବାଙ୍ଗାଲୋର ଭଳି ଓଡ଼ିଶା ବାହାରେ ବାରମ୍ବାର ସ୍ଥାନ ବଦଳାଇବାରୁ ପୋଲିସ ସେମାନଙ୍କୁ ଧରିବାରେ ଅସମର୍ଥ ହୋଇଥିଲା। ଶେଷରେ ଆଇଆଇସି ରାକେଶ ତ୍ରିପାଠୀ ଏକ ଟିମ୍ ନେଇ ମୁଖ୍ୟ ଅଭିଯୁକ୍ତଙ୍କୁ ବାଙ୍ଗାଲୋରରୁ ଗିରଫ କରିଛନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦିତ ସମ୍ପଦ ସୂଚନା ଦେବା ସହ ଆଇଆଇସି ତ୍ରିପାଠୀ ଓ ତାଙ୍କ ଟିମ୍‌କୁ ପ୍ରଶଂସା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏସ୍‌ପି ମଡକର ସନ୍ଦିତ ସମ୍ପଦ, ଗିରଫ ଅଭିଯୁକ୍ତ ଓ ଅନ୍ୟମାନେ।

## ପାଣି ଅଭାବରୁ ଚାଷଜମି ଫାଟି ଆଁ

- କାଣୀ ନାଳ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ
- ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଜମିରେ ହୋଇପାରୁନି ଧାନ ରୁଆ

**ପଟ୍ଟାମୁଣ୍ଡାଇ ୯।୮(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୧୯୭୭ରେ ଆରମ୍ଭ ହୋଇଥିବା କାଣୀ ନାଳ ପ୍ରକଳ୍ପ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରିନାହିଁ। ଏହି ପ୍ରକଳ୍ପ ପାଇଁ ସରକାରୀ ତହବିଲରୁ ଅର୍ଥ ଖର୍ଚ୍ଚ ଚାଲିଛି। ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଶତାଧିକ ଏକର ଜମିରେ ଫସଲ ଫଳାଇବା ସମ୍ଭବ ହୋଇ ପାରିଥାନ୍ତି। ପ୍ରାକ୍ତନ ବିଧାୟକ ତାପସ କୁମାର ଦାସଙ୍କ ଉଦ୍ୟମରେ ତତ୍କାଳୀନ ଅବିଭକ୍ତ କଟକ ଜିଲାର ଜିଲାପାଳ ପ୍ରସନ୍ନ କୁମାର ହୋତା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଗସ୍ତ କରି ଚାଷୀଙ୍କ ସମସ୍ୟା ହୃଦୟଙ୍ଗମ କରିଥିଲେ। ପରେ କାଣୀ ନାଳ ପ୍ରକଳ୍ପ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ୭ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହାପରେ ୧୯୮୫ରେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏହି ପ୍ରକଳ୍ପ ପାଇଁ ୯ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ବ୍ରାହ୍ମଣୀ ନଦୀ କୂଳରୁ ଅମୃତମଣୋହି ଛତାମଠ ପର୍ଯ୍ୟନ୍ତ ପଥର ପ୍ୟାକିଂ କରାଇଥିଲେ। ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଧୋୟାଞ୍ଚଳର ବଲୁରିଆ, ଅମୃତମଣୋହି ପଞ୍ଚାୟତର ହଜାର ହଜାର ଚାଷୀ ଚାଷଜମିକୁ ପାଣି ମଡାଇବାର ସୁଯୋଗ ପାଇବେ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଏହି ପ୍ରକଳ୍ପର ଖନନ, ପୁନରୁଦ୍ଧାର ଆଦି ବିଭିନ୍ନ ସମୟରେ କରାଯାଇ ଲକ୍ଷାଧିକ ଟଙ୍କା ବିନିଯୋଗ ହୋଇଛି।

୧୩।୧୨।୨୦୧୮ରେ କ୍ଷୁଦ୍ର ଜଳସେଚନ ବିଭାଜନ ଯାଜପୁର ପକ୍ଷରୁ କାଣୀନାଳ ଉପରେ ଫୁଲପାଟଣା ଗ୍ରାମ ନିକଟରେ ଏକ ଚେକଗେଟ, ସେହି ଗ୍ରାମର ନବୀନ ନାୟକଙ୍କ ଘର ପାଖରେ ଏକ କଲଭର୍ଟ ଓ ମହଲକଣ ଦନେଇ ରାଉତଙ୍କ ଘର ସମ୍ମୁଖରେ ଏକ ସ୍ଲୁଇସ ଗେଟ ନିର୍ମାଣ କରାଯାଇଛି। ୬୧ଲକ୍ଷ ୪୮ ହଜାର ୩୬୨ଟଙ୍କା ଏହି ସବୁ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଛି। କାଣୀ ନାଳ ପ୍ରକଳ୍ପ ମଧ୍ୟରେ ପାଣି ରିଜର୍ଭ ରଖାଯାଇ ବଲୁରିଆ ଭେଡା ମଧ୍ୟକୁ ଧାନଚାଷ ସମୟରେ ରିଂ ବନ୍ଧରେ ଥିବା ୩ଟି ଗେଟ ଦେଇ ପର୍ଯ୍ୟାପ୍ତ ଭାବେ ପାଣି ଯୋଗାଇବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତା ପାଇଁ ବଲୁରିଆ ଭେଡା ଜମିକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇ ପାରିନାହିଁ। ଫଳରେ ଚଳିତବର୍ଷ ଅନାବୃଷ୍ଟି ପାଇଁ ଜମି ସବୁ ଫାଟି ଆଁ କରିଥିବାରୁ ଚାଷକାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରିନାହିଁ। ଖରିଫ ଋତୁ ଆରମ୍ଭରୁ ଚାଷୀମାନେ ପାଣି ପମ୍ପ ଲଗାଇ ଧାନ ତଳି ପକାଇଥିଲେ। ହେଲେ ପାଣି ଅଭାବରୁ ବିଲରେ ଧାନ ତଳି ରୁଆ କାର୍ଯ୍ୟ ହୋଇପାରୁନାହିଁ। ମଝିରେ ମଝିରେ ସାମାନ୍ୟ ବର୍ଷାର ସୁଯୋଗ ନେଇ ଯେଉଁ ସବୁ ଖାଲୁଆ ଜମିରେ ଧାନ ତଳି ରୁଆ ଯାଇଥିଲା ସେସବୁ ଏବେ ଶୁଖି ମରିଯିବାକୁ ବସିଲାଣି। ଶ୍ରାବଣରେ ପ୍ରବଳ ବର୍ଷା ହୁଏ ବୋଲି କୁହାଯାଏ। ଶ୍ରାବଣ ଅଧା ହୋଇଥିଲେ ହେଁ ବିଲ ସବୁ ଫାଟି ଆଁ କରିଛି। ଧୋୟାଞ୍ଚଳ ଚାଷୀମାନେ ଚଳିତବର୍ଷ ବିଲରେ ଧାନଚାଷ କରିବା ଅସମ୍ଭବ ବୋଲି ପ୍ରତୀୟମାନ ହେଲାଣି। କୃଷି ବିଭାଗ ଓ ପ୍ରଶାସନିକ ଅଧିକାରୀମାନଙ୍କ ଅସହଯୋଗ କାରଣକୁ ନେଇ ଧୋୟାଞ୍ଚଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଧୋୟାଞ୍ଚଳର କୃଷକ ଉଲ୍ଲାସ ମଲ୍ଲିକ, ଚକ୍ରଧର ସାମଲ, ସୁଧୀର ସାମଲ, ଜଗନ୍ନାଥ ସାମଲ, ହରେକୃଷ୍ଣ ଦାଶ, ଅଶୋକ ପରିଡା, ରାମଚନ୍ଦ୍ର ସାହୁ, କୁନୁ ମଲିକ, ବିଜୟ ରାଉତ ପ୍ରମୁଖ ପ୍ରଶାସନିକ ଉଦାସୀନତାକୁ ଦାୟୀ କରିଛନ୍ତି। ଧୋୟାଞ୍ଚଳର ଚାଷଜମିକୁ ପାଣି ମଡାଇବା ପାଇଁ ପମ୍ପ ସେଟ୍ ଯୋଗାଇବା ସହ କାଣୀ ନାଳ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାକୁ ସାମାଜିକ କର୍ମୀ ଡା. ଗଦାଧର ମଲ୍ଲିକ, ବଲୁରିଆ ସରପଞ୍ଚ ରତିକାନ୍ତ ସାହାଣୀ, ଅମୃତମଣୋହି ସରପଞ୍ଚ କୁଳମଣି ମଲିକ ପ୍ରମୁଖ ଦାବି କରିଛନ୍ତି।


ଚାଷ ଜମିକୁ ପାଣି ଯାଉ ନ ଥିବାରୁ ଫାଟି ଆଁ କରିଛି।


ଅଧାପନ୍ତରିଆ ଅବସ୍ଥାରେ ପଡିଥିବା କାଣୀ ନାଳ ପ୍ରକଳ୍ପ।

## ଗାଡ଼ିରୁ ବ୍ୟାଟେରୀ ଚୋରି

ପାଣିକୋଇଲି,(ଡି.ଏନ.ଏ.): ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ନିକଟରୁ ଏକ ୧୨ ଚକିଆ ଟ୍ରକରୁ ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଲତିରି ଗ୍ରାମର ଅରୁପାନନ୍ଦ ମଲ୍ଲିକ ଗାଡ଼ିରେ ସୋମବାର ସକାଳୁ ଧୂପ ଦେବାକୁ ଆସିଲାବେଳକୁ ତାଙ୍କ ଗାଡିରେ ବ୍ୟାଟେରୀ ନଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

ଧର୍ମଶାଳା,୯।୮(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ କାଏମା-ରମାପୁର ନଦୀବନ୍ଧ ରାସ୍ତାର ଗୋପନଗର ମଣି ମନ୍ଦିର ନିକଟରେ ସୋମବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ଭଗବାନପୁର ଗ୍ରାମର ପ୍ରଶାନ୍ତ ବେହେରା ଓରଫ୍ ଅମୂଲ୍ୟ (୩୨)। ସୂଚନା ମୁତାବକ, ସକାଳେ ଭଗବାନପୁର ଗ୍ରାମର ୨ ଯୁବକ ଏକ୍ ବାଇକରେ କାଏମା ଆଡ଼କୁ ଆସୁଥିବା ବେଳେ ମଣି ମନ୍ଦିର ନିକଟରେ ବିପରୀତ ଦୀଗରୁ ଆସୁଥିବା ଏକ ବାଇକ୍ ସହ ସେମାନଙ୍କ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍‌ରେ ବସିଥିବା ୩ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଶାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କଟକରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଆହତ ଦ୍ୱୟଙ୍କ ପରିଚୟ ମିଳି ପାରିନାହିଁ।

### ଘରପୋଡ଼ି ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୯।୮(ଡି.ଏନ.ଏ.): ଜେନାପୁର ଥାନା ଦାଣ୍ଡହରିପୁର ଗାଁରେ ଘରପୋଡ଼ି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗାଁର କେନା ପ୍ରଧାନ। ସୂଚନା ମୁତାବକ, ଦାଣ୍ଡହରିପୁର ଗ୍ରାମର ପ୍ରାଣବନ୍ଧୁ ଗୁରୁଙ୍କ ଉପରେ ଆକ୍ରୋଶ ରଖି ରବିବାର ରାତିରେ କେନା ତାଙ୍କ ଛପର ଘରେ ନିଆଁ ଲଗାଇ ଦେଇଥିଲେ। ଏହାଦେଖି ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଏନେଇ ପ୍ରାଣବନ୍ଧୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ନଦୀ ସୁରକ୍ଷା ଅଭିଯାନକାରୀଙ୍କୁ ସ୍ୱାଗତ

ପାଣିକୋଇଲି,୯।୮(ଡି.ଏନ.ଏ.): ବୈତରଣୀ ନଦୀ ସୁରକ୍ଷା ଅଭିଯାନକାରୀଙ୍କୁ ସୋମବାର ମୂଳାପାଳ ବାବା ଲିଙ୍ଗେଶ୍ୱର ପୀଠରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗୋନାସିକାରୁ ଧାମରା ଚାନ୍ଦବାଲି ପର୍ଯ୍ୟନ୍ତ ସନ୍ନ୍ୟାସୀ ସ୍ୱାମୀ ରାମାନନ୍ଦ ପୁରୀଙ୍କ ନେତୃତ୍ୱରେ ବୈତରଣୀ ପରିକ୍ରମାରେ ବାହାରିଥିବା ମହାନ ସାଧୁ ସନ୍ଥଙ୍କୁ ସ୍ୱାଗତ କରାଯିବା ସହ ରାତ୍ରିଯାପନର ବ୍ୟବସ୍ଥା କରାଯାଇଥିଲା। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଦାମୋଦର ଧଳ, ନିକୁଞ୍ଜ ବିହାରୀ ସାହୁ, ପ୍ରତାପ ଧଳ, ଶରତ ଚନ୍ଦ୍ର ଧଳ, ବୃନ୍ଦାବନ ସାହୁ, ଦୈତାରୀ ଧଳ, ଦିଲ୍ଲୀପ ଧଳ, ବାସୁଦେବ ପରିଡା, ଗୋଲକ ଚନ୍ଦ୍ର ମାଝୀ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ନିତ୍ୟାନନ୍ଦ ପରିଡା, ରମେଶ ସାହୁ, ମାନସ ରଞ୍ଜନ ଧଳ, ଆନନ୍ଦ ପାଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗଣିପାରିଲାନି ଏଫ୍‌ସିଆଇ ଟିମ୍

## ରାଇସ୍ ମିଲ୍‌ରେ ଅବ୍ୟବସ୍ଥା

- ଚାଉଳ ସଂଗ୍ରହ ସମୟ ସୀମା ବୃଦ୍ଧି
- ରିସାଇକ୍ଲିଂ, ବାହାରୁ ଧାନ କିଣାକୁ ପ୍ରୋତ୍ସାହନ

ଯାଜପୁର ଅଫିସ,୯।୮

ଯାଜପୁର ଜିଲା ରାଇସ୍ ମିଲ୍ ପରିସରରେ ଅଗଣିତ ଓ ଅବୈଜ୍ଞାନିକ ଉପାୟରେ ଧାନ ରଖାଯାଇଛି। ଏଥିଯୋଗୁ ଧାନ ଓ ଚାଉଳ ଅନୁପାତ ସଂକ୍ରାନ୍ତରେ ଯାଞ୍ଚ ହୋଇପାରିଲା ନାହିଁ। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଏକ ଦଳର ତଦନ୍ତ ସମୟରେ ଏହା ଦେଖିବାକୁ ମିଳିଛି। ଏଥିଯୋଗୁ ଭାରତ ସରକାର ଚାଉଳ ସଂଗ୍ରହ ସମୟସୀମାକୁ ୩୧।୮।୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେଣୁ ମିଲ୍ ପରିସରରେ ରହିଥିବା ରବି ଓ ଖରିଫ ଋତୁ ଧାନର ପରିମାଣ ଯେପରି ନିରୂପଣ କରାଯାଇପାରିବ ସେଥିପାଇଁ ଠିକ୍ ଭାବେ ସାଇତି ରଖିବାକୁ ଯାଜପୁର ଜିଲା ଯୋଗାଣ ଅଧିକାରୀ କଷ୍ଟମ ମିଲର୍ସମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଚାଷୀଙ୍କୁ ବାଦ୍ ଦେଇ ନକଲି ଚାଷୀ ନାମରେ ବାହାରୁ ଧାନ କିଣିବା ଏବଂ ଚାଉଳ ରିସାଇକ୍ଲିଂକୁ ପ୍ରୋତ୍ସାହନ ଦେଉଥିବା ସ୍ପଷ୍ଟ ବାରି ହେଉଛି।

ଯାଜପୁର ଜିଲା ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ୨୦୨୦-୨୧ ଧାନର ଚାଉଳ ମିଲ୍‌ର୍ସଙ୍କଠାରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସଂଗ୍ରହ ହୋଇପାରିନାହିଁ। ଧାନ ସଂଗ୍ରହର ୩ ମାସ ଅତିକ୍ରାନ୍ତ ହୋଇସାରିଥିଲେ ବି ଗତ ୬ ତାରିଖ ସୁଦ୍ଧା ମାତ୍ର ୬୭.୦୨% ଚାଉଳ ସଂଗ୍ରହ ହୋଇଛି। ଗତ ଖରିଫ ଋତୁରେ ୧,୪୨,୩୩୬.୯୩୩ ମେଟ୍ରିକ ଟନ୍ (ଏମ୍‌ଟି) ଓ ରବି ଋତୁରେ ୯,୧୩୬.୩୩୮ ଏମ୍‌ଟିକୁ ମିଶାଇ ସମୁଦାୟ ୧,୫୧,୪୭୩.୨୭୧ ଏମ୍‌ଟି ଧାନ ସଂଗ୍ରହ ହୋଇଥିଲା। ଉଷୁନା ଓ ଅରୁଆ ଚାଉଳ ମିଲିଂ ପାଇଁ ଜିଲାର ୧୦ ରାଇସ୍ ମିଲ୍‌କୁ ଦାୟିତ୍ୱ ଦିଆଯାଇଛି। ଧାନ ସଂଗ୍ରହର ପରିମାଣ ଅନୁସାରେ ୧,୦୨,୮୪୬.୧୯୭୪ ଏମ୍‌ଟି ଚାଉଳ ଦାଖଲ ହେବା କଥା। କିନ୍ତୁ ଗତ ୬ ତାରିଖ ସୁଦ୍ଧା ୬୮,୯୨୫.୭୨୮ ଏମ୍‌ଟି ଚାଉଳ ସଂଗ୍ରହ ହୋଇ ପାରିଛି। ଏହି ପ୍ରକ୍ରିୟାରେ ପଥରପଦାର କୃପାଳୁ ରାଇସ୍ ଇଣ୍ଡଷ୍ଟ୍ରିଜ ସର୍ବନିମ୍ନ ୫୪.୨୬% ଚାଉଳ ଦାଖଲ କରିଛି। ସେହିପରି ଛତିଆ ଇଷ୍ଟର୍ଣ୍ଣସ୍ ଫୁଡ୍‌ସ ଲିଃ ୬୩.୦୧%, ପାଣିକୋଇଲି ବାବା ଚନ୍ଦ୍ରଶେଖର ରାଇସ୍ ମିଲ୍ ୬୪.୩୨%, ବଡ଼ଚଣା ଶାନ୍ତୁକା ଫୁଡ୍‌ସ୍ ପ୍ରା.ଲି. ୬୭.୧୬% ଓ ମହାବଳୀ ମଡର୍ନ ରାଇସ୍ ମିଲ୍ ୬୭.୬୪% ଚାଉଳ ଦାଖଲ କରିଛନ୍ତି। ମହାବୀର ଫୁଡ୍ ପ୍ରୋସେସର ଶତପ୍ରତିଶତ ଚାଉଳ ଦାଖଲ କରିପାରିଛି।

ଧାନ ଗ୍ରହଣ କରିବା ଅନୁପାତରେ ଚାଉଳ ଦାଖଲ କରି ନ ଥିବା ମିଲ୍‌ଗୁଡିକରେ ଆବଶ୍ୟକ ଧାନ ଏବେ ମହଜୁଦ ରହିଥିବା ନେଇ ସନ୍ଦେହ ଦେଖାଦେଇଛି। ଏହି କାରଣରୁ ଏଫ୍‌ସିଆଇ ଦଳକୁ ଭୁଆଁ ବୁଲାଇବାରେ ସଫଳ ହୋଇଥିବାବେଳେ ଚାଉଳ ସଂଗ୍ରହ ସମୟସୀମାକୁ ମଧ ଘୁଞ୍ଚାଇ ଦିଆଯାଇଛି। ଏଥିରୁ ଜିଲାରେ ଚାଉଳ ରିସାଇକ୍ଲିଂ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ କାଗଜକଲମରେ ନକଲି ଚାଷୀଙ୍କ ନାମରେ ଧାନ କିଣି ମିଲ୍‌ର୍ସଙ୍କୁ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ବାସ୍ତବରେ ସେହି ଧାନ କେଉଁଠୁ ଆସିବ ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ବଡ଼ଚଣା ପ୍ୟାକ୍ସକୁ ଉଦାହରଣ ଭାବେ ନିଆଯାଇପାରେ। ଗତ ୨ ମାସ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ୨ ଥର ୨୫ରୁ ଉର୍ଦ୍ଧ୍ୱ ଚାଷୀ ଏହି ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ରାଜ୍ୟ ସମବାୟ ସମିତିର ଉଚ୍ଚପଦାଧିକାରୀଙ୍କ ନିକଟରେ ଜାଲିଆତି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁସାରେ ୨୦।୫।୨୦୨୧, ୩୦।୬।୨୦୨୧ ଓ ୧୩।୭।୨୦୨୧ରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ହେଲେ ଏଯାଏ ଆବଶ୍ୟକ ତଦନ୍ତ ନ ହେବା କାରଣରୁ ସମ୍ପୃକ୍ତ ମିଲ୍‌ଗୁଡ଼ିକୁ କେଉଁଠୁ ସେହି ପରିମାଣର ଧାନ ଯାଇଛି ବୋଲି ଚର୍ଚ୍ଚା ହେଉଛି। ବଡ଼ଚଣା ବ୍ଲକ ବାଘୁଆ ଗ୍ରାମର ଉଦୟନାଥ ରାଉତ, ଭ୍ରମରବର ରାଉତ, ଧ୍ରୁବାନନ୍ଦ ରାଉତ ପ୍ରମୁଖ ୧୫ ଚାଷୀ ୫।୪।୨୦୨୧ରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକଙ୍କ ନିକଟରେ ଜାଲ୍ ଟୋକନ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ।

ଗତ ଲକ୍‌ଡାଉନ ସମୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ପିଛା ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ଏହିକ୍ରମରେ ଯାଜପୁର ଜିଲାକୁ ୪୦ କୋଟି ୫୮ ଲକ୍ଷ ୧୨ ହଜାର ୨୯୦ ଟଙ୍କା ପାଣ୍ଠି ଦିଆଯାଇଥିଲା। ତେବେ ଏଥିରୁ ୯୫ ଲକ୍ଷ ୨ ହଜାର ୨୯୦ ଟଙ୍କା ଫେରାଇ ଦିଆଯାଇଥିଲା। ଏଥିରୁ ଯାଜପୁର ଜିଲାରେ ୯,୫୦୦ ଜାଲ୍ କାର୍ଡ ହିତାଧିକାରୀ ରହିଥିବା ଅନୁମାନ କରାଯାଉଛି। ଏମାନଙ୍କ ନାମରେ ଯାଉଥିବା ଚାଉଳକୁ ପୁଣି ରିସାଇକ୍ଲିଂ କରି ମିଲ୍‌ଗୁଡିକରେ ନୂତନ ପ୍ୟାକିଂ ହେଉଥିବା ସନ୍ଦେହ କରାଯାଉଛି। ଏଥିପାଇଁ ଚାଉଳ ଦାଖଲ ସମୟ ସୀମାକୁ ବୃଦ୍ଧି କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି।

## ସ୍ତ୍ରୀଙ୍କୁ ନିର୍ଯାତନା: ଶିକ୍ଷକଙ୍କୁ ଉଠାଇନେଲା ପଟ୍ଟାମୁଣ୍ଡାଇ ପୋଲିସ

ଚଣ୍ଡିଖୋଲ,୯।୮(ଡି.ଏନ.ଏ.)

ପଟ୍ଟାମୁଣ୍ଡାଇ ଥାନା ପୋଲିସ ସୋମବାର ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରୁ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ବଡ଼ଚଣା ଶିକ୍ଷା ମଣ୍ଡଳ ତଥା ଏହି ଥାନା ଅଧୀନ ମୁଣ୍ଡାଙ୍କିରି ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଜୟସିଂହ। ପୋଲିସ ସୂଚନା ଅନୁଯାୟୀ, ସନ୍ତୋଷଙ୍କ ସ୍ତ୍ରୀ ପ୍ରତୀମା ଖଟୋଇ ପଟ୍ଟାମୁଣ୍ଡାଇ ଥାନା ଅଧୀନ ଡାମର ପୁରସ୍ଥିତ ହରେକୃଷ୍ଣ ନୋଡାଲ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ଜୁନ୍ ୨୫ ସନ୍ଧ୍ୟାରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ସନ୍ତୋଷ ପ୍ରତୀମାଙ୍କୁ ମାଡ଼ ମାରିଥିଲେ। ଏଥିଯୋଗୁ ପ୍ରତୀମାଙ୍କ ଗର୍ଭନଷ୍ଟ ହୋଇଥିଲା। ଏହାକୁ ନେଇ ଜୁନ୍ ୨୬ରେ ପ୍ରତୀମା ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୯୬।୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସୋମବାର ସନ୍ତୋଷ ବିଦ୍ୟାଳୟରେ ଥିବା ଖବର ପାଇ ପଟ୍ଟାମୁଣ୍ଡାଇ ପୋଲିସ ବାଲିଚନ୍ଦ୍ରପୁର ପୋଲିସ ସହାୟତାରେ ଚଢ଼ାଉ କରିଥିଲା ବୋଲି ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ପ୍ରଶାସନ ଦୃଷ୍ଟି ଆଢୁଆଳରେ ଟିକରପଡ଼ା ଗାଁ


ଗାଁକୁ ରାସ୍ତା ନ ଥିବାରୁ ଲୋକେ ଜଙ୍ଗଲ ଭିତରେ ଚାଲିଚାଲି ଆସୁଛନ୍ତି।


ଗାଁରେ ଥିବା କୁଡ଼ିଆ ଘର।

- ମିଳୁନି ସରକାରୀ ସୁବିଧା
- ଝାଟିମାଟି ଘରେ ବିତୁଛି ଜୀବନ

କାଳିଆପାଣି,୯।୮(ଡି.ଏନ.ଏ.)

ସୁକିନ୍ଦା ବ୍ଲକ ଅଧୀନ କଂସ ପଞ୍ଚାୟତର ଟିକରପଡ଼ା ଗାଁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଏଠାରେ ବସବାସ କରୁଥିବା ଜନଜାତିଙ୍କୁ ସରକାରୀ ସୁବିଧା ମିଳି ପାରୁନାହିଁ। ଗାଁରେ ଅତିଦୟନୀୟ ଭାବେ ଜୀବନ ନିର୍ବାହ କରୁଛନ୍ତି ଜନଜାତି ଜୁଆଙ୍ଗ। କ୍ରୋମାଇଟ୍ ରପ୍ତାନି ସବୁଠାରୁ ଅଧିକ କଅଁସ ପଞ୍ଚାୟତରୁ ହେଉଛି। କିନ୍ତୁ ଏଠାରେ ଅଧିବାସୀମାନେ ଝାଟିମାଟି ଘରେ ରହୁଛନ୍ତି। ଗ୍ରାମବାସୀ ବହୁଥର ବ୍ଲକ ପ୍ରଶାସନକୁ ଭେଟି ସହାୟତା ଦେବାକୁ ନିବେଦନ କରିଛନ୍ତି। ହେଲେ ସୁଫଳ ମିଳୁନାହିଁ ବୋଲି ଅଭିଯୋଗ ଆଣିଛନ୍ତି।

ସେମାନଙ୍କ କହିବା ଅନୁସାରେ, ମାଓବାଦୀ ପ୍ରପୀଡ଼ିତ ଅଞ୍ଚଳକୁ ଗମନାଗମନ ଓ ଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ତରଫରୁ ବହୁକୋଟି ଟଙ୍କା ବିନିଯୋଗ କରାଯାଉଛି। ଟିକରପଡ଼ା ମାଓବାଦୀ ପ୍ରପୀଡ଼ିତ ଅଞ୍ଚଳଭାବେ ପରିଚିତ ଥିଲେ ବି ବିକାଶ ହୋଇ ପାରୁନାହିଁ। ଗ୍ରାମକୁ କଂକ୍ରିଟ ରାସ୍ତା ଓ ନୂତନ ବିଦ୍ୟାଳୟ ସ୍ଥାପନ ୨୦୧୩ରେ ଆରମ୍ଭ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଗାଁରେ ପହଞ୍ଚି ପାରିନାହିଁ। ଟମକା-ମଙ୍ଗଳପୁର ରସ୍ତାର ୨ କି.ମି. ଜଙ୍ଗଲ ପାହାଡ଼ଘେରା ଭିତରେ ଟିକରପଡ଼ା ଗାଁ ରହିଛି। ପାହାଡ଼ ମଧ୍ୟରେ ଗାଁକୁ ଯିବା ସମୟରେ କିଛି ବାଟ କଂକ୍ରିଟ ରାସ୍ତା ରହିଛି। ହେଲେ ଗାଁ ଭିତରକୁ ରାସ୍ତା ଯାଇ ପାରିନାହିଁ। ଫଳରେ ଗାଁକୁ ସ୍ୱାସ୍ଥ୍ୟସେବା ପହଞ୍ଚି ପାରୁନାହିଁ, ଯଦ୍ୱାରା ଜନଜାତି ଜୁଆଙ୍ଗମାନେ ଅକାଳରେ ବହୁ ସମୟରେ ଜୀବନ ହାରୁଥିବା ନଜିର ରହିଛି। ଗାଁର ୩ ସାହିରେ ଆନୁମାନିକ ୬୫ ପରିବାର ରହୁଛନ୍ତି। ହେଲେ ହାତଗଣତି କେତେଜଣଙ୍କୁ ଆବାସ ମିଳିଛି। ବାକି ଲୋକେ ରହୁଥିବା ଘରଗୁଡ଼ିକର କାନ୍ଥ ଭୁଶୁଡ଼ି ପଡ଼ିଛି। ବିଦ୍ୟୁତ୍ ଆଲୋକ ଏଠାକୁ ପହଞ୍ଚି ପାରିନାହିଁ। ଜୁଆଙ୍ଗଙ୍କୁ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ କୁପୋଷଣର ଶିକାର ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଟିକରପଡ଼ା ଗ୍ରାମର ତୁକାରାମ ଓରାମ, ଶୁକୁଟୁ ବୈପାଇ, ଜିଗର ଓରାମ ଓ ବିଲୁ ମୁଣ୍ଡା ପ୍ରମୁଖ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଭାରପ୍ରାପ୍ତ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। କଅଁସ ସରପଞ୍ଚ ରବୀନ୍ଦ୍ର ସାହୁ କହିଛନ୍ତି, ମୁଁ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛି।

# ସ୍କୁଲ ପରିସରରେ ଚାରାରୋପଣ

ଜେନାପୁର,୯।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମା'ବ୍ରାହ୍ମଣୀ ଦେବୀ ଟ୍ରକ୍ ମାଲିକ ସଂଘ ବାଲିସାହି ପକ୍ଷରୁ ସୋମବାର ଗୋଡ଼ିପାଟିଆ ପ୍ରାଥମିକ ବିଦ୍ୟାଳୟର ପରିସରରେ ୫୦ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏଥିରେ ସଂଘ ସଭାପତି ଭାରତ ଚନ୍ଦ୍ର ବାରିକ, ସମ୍ପାଦକ ସେକ୍ ସାହେବ ଅଲ୍ଲୀ, ଉପସଭାପତି ଭୀମସେନ ପ୍ରଧାନ, ଲକ୍ଷ୍ମୀଧର ବେହେରା, କୃଷ୍ଣଚନ୍ଦ୍ର ଖିଲାର, ଅଶୋକ ଜେନା, ରବୀନ୍ଦ୍ର ସ୍ୱାଇଁଙ୍କ ସମେତ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ଥିବା ସ୍କୁଲଗୁଡ଼ିକରେ ଚାରାରୋପଣ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଜମି ଫାଟି ଆଁ, ଚାଷୀ ମୁଣ୍ଡରେ ଚଡ଼କ

ସିଂହପୁର,୯।୮(ଡି.ଏନ.ଏ.)

ଚଳିତ ବର୍ଷ ପାଣିପାଗର ଅନିୟମିତତା ଯୋଗୁ ଆବଶ୍ୟକ ବୃଷ୍ଟିପାତ ହୋଇନାହିଁ। ଫଳରେ ମରୁଡ଼ିର ପଦଧ୍ୱନି ଦେଖାଦେଇଛି। ଏପରିସ୍ଥିତିରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଜୁନ୍ ପ୍ରଥମ ସପ୍ତାହରେ ମୌସୁମୀର ଆଗମନ ଚାଷୀଙ୍କୁ ଆନନ୍ଦିତ କରିଥିଲା। ହେଲେ ଜୁଲାଇ ପ୍ରଥମ ସପ୍ତାହରେ ମୌସୁମୀ ବାଟବଣା ହୋଇଗଲା। ଶ୍ରାବଣରେ ଧାରା ବର୍ଷା ବଦଳରେ ମୁଣ୍ଡଫଟା ଖରା ଯୋଗୁ ଧାନତଳି ରୁଆ ବେଉଷଣ ହେବାକୁ ଥିବା ବିଲଗୁଡିକ ଫାଟି ଆଁ କଲାଣି। ରୁଆ ହୋଇଥିବା ଧାନତଳି ମରିବାକୁ ବସିଲାଣି। ଏହିପରି ଅବସ୍ଥା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର, ଓଳେଇଚନ୍ଦନପୁର, ଜରି, ବାଙ୍ଗରା, ଟିଣା, ବାଛୋଳ, ହଳଦୀଡ଼ିହ, ଆଉଁରୀ, ଫତେପୁର, କପିଳା ସମେତ ଆଖପାଖ ପଞ୍ଚାୟତରେ। ଆକାଶରେ ବାଦଲ ଗର୍ଜୁଛି, ହେଲେ ବର୍ଷା ହେଉନାହିଁ। ପରିସ୍ଥିତି ଏପରି ହୋଇଛି ଯେ ଅର୍ଧାଧିକ ଫସଲ ନଷ୍ଟ ହୋଇ ସାରିଲାଣି। ଚଳିତ ବର୍ଷ ଲୋକେ ଚାଷକାମରେ ମନ ଦେଇ ଧାରକରଜ ଓ ସମବାୟ ସମିତିରୁ ଋଣ ଆଣି ଫସଲ କରିଛନ୍ତି। ତେବେ ଫସଲ କ୍ଷତି ହେବା ଦେଖି କେମିତି ଋଣ ସୁଝିବେ ଓ କେମିତି ବର୍ଷସାରା ଚଳିବେ ବୋଲି ଚାଷୀ ଗୋପାଳ ପ୍ରଧାନ, ଦେବେନ୍ଦ୍ର ସାମଲ, ଅଶୋକ ଧଳ, ଭୀମସେନ ଖିଲାର, ବିଶ୍ୱନାଥ ବେହେରା, ଶରତ ସାହୁ, ପ୍ରଫୁଲ ମହାନ୍ତି ଓ ସନାତନ ସାମଲ କହିଛନ୍ତି। ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସୁଧାରିବାକୁ ଚାଷୀମାନେ ନିବେଦନ କରିଛନ୍ତି।

# ସଂଗଠନ ସୁଦୃଢ଼ କରିବାକୁ କ୍ରାନ୍ତି ଦିବସରେ ଶପଥ

ଧର୍ମଶାଳା,୯।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ଗୋପବନ୍ଧୁ ଛକଠାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ ରାୟ, ନକୁଳ ଜେନା, ହରିହର ମଲିକ, କାର୍ତ୍ତିକ ସାହୁ ଓ ଦେବାଶିଷ ପରିଡ଼ାଙ୍କ ସମେତ ବହୁ କର୍ମୀ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ ଧର୍ମଶାଳାରେ ସୁଦୃଢ଼ କରିବାକୁ କର୍ମୀମାନେ ଶପଥ ନେଇଥିଲେ।


ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଛକଠାରେ କ୍ରାନ୍ତି ଦିବସ ପାଳନ କରାଯାଉଛି।

# କଂଗ୍ରେସ ପାଳିଲା କ୍ରାନ୍ତି ଦିବସ

ଯାଜପୁର ସଦର,୯।୮(ଡି.ଏନ୍.ଏ)

ଯାଜପୁର ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ। ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗାନ୍ଧୀଛକଠାରେ ମହାତ୍ମାଗାନ୍ଧୀ, ବାରୁଣୀ ପଡ଼ିଆ ଓ ଗରିଆପୁରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ଭାସ୍କରଚନ୍ଦ୍ର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ରାଜ୍ୟ ମହିଳା କଂଗ୍ରେସ କୋଷାଧ୍ୟକ୍ଷା ପ୍ରତିମା କର, ଜିଲା ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ରାଜ୍ୟ ଓବିସି ସେଲ ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା କଂଗ୍ରେସ ଉପସଭାପତି ବିଭୂତି ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆନ୍ଦୋଳନ

## ଚାନ୍ଦିଆ ପିଇଓଙ୍କୁ ହତ୍ୟା ଧମକ ଘଟଣା

କଳିଙ୍ଗନଗର,୯।୮(ଡି.ଏନ.ଏ.)

ଦାନଗଦୀ ବ୍ଲକ ଅଧୀନ ଚାନ୍ଦିଆ ପଞ୍ଚାୟତର ପିଇଓ ରଜନୀକାନ୍ତ ସେଠୀଙ୍କୁ ଗୋଲାଗାଁର ଜଣେ ଠିକାଦାର ଏକ ପୁରୁଣା ବିଲ୍ ପାସକୁ ନେଇ ଗାଳିଗୁଲଜ ଓ ହତ୍ୟା ଧମକ ଦେବା ଘଟଣାକୁ ଇତିମଧ୍ୟରେ ୧ ମାସ ବିତି ଯାଇଛି। ହେଲେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ବଦଳରେ ଘଣ୍ଟ ଘୋଡ଼ାଇ ଚାଲିଛି। ଏପରି ଅଭିଯୋଗ ଆଣି ସୋମବାର ଦାନଗଦୀ ବ୍ଲକର ନିଖିଳ ଉତ୍କଳ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କର୍ମକର୍ତ୍ତା କଲମମ ଛାଡ଼ ଆନ୍ଦୋଳନ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ପିଇଓମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଖବର ପାଇ ଯାଜପୁର ରୋଡ୍ ଥାନା ଅଧିକାରୀ ଅନିଲ କୁମାର ମହାନ୍ତ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ବ୍ଲକର ୨୩ ପଞ୍ଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସଂଘ ସଭାପତି ଚିତ୍ତରଞ୍ଜନ ରାଉତ, ଉପସଭାପତି ମନମୋହନ ସାହୁ, ପଙ୍କଜ କୁମାର ସାହୁ, କଳ୍ପଲତା ବିଶ୍ୱାଳ, କପିଳ ଚରଣ ସାମଲ ଓ କୁଳମଣି ଦାସଙ୍କ ସମେତ ୧୮ ଜଣ ପିଇଓ ଧାରଣାରେ ସାମିଲ ହୋଇଛନ୍ତି।

ସୂଚନା ମୁତାବକ, ପିଇଓ ସେଠୀ ଜୁଲାଇ ୬ ତାରିଖରେ ପଞ୍ଚାୟତରେ ବାଲ୍ୟ ବିବାହ କମିଟି ଗଠନ କରିବା ପାଇଁ ଯାଉଥିଲେ। ଗୋଲାଗାଁ ଛକ ନିକଟରେ ସେହି ଗ୍ରାମର ଠିକାଦାର ମାଧବାନନ୍ଦ ବେହେରା ଓରଫ(ମାଧ) ତାଙ୍କୁ ଅଟକାଇଥିଲେ। ଏହାପରେ ଦୁଇବର୍ଷ ହେଲା ଟ୍ୟୁବ୍‌ୱେଲ୍ ବିଲ କାହିଁକି କରୁନାହଁ ବୋଲି କହି ଅଶ୍ଳୀଳ ଭାଷାରେ ପିଇଓ ସେଠୀଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ଆଜିରେ ବିଲ ପାସ ନ କଲେ ଗୋଡ଼ ହାତ ଭାଙ୍ଗି ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।



ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଧାରଣାରେ ବସିଛନ୍ତି।

# ଗୋଟିଏ ମଞ୍ଚରେ ଏକାଠି ହେଲେ ବିରୋଧୀ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା

ଚଣ୍ଡିଖୋଲ,୯।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ମଝିପଡ଼ା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆ.ର୍.ଇ.ଜି.ଏସ୍.)ରେ କରାଯାଉଥିବା ପ୍ରକଳ୍ପ ଗୁଡ଼ିକରେ ଅନିୟମିତତା ହେଉଛି। ଏହାର ପ୍ରତିବାଦରେ ମଝିପଡ଼ା ନାଗରିକ ମଞ୍ଚ ପକ୍ଷରୁ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଧାରଣାକୁ ସମର୍ଥନ କରି ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ବଡ଼ଚଣା ଭାଜପା ନେତା ଅମର ନାୟକ, ପ୍ରମୋଦ ଜେନା, ସରୋଜ ବଳ, ବିଘ୍ନେଶ୍ୱର ବଳ, ମଧୁସୂଦନ ଖୁଣ୍ଟିଆ ଓ କେଶବ ସେଠୀଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପହଞ୍ଚି ଧାରଣାକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏକ ସପ୍ତାହ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପୁନର୍ବାର ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ସୂଚନାଯୋଗ୍ୟ, ପଞ୍ଚାୟତର ମହାଗିରିଠାରୁ ବରୁଣେଇ ପର୍ଯ୍ୟନ୍ତ ୩ ଲକ୍ଷ ୩ ହଜାର ଟଙ୍କା ବ୍ୟୟରେ ଟ୍ରେଞ୍ଚ ଖୋଳା ଯିବା ପାଇଁ ଯୋଜନା ହୋଇଥିଲା। ସେଠାରେ ଥିବା ସୂଚନା ଫଳକରେ ଚଣ୍ଡିଆ ଗ୍ରାମ ମହାଗିରିଠାରୁ ପାହାଡ଼ ପାଦଦେଶରେ ମଝିପଡ଼ା ଗ୍ରାମ ବରୁଣେଇ ପର୍ଯ୍ୟନ୍ତ ଖନନ କରାଯିବ ବୋଲି ଉଲ୍ଲେଖ ରହିଛି। କିନ୍ତୁ ପଞ୍ଚାୟତ ପକ୍ଷରୁ ମଝିପଡ଼ା ଗ୍ରାମର ଶେଷମୁଣ୍ଡ ଗଡଜିତ୍ ଉଦୟଗିରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କଠାରୁ ପାହାଡ଼ ପର୍ଯ୍ୟନ୍ତ ଟ୍ରେଞ୍ଚ ଖୋଳାଯାଇଛି ବୋଲି ନାଗରିକ ମଞ୍ଚ ତରଫରୁ ଅଭିଯୋଗ ଉଠିଛି। ବରୁଣେଇଠାରୁ ଏହା ଖୋଳାଯିବା ବଦଳରେ ଦୁଇ କିଲୋମିଟର ଦୂର ସମିତିସଭ୍ୟା ମଞ୍ଜୁଶ୍ରୀ ଦେଓଙ୍କ ବ୍ୟକ୍ତିଗତ ଜମିକୁ ସୁରକ୍ଷା ଦେବା ପାଇଁ ସରକାରୀ ଅର୍ଥ ବ୍ୟୟରେ ଜାଗୁଳାଇ ପାଖରୁ ଖୋଳାଯାଇଛି। ସମିତିସଭ୍ୟାଙ୍କ ଶାଶୁ ଯାହାଙ୍କ ବୟସ ୭୦ରୁ ଉର୍ଦ୍ଧ୍ୱ ଓ ସମିତି ସଭ୍ୟାଙ୍କ ସ୍ୱାମୀ ଏହି ପ୍ରକଳ୍ପରେ ମଜୁରିଆ ଭାବେ କାର୍ଯ୍ୟ କରିଛନ୍ତି। ପ୍ରକଳ୍ପର ସମ୍ପୂର୍ଣ୍ଣ ଅର୍ଥ ଉଠାଇ ନିଆଯାଇଛି ବୋଲି ନାଗରିକ ମଞ୍ଚ ସମେତ ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି କହିଛନ୍ତି, ସମ୍ପୃକ୍ତ ପ୍ରକଳ୍ପରେ ଅଦ୍ୟାବଧି ୧ ଲକ୍ଷ ୭୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲା ସଂଯୋଜକ ଚିନ୍ମୟୀ ସିଂହ କ୍ଷେତ୍ରକୁ ଯାଇ ତଦନ୍ତ କରିଛନ୍ତି। ସମିତିସଭ୍ୟା ଦେଓ କହିଛନ୍ତି, ଉକ୍ତ ଟ୍ରେଞ୍ଚ ଖୋଳାଯାଇଥିବା ସ୍ଥାନ ଏକ ସରକାରୀ ଜମି। ଏହାଠାରୁ ଦୁଇ ଶହ ମିଟର ଦୂରରେ ଆମ ଜମି ରହିଛି। ବିରୋଧୀମାନେ ମିଥ୍ୟା ଆରୋପ ଲଗାଉଛନ୍ତି।

# ପୁଣି ତେଜିଲା ଖରସ୍ରୋତା ପାଣି ବିବାଦ

କେନ୍ଦ୍ରାପଡା ଅଫିସ/ ରାଜକନିକା/ ଆଳି, ୯।୮(ଡି.ଏନ.ଏ.)

ଖରସ୍ରୋତା ପାଣି ବିବାଦ କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସୋମବାର ତୀବ୍ର ହୋଇଛି। ୨ ହଜାରରୁ ଅଧିକ ମହିଳା ଭଦ୍ରକ ଜିଲାକୁ ଏହି ନଦୀରୁ ପାଣି ଦିଆଯିବାକୁ ବିରୋଧ କରିଛନ୍ତି। ଲୋକେ ମଶାଲ ଯାତ୍ରା କରି ନିଜ କ୍ଷୋଭ ଜଣାଇଛନ୍ତି। ଏହି ଅବସରରେ 'ଖରସ୍ରୋତାରେ ପାଣି ନାହିଁ, ଭଦ୍ରକକୁ ନେବ କ'ଣ ପାଇଁ' ବୋଲି ଲୋକେ ନାରା ଦେଇ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ପ୍ରଶ୍ନ ପଚାରିଛନ୍ତି। ଏପରିକି 'ଖରସ୍ରୋତା ଆମ ମାଆ। ମାଆକୁ ମରିବାକୁ ଦିଆଯିବ ନାହିଁ' ବୋଲି ଶପଥ ନିଆଯାଇଥିଲା।

ଭଦ୍ରକ ଜିଲାର ୯୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ୮୯୨ କୋଟି ଟଙ୍କାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ଚାନ୍ଦବାଲି ବ୍ଲକ ନୂଆହାଟ ଠାରେ ନିର୍ମାଣ କରାଯାଇଛି। ଏଥିପାଇଁ କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ନେବାକୁ ଯୋଜନା ହୋଇଛି। ଏହାକୁ ନେଇ ୨୦୧୯ ଡିସେମ୍ବର ୩୧ରୁ ଆଳି ଓ ରାଜକନିକାବାସୀ ବିରୋଧ କରି ଆସୁଛନ୍ତି। ପ୍ରକଳ୍ପକୁ ପାଣି ଦେବା ପାଇଁ କେନ୍ଦ୍ରାପଡା ଜିଲା ପ୍ରଶାସନ ବାରମ୍ବାର ଉଦ୍ୟମ କରିଆସିଛି। ପୂର୍ବରୁ ଏଭଳି ଦୁଇଥର ଉଦ୍ୟମ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ବିଫଳ ହୋଇଥିଲା। ଗତ ଶନିବାର



ଖରସ୍ରୋତା ପାଣି ବିବାଦକୁ ନେଇ ଲୋକେ ମଶାଲ ଯାତ୍ରାରେ କ୍ଷୋଭ ପ୍ରକାଶ କରୁଛନ୍ତି।

**■ଭଦ୍ରକ ପ୍ରକଳ୍ପକୁ ପାଣି ଦିଆଯିବାକୁ ଜୋର୍‌ଦାର ବିରୋଧ**
**■ମଶାଲ ଶୋଭାଯାତ୍ରା, ଅସ୍ତଗାମୀ ସୂର୍ଯ୍ୟଙ୍କୁ ବନ୍ଦନା**

ରାତିରୁ ପୁଣି ଉଦ୍ୟମ ଆରମ୍ଭ ହୋଇଥିବା ଖବର ପ୍ରଚାରିତ ପରେ ସ୍ଥାନୀୟ ଅଞ୍ଚଳରେ ଉତେଜନା ପ୍ରକାଶ ପାଇଛି। ଦୁଇ ବ୍ଲକ ଅଞ୍ଚଳର ମହିଳାମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି। ଏଥିସହିତ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି, କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ଭାଜପା ନେତା ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଛନ୍ତି। ପୂର୍ବାହ୍ନରେ ମହିଳା ଓ କର୍ମକର୍ତ୍ତାମାନେ ବରୁଣାଡିହାରେ ଏକ ମେଳି କରିଥିଲେ। ଖରସ୍ରୋତାରୁ ପାଣି ନେବାକୁ ବିରୋଧ କରିଥିଲେ। ସେହିପରି ନିକଟସ୍ଥ ପୋଲ ନିକଟରେ ମହିଳାମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ବନ୍ଦନା କରିବା ସହିତ ସନ୍ଧ୍ୟାରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ସମିତିର କର୍ମକର୍ତ୍ତା ସହିତ ଲିପ୍ସା ନାୟକ, ସବିତା ବରଜ, ହଳଧର ମଲ୍ଲିକ, ଶରତ ରାଉତ, ମଙ୍ଗୁଳି ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏ ସମ୍ପର୍କରେ ସମିତି କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସ, ନୃସିଂହ ଚରଣ ବେହେରା, ଗୋଲେଖ ବିଶ୍ୱାଳ ପ୍ରମୁଖ କହିଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ସମସ୍ତ ବଳକୁ ଲଗାଇ ଦିଆଯାଇଛି। ଏଥିପାଇଁ ଏଠାରେ ପ୍ରଚୁର ପୋଲିସ ବଳ ମୁତୟନ କରିଛନ୍ତି। ଜିଲା ପ୍ରଶାସନର ଏପରି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳବାସୀ କେବେବି ବରଦାସ୍ତ କରିବେ ନାହିଁ। ଖରସ୍ରୋତା ନଦୀ ସ୍ରୋତ କମିଯାଉଥିବା ସମୟରେ ପାଣି ନିଆଗଲେ ଏହା ମୃତ ନଦୀରେ ପରିଣତ ହେବ। ଏପରିକି ଲୁଣା ଜଳ ମାଡି ଆସି ଜୀବନ ଜୀବିକାକୁ ପ୍ରଭାବିତ କରିବ। ଭବିଷ୍ୟତ ପିଢ଼ିଙ୍କୁ ଏନେଇ କେଉଁ ପ୍ରକାର ଉତ୍ତର ରଖିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ଶ୍ରମିକଙ୍କ ଦାବିରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୯।୮(ବ୍ୟୁରୋ): ଅଖିଳ ଭାରତୀୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପରିପ୍ରେକ୍ଷୀରେ ପାର୍ଲାମେଣ୍ଟ ଘେରାଉ ହେଉଥିବା ବେଳେ ସୋମବାର କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିର୍ମାଣ ଶ୍ରମିକ, କୃଷି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ , ଉଠାଦୋକାନୀ, ଘରୋଇ ଶ୍ରମିକ ଭାବେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ୧.୬୨ କୋଟି ଅଣସଂଗଠିତ ଶ୍ରମିକ କାର୍ଯ୍ୟ କରୁଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୮୦ ଲକ୍ଷ ଅଣସଙ୍ଗଠିତ ଶ୍ରମିକଙ୍କ ନାମ ପଞ୍ଜୀକୃତ କରି ଧର୍ମକୁ ଆଖିଠାର ମାରିଥିବା ପ୍ରତିବାଦରେ ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ଆନ୍ଦୋଳନ କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ମାଫିଆରାଜ ବନ୍ଦ କରିବା, ସମସ୍ତ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକୃତ କରିବା ସହିତ ପଞ୍ଜୀକୃତ ଅଣସଙ୍ଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇ ଦେବା ସମେତ ୯ ଦଫା ଦାବିକୁ ନେଇ ବିଧାନସଭା ଘେରାଓ ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

### ପ୍ରତି ଗାଁରେ ୨ ଜଣଙ୍କୁ ସ୍ୱେଚ୍ଛାସେବକ ରଖିବ ଭାଜପା

ଭୁବନେଶ୍ୱର, ୯।୮(ବ୍ୟୁରୋ): କୋଭିଡ୍ ସଂକ୍ରମଣ ଦ୍ୱାରା ସମଗ୍ର ବିଶ୍ୱ ବର୍ତ୍ତମାନ କ୍ଷତିଗ୍ରସ୍ତ। ଉଭୟ ଜୀବନ ଓ ଜୀବିକା ବହୁ ମାତ୍ରାରେ ପ୍ରଭାବିତ। କୋଭିଡ୍ ସଂକ୍ରମଣର ୧ମ ଓ ୨ୟ ଲହର ବିରୋଧରେ ଲଢ଼େଇକୁ ସଫଳ ରୂପେ ପ୍ରତିହିତ କରିପାରିଥିବା କେନ୍ଦ୍ର ସରକାର ସାମ୍ଭାବ୍ୟ ୩ୟ ଲହର ସଂକ୍ରମଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ୩ୟ ଲହରର ମୁକାବିଲା ପାଇଁ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ସହ ରାଷ୍ଟ୍ରୀୟ ସ୍ତରଠାରୁ ଗ୍ରାମସ୍ତର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତିର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଗତ ଜୁଲାଇ ୨୮ରେ ନଡ୍ଡା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୩ଟି ରାଜ୍ୟର ୧୨୧ ଜଣ ପ୍ରତିନିଧି ଯୋଗଦେଇଥିଲେ। ପ୍ରତ୍ୟେକ ଗ୍ରାମରେ ୨ ଜଣ ତଥା ଦେଶର ପ୍ରାୟ ୨ ଲକ୍ଷ ଗ୍ରାମରେ ୪ ଲକ୍ଷ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକଙ୍କୁ ପ୍ରଶିକ୍ଷଣ ଦିଆଯାଇ ସାମ୍ଭାବ୍ୟ କୋଭିଡ୍ ୩ୟ ଲହରର ସଂକ୍ରମଣକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବେ। ଏହି ସଙ୍କଟ ସମୟରେ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକମାନେ ଦେଶର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମାଜସେବା କରିବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସହାୟକ ହେବେ। ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକମାନେ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ ଓ ସହାୟତା କରି କୋଭିଡ୍ ସଂକ୍ରମଣର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ କୋଭିଡ୍ ଗାଇଡ୍‌ଲାଇନକୁ ସମ୍ପୂର୍ଣ୍ଣ ପାଳନ କରିବେ।

### ବଳାତ୍କାର ଅଭିଯୋଗ, ଯୁବକ ଗିରଫ

କଟକସଦର,୯।୮(ଡି.ଏନ୍.ଏ.): କନ୍ଦରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର କରିଥିବା ଅଭିଯୋଗରେ ସୋମବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେ ହେଲେ କନ୍ଦରପୁର ଆଦିବାସୀ ସାହିର ଦିବାକର ମୁର୍ମୁ। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୮/୨୧) ରୁଜୁ କରିଥିଲା। ଅଭିଯୁକ୍ତ ଜଣକ ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଅନ୍ତଃସ୍ୱତ୍ତା କରିଥିଲେ। କିଛିଦିନ ତଳେ ଗର୍ଭପାତ କରିବା ପାଇଁ ନାବାଳିକାଙ୍କୁ କଟକ ମେଡିକାଲ ଆଣି ଯୁବକ ଜଣକ ଫେରାର ହୋଇଯାଇଥିଲେ। ମେଡିକାଲ ପରିସରରେ ନାବାଳିକା କାନ୍ଦି ବୁଲୁଥିବାବେଳେ ଶିଶୁ ସୁରକ୍ଷା କମିଟି ସଦସ୍ୟାମାନେ ତାଙ୍କୁ ଉଦ୍ଧାର କରିଥିଲେ। ୧୬୧ ଧାରାରେ ପୋଲିସ ନାବାଳିକଙ୍କ ବୟାନ ମେଡିକାଲରେ ରେକର୍ଡ କରାଯାଇଥିଲା। ପରେ ନାବାଳିକାଙ୍କ ପରିବାର ଲୋକେ ୩ଦିନ ତଳେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଗିରଫ କରିଥିଲା। ଅଭିଯୁକ୍ତ ପୂର୍ବରୁ ବିବାହିତ ବୋଲି ଜଣାପଡ଼ିଛି।

# ୩ ଜଣଙ୍କୁ ୧୦ବର୍ଷ, ଜଣଙ୍କୁ ୨୦ ବର୍ଷ କାରାଦଣ୍ଡ

**ଗଞ୍ଜେଇ ଚୋରାଚାଲାଣ ମାମଲା**

ମାଲକାନଗିରି, ୯।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱତନ୍ତ୍ର ଜିଲା ଜଜ୍ ସୋମବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣି କରି ୪ଜଣ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ପଦ୍ମନ କବାସୀ, ପଦ୍ମନ ମାଡକାମି ଓ ହରି ଡୁରୁକାଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ ଶୁଣାଣି କରିଥିବା ବେଳେ ୧ ଲକ୍ଷ ଟଙ୍କା ଲେଖାଏ ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ଚୋରାଚାଲାଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଦିଲୀପ ମାଛାଲଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କୁ ୨ଲକ୍ଷ ଟଙ୍କା ଜରିମାନା ଦେବାକୁ ଶୁଣାଣିରେ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ରେ ଓର୍କେଲ ଥାନାର ତତ୍କାଳୀନ ଏସ୍‌ଆଇ ମାନସ ରଞ୍ଜନ ସ୍ୱାଇଁଙ୍କ ସହ ପୋଲିସ କର୍ମଚାରୀମାନେ କାଲିମେଳା–ଚିତ୍ରକୋଣ୍ଡା ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପଦ୍ମନ କବାସୀ, ପଦ୍ମନ ମାଡକାମି, ହରି ଡୁରୁକା ଭାରରେ ୧୦୮ କେଜି ଗଞ୍ଜେଇ ଆଣୁଥିବା ବେଳେ ଧରାପଡିଥିଲେ। ଏହାକୁ ପୋଲିସ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ସୂଚନାକ୍ରମେ ଗଞ୍ଜେଇ କିଣିଥିବା ଦିଲୀପ ମାଛାଲଙ୍କୁ ମଧ ପୋଲିସ ଗିରଫ କରିଥିଲା। ପିଆର୍ କେସ୍ ନଂ. ୪୫/୧୮ରେ ମାମଲା ରୁଜୁ କରି ସମସ୍ତଙ୍କୁ ସେ ସମୟରେ କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର ଜିଲା ସ୍ୱତନ୍ତ୍ର ଜିଲା ଜଜ୍‌ଙ୍କ ଅଦାଲତରେ ଚାଲିଥିଲା। ଏବେ ଏହାର ବିଚାରକରି ବିଚାରପତି କୁମାରୀ ରେଖା ପ୍ରସାଦ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ମାମଲାକୁ ସରକାରୀ ଓକିଲ ବିଜୟ ମହାନ୍ତି ପରିଚାଳନା କରୁଥିଲେ।

# କ୍ରାନ୍ତି ଦିବସରେ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧିତ



ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବରଗଡ଼ ଅଫିସ୍/ସୋହେଲା, ୯।୮(ଡି.ଏନ.ଏ.)

ଅଗଷ୍ଟ କ୍ରାନ୍ତିଦିବସ ଅବସରରେ ସୋମବାର ବରଗଡ ଜିଲା ସୋହେଲା ବ୍ଲକର ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସଂଗ୍ରାମୀଙ୍କ ବାସଭବନକୁ ଯାଇ ତାଙ୍କୁ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ ସେ ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଦାନ କରିଥିଲେ। ଏହି ଶୁଭେଚ୍ଛା ବାର୍ତ୍ତାକୁ ସୋହେଲା ବିଡିଓ ବିଶ୍ୱରଞ୍ଜନ କର ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ରାନ୍ତି ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଶୁଭେଚ୍ଛା ବାର୍ତ୍ତା ଓ ସମ୍ବର୍ଦ୍ଧନା କରାଯିବା ପ୍ରଥମ ଘଟଣା।

# ପ୍ରଫେସର ନାରାୟଣ ରାଓ ଜାତୀୟ ଫେଲୋ ମନୋନୀତ

ଖୋର୍ଦ୍ଧା ଅଫିସ,୯।୮

**ଜନଜାତିଙ୍କ ଭାଷା, ଲିପି, ସଂସ୍କୃତି ଉପରେ କରିବେ ଗବେଷଣା**



ବିଶିଷ୍ଟ ଐତିହାସିକ, ଭାରତୀୟ ଇତିହାସ ସଙ୍କଳନ ସମିତିର ଉପସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ନାରାୟଣ ରାଓ ଭାରତ ସରକାରଙ୍କ ମାନବ ସମ୍ବଳ ବିଭାଗ ଅଧୀନ ଜାତୀୟ ଇତିହାସ ଅନୁସନ୍ଧାନ ପରିଷଦ (ଆଇସିଏଚଆର) ପକ୍ଷରୁ ନ୍ୟାଶନାଲ ଫେଲୋ ଭାବେ ମନୋନୀତ ହୋଇଛନ୍ତି। ସେ ଏହି ପଦବୀରେ ଦୁଇ ବର୍ଷ ପାଇଁ ରହିବେ। ପ୍ରଫେସର ରାଓଙ୍କ ଜନ୍ମମାଟି ଖୋର୍ଦ୍ଧା ହୋଇଥିବା ବେଳେ ପୁରୀ ଏସ୍‌ସିଏସ୍ କଲେଜରୁ ଇତିହାସ(ସମ୍ମାନ)ରେ ସ୍ନାତକ ପାସ୍ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍‌ଫିଲ ଏବଂ ବାଣୀବିହାରରୁ ଇତିହାସରେ ପିଏଚ୍‌ଡି ହାସଲ କରିଛନ୍ତି। ୧୯୬୬ରେ ସମ୍ବଲପୁର ଜିଏମ କଲେଜରୁ ଅଧ୍ୟାପନା ଜୀବନ ଆରମ୍ଭ କରିଥିଲେ। ପରେ ବଲାଙ୍ଗୀର, ବ୍ରହ୍ମପୁର ଖଲ୍ଲିକୋଟ, କଟକ ରେଭେନ୍‌ଶା କଲେଜରେ ଅଧ୍ୟାପନା କରିଛନ୍ତି। ଏହି ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱ ତୁଲାଇଥିଲେ। ୨୦୦୦ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଭାବେ ଯୋଗଦେଇ ପରେ ଅବସର ଗ୍ରହଣ କରିଥିଲେ। ସେ ଓଡ଼ିଶା ଇତିହାସ ସଙ୍କଳନ ସମିତି, ଭାରତୀୟ ଇତିହାସ ସଙ୍କଳନ ସମିତିର ସଦସ୍ୟଭାବେ ବିଭିନ୍ନ ସ୍ଥାନରେ ଗବେଷଣାତ୍ମକ ସନ୍ଦର୍ଭ ପାଠ କରି ସମ୍ମାନ ସାଉଁଟିଛନ୍ତି। ପ୍ରଫେସର ରାଓ କହିଛନ୍ତି, ଜନଜାତିଙ୍କ ଉପରେ ଗବେଷଣା ଲାଗି ସ୍ଥିର କରିଛି। ପୂର୍ବରୁ ଜନଜାତିଙ୍କ ଉପରେ ଗବେଷଣା ହୋଇଥିଲେ ମଧ ସେମାନଙ୍କର ଭାଷା, ଲିପି, ଜୀବନଶୈଳୀ, ସଂସ୍କୃତି ଉପରେ ଅଧିକ ଗବେଷଣା ଜରୁରୀ। ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିବି। ଜନଜାତିଙ୍କ ଉପରେ ପ୍ରକାଶିତ ବିଭିନ୍ନ ସନ୍ଦର୍ଭ ଏବଂ ଲେଖା ସମେତ ରାଜ୍ୟ ଅଭିଲେଖାଗାରରେ ରହିଥିବା ତଥ୍ୟ ସଂଗ୍ରହ କରିବି। ଏଥିସହ ଓଡ଼ିଶାର ଜନଜାତି ଅଞ୍ଚଳକୁ ପରିଦର୍ଶନ କରି ସେମାନଙ୍କ ଜୀବନଶୈଳୀକୁ ଅନୁଭବ କରି ଗବେଷଣା ଦିଗରେ ଆଗକୁ ବଢ଼ିବି।

# କଟକଣା ସତ୍ତ୍ୱେ ଜଳଲାଗି କଲେ କାଉଡ଼ିଆ

ନିରାକାରପୁର,୯।୮(ଡି.ଏନ୍.ଏ.)

କରୋନା ସଂକ୍ରମଣ ପାଇଁ ଚଳିତବର୍ଷ ବୋଲବମ ଯାତ୍ରା ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ପ୍ରଶାସନର କଟକଣାକୁ ନ ମାନି ସୋମବାର କେତେଜଣ କାଉଡ଼ିଆ ଶୈବପୀଠରେ ଜଳଲାଗି କରିଥିବା ଖୋର୍ଦ୍ଧା ଜିଲା ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି। ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବାରୁ କାଉଡ଼ିଆମାନେ ଜଳଲାଗି କରିଥିଲେ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ଯୁବତୀ ମୃତ, ଜଣେ ଗୁରୁତର

ବୋଲଗଡ଼,୯।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କଅଁରପୁର ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତା ହେଲେ କଅଁରପୁର ଆଦିବାସୀ ସାହିର ପୂଜା ନାୟକ(୧୮)। ତେବେ ଗୁରୁତର ରୁନି ନାୟକଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବଳଭଦ୍ର ନାୟକଙ୍କ ଝିଅ ପୂଜା ଓ ନାଲୁ ନାୟକଙ୍କ ଝିଅ ରୁନି ଜମିରେ ଧାନ ତଳିରୁଆ କାମ କରୁଥିଲେ। ଅପରାହ୍ନ ପ୍ରାୟ ୪ଟାରେ ବର୍ଷା ହେବା ସହ ବଜ୍ରପାତ ହେବାରୁ ଉଭୟ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପୂଜାଙ୍କୁ ମୃତ ଘୋଷଣା କରିଥିଲେ। ରୁନି ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

# ଅମଲାଙ୍କ ଜରିଆରେ ହରିଲୁଟ୍ କରୁଛି ବିଜେଡି: ଭାଜପା

ଭୁବନେଶ୍ୱର, ୯।୮(ବ୍ୟୁରୋ)

ଶାସକ ବିଜେଡି ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟକୁ ଜୋର ଜବରଦସ୍ତ ଅକ୍ତିଆର କରି ଦୁର୍ନୀତିର ଗନ୍ତାଘର କରିଦେଇଛି। ସାଧାରଣ ଜନତାଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରକାର ଜନକଲ୍ୟାଣ ଯୋଜନାକୁ ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ଅମଲାମାନଙ୍କ ଜରିଆରେ ବ୍ୟାପକ ହରିଲୁଟ୍ କରୁଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସାଧାରଣ ଗରିବ ଓ ପ୍ରକୃତ ହିତାଧିକାରୀଙ୍କୁ ତାଙ୍କ ନ୍ୟାଯ୍ୟ ହକ୍ ଦେବା ପାଇଁ ଭାଜପା ତରଫରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସୋମବାର ଅନୁଷ୍ଠିତ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ କର୍ମଶାଳାରେ ନିଷ୍ପତ୍ତି ନିଆଯାଇଥିବା ଦଳର ପଞ୍ଚାୟତିରାଜ ସମିତି ରାଜ୍ୟ ଅଧ୍ୟକ୍ଷ ରଘୁନାଥ ମହାନ୍ତି କହିଛନ୍ତି । ସେ କହିଛନ୍ତି, ବାସଗୃହ, ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ, ରାସ୍ତାଘାଟ ଆଦି ନିର୍ମାଣ ପାଇଁ ଆସୁଥିବା କେନ୍ଦ୍ରୀୟ ଅନୁଦାନକୁ ହରିଲୁଟ୍ କରାଯାଇ ସାଧାରଣ ଗରିବ ହିତାଧିକାରୀଙ୍କୁ ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପରେ ଗ୍ରାମାଞ୍ଚଳର ବିକାଶ ପାଇଁ ବ୍ୟାପକ ଅର୍ଥ ସିଧାସଳଖ ପଞ୍ଚାୟତ ଓ ବ୍ଲକ ଆକାଉଣ୍ଟକୁ ଦେଉଥିବା ବେଳେ ତାହାର ବାଟମାରଣା କରାଯାଉଛି । ବ୍ଲକ ଓ ପଞ୍ଚାୟତକୁ ଶାସକ ଦଳ ରୋଜଗାର କରିବାର ସଂସ୍ଥା ଭଳି ବ୍ୟବହାର କରୁଛନ୍ତି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ତାଙ୍କ ଗୁରୁତ୍ୱକୁ ହ୍ରାସ କରାଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ଅନୁଯାୟୀ ବିଡିଓ ପଞ୍ଚାୟତ ସମିତିର ନିର୍ବାହୀ ଅଧିକାରୀ। କିନ୍ତୁ ବିଧିବ୍ୟବସ୍ଥା ବିରୋଧରେ ଯାଇ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାର ବିଡିଓଙ୍କୁ ଅଧିକ କ୍ଷମତାଶୀଳ କରି ବ୍ୟାପକ ଦୁର୍ନୀତିର ମାଧ୍ୟମ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ପ୍ୟାକ୍ସ ସହକାରୀ ସମ୍ପାଦକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**୧.୦୭ କୋଟି ସମ୍ପତ୍ତି ଠାବ**

ବରଗଡ଼ ଅଫିସ୍,୯।୮

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ସହକାରୀ ସମ୍ପାଦକ ଘନଶ୍ୟାମ ସାହୁଙ୍କ ବାସଭବନରେ ସୋମବାର ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସମ୍ବଲପୁର ଡିଭିଜନର ୨ ଟିମ୍ ଏକକାଳୀନ ସାହୁଙ୍କ ଗାଇସିଲେଟ ବ୍ଲକ କଲଗାଁପାଲିସ୍ଥିତ ବାସଭବନ ଏବଂ ପ୍ୟାକ୍ସ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସହକାରୀ ପ୍ୟାକ୍ସ ସମ୍ପାଦକଙ୍କ ସମୁଦାୟ ୧କୋଟି ୭ଲକ୍ଷ ୩୯ହଜାର ୨୨୫ଟଙ୍କାର ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ଗୋଟିଏ ଦୁଇତାଲା କୋଠାଘର ଏବଂ ୩ ଜମି ପ୍ଲଟ ଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୬୨ଲକ୍ଷ ୪୦ହଜାର ୩୩୭ଟଙ୍କା ଆକଳନ କରାଯାଇଛି। ସେହିପରି ୫ଲକ୍ଷ ୭୫ହଜାର ୨୪ଟଙ୍କାର ସୁନା, ରୁପା ଗହଣା ଏବଂ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ୧୯ଲକ୍ଷ ୬୨ହଜାର ୬୦୫ଟଙ୍କାର ସ୍କର୍ପିଓ, ୨ବାଇକ୍, ଗୋଟିଏ ଟ୍ରାକ୍ଟର, ୭ଲକ୍ଷ ୧୭ହଜାର ୮୯୦ଟଙ୍କାର ବ୍ୟାଙ୍କ ଜମାରାଶି ଠାବ ହୋଇଛି। ତାଙ୍କ ବାସଭବନରୁ ନଗଦ ୧ଲକ୍ଷ ୬୯ହଜାର ୩୬୯ଟଙ୍କା ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ସହକାରୀ ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସମ୍ବଲପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା।



ସହକାରୀ ପ୍ୟାକ୍ସ ସମ୍ପାଦକଙ୍କ ଘରେ ଚଢ଼ାଉ ଚାଲିଛି ।

# 'ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ଆଦିବାସୀ'

ଭୁବନେଶ୍ୱର, ୯।୮(ବ୍ୟୁରୋ)

ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ୨୭ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ଆଦିବାସୀ ନେତା ତଥା ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମିନୀ ଦିଆନ୍, ଜଗନ୍ନାଥ ସାରକା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ନେତା ଶହୀଦ ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ଧରଣୀଧର ଭୂୟାଁ, ରେଣ୍ଡୋ ମାଝି, ତିଲ୍‌କା ମାଝି ପ୍ରମୁଖଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ନେତାଙ୍କ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମାରାଣ୍ଡି କହିଛନ୍ତି, ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ବଜାୟ ରହୁ, ସେମାନେ ଆଗକୁ ଯାଆନ୍ତୁ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ୩ ବର୍ଷ ତଳେ ଏହି ଆନ୍ତର୍ଜାତିକ ଆଦିବାସୀ ଦିବସ ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ପ୍ରେରଣା ଦେଇଛନ୍ତି। କୋଭିଡ୍ କଟକଣା ଯୋଗୁ ଆଡ଼ମ୍ବରରେ ନ ହେଲେ ମଧ ରାଜ୍ୟର ବିଭିନ୍ନ ସ୍ଥାନରେ ପାରମ୍ପରିକ ଭାବେ ଏହି ଦିବସ ପାଳନ କରାଯାଉଛି। ମନ୍ତ୍ରୀ ସାରକା କହିଛନ୍ତି, ଆଦିବାସୀଙ୍କ ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ଆମେ ବଞ୍ଚାଇ ରଖିବା ଦରକାର। ଏହି ଉଦ୍ଦେଶ୍ୟରେ ଆଦିବାସୀ ଦିବସ ପାଳନ କରାଯାଉଛି। ସଞ୍ଜୟ କହିଛନ୍ତି, ଆଦିବାସୀ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ କେବେହେଲେ ଏ ଜାତି ଭୁଲିପାରିବ ନାହିଁ। ଏହା ଆମ ପାଇଁ ସ୍ମରଣୀୟ। ଆଦିବାସୀଙ୍କ କଳା, ସଂସ୍କୃତି, ଭାଷା ଓ ସାହିତ୍ୟକୁ ସଂରକ୍ଷଣ ଓ ପରିବ୍ୟାପ୍ତ କରିବା ପାଇଁ ଟ୍ରାଇବାଲ କାଉନ୍‌ସିଲ ଗଠନ ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଜୀବନଶୈଳୀକୁ ବଞ୍ଚେଇ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ବହୁବିଧ ପଦକ୍ଷେପ ନେଇଛନ୍ତି। ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ମାଗଣା ଶିକ୍ଷା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ମୁଖ୍ୟମନ୍ତ୍ରୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି। ଏହି ପ୍ରକୃତିର ସନ୍ତାନମାନେ ଦେଶ ଓ ଜାତି ପାଇଁ କେବଳ ପ୍ରେରଣାର ଉତ୍ସ ନୁହନ୍ତି ବରଂ ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭକରି ସମାଜ ପ୍ରତି ସେମାନଙ୍କ ପ୍ରତିବଦ୍ଧତା, ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିଚାଲିଥିବ ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ନେତ୍ରୀ,ନେତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।




ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ଅବସରରେ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବିଜେଡି ପାଳିଲା ଆଦିବାସୀ ଦିବସ**

## ସଂକ୍ଷେପରେ

### ୧୭ରୁ ଖୋଲିବ କପିଳାସ ମନ୍ଦିର

ଢେଙ୍କାନାଳ ଅଫିସ,୯।୮: ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିର ଆସନ୍ତା ୧୭ ତାରିଖରୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବ। ଗତ ୬ ତାରିଖରେ ଅନୁଷ୍ଠିତ ଦେବୋତ୍ତର ଉପଦେଷ୍ଟା କମିଟି ବୈଠକରେ ଜିଲାର ସମସ୍ତ ଧର୍ମାନୁଷ୍ଠାନ ଆସନ୍ତା ୧୨ ତାରିଖରୁ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ କପିଳାସ ମନ୍ଦିର ୧୨ ତାରିଖ ପରିବର୍ତ୍ତେ ଆସନ୍ତା ୧୭ ତାରିଖରୁ ଖୋଲାଯିବ ଜିଲା ଦେବୋତ୍ତର ବିଭାଗ ପକ୍ଷରୁ ସ୍ଥିର କରାଯାଇଥିବା ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଜଣାଇଛନ୍ତି।

### ବଜ୍ରପାତରେ ଯୁବକ ମୃତ

ତାଳଚେର,୯।୮(ନି.ପ୍ର.): ଅନୁଗୋଳ ଜିଲା ତାଳଚେର ବ୍ଲକ କନ୍ଧବେରୀଣି ଗ୍ରାମରେ ରବିବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବବୁଲ ପ୍ରଧାନ (୨୦)। ବନବାସପୁର ଗ୍ରାମର ବବୁଲ ପ୍ରଧାନ ଶ୍ୱଶୁରଘର କନ୍ଧବେରୀଣି ଆସିଥିଲେ। ସନ୍ଧ୍ୟାରେ ସେ ବାହାରକୁ ଯାଇଥିବାବେଳେ ବଜ୍ରପାତରେ ଚେତାଶୂନ୍ୟ ହୋଇ ଯାଇଥିଲେ। ଶ୍ୱଶୁରଘର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ତାଳଚେର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବବୁଲଙ୍କ ବାପା ତରଣୀ ପ୍ରଧାନ ତାଳଚେର ସଦର ଥାନାରେ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଯୌତୁକ ନିର୍ଯାତନା, ସ୍ୱାମୀ ଗିରଫ

ଭୁବନେଶ୍ୱର,୯।୮(ବ୍ୟୁରୋ): ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସୋମବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୀଳାଦ୍ରିବିହାର କନ୍ୟାଶ୍ରମ ବସ୍ତିରେ ରହୁଥିବା ଦୁଷ୍ମନ୍ତ ବେହେରା(୨୯)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଦୁଷ୍ମନ୍ତ ୨୦୧୭ରେ ଜଗତ୍‌ସିଂପୁର ଜିଲା ବାଲିକୁଦା ଅଞ୍ଚଳର ଉକ୍ତ ମହିଳାଙ୍କୁ ପ୍ରେମ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ୭ ଲକ୍ଷ ଟଙ୍କା ଯୌତୁକ ଦାବି କରି ଶାରୀରିକ ନିର୍ଯାତନା ଦେଇ ସ୍ତ୍ରୀଙ୍କୁ ଘରୁ ବାହାର କରିଦେଇ ଆଉଜଣଙ୍କୁ ବିବାହ କରିଥିଲେ। ଏନେଇ ପ୍ରଥମ ସ୍ତ୍ରୀ ଜାଣିବା ପରେ ଗତ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୫୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଗଛରୁ ଝୁଲନ୍ତା ମୃତଦେହ ଜବତ

ନିଆଳି,୯।୮(ଡି.ଏନ୍.ଏ.)- ନିଆଳି ଥାନା ଅନ୍ତର୍ଗତ ମାଧବ ପଞ୍ଚାୟତର ମାଧବ ଯୋଖି ନିକଟରେ ଏକ ଗଛରୁ ସୋମବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପାଖାପାଖି ୪୦ରୁ ୪୫ବୟସ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସକାଳ ସମୟରେ ମାଧବ ଯୋଖି ନିକଟରେ ଗ୍ରାମବାସୀ ଯିବାଆସିବା କରୁଥିବାବେଳେ ଦୀର୍ଘ ସମୟ ଧରି ଏକ ପଚା ଗନ୍ଧ ହେଉଥିଲା। ପରେ ସ୍ଥାନୀୟ ଯୋଖି ନିକଟକୁ ଯିବାରୁ ଏକ ଗଛରେ ଜଣେ ବ୍ୟକ୍ତିଙ୍କ ବେକରେ ରଶି ଲଗାଇ ଝୁଲୁଥିବାର ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ବ୍ୟକ୍ତିଙ୍କ ମୃତଦେହକୁ ଜବତ କରିଥିଲା। ବ୍ୟକ୍ତି ଜଣକ ଏକ ଫୁଲପ୍ୟାଣ୍ଟ ଓ ବାନିୟନ ପିନ୍ଧିଛନ୍ତି। ପରିଚୟ ଜଣାପଡ଼ି ନ ଥିବାରୁ ଏହା ହତ୍ୟା କି ଆତ୍ମହତ୍ୟା ଜଣାପଡ଼ି ନାହିଁ। ବ୍ୟବେଚ୍ଛଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ଆଠମଲ୍ଲିକ,୯।୮(ଡି.ଏନ.ଏ.): ଆଠମଲ୍ଲିକ ଥାନା ପୋଲିସ ସୋମବାର ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ଆଠମଲ୍ଲିକ ଏନ୍‌ଏସି ୯ ନଂ. ୱାର୍ଡ ରାମେଶ୍ୱରପାଟଣା ବସ୍ତିର ସୁରେଶ ମହାକୁଡ଼ ଗତ ୩୦ ତାରିଖରେ ସ୍ତ୍ରୀଙ୍କ ସହ ଝଗଡା ଲାଗି ସାଇକେଲ ନେଇ ଘରୁ ବାହାରିଥିଲେ ହେଁ ଆଉ ଫେରି ନଥିଲେ। ପରିବାର ଲୋକେ ଖୋଜି ନ ପାଇବାରୁ ଗତ ୩ ତାରିଖରେ ଥାନା ଦ୍ୱାରସ୍ଥ ହୋଇଥିଲେ। ସୋମବାର ଯଦୁପୁର ଗ୍ରାମବାସୀ ଜଙ୍ଗଲରେ ଏକ ସାଇକେଲ ପଡ଼ିଥିବା ଦେଖି ପୋଲିସକୁ କହିଥିଲେ। ଆଇଆଇସି ନିରୋଦ ଦାସ ଜଙ୍ଗଲରେ ପହଞ୍ଚି ପଞ୍ଚଧାରା ପାହାଡ଼ କୁକୁଡ଼ାଦରହ ନିକଟ ଜଙ୍ଗଲରୁ ସୁରେଶଙ୍କ ଗଳିତ ମୃତଦେହ ଜବତ କରିଥିଲେ।

# ଭୁବନେଶ୍ୱରରେ ୨୩ରୁ ଖୋଲିବ ଧର୍ମାନୁଷ୍ଠାନ

- ମନ୍ଦିରରେ ଭୋଗ, ଗର୍ଭଗୃହକୁ ପ୍ରବେଶ ମନା
- ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ, ବୟସ୍କ, ୧୮ରୁ କମ୍ ବୟସର ପିଲାଙ୍କୁ ବାରଣ
- ଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ନିଷ୍ପତ୍ତି ନେବେ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୯।୮ (ବ୍ୟୁରୋ)


ଭୁବନେଶ୍ୱରସ୍ଥିତ ରାମ ମନ୍ଦିର।

ଆସନ୍ତା ୨୩ ତାରିଖରୁ ରାଜଧାନୀରେ ମନ୍ଦିର ଓ ଧର୍ମାନୁଷ୍ଠାନ କଟକଣା ମଧ୍ୟରେ ଖୋଲିବ। କରୋନା ସ୍ଥିତି ତଥା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦେଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ଏନେଇ ଅନୁମତି ଦେବା ସହ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଶ୍ରଦ୍ଧାଳୁଙ୍କ ମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିଥିଲେ ହେଁ ଗର୍ଭଗୃହକୁ ଯାଇପାରିବେ ନାହିଁ। ମୁହଁରେ ମାସ୍କ ପିନ୍ଧି କେବଳ ଠାକୁରଙ୍କୁ ଦର୍ଶନ କରିବେ। ଏପରି କି ଭୋଗ ଓ ନୈବେଦ୍ୟ ଅର୍ପଣ କରିପାରିବେ ନାହିଁ। ଶ୍ରଦ୍ଧାଳୁଙ୍କ ମଧ୍ୟରେ ୬ଫୁଟର ଦୂରତା ରହିବା ସହ ମନ୍ଦିର, ଚର୍ଚ୍ଚ, ମସ୍‌ଜିଦ୍, ଗୁରୁଦ୍ୱାରାଗୁଡିକରେ ଏକା ସାଙ୍ଗରେ ୨୫ଜଣ ଶ୍ରଦ୍ଧାଳୁଙ୍କୁ ଭିତରକୁ ଯିବାକୁ ଅନୁମତି ରହିଛି। ସେହିଭଳି ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ସହିତ ଦ୍ୱିତୀୟ ଡୋଜ୍ ଟିକାକରଣ ସାର୍ଟିଫିକେଟ ଥିବା ସେବାୟତ, କର୍ମକର୍ତ୍ତାଙ୍କୁ ଧର୍ମାନୁଷ୍ଠାନରେ ଠାକୁରଙ୍କ ନୀତିକାର୍ଯ୍ୟ କରିବାକୁ ଅନୁମତି ମିଳିବ। ସମସ୍ତ ସେବାୟତ କଟକଣାକୁ ମାନିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଧର୍ମାନୁଷ୍ଠାନ କର୍ତ୍ତୃପକ୍ଷମାନେ ପ୍ରବେଶ ଓ ପ୍ରସ୍ଥାନ ପଥରେ ଶ୍ରଦ୍ଧାଳୁଙ୍କ ହାତ ଧୋଇବା କିମ୍ବା ସାନିଟାଇଜ କରିବା ବ୍ୟବସ୍ଥା କରିବେ। ଧର୍ମାନୁଷ୍ଠାନ ଭିତରେ ଓ ବାହାରେ ଛେପ ପକାଇବା କିମ୍ବା ପାନ, ଗୁଟ୍‌ଖା ଖାଇବା ନିଷେଧ କରାଯାଇଛି। ସେହିପରି ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ ମହିଳା, ବୟସ୍କ ଏବଂ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ମନ୍ଦିର ତଥା ଧର୍ମାନୁଷ୍ଠାନକୁ ଯିବାକୁ ବାରଣ କରାଯାଇଛି।

ଅନ୍ୟପକ୍ଷରେ ଉକ୍ତ ଦିନଠାରୁ ଲିଙ୍ଗରାଜ ମନ୍ଦିର ଖୋଲିବ କି ନାହିଁ ସେ ନେଇ ମନ୍ଦିର କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇ ପାରିବେ। ଏକା ସାଙ୍ଗରେ ୧ଶହ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ। ସେଠାରେ ମଧ ମନ୍ଦିର ଗର୍ଭ ଗୃହକୁ ପ୍ରବେଶ ପାଇଁ ଅନୁମତି ନାହିଁ। କୌଣସି ସେବାୟତ ଭକ୍ତଙ୍କୁ ନେଇ ଗର୍ଭଗୃହରେ ଦର୍ଶନ କରାଇ ପାରିବେ ନାହିଁ। ଭିଡ ନିୟନ୍ତ୍ରଣ ପାଇଁ ବିଏମ୍‌ସି ପକ୍ଷରୁ ମନ୍ଦିର ପାର୍ଶ୍ୱରେ ବ୍ୟାରିକେଡ ସହ ଅନାଧିକାର ପ୍ରବେଶକୁ ରୋକିବା ପାଇଁ ପୋଲିସ ମୁତୟନ କରାଯିବ। କୌଣସି ସ୍ଥାନରେ ଏହାର ଖିଲାପ ହେଲେ ସମ୍ପୃକ୍ତ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ଆଗମନ ଉପରେ ପ୍ରତିବନ୍ଧକ ଲଗାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୭ ତାରିଖରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୨୩ରୁ ରାଜଧାନୀ ଭୁବନେଶ୍ୱରରେ ମନ୍ଦିର ସମେତ ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ।



କୃଷି ଆଇନ ରଦ୍ଦ, ଶ୍ରମ ଆଇନ ଓ ଜାତୀୟ ଶିକ୍ଷାନୀତି ଆଦି ପ୍ରତ୍ୟାହାର ଦାବିରେ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ସୋମବାର ଭାରତ ବଞ୍ଚାଅ ଦିବସରେ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ଆଖିବୁଜିଲେ ଚିକିତ୍ସାଧୀନ ସ୍ତ୍ରୀ

ଛତ୍ରପୁର,୯।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସାନ ଆର୍ଯ୍ୟପଲ୍ଲୀ ଗାଁ ଦାଣ୍ଡରେ ଗତ ୪ ତାରିଖରେ ସ୍ୱାମୀ ପେଟ୍ରୋଲ ଢାଳି ନିଆଁ ଲଗାଇବାରୁ ପୋଡ଼ି ହୋଇ ଗୁରୁତର ହୋଇଥିବା ବି.ଏରାମ୍ମାଙ୍କ ସୋମବାର ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡ଼ ମେଡିକାଲରେ ୬ ଦିନ ହେଲା ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କ ଶରୀରର ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିଲା। ଏରାମ୍ମାଙ୍କ ଦେହରେ ନିଆଁ ଲଗାଇଥିବା ତାଙ୍କ ସ୍ୱାମୀ ତଥା ଆର୍ଯ୍ୟପଲ୍ଲୀର ବି. ମୁକୋଣ୍ଡୁଙ୍କୁ ପୋଲିସ ଗତ ୫ ତାରିଖରୁ ଗିରଫ କରି ଜେଲ୍ ପଠାଇଛି । ସୂଚନାଯୋଗ୍ୟ, ପାରିବାରିକ କଳହକୁ ନେଇ ଏରାମ୍ମା ୩ ପିଲାଙ୍କୁ ଧରି ସାନଆର୍ଯ୍ୟପଲ୍ଲୀସ୍ଥିତ ତାଙ୍କ ବାପଘରେ ରହୁଥିଲେ। ଗତ ୪ ତାରିଖ ସକାଳେ ସେ କାମ କରିବାକୁ ଯାଉଥିବା ବେଳେ ଗାଁ ଦାଣ୍ଡରେ ସ୍ୱାମୀ ମୁକୋଣ୍ଡୁ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଏରାମ୍ମାଙ୍କୁ ଛତ୍ରପୁର ମେଡିକାଲ ପଠାଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏରମ୍ମା ବାପାଙ୍କ ଏତଲାକ୍ରମେ ନଂ.୩୬/୨୧ ମାମଲା ରୁଜୁ ହୋଇଛି।

**ପେଟ୍ରୋଲ୍ ଢାଳି ନିଆଁ ଲଗାଇବା ଘଟଣା**

# ୯ ଆନ୍ତଃରାଜ୍ୟ ଡକାୟତ ଗିରଫ



ଜବତ ହୋଇଥିବା ମାରଣାସ୍ତ୍ର।

ଠାକୁରମୁଣ୍ଡା,୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା ପୋଲିସ ରବିବାର ୯ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରିଛି। ବିଳମ୍ବିତ ରାତିରେ ସେମାନେ ଘାଗରବେଡ଼ାର ଜଣେ ବ୍ୟବସାୟୀଙ୍କ ଘରେ ଡକାୟତି ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ଡକାୟତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଅଞ୍ଚଳର ଏମ୍‌ଡି ନଦୀମ, ରଞ୍ଜିତ ଦାସ, ଜହିଁଲ ଆବାସ ଓ ଲାଲା ସେଠୀ ଏବଂ ଘାଗରବେଡ଼ା ଅଞ୍ଚଳର ସୁମିତ ମହାକୁଡ଼, ବିକାଶ ମହାକୁଡ଼, ମନୋରଞ୍ଜନ ମହାନ୍ତ, ବିଶ୍ୱଜିତ ଗିରି ଓ ମନୋଜ କୁମାର ମହାନ୍ତ। ସେମାନଙ୍କଠାରୁ ଏକ ଟାଟା ସଫାରି, ଗୋଟିଏ ଆଟୋ, ବହୁ ମାରଣାସ୍ତ୍ର ସହିତ ଦେଶୀ ପିସ୍ତଲ ଏବଂ ଲାଠି ଜବତ କରିଛି ପୋଲିସ। ଏ ନେଇ କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ବାଇକ୍ ଚୋରି ର୍‍ୟାକେଟ୍ ଧରାପଡ଼ିଲା


ଜବତ ବାଇକ ଓ କେବୁଲ।

ବରଗଡ଼ ଅଫିସ୍,୯।୮

ବରଗଡ଼ ଜିଲା ସୋହେଲା ଥାନା ପୋଲିସ ବାଇକ୍ ଓ କେବୁଲ ଚୋରି ର୍‍ୟାକେଟ୍‌ରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା କୁଚିପାଲି ଗ୍ରାମର ବିଶ୍ୱ ଓରଫ ବିଶ୍ୱଜିତ ସାହୁ(୧୯), ସୋହେଲା ଥାନା ଝର ଗ୍ରାମର ସତ୍ୟାନନ୍ଦ ନାଗ ଓରଫ ଚିରକୁ(୨୬) ଏବଂ ଚୋରି ସାମଗ୍ରୀ କିଣିଥିବା ମେଲଛାମୁଣ୍ଡା ଥାନା ଶନିମାଲ ଗ୍ରାମର ଉଦ୍ଧବ ବେହେରା(୩୪)। ସେମାନଙ୍କ ପାଖରୁ ୧୦ଟି ବାଇକ୍, ୧୫୦ମିଟର ଏଲ୍‌ଟି କେବୁଲ ଏବଂ ଗୋଟିଏ ଆଇରନ କଟର ଜବତ ହୋଇଛି। ଏ ନେଇ ଝର ଗ୍ରାମର ଚୈତନ୍ୟ ଦୀପଙ୍କ ଏତଲା କ୍ରମେ ଏକ ମାମଲା (ନଂ.୧୪୦/୨୧) ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନେ ଉକ୍ତ ବାଇକ୍‌ଗୁଡ଼ିକୁ ବିଜେପୁର, ବରପାଲି, ବରଗଡ଼ ସଦର ଥାନା ଆଦି ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୬ତାରିଖ ରାତ୍ରିରେ ଚୈତନ୍ୟଙ୍କ ଜମିରୁ କେବୁଲ ଚୋରି ହୋଇଥିଲା। ଏ ନେଇ ସେ ସୋହେଲା ଥାନାରେ ଏତଲା ଦେବା ପରେ ପୋଲିସ ଖୋଳତାଡ଼ କରିଥିଲା। ଅଭିଯୁକ୍ତ ସତ୍ୟବାନଙ୍କ ଘରେ ପୋଲିସ ଅତର୍କିତ ଚଢ଼ାଉ କରିବା ବେଳେ ସେଠାରେ ଚୋରି କେବୁଲ ସହିତ ଏକ ବାଇକ୍ ଦେଖିବାକୁ ପାଇଥିଲା। ବାଇକ୍‌କୁ ନେଇ ସନ୍ଦେହ ହେବାରୁ ପୋଲିସ ଅଧିକ ତଦନ୍ତ କରିଥିଲା ।

# କୋଟିଆକୁ ନେଇ ପୁଣି ଉତ୍ତେଜନା

କୋରାପୁଟ/ପଟ୍ଟାଙ୍ଗୀ,୯।୮ (ସ୍ୱ.ପ୍ର.)

**ସ୍ୱାଧୀନତା ଦିବସରେ ଆନ୍ଧ୍ର ତେଲୁଗୁ ନାମଫଳକ ଲଗାଇବା ନେଇ ଖବର ନାହିଁ : ଜିଲାପାଳ**

କୋରାପୁଟ ଜିଲା କୋଟିଆରେ ଆନ୍ଧ୍ରର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବହୁ ବୟାନ ବାଜି ଚାଲିଥିବାବେଳେ ଏହାକୁ ନେଇ କୋରାପୁଟ ଜିଲାର ସମସ୍ତ ରାଜନୈତିକ ଦଳ ଏକଜୁଟ ହୋଇଛନ୍ତି। କିଛିଦିନ ତଳେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ କୋଟିଆ ପଞ୍ଚାୟତକୁ ଆନ୍ଧ୍ରର ପ୍ରଶାସନ କିମ୍ବା ଲୋକ ପ୍ରତିନିଧି ଆସିଲେ ସେମାନଙ୍କୁ ମାଡ ମାରିବାକୁ ପଛେଇବୁ ନାହିଁ ବୋଲି ପ୍ରକାଶ କରିଥିଲେ। ଏବେ ଏହାକୁ ନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହାନୀପତି କୋଟିଆରେ ସ୍ୱାଧୀନତା ଦିବସରେ ଆନ୍ଧ୍ର ପ୍ରଶାସନ କିମ୍ବା ସେଠାକାର ଲୋକ ପ୍ରତିନିଧି ତେଲୁଗୁ ବୋର୍ଡ ଲଗାଇଲେ କାହାରିକୁ ଛଡାଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଘଟଣା ନେଇ କୋରାପୁଟ ଜିଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କୁ ପଚାରିବାରୁ ସ୍ୱାଧୀନତା ଦିବସରେ ଆନ୍ଧ୍ର ପକ୍ଷରୁ କୋଟିଆର ବିଭିନ୍ନ ଗ୍ରାମରେ ତେଲୁଗୁ ନାମଫଳମାନ ଲଗାଯିବା ନେଇ କୌଣସି ସୂଚନା ପ୍ରଶାସନ ପାଖରେ ନ ଥିବା ପ୍ରକାଶ କରି ସେ କେବଳ କେତେକ ଗଣମାଧ୍ୟମରୁ ଏ ସମ୍ପର୍କରେ ଜାଣିଥିବା କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏନେଇ ସର୍ତ୍ତକଦୃଷ୍ଟି ରଖାଯାଇଛି। କୋଟିଆରେ ଏପରି କୌଣସି ଘଟଣା ଘଟିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କୋରାପୁଟର ଆମ କୋଟିଆ ସଙ୍ଗଠନର ଆବାହକ ଗଦାଧର ପରିଡା ଜିଲା ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତରେ ସ୍ୱାଧୀନତା ଦିବସ ଆଡମ୍ବର ସହକାରେ ପାଳନ କରାଗଲେ ଆନ୍ଧ୍ରର ଏହି ଯୋଜନା ପଣ୍ଡ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଆନ୍ଧ୍ରର ଲୋକସତ୍ତା ରାଜ୍ୟ ଅଧକ୍ଷ ବି. ସେଠୀ ବାବଜୀ କୋଟିଆ ଗସ୍ତ କରି ଫେରିବା ପରେ ପାର୍ବତୀପୁରମ ପିଓ ଆଇଟିଡିଏଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏହା ଜାଣିବା ପରେ ବିଧାୟକ ପ୍ରୀତମ ପାଢୀ ଏଣିକି ଆନ୍ଧ୍ରର ଅଧିକାରୀ, ନେତା ଯିଏ କୋଟିଆ ଆସିବେ ତାଙ୍କୁ ମାଡ଼ ହେବ ବୋଲି ନିଜ ପ୍ରତିକ୍ରିୟାରେ ସେତେବେଳେ ପ୍ରକାଶ କରିଥିଲେ।

### ବୃଦ୍ଧଙ୍କ ମୃତଦେହ ଜବତ

ପିପିଲି,୯।୮(ସ୍ୱ.ପ୍ର.)

ପିପିଲି ଥାନା କାଜିପାଟଣା ଗ୍ରାମରୁ ସକାଳୁ ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର କେଦାରନାଥ ପୃଷ୍ଟି(୫୬)। ଏ ନେଇ ପୋଲିସ ମାମଲା(ନଂ.୯/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ଅନୁଯାୟୀ, ପରିବାର ଲୋକେ ସକାଳୁ ଉଠିବା ବେଳେ ଘରେ କେଦାରନାଥ ନ ଥିଲେ। ଖୋଜି ଘର ବାରିପଟୁ ଯିବାବେଳେ ଏକ ଗଛରେ ସେ ଝୁଲୁଥିଲେ। ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ କେଦାରଙ୍କ ପୁଅ ପ୍ରବୀର ପୃଷ୍ଟି ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଭୁବନେଶ୍ୱର, ୯।୮(ବ୍ୟୁରୋ)



ଦୁର୍ଦ୍ଧର୍ଷ ପାଇକଜାତିର ଚିର ନମସ୍ୟ ଥିଲେ ପିଣ୍ଡିକି ବାହୁବଳେନ୍ଦ୍ର। ରଣରଙ୍କା ପାଇକମାନଙ୍କୁ ମେଳି କରି ଇଂରେଜ ବିରୋଧରେ ଏକ ନୂତନ ଶୈଳୀରେ ଭୁବନେଶ୍ୱର ଉପକଣ୍ଠ ଦେଉଳିଆ ମୁଣ୍ଡିଆ ଗୁମ୍ଫାରେ ନିଜର ଯୁଦ୍ଧ କୌଶଳର ପରାକ୍ରମ ପ୍ରକାଶ କରିଥିଲେ। ଏହି ମହାନ୍ ସାରଥି, ପାଇକ ଜାତିର ମଉଡ଼ମଣିଙ୍କ ବୀରତ୍ୱ ସର୍ବଦା ଓଡ଼ିଆଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ କହିଛନ୍ତି। ସୋମବାର ବାହୁବଳେନ୍ଦ୍ରଙ୍କ ଶହୀଦ ଦିବସରେ ମହାସଂଘ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିସହ କଳିଙ୍ଗ ଷ୍ଟୁଡ଼ିଓ ଛକଠାରେ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହିତ ଉକ୍ତ ରାସ୍ତାଙ୍କୁ ତାଙ୍କ ନାମରେ ନାମିତ କରିବାକୁ ମହାସଂଘ ପକ୍ଷରୁ ପୁନର୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଦୀର୍ଘଦିନ ହେବ ରାଜ୍ୟ ସରକାରଙ୍କ ନିକଟରେ ମହାସଂଘ ଦାବି କରି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମହାସଂଘ ସଭାପତି ପାଲଟାସିଂହ ଦାବି କରିଛି। କାର୍ଯ୍ୟକ୍ରମରେ ଉପଦେଷ୍ଟା ବିଭୂତି ସ୍ୱାଇଁ, ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣ ପାଟଶାଣୀ, ରାଜ୍ୟ ସଂଯୋଜକ କେଦାର ଦାସ ଓ ବହୁ ପାଇକ ସାରଥୀ ଯୋଗଦେଇଥିଲେ।

# ଗମ୍ଭୀର ହୋଇପାରେ ମରୁଡ଼ି ସ୍ଥିତି

- ରାଜ୍ୟରେ ୨୮% ନିଅଣ୍ଟିଆ ବର୍ଷା
- ୨୦ ଜିଲାରେ ସ୍ୱାଭାବିକଠାରୁ କମ୍
- ସମ୍ଭାବ୍ୟ ସ୍ଥିତି ନେଇ ସରକାର ସଜାଗ ଅଛନ୍ତି: ମନ୍ତ୍ରୀ

ଭୁବନେଶ୍ୱର, ୯।୮(ବ୍ୟୁରୋ)


କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଏକ ଫାଟି ଆଁ କରିଛି।

ରାଜ୍ୟରେ ପାଣି ଅଭାବରୁ ବିଭିନ୍ନ ଜିଲାରେ ଜମି ଫାଟି ଆଁ ହୋଇଛି। ତଳି ଓ ରୁଆ ଶୁଖିବାରେ ଲାଗିଛି। ଆଗକୁ ମରୁଡ଼ି ସ୍ଥିତି ଗମ୍ଭୀର ହେବାର ଆଶଙ୍କା ଦେଖାଦେଇଛି। କାରଣ ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ଲାଗି ରହିଛି। ୧୦ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୨୦ ଜିଲାରେ କମ୍ ବର୍ଷିଛି। ବିଶେଷକରି ମୌସୁମୀ ସକ୍ରିୟ ହେବା ପରେ ଓଡ଼ିଶାରେ ଲଘୁଚାପ ପ୍ରଭାବରେ ବର୍ଷା ହୁଏ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୪ଟି ଲଘୁଚାପ ସୃଷ୍ଟି ହୋଇଥିଲେ ମଧ୍ୟ ଗୋଟିଏ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ରହିଥିଲା। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଏଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସେପଟେ ସମ୍ଭାବ୍ୟ ମରୁଡ଼ି ସ୍ଥିତି ନେଇ ସରକାର ସଜାଗ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ଏବେ ବି ବର୍ଷା ହେବାର ସମୟ ଅଛି। ଜିଲାପାଳମାନେ ପ୍ରାକୃତିକ ବିପର୍ଯ୍ୟୟ କମିଟିକୁ ଦୈନିକ ବର୍ଷାର ରିପୋର୍ଟ ଦିଅନ୍ତି। ସେହି ରିପୋର୍ଟକୁ ଆଧାର କରି ସରକାର କୃଷକଙ୍କ ମଙ୍ଗଳ ପାଇଁ ପଦକ୍ଷେପ ନିଅନ୍ତି। ସରକାର ସବୁ ସମୟରେ ଚାଷୀଙ୍କ ସହ ଅଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଜୁନ୍ ୧ରୁ ଅଗଷ୍ଟ ୯ ମଧ୍ୟରେ ଓଡ଼ିଶାରେ ସମୁଦାୟ ବୃଷ୍ଟିପାତ ୪୮୪.୮ ମି.ମି. ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ୬୭୭.୭ ମି.ମି. ତୁଳନାରେ ୨୮%ରୁ କମ୍। ଭଦ୍ରକ, ଯାଜପୁର, ଗଜପତି ଓ ବଲାଙ୍ଗୀର ଆଦି ୪ ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ଏସବୁ ଜିଲାରେ ୪୦% କିମ୍ବା ତା'ଠାରୁ ଅଧିକ ଅଭାବୀ ବର୍ଷା ଦେଖାଯାଇଛି। ତେବେ ଅଗଷ୍ଟରେ ମୌସୁମୀ ଦୁର୍ବଳ ରହିଛି। ଫଳରେ ଗତ ୧ରୁ ୯ ତାରିଖ ମଧ୍ୟରେ ୭୫% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୧୧୫.୪ ମି.ମି.ଠାରୁ ୨୮.୫ ମି.ମି. ରହିଛି। ସୋମବାର ଭୁବନେଶ୍ୱରରେ ସର୍ବାଧିକ ୨୨.୭ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ କଟକ, ଝାରସୁଗୁଡ଼ା, ବାରିପଦାରେ ମଧ୍ୟ ବର୍ଷା ହୋଇଛି। କିନ୍ତୁ ଆସନ୍ତା ୫ରୁ ୬ଦିନ ମଧ୍ୟ କମ୍ ବର୍ଷା ହେବ ଓ କିଛି ଜିଲାରେ ବିଜୁଳି ଘଡ଼ଘଡ଼ି ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ସୌନ୍ଦର୍ଯ୍ୟ

# ନଖର ଯତ୍ନ



**ନଖକୁ ସୁନ୍ଦର କରିବା ପାଇଁ ସବୁବେଳେ ପାର୍ଲର ଯିବା ବଦଳରେ ଘରେ ମଧ୍ୟ ଏହାର ଯତ୍ନ ନେଇପାରିବେ...**



- ନଖକୁ ସବୁବେଳେ ସଫା ରଖନ୍ତୁ। ନଖ ବଢ଼ିବା ମାତ୍ରେ ସେଥିରେ ଆଦୌ ମଇଳା ଜମା ହେବାକୁ ଦିଅନ୍ତୁ ନାହିଁ। ନେଲକଟର ବ୍ୟବହାର କରି ସବୁବେଳେ ନଖକୁ ଠିକ୍ ସେପ୍ ଦେବା ସହିତ ସଫାକରନ୍ତୁ।
- ହାତ ଓ ଗୋଡର ନଖକୁ ନିୟମିତ ସମୟ ବ୍ୟବଧାନରେ ବ୍ରଶରେ ସଫା କରନ୍ତୁ। ଏହା ସହିତ ନଖ ସଫା ରହିଲେ ଇନଫେକସନ୍ ବି ହେବ ନାହିଁ।
- ଟୁଥପେଷ୍ଟକୁ ବ୍ୟବହାର କରି ନଖକୁ ସୁନ୍ଦର କରିହେବ। ସବୁ ନଖ ଉପରେ ଅଳ୍ପ ଅଳ୍ପ ଟୁଥପେଷ୍ଟ ଲଗାଇ ଦୁଇ ହାତରୁ ଆଙ୍ଗୁଳିକୁ ଘଷନ୍ତୁ। ଏହାପରେ ହାତକୁ ଭଲଭାବେ ଧୋଇ ମଶ୍ଚରାଇଜର ଲଗାଇ ଦିଅନ୍ତୁ।
- ନଖ ସଫା କରିବା ପାଇଁ ଲେମ୍ବୁ ଚୋପା ଘଷନ୍ତୁ। ଏହାପରେ ପାଣିରେ ଧୋଇ ଦେଇ ମଶ୍ଚରାଇଜର ଲଗାନ୍ତୁ।
- ଏକ ଚାମଚ ବେକିଂ ସୋଡାରେ ସାମାନ୍ୟ ଲେମ୍ବୁ ରସ ମିଶାନ୍ତୁ। ଏହି ପେଷ୍ଟକୁ ନଖ ଉପରେ ଲଗାଇ ୫ ମିନିଟ୍ ପାଇଁ ଛାଡି ଦିଅନ୍ତୁ। ଏହାପରେ ଅଙ୍ଗୁଳିକୁ ପରସ୍ପର ମଧ୍ୟ ରେ କିଛି ସମୟ ଘଷିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।
- ନଖକୁ ସଫା କରିବା ପାଇଁ ପେପର ଫାଇଲର ମାଧ୍ୟମରେ ନଖ ଭିତରେ ଥିବା ମଇଳାକୁ ବାହାର କରି ଦିଅନ୍ତୁ।
- ଉଷୁମ ପାଣିରେ ହାତ ବୁଡାଇ ବ୍ରଶ ସାହାଯ୍ୟରେ ସଫା କରନ୍ତୁ।

## ଘରକରଣା



- ତରକାରି ଅଧିକ ରାଗ ହୋଇଥିଲେ ସେଥିରେ ତୁରନ୍ତ କିଛି ଘିଅ କିମ୍ବା ବଟର ମିଶାଇ ଦିଅନ୍ତୁ।
- ତରକାରିରେ କ୍ରିମ୍ କିମ୍ବା ଦହି ମିଶାଇ ଦେଲେ ତା'ର ରାଗ କମି ଯାଇଥାଏ।
- ତରକାରିରେ ରାଗ କମ୍ କରିବା ପାଇଁ ଟମାଟୋ ପ୍ୟୁରି ମଧ୍ୟ ପକାଇ ପାରିବେ। କିନ୍ତୁ ଟମାଟୋ ପ୍ୟୁରିକୁ ପ୍ରଥମେ ଅନ୍ୟ ଏକ କଡେଇରେ ଅଳ୍ପ ତେଲ ପକାଇ ଗରମ କରି ଦିଅନ୍ତୁ।
- ତରକାରିର ସ୍ୱାଦ ଅଧିକ କରିବା ପାଇଁ ସିଝା ଆଳୁକୁ ଚକଟି ସେଥିରେ ମିଶାଇ ଦିଅନ୍ତୁ। ତରକାରି ଅଧିକ ରାଗ ହୋଇଥିଲେ କମ୍ ହୋଇଯିବ।
- ଶୁଖିଲା ତରକାରିରେ ଅଳ୍ପ ବେସନ ଭାଜି ମିଶାଇ ଦେଲେ ତାହା ସ୍ୱାଦିଷ୍ଟ ହେବା ସହିତ ରାଗ କମି ଯାଇଥାଏ।
- ପନୀର କିମ୍ବା କୋଫତା ଆଦି କରୁଥିଲେ ସେଥିରେ ଅଳ୍ପ କିଛି ଚିନି ପକାଇ ଦିଅନ୍ତୁ ତାହା ଅଧିକ ସ୍ୱାଦିଷ୍ଟ ହେବା ସହିତ ରାଗ କମ୍ ହୋଇ ଯିବ।
- ଯଦି ଆଳୁ ସହିତ କିଛି ମସଲା ତରକାରି ହୋଇଥାଏ ଏବଂ ଘୋଳ ଗାଢା ହୋଇଥାଏ ତେବେ ଅଳ୍ପ ପାଣି ଗରମ କରି ଦେଇ ଦିଅନ୍ତୁ।
- ଯଦି ଆଳୁ ଥିବା ତରକାରିରେ ଘୋଳ ପତଳା ହୋଇଥାଏ ତେବେ ସେଥିରେ ଦୁଇ ଚାରୋଟି ଅଟା ଗୁଳା ପକାଇ ଦିଅନ୍ତୁ। ତରକାରି ଅଧିକ ରାଗ ହୋଇଥିଲେ ଏହା କମାଇ ଦେଇଥାଏ।
- ଆବଶ୍ୟକ ଅନୁସାରେ ତରକାରିରେ ଲେମ୍ବୁ ରସ ପକାଇଲେ ବି ତାହା କିଛି ପରିମାଣରେ ରାଗ କମାଇ ଦେଇଥାଏ।
- ରୋଷେଇ କରିବା ସମୟରେ ସବୁବେଳେ କମ୍ ଲୁଣ ଓ କମ୍ ରାଗ ପକାଇବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକ ହେଲେ ପରେ ଲୁଣ ଓ ରାଗ ମିଶାଇ ପାରିବେ।

# ନାଇଟ୍ ସିଫ୍ଟ ଓ କର୍ମଜୀବୀ





**ଆଗକୁ ବଢ଼ିବାର ଇଚ୍ଛା, ଆଉ କ୍ୟାରିୟର ଗଢ଼ିବାର ଆଗ୍ରହ ପାଇଁ ମହିଳାମାନେ ଯେକୌଣସି ଚ୍ୟାଲେଞ୍ଜକୁ ଗ୍ରହଣ କରି ପାରୁଛନ୍ତି। ଡେ ସିଫ୍ଟ ହେଉ କି ନାଇଟ୍ ଏହାକୁ ନେଇ ଫରକ ପଡୁନି। ବିଭିନ୍ନ ସିଫ୍ଟରେ ଅଫିସ କାମକୁ ସେମାନେ ସହଜରେ ତୁଲାଇ ପାରୁଛନ୍ତି। ତେବେ ନାଇଟ୍ ସିଫ୍ଟ କରି ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ସତର୍କତା ବି ଜରୁରୀ।**

ବର୍ତ୍ତମାନର ଆଧୁନିକ ସମୟରେ ବି ମହିଳାଙ୍କ ପ୍ରତି ବହୁ ଆପରାଧିକ ମାମଲା ଦେଖିବାକୁ ମିଳୁଛି। ତେଣୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବା କର୍ମଜୀବୀ ମହିଳାଙ୍କୁ ବିଭିନ୍ନ ଦିଗରୁ ସତର୍କ ରହିବାକୁ ହେବ। ଆଉ ଯଦି ଏକୁଟିଆ ଫେରୁଛନ୍ତି ତେବେ ଖାମଖିଆଲଭାବେ ଯାଆନ୍ତୁ ନାହିଁ। ନିଜ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ବିଶେଷ କରି ନିଜ ପାଖରେ ସୁରକ୍ଷା ପାଇଁ କିଛି ନିର୍ଦ୍ଦିଷ୍ଟ ଉପକରଣ ନିଶ୍ଚୟ ରଖନ୍ତୁ। ଫଳରେ ରାତିରେ କୌଣସି ପ୍ରକାରର ଅଘଟଣ ଘଟିଲେ ଆପଣ ତା'ର ମୁକାବିଲା କରିପାରିବେ।

**ପରିବାର ଚିନ୍ତା:** କର୍ମଜୀବୀ ମହିଳାମାନଙ୍କୁ ଅଫିସ ସହିତ ଘର ପରିବାରର ସମସ୍ତଙ୍କ ପାଇଁ ବି ଚିନ୍ତା କରିବାକୁ ହୋଇଥାଏ। ତେଣୁ ବିଳମ୍ବିତ ରାତିରେ ଘରକୁ ଫେରିବାର ଥିଲେ ଘରର ସମସ୍ତଙ୍କୁ ସେହି ଅନୁସାରେ ପ୍ରସ୍ତୁତ ରହିବାକୁ ସୂଚନା ଦିଅନ୍ତୁ। ଆଉ ଛୋଟ ପିଲାମାନେ ଥିଲେ ତାଙ୍କ ପାଇଁ ରାତି ଖାଦ୍ୟର ବ୍ୟବସ୍ଥା କରି ଦିଅନ୍ତୁ। ନଚେତ୍ ଆପଣ ଅଫିସରୁ ଫେରିବା ପର୍ଯ୍ୟନ୍ତ ପିଲାମାନେ ଅନିଦ୍ରା ରହିବେ ଏବଂ ଆପଣ ଅଫିସରେ ଟେନ୍‌ସନରେ ରହିବେ।





**ଶୂନଶାନ୍ ରାସ୍ତା:** ନାଇଟ୍ ସିଫ୍ଟରେ ଯଦି ଘରକୁ ଫେରୁଥାନ୍ତି ତେବେ ଶୂନ୍‌ଶାନ୍ ରାସ୍ତାରେ ଯାଆନ୍ତୁ ନାହିଁ। ପାଦରେ ଯାଆନ୍ତୁ ଅବା ସ୍କୁଟି ନେଇ ଯାଉଥାନ୍ତୁ ସବୁବେଳେ ଲୋକ ଯିବାଆସିବା କରୁଥିବା ରାସ୍ତାରେ ହିଁ ଯାଆନ୍ତୁ। ଯଦି ଘରକୁ ଯିବା ପାଇଁ ଏକମାତ୍ର ରାସ୍ତା ହୋଇଥାଏ ଏବଂ ତାହା ଶୂନଶାନ ହୋଇଥିବ ତା'ହେଲେ ଘର ଲୋକଙ୍କୁ ଫୋନ୍ ଲଗାଇ ଲଗାତର କଥା ହୋଇ ସେହି ରାସ୍ତାରେ ଯାଆନ୍ତୁ।

**ସନ୍ଦେହରେ ବଡ଼ ପାଟି:** ରାତିରେ ଘରକୁ ଫେରୁଥିବାବେଳେ ଯଦି କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ଆପଣଙ୍କର ସନ୍ଦେହ ହୁଏ ତେବେ ବଡ଼ ପାଟି କରି ତୁରନ୍ତ ଲୋକଙ୍କୁ ଏକାଠି କରନ୍ତୁ। ଏପରି କଲେ ସେହି ବ୍ୟକ୍ତିଜଣକ ଆପଣଙ୍କ ସହିତ କୌଣସି ପ୍ରକାରର ଖରାପ ବ୍ୟବହାର କରିପାରିବେ ନାହିଁ।

**ଜରୁରୀ ନମ୍ବରରେ ଫୋନ:** ଅଫିସରୁ ଡେରି ରାତିରେ ଘରକୁ ଫେରିବା ସମୟରେ ଯଦି ସାମାନ୍ୟ ବିପଦର ସନ୍ଦେହ କିମ୍ବା ଅନୁଭବ କରିବା ମାତ୍ରେ ଜରୁରିକାଳୀନ ନମ୍ବରକୁ ଫୋନ୍ କରି ପୋଲିସର ସାହାଯ୍ୟ ନିଅନ୍ତୁ।

**ଘର ଲୋକଙ୍କୁ ଜଣାନ୍ତୁ:** ନାଇଟ୍ ସିଫ୍ଟରେ ଅଫିସ୍ ଛାଡିବା ମାତ୍ରେ ଘର ଲୋକଙ୍କୁ ଫୋନ୍ କରି ଜଣାଇ ଦିଅନ୍ତୁ। ତେଣୁ ଘରେ ପହଞ୍ଚିବା ସମୟ ବିଳମ୍ବ ହେଲେ ସେମାନେ ନିଜଆଡୁ ଆପଣଙ୍କ ସହିତ ଯୋଗାଯୋଗ କରି ଭଲମନ୍ଦ ବୁଝିବେ। ଏହା ବ୍ୟତୀତ ଯଦି ରାତି ବହୁତ ଅଧିକ ହୋଇଥାଏ ଏବଂ ଅଫିସରେ ରହିବାର ସୁବିଧା ଥାଏ ତେବେ ସକାଳ ପର୍ଯ୍ୟନ୍ତ ଅଫିସରେ ରହିଯାଆନ୍ତୁ।





### ଏମାନେ କ'ଣ କହନ୍ତି



**ରାସ୍ତାରେ ଗହଳି ଥାଏ:** ଆମର ନାଇଟ୍ ସିଫ୍ଟ ନାହିଁ କିନ୍ତୁ ଦିନେ ଦିନେ ଅଫିସର କାମ ଏତେ ଅଧିକ ହୋଇଯାଏ ଯେ ମୋର ଘରକୁ ଫେରିବାକୁ ରାତି ୧୦ଟା ହୋଇଯାଏ। ତେଣୁ ଘରକୁ ଏକା ଗାଡି ଆଣି ଫେରିବା ବେଳକୁ ପ୍ରଥମେ ଟିକେ ଭୟ ଲାଗେ, କିନ୍ତୁ ରାସ୍ତାରେ ଯିବାଆସିବା ଗହଳି ଦେଖି ଆଉ କିଛି ଲାଗେନି। ସେମିତି ଅଧିକ ଡେରି ହେଲେ ମୁଁ ଅଫିସର ଅନ୍ୟ ସହକର୍ମୀଙ୍କୁ ମୋ ସହ ଘର ପର୍ଯ୍ୟନ୍ତ ଯିବା ପାଇଁ ଅନୁରୋଧ କରିଥାଏ। ନଚେତ୍ ଘର ଲୋକଙ୍କୁ ଖବର ଦେଇ ଡକାଇ ତାଙ୍କ ସହିତ ଫେରେ।

**–ରାନୁସ୍ମିତା ସ୍ୱାଇଁ**
*ଟେକ୍ନିକାଲ୍ ଆନାଲିଷ୍ଟ, ନିଟ୍ ଟେକ୍ନୋଲୋଜି, ବେଙ୍ଗାଲୁରୁ*



**ଅଫିସ ଗାଡ଼ିରେ ଫେରେ:** ମତେ ଯେଉଁ ସମୟରେ ବି ଘରକୁ ଫେରିଲେ କୌଣସି ଅସୁବିଧା ହୁଏନି। କାହିଁକି ନା ଅଫିସ ଗାଡିରେ ସିକ୍ୟୁରିଟି ସହିତ ମୁଁ ଘରକୁ ଫେରେ। ଏବେ ତ ସବୁ ସେକ୍ଟରରେ ଝିଅମାନେ ସବୁ ସିଫ୍ଟରେ କାମ କରୁଛନ୍ତି। ତେଣୁ ରାତି ୮ଟା ହେଉ କି ୧୦ଟା ହେଉ ଯେଉଁ ସମୟରେ ଘରକୁ ଫେରିବାର ହେଲେ କିଛି ଅସୁବିଧା ହୁଏନି। ତେଣୁ ମୋର କାମ ସରିଲେ ମୁଁ ଆରାମରେ ଘରକୁ ଆସେ।

**–ଡକ୍ଟର ଦେବଦର୍ଶିନୀ ସାମନ୍ତରାୟ**
*ରିସର୍ଚ୍ଚ ସାଇଣ୍ଟିଷ୍ଟ, ଆଇଆଇଟି ମାଡ୍ରାସ, ଚେନ୍ନାଇ*

# ବ୍ରେଡ ରୋଲ୍

**ଆବଶ୍ୟକ ସାମଗ୍ରୀ**

ଆଳୁ– ୫ଟି, ବ୍ରେଡ– ୧୨ଟି, କଞ୍ଚାଲଙ୍କା– ୨ଟି, ଧନିଆପତ୍ର– ଅଳ୍ପ, ଧନିଆ ଗୁଣ୍ଡ– ୧ ଚାମଚ, ଆମଚୁର ପାଉଡର– ଅଧା ଛୋଟ ଚାମଚ, ଲଙ୍କାଗୁଣ୍ଡ– ଅଧା ଛୋଟ ଚାମଚ, ଗରମ ମସଲା– ଅଧା ଛୋଟ ଚାମଚ, ଛାଣିବା ପାଇଁ ତେଲ, ଆବଶ୍ୟକ ଅନୁସାରେ ଲୁଣ।

**ପ୍ରଣାଳୀ–** ପ୍ରଥମେ ଆଳୁକୁ ପ୍ରେସର କୁକରରେ ସିଝାଇ ଦିଅନ୍ତୁ। ସିଝିଗଲା ପରେ ଆଳୁରୁ ଚୋପା ଛଡାଇ ଚକଟି ରଖି ଦିଅନ୍ତୁ। ଏବେ ଗ୍ୟାସରେ ପ୍ୟାନ୍ ଗରମ କରି ସେଥିରେ ୧ ଚାମଚ ତେଲ ପକାନ୍ତୁ। ତେଲ ଗରମ ହେଲେ ସେଥିରେ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ପକାନ୍ତୁ। ଏହାପରେ ଧନିଆଗୁଣ୍ଡ ପକାନ୍ତୁ। ଅଳ୍ପ ଭାଜି ହୋଇଗଲେ ସେଥିରେ ଚକଟା ହୋଇ ଥିବା ଆଳୁ ପକାନ୍ତୁ। ଆଳୁରେ ଲୁଣ, ଆମଚୁର ପାଉଡର, ଲଙ୍କାଗୁଣ୍ଡ, ଗରମ ମସଲା ପକାଇ ଭଲଭାବେ ମିଶାନ୍ତୁ। ଏବେ ପ୍ୟାନକୁ ଚୁଲିରୁ ଓହ୍ଲାଇ ସେଥିରେ ଧନିଆ ପତ୍ରକୁ କାଟି ପକାଇ ଦିଅନ୍ତୁ। ଏବେ ଏହି ଆଳୁ ମସଲାକୁ ଥଣ୍ଡା ହେବା ପାଇଁ ଛାଡି ଦିଅନ୍ତୁ। ଥଣ୍ଡା ହେବା ପରେ ଏହାକୁ ଛୋଟ ଛୋଟ ଅଣ୍ଡା ଆକାରର ଗୁଳା କରି ରଖନ୍ତୁ।

ଏବେ ବ୍ରେଡର ଚାରିକଡ଼କୁ କାଟି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ କିଛି ପାଣି ନିଅନ୍ତୁ। ସେହି ପାଣିରେ ପ୍ରଥମେ ବ୍ରେଡକୁ ବୁଡାଇ ସଙ୍ଗେ ସଙ୍ଗେ ଉଠାଇ ଦିଅନ୍ତୁ। ଦୁଇ ହାତରେ ଚାପି ବ୍ରେଡରେ ଥିବା ଅତିରିକ୍ତ ପାଣିକୁ ବାହାର କରି ଦିଅନ୍ତୁ। ବ୍ରେଡ ଉପରେ ଅଣ୍ଡାଶେପ୍ ଥିବା ଆଳୁକୁ ରଖି ବ୍ରେଡର ଚାରିକଡ଼କୁ ଭଲଭାବେ ଚାପି ଦିଅନ୍ତୁ। ଏହିପରି ସବୁ ଆଳୁକୁ ରୋଲ୍ ଶେପ୍ ଦିଅନ୍ତୁ। କଡେଇରେ ତେଲ ଗରମ କରି ବ୍ରେଡ ରୋଲ ସବୁକୁ ବାଦାମୀ ହେବା ଯାଏ ଛାଣି ଦିଅନ୍ତୁ। ଏହାକୁ ଶସ୍ କିମ୍ବା ଚଟଣୀ ସହିତ ଖାଆନ୍ତୁ ଭଲ ଲାଗିବ।



ଖାଦ୍ୟରୁଚି

ଫ୍ୟାଶନ

# ବର୍ଷାଦିନିଆ ପୋଷାକ

**ବର୍ଷାଦିନେ ପାଣିପାଗକୁ ଲକ୍ଷ୍ୟ କରି ପୋଷାକ ପିନ୍ଧିଲେ ଷ୍ଟାଇଲିସ୍ ଦେଖାଯିବା ସହିତ ପରିବେଶକୁ ଉପଭୋଗ କରିହେବ। ତେଣୁ ଏହି ଋତୁରେ କିଭଳି ପୋଷାକ ଚୟନ କରିବେ ଜାଣି ରଖନ୍ତୁ..**



**ପୋଷାକ:** ବର୍ଷାଦିନ ପାଇଁ ଏଭଳି ପୋଷାକ ଚୟନ କରନ୍ତୁ ଯେପରି ବର୍ଷା ପାଣି ପଡିବା ମାତ୍ରେ ତାହା ସଙ୍ଗେ ଓଦା ହୋଇ ଯାଉ ନ ଥିବ। ଏହା ସହିତ ଓଦା ହେଲେ ଶୀଘ୍ର ଶୁଖି ପାରୁଥିବ। ପ୍ଲାଜୋ, ଟ୍ରାଉଜର କିମ୍ବା ମ୍ୟାକ୍ସି ଡ୍ରେସ ଭଳି ପୋଷାକ ପିନ୍ଧନ୍ତୁ ନାହିଁ। ଆଙ୍କେଲ ଲେନ୍‌ଥ କିମ୍ବା ସର୍ଟସ ଅବା ସ୍କର୍ଟ ଆଦି ପିନ୍ଧନ୍ତୁ।

**ରଙ୍ଗ:** ବର୍ଷାଦିନେ ରାସ୍ତାଘାଟରେ ପାଣି କାଦୁଅର ସମସ୍ୟା ରହିଥାଏ। ତେଣୁ ଏହି ଋତୁରେ ଧଳା ରଙ୍ଗର ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। କାରଣ ଦାଗ ଲାଗିବାର ସମ୍ଭାବନା ବହୁତ ରହିଥାଏ। ଏହି ଋତୁରେ ରଙ୍ଗିନ ପୋଷାକ ପିନ୍ଧନ୍ତୁ। ରଙ୍ଗିନ ପୋଷାକ ଋତୁ ଅନୁସାରେ ଭଲ ମ୍ୟାଚିଂ କରିବା ସହିତ ଦାଗ ଲାଗିବାର ଭୟ ମଧ୍ୟ ରହି ନ ଥାଏ।

**ଫାବ୍ରିକ:** ବର୍ଷାଦିନେ ଏଭଳି ଫାବ୍ରିକର କପଡା ପିନ୍ଧନ୍ତୁ, ଯାହା ଆରାମଦାୟକ ହେବା ସହିତ ଶୀଘ୍ର ଶୁଖି ପାରୁଥିବ। ତେଣୁ ଡେନିମ୍ କିମ୍ବା ସିଲ୍କ ଭଳି ଫାବ୍ରିକର ଡ୍ରେସ ବ୍ୟବହାର କରନ୍ତୁ ନାହିଁ। ଏହି ଋତୁରେ କର୍ଟନ ଫାବ୍ରିକ ବହୁତ ଭଲ ଏବଂ ଏହା ତ୍ୱଚା ପାଇଁ ମଧ୍ୟ ଭଲ।

**ଜୋତା:** ଏହି ଋତୁରେ ଲେଦର ଓ ଭେଲଭେଟ୍ ମ୍ୟାଟେରିଆଲର ଜୋତା ବ୍ୟବହାର କରନ୍ତୁ ନାହିଁ। ବର୍ଷାଦିନ ପାଇଁ ଫ୍ଲିପ୍‌ଫ୍ଲପ୍ ଜୋତା ପିନ୍ଧିନ୍ତୁ ଷ୍ଟାଇଲିସ୍ ଦେଖାଯିବା ସହିତ ପାଣି ଲାଗିଲେ ଜୋତା ବି ଖରାପ ହେବ ନାହିଁ।

## ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଗେଟବଜାରରୁ ସୋମବାର ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରାଯାଇଛି। ପୋଲିସ ଟ୍ରକ୍ ଚାଳକଙ୍କୁ ଅଟକରଖି ପଚରାଉଚୁରା କରୁଛି। ଏନେଇ ଥାନାରେ ମାମଲା (ନଂ.୨୦୬/୨୧) ରୁଜୁ ହୋଇଛି। ଏହି ଟ୍ରକ୍‌ର ମାଲିକ ହେଉଛନ୍ତି ଜଗତ୍‌ସିଂହପୁର ମାଛଗାଁ ଅଞ୍ଚଳର ନିଶାକର ସ୍ୱାଇଁ। ତାଙ୍କ ଗାଡି ପାରାଦୀପ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ଅଧୀନରେ ଚାଲୁଛି। ଏହି ଟ୍ରକ୍‌ରେ ଚୋରା କୋଇଲା ବୋଝେଇ ହେଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରବିବାର ପୋଲିସକୁ ସୂଚନା ଦିଆଯାଇଥିଲା। ଏହାପରେ ପୋଲିସ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଇ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ୧୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ପାରାଦୀପ,୯।୮(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ପୋଲିସ ସୋମବାର ୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କାଳିଆ ସେଠୀ ଓ ବାବୁରାମ ସେଠୀ। ଉଭୟଙ୍କଠାରୁ ବାଇକ ଓ ନଗଦ ୨୩ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ମାମଲା (ନଂ.୨୦୫/୨୧)ରୁଜୁ ହୋଇଛି। ଏହି ଥାନା ଅନ୍ତର୍ଗତ ସିଙ୍ଗଟାଳି ଛକରେ ସେମାନେ ଏକ ବାଇକରେ ବସି ବ୍ରାଉନ୍‌ସୁଗାର ବେପାର କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ।

### ଗୋଟିଏ ରାତିରେ ୨ ଦୋକାନରୁ ଚୋରି

ବାଲିକୁଦା,୯।୮(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣଡ଼ିହି ଛକରେ ଥିବା ୨ଟି ଦୋକାନରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସମେତ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଛି। ଏ ନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। କୌଣସି ଅଭିଯୁକ୍ତ ଧରାପଡି ନ ଥିବାବେଳେ ଘଟଣାସ୍ଥଳରୁ ପେଚ୍‌କସ ଓ ଲୁହାରଡ଼ ଆଦି ଜବତ କରାଯାଇଛି। ପୋଲିସ ସୂଚନା ଅନୁସାରେ, ବ୍ରାହ୍ମଣଡ଼ିହି ଗାଁର ପବିତ୍ର ସ୍ୱାଇଁ ତାଙ୍କ ଭେରାଇଟି ଷ୍ଟୋର(ମନୋହର ଦୋକାନ) ବନ୍ଦ କରି ରାତିରେ ଘରକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଦୋକାନ କାନ୍ଥ କଣା କରି ସେଠାରେ ଥିବା ୫୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ନିକଟରେ ଥିବା କାଳନ୍ଦୀ ସାହୁଙ୍କର ତେଜରାତି ଦୋକାନରୁ ବିଭିନ୍ନ ସାମଗ୍ରୀ ଓ ନିକଟରେ ଥିବା ତାଙ୍କ ସାର ଦୋକନରୁ ଦୁର୍ବୃତ୍ତମାନେ ସାର ଚୋରି କରିନେଇଛନ୍ତି। ଏନେଇ ଫାଣ୍ଡି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### 'ଭାରତ ବଞ୍ଚାଅ' ଦିବସ ପାଳିତ: ୬ ଦଫା ଦାବିରେ ରାସ୍ତା ଅବରୋଧ

କୁଜଙ୍ଗ,୯।୮(ଡି.ଏନ୍.ଏ.): ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଅଖିଳ ଭାରତ ଶ୍ରମିକ ସଂଘ କୁଜଙ୍ଗ ଶାଖା ପକ୍ଷରୁ ଭାରତ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ୬ ଦଫା ଦାବିରେ କୁଜଙ୍ଗ କୋର୍ଟ ଛକ ନିକଟରେ ମେଡିକାଲ ରୋଡକୁ ୨ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦିକା ତଥା ସିପିଆଇ ରାଜ୍ୟ ପରିଷଦ ସଭ୍ୟା ଡା. ଜିନ୍ନତ୍ୟୀ ସାହାଣୀ ଏହାର ନେତୃତ୍ୱ ନେଇଥିଲେ। ସରକାରଙ୍କ ଦ୍ୱାରା ପ୍ରଚଳିତ ନୂତନ ଶ୍ରମ ଆଇନ, କୃଷି ଆଇନ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ପେଟ୍ରୋଲ ଓ ଡିଜେଲ ଆଦି ଅତ୍ୟାବଶ୍ୟକ ସାମଗ୍ରୀକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଇ ଦରବୃଦ୍ଧି ନିୟନ୍ତ୍ରଣ କରିବା ଓ ୮ ଘଣ୍ଟା ଶ୍ରମ ନିର୍ଘଣ୍ଟ କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଏଆଇଟିୟୁସି ଜିଲା ସମ୍ପାଦକ ସୁବାସ ମହାପାତ୍ର, ଜୋନ ସମ୍ପାଦକ ଶରତ ବେହେରା, ଶ୍ରମିକ ନେତା ରବୀନ୍ଦ୍ର ମାଝି, ପ୍ରଶାନ୍ତ ବିଶ୍ୱାଳ, ମେନନ ଦାସ, ପ୍ରତିମା ମଳିକ ଓ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ମିଳୁନି ରିହାତି ସାର



ମହାକାଳପଡ଼ା ବ୍ଲକ ମହାନଦୀ ଅପରପାର୍ଶ୍ୱ ପାରାଦୀପରେ ଥିବା ସାର କାରଖାନା ।

- ବାଡ଼ି ପଛରେ କାରଖାନା
- ମରୁଡ଼ି ସାଙ୍ଗକୁ ସାର ଚିନ୍ତା
- ଚେଇଁ ଶୋଇଛି କୃଷି ବିଭାଗ

ମହାକାଳପଡ଼ା,୯।୮ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାରେ ସାର ଓ ବର୍ଷା ଅଭାବରୁ ମରୁଡ଼ି ଆଶଙ୍କା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ମୌସୁମୀ ଦୁର୍ବଳ ଯୋଗୁ ବର୍ଷା ଅଭାବ ଦେଖାଦେଇଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ କୃଷି ଯୋଜନା ଘରେ ଘରେ କାର୍ଯ୍ୟକାରୀ ହେଉଥିବା ନେଇ କୁହାଯାଉଛି। ତେବେ ଚାଷୀଙ୍କୁ ରିହାତି ଦରରେ ସାର ମିଳୁନି। ଚଢ଼ା ଦରରେ କେତେଜଣ ଅସାଧୁ ବ୍ୟବସାୟୀ ସାର ବିକ୍ରି କରି ସ୍ଥାନୀୟ ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ ହେଉଛି। ତେବେ ମହାକାଳପଡ଼ା ବ୍ଲକର ଚାଷୀ ସାର, କୀଟନାଶକ ଓ ବର୍ଷା ଅଭାବ ଯୋଗୁ ଚାଷଜମିରେ ଧାନ ତଳି ରୁଆ ଓ ବେଉଷଣ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ବ୍ଲକର ମହାନଦୀ ସଂଲଗ୍ନ ଅପରପାର୍ଶ୍ୱ ଜଗତ୍‌ସିଂହପୁର ଜିଲା ପାରାଦୀପଠାରେ ଇଫ୍‌କୋ, ପିପିଏଲ୍ ସାର କାରଖାନା ଗଢ଼ି ଉଠିଛି। ଏଠାରୁ ୟୁରିଆ, ଡିଏପି, ସଲ୍‌ଫର, ପଟାସ ଉତ୍ପାଦନ ହେଉଛି। ଏହି କାରଖାନା ଉତ୍ପାଦିତ ସାର ଦେଶର ବିଭିନ୍ନ ରାଜ୍ୟକୁ ଯୋଗାଣ ହେଉଛି। ନାକ ତଳେ କାରଖାନା ଥାଇ ଅଞ୍ଚଳର ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ମିଳୁନି। ମହାକାଳପଡ଼ା ବ୍ଲକର ବହୁ ଚାଷୀ ଏଭଳି ଅଭିଯୋଗ କରିଛନ୍ତି।

ବ୍ଲକର ଜମ୍ବୁ, ବଡିଘର, ଖରିନାସୀ, ରାମନଗର, ଛପାଲୀ, ବେଣକନ୍ଧା, ଜଗରୀ ଜୋର୍, ବାବର, ତନ୍ତିଆପାଳ, ବିଜୟନଗର, ଓରତ, ମଙ୍ଗଳପୁର, ଓସ୍ତର, ଯଦୁପୁର, ଟିଖିରି, ଅମେଇପାଳ ଅଞ୍ଚଳରେ ସାର ଅଭାବ ଦେଖାଦେଇଛି। ଏହି ଅଞ୍ଚଳର ଚାଷୀ ହରି ଗୋଚ୍ଛାୟତ, ନିରଞ୍ଜନ ଗୋଚ୍ଛାୟତ, ଅମର ରାଉତ, ବାଙ୍କ ବିହାରୀ ସ୍ୱାଇଁ, ଅଜିତ ମଣ୍ଡଳ, ଶିବରାମ ମଣ୍ଡଳ, ଶିଶିର ରାଉତ, ଅନାମ ଚରଣ ସ୍ୱାଇଁ, ବାବାଜୀ ଦାସ, ସଦାଶିବ ରାଉତ, ବାବାଜୀ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ଆମ ବାଡି ପଛ ପଟେ ପାରାଦୀପର ସାର କାରଖାନାରୁ ସାର ଉତ୍ପାଦନ ହେଉଛି। ଚାଷୀଙ୍କ ଉଦ୍ଦେଶ୍ୟରେ କାରଖାନା ନିର୍ମାଣ ହୋଇଛି। ଅଥଚ ଚାଷୀଙ୍କୁ ସାର ମିଳୁନି। କେତେଜଣ ଅଣ ପଞ୍ଜୀକୃତ ଅସାଧୁ ବ୍ୟବସାୟୀ ଚଢା ଦରରେ ରାତି ଅଧିଆ ଚୋରାରେ ସାର ବିକ୍ରି କରୁଛନ୍ତି। ଅପରପକ୍ଷେ କୃଷି ବିଭାଗ କର୍ମଚାରୀମାନେ ବଳରାମ ଯୋଜନାରେ ଲାଗି ପଡ଼ିଛନ୍ତି। ସୁଲଭ ଦରରେ ସାର ଯୋଗାଣକୁ ପଚାରେ କିଏ। ରାଜ୍ୟ ସରକାରଙ୍କ କୃଷକମାନଙ୍କ ପାଇଁ ବଳରାମ ଯୋଜନାରେ ଋଣ ଦେବା ଆଳରେ ଅର୍ଥ ଆଦାୟ ଚାଲିଛି ବୋଲି ଗୁରୁତ୍ୱର ଅଭିଯୋଗ ହେଉଛି। କେତେଜଣ କୃଷକ ସାଥୀ ଓ ଦଲାଲଙ୍କ ସହଯୋଗରେ ଗରିବ ଭାଗ ଚାଷୀଙ୍କୁ ବଳରାମ ଯୋଜନାରେ ସାମିଲ ପାଇଁ ଟଙ୍କା ଆଦାୟ କରୁଥିବା ନାମ ଗୋପନ ରଖିବା ସର୍ତ୍ତରେ ଚାଷୀମାନେ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀରଙ୍କୁ ପଚାରିବାରେ ବିଭାଗ ପାଖରେ ସାର ମହଜୁଦ ରହିଛି। କେଉଁ ଅଞ୍ଚଳରେ କଳାବଜାର ହେଉଛି ଚାଷୀଙ୍କଠାରୁ ଅଭିଯୋଗ ମିଳିଲେ ଏକ ସ୍କ୍ୱାଡ୍ ଗଠନ କରାଯାଇ ଚଢାଉ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ବଳରାମ ଯୋଜନାରେ ଅର୍ଥ ନେଇଥିବା କୌଣସି କର୍ମଚାରୀ ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## '୭ମ ବେତନ କମିଶନ ଅନୁଯାୟୀ ଦରମା ମିଳୁ'



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ସଦସ୍ୟ

### ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଜିଲା ଶାଖା ଦାବି

ଜଗତ୍‌ସିଂହପୁର ଅଫିସ, ୯।୮

ସପ୍ତମ ବେତନ କମିଶନ ସହ ଅନ୍ୟାନ୍ୟ ଦାବିନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଜଗତ୍‌ସିଂହପୁର ଶାଖା ତରଫରୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସୋମବାର ଜଗତ୍‌ସିଂହପୁର ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତା.୧।୧।୨୦୧୮ରୁ ସପ୍ତମ ବେତନ କମିଶନ ଅନୁଯାୟୀ, ଉପରୋକ୍ତ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏଥିସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ସହ ଅବସରକାଳୀନ ସୁବିଧା ପ୍ରଦାନ ପାଇଁ ବ୍ୟବସ୍ଥା ହେଉ। ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ଓ ମୃତ୍ୟୁବରଣ କରି ସାରିଥିବା କର୍ମଚାରୀଙ୍କ ପରିବାର ପ୍ରତିପୋଷଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଏହି ସମୟରେ ମଞ୍ଚର ୩ ଆବାହକ ଯଥା ସୁଧୀର କୁମାର ମହାନ୍ତି, ଜ୍ୟୋତିପ୍ରକାଶ ସାମନ୍ତରାୟ, ନାରାୟଣ ବାରିକଙ୍କ ସମେତ ପ୍ରତାପ ଲେଙ୍କା, ନିକୁଞ୍ଜ କିଶୋର ବେହେରା, ଭାରତୀ ବେହେରା, ବିବେକାନନ୍ଦ ମିଶ୍ର, ଚୁମନ ବେହେରା, ସୌଦାମିନୀ ଶତପଥୀ, ଅତୁଲ ବିକ୍ରମ ପ୍ରଧାନ, ଅନିଲ କୁମାର ଜେନା, ଶେଖ୍ ଅବଦୁଲ ସୁଫିୟାନ ଓ ରାବେୟା ସୁଲତାନା ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ ହଜାର କୋଟି ଟଙ୍କାର ପ୍ୟାକେଜ୍ ଦାବି

## ନବ ନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

- କଳାକାର, ସେଲୁନ୍, ସ୍ପା, ଜିମ୍ ଓ ଚାଷୀଙ୍କ କ୍ଷତିଭରଣା କରାଯାଉ
- ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଜଗତ୍‌ସିଂହପୁର ଅଫିସ, ୯।୮

୭ ଦଫା ଦାବିରେ ସୋମବାର ନବ ନିର୍ମାଣ କୃଷକ ସଙ୍ଗଠନ ଜଗତ୍‌ସିଂହପୁର ଜିଲା ଶାଖା ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଳାକାର, ପାର୍ଲର, ସେଲୁନ୍, ସ୍ପା ଓ ଚାଷୀଙ୍କ କ୍ଷତି ଭରଣା ପାଇଁ ମାସିକ ୫ ହଜାର ଲେଖାଏ ୬ ମାସ ପର୍ଯ୍ୟନ୍ତ ଦେବାକୁ ଦାବି କରାଯାଇଛି। ଏନେଇ ୧୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏସ୍‌କେ ଏକାଡେମୀ ସମ୍ମୁଖରୁ ଏଥିପାଇଁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବଂଶୀଧର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ଯାତ୍ରା କଳାକାର କର୍ମଚାରୀ ସଂଘର ଜିଲା ସଭାପତି ଅଶୋକ ରାଉତ, ସାଧାରଣ ସମ୍ପାଦକ ଅଜିତ ଆଚାର୍ଯ୍ୟଙ୍କ ସମେତ କୃଷକ ନେତା ଦୁର୍ଗାଚରଣ ସ୍ୱାଇଁ, ଅଶୋକ ସ୍ୱାଇଁ, ଦେବୀପ୍ରସାଦ ମହାରଣା, ପ୍ରସନ୍ନ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସଙ୍ଗଠନ ରାଜ୍ୟ ଉପସଭାପତି ରଶ୍ମିରଞ୍ଜନ ସ୍ୱାଇଁ କହିଥିଲେ, କରୋନା ମହାମାରୀ ସମୟରେ ଦେଶର ତେଲଙ୍ଗାନା, ତାମିଲନାଡୁ ଓ ଦିଲ୍ଲୀ ସରକାର ସେଠାକାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଆମ ରାଜ୍ୟରେ ମଧ୍ୟ ଏଭଳି ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି।

ଚାଷୀମାନଙ୍କ ସୁରକ୍ଷା ପାଇଁ ମାସିକ ୫ ହଜାର ଟଙ୍କା ହିସାବରେ ୩୬ ଲକ୍ଷ ଚାଷୀ ପରିବାରକୁ ୨୧,୬୦୦ କୋଟି ଟଙ୍କା ସହ କଳାକାର ଓ ଉପରୋକ୍ତ ବ୍ୟବସାୟୀମାନଙ୍କୁ ୧୧୦୦ କୋଟି ଟଙ୍କା ସୁରକ୍ଷା ଭତ୍ତା ପ୍ରଦାନ କରାଯାଉ। ବିୟୁଟି ପାର୍ଲର, ସେଲୁନ୍, ଜିମ୍, କଳାକାରଙ୍କୁ ଋଣ ଦିଆଯାଇ ଏମ୍ଏସ୍ଏମ୍ଇ ଅନ୍ତର୍ଭୁକ୍ତ କରାଯାଉ। ୧୮% ଜିଏସ୍‌ଟି ବଦଳରେ ୬% ଦେଇ ବ୍ୟବସାୟୀଙ୍କୁ ଋଣ ଦିଆଯାଉ। ଚଳିତବର୍ଷ ଯେଉଁମାନେ ଋଣ ନେଇଛନ୍ତି ସେମାନଙ୍କୁ ଶୁଝିବା ପାଇଁ ୨ ବର୍ଷ ପର୍ଯ୍ୟନ୍ତ ସମୟ ଦିଆଯାଉ। କରୋନା କାଳରେ ପାର୍ଲର, ଜିମ୍ ଓ ଅନ୍ୟମାନେ ବ୍ୟବସାୟ ପାଇଁ ନେଇଥିବା ଘରଭଡା ଖର୍ଚ୍ଚ ସରକାର ବହନ କରନ୍ତୁ। ଯାତ୍ରା ଚାଲୁ କରିବା ପାଇ ନାଇଟ୍ କର୍ଫ୍ୟୁ ତୁରନ୍ତ ପ୍ରତ୍ୟାହାର କରାଯାଉ। କଳାକାର ଭତ୍ତା ୧୨୦୦ରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଉ। ତୃତୀୟ ଲହର ସମୟରେ ଯଦି ସରକାର ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଘୋଷଣା କରନ୍ତି, ତେବେ ଏହି ୬ ମାସର ପ୍ୟାକେଜ୍ ବାଦ୍ ପ୍ରତି ମାସରେ ସମସ୍ତଙ୍କ ଜୀବିକା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦିଅନ୍ତୁ।

## ଜନାର୍ଦ୍ଦନପୁରକୁ ରାଜସ୍ୱ ଗ୍ରାମର ମାନ୍ୟତା

ତିର୍ତ୍ତୋଲ, ୯।୮(ଡି.ଏନ.ଏ.)

ଜଗତ୍‌ସିଂପୁର ଜିଲା ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତ ବେହେଡପୁରସ୍ଥିତ ପଡାଗ୍ରାମ ଜନାର୍ଦ୍ଦନପୁର ରାଜସ୍ୱ ଗ୍ରାମର ମାନ୍ୟତା ଲାଭ କରିଛି। ଏହାପରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କୈଶରୀ ମହାପାତ୍ର ଗ୍ରାମକୁ ଆସି ନଡିଆ ବାଡେଇ ଓ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ରବିବାର ସନ୍ଧ୍ୟାରେ ଏହି ଉପଲକ୍ଷେ ଗ୍ରାମର ମାହେଶ୍ୱରୀ ମନ୍ଦିରରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଗ୍ରାମର ଅଭାବ ଅସୁବିଧା ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଲଙ୍କାପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଯାତାୟାତ ପାଇଁ ଅନୁପଯୁକ୍ତ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନିର୍ମାଣ ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ସଭାରେ ଗ୍ରାମର ବରିଷ୍ଠ ନାଗରିକ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ସନାତନ ଦାଇ, କୃଷ୍ଣ ପ୍ରସାଦ ଦାସ, ନିଳୁଚରଣ ଜେନା, ଗୁଟୁ ମହାପାତ୍ର, ସୁଧୀର ମହାନ୍ତି, ତ୍ରୈଲୋକ୍ୟ ମିଶ୍ର ଓ ନିଶାକର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଚେତାବନୀ



ସମାଜ ମଙ୍ଗଳ ଅଧିକାରୀଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ଦିଆଯାଉଛି।

### ୨୨ ଦିନରେ ପହଞ୍ଚିଲା ଜବକାର୍ଡଧାରୀଙ୍କ ଧାରଣା

ନାଉଗାଁ,୯।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ବାଂଶ ପଞ୍ଚାୟତର ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ଜବ୍‌କାର୍ଡଧାରୀଙ୍କ ଧାରଣା ୨୨ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୋମବାର ଧାରଣାକାରୀମାନେ ବ୍ଲକ ଛକ ନିକଟରୁ ପଦଯାତ୍ରା କରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏଥିରେ ବହୁଜନ ଛାତ୍ର ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ ମଲି, ବାଦଲ ଭୋଇ, ଅକ୍ଷୟ କାଣ୍ଡି, ଜିତେନ୍ଦ୍ର କାଣ୍ଡି, ଦିଲୀପ ମଲିକ ଓ ଯୋଗେନ୍ଦ୍ର କାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ। ସେଠାରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିସମ୍ବଳିତ ଏକ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରିଥିଲେ। ବିଡିଓଙ୍କ ତରଫରୁ ଦାବିପତ୍ରକୁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଗ୍ରହଣ କରିଥିଲେ। ଏହାର ନକଲ ଟୁଇଟର ମାଧ୍ୟମରେ ମୁଖମନ୍ତ୍ରୀ, ୫-ଟି ସଚିବ, ଓଡ଼ିଶା ପଞ୍ଚାୟତରାଜ ବିଭାଗ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ନାଉଗାଁ ତହସିଲଦାରଙ୍କୁ ପଠାଯାଇଛି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରାଯାଇ ଦୁର୍ନୀତିଖୋରଙ୍କୁ ବହିଷ୍କାର,ସରକାରୀ ଅର୍ଥ ହରିଲୁଟ କରିଥିବା ବ୍ୟକ୍ତିଙ୍କ ଗିରଫ ଦାବି, ଧାରଣରତ ମହିଳାଙ୍କୁ ଆକ୍ରମଣ ଓ ବାବା ସାହେବ ଆମ୍ବେଡ୍‌କରଙ୍କ ଫଟୋକୁ ଅସମ୍ମାନ କରିଥିବା ଅଭିଯୁକ୍ତ ମିଟୁ ବାରିକଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

# ପ୍ରତିମୂର୍ତ୍ତି ଅନାବରଣ ଉଦ୍ଦେଶ୍ୟରେ ଦାବିପତ୍ର

## ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର ବିବାଦ

- ସ୍ଥାନାନ୍ତର ପାଇଁ କଂଗ୍ରେସର ପଦଯାତ୍ରା

ରଘୁନାଥପୁର,୯।୮(ଡି.ଏନ୍.ଏ.)

ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବିବାଦ ତେଜିବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ତାଙ୍କ ପ୍ରତିମୂର୍ତ୍ତି ଅନାବରଣ ପାଇଁ ଦାବି କରିଥିବା ବେଳେ ଅପରପକ୍ଷେ ସ୍ଥାନାନ୍ତର ଉଦ୍ଦେଶ୍ୟରେ ପଦଯାତ୍ରା କରାଯାଇଛି। ସୋମବାର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଏକତ୍ରିତ ହୋଇ ପେପର ଦ୍ୱାରା ଢଙ୍କାଯାଇଥିବା ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିବା ପାଇଁ ଦାବି କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ ଓ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିମୂର୍ତ୍ତି ସ୍ଥାପନ ପରେ ବିବାଦ ମୁଣ୍ଡ ଟେକିବାରୁ ପ୍ରଶାସନ ଏକ ସମାଧାନର ସୂତ୍ର ବାହାର କରି ସେଇ ଅନୁସାରେ କାର୍ଯ୍ୟ କରିଥିଲା। କାର୍ଯ୍ୟ ସମାପ୍ତ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ପ୍ରତିମୂର୍ତ୍ତିକୁ ଆବରଣ କରି ରଖିବା ଦିବଂଗତ ନେତାଙ୍କ ପ୍ରତି ଅପମାନ। ତୁରନ୍ତ ପ୍ରତିମୂର୍ତ୍ତିକୁ ଅନାବରଣ କରା ନ ଗଲେ ସାଧାରଣ ଜନତା ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ରାୟ, ସରପଞ୍ଚ ପ୍ରମୋଦ ଜେନା, ପୁଷ୍ପଲତା ସୂତାର, ସରୋଜ ଦାସ, ଶେଷଦେବ ସେଠୀ, ଜାନକୀ ବଲ୍ଲଭ ସ୍ୱାଇଁ ଓ ସୂର୍ଯ୍ୟ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଓ ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଚାଲିଥିବା ସତ୍ୟାଗ୍ରହ ଓ ଅନଶନ ୭ଦିନରେ ପହଞ୍ଚିଛି। କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ଆମରଣ ଅନଶନରେ ବସିଥିବାବେଳେ ପୂର୍ବାହ୍ନରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ପହଞ୍ଚି ସମର୍ଥନ କରିଛନ୍ତି। ଏହି ଅବସରରେ କର୍ମୀମାନେ ଥାନା ଛକରୁ ଏକ ରାଲିରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଲେଙ୍କା କହିଛନ୍ତି।



ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଇନ୍‌ଡୋର ଷ୍ଟାଡିୟମ ପାଇଁ ୯.୫ କୋଟି ମଞ୍ଜୁର



ଖବରଦାତା ସମ୍ମିଳନୀରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଅନ୍ୟମାନେ।

- ୧.୩୮ ଏକର ସରକାରୀ ଜମିରେ ନିର୍ମାଣ ହେବ
- ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହେବ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କ୍ରୀଡ଼ାପ୍ରେମୀ ଉତ୍ସାହିତ

ଜଗତ୍‌ସିଂହପୁର ଅଫିସ, ୯।୮

ଜଗତ୍‌ସିଂହପୁର ସହରରେ ଏକ ଇନ୍‌ଡୋର ଷ୍ଟାଡିୟମ କରାଯିବା ନେଇ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ମୋହର ମାରିଛନ୍ତି। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳକ ହଷ୍ଟେଲ ପାର୍ଶ୍ୱ ୧.୩୮ ଏକର ସରକାରୀ ଜମିରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନାମରେ ୯ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ସୋମବାର ସାରଦା ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ନେଇ ବିଧାୟକ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଜିଲାର କ୍ରୀଡାବିତ୍‌ମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏକାଧିକ କ୍ରୀଡାବିତ୍, ଆଇନଜୀବୀ ଦୋଳଗୋବିନ୍ଦ ଦାଶ, ଦୀପ୍ତି କୁମାର ଦାସ, ପ୍ରିୟବ୍ରତ ମହାପାତ୍ର, ମନୋଜ ଭୋଇ, ଦେବୀ ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, କିଛିମାସ ପୂର୍ବରୁ ବିଭାଗୀୟ ମନ୍ତ୍ରୀ ଜଗତ୍‌ସିଂହପୁର ଗସ୍ତ କରି ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ କ୍ଷେତ୍ର ପରିଦର୍ଶନ କରି ଇନ୍‌ଡୋର ଷ୍ଟାଡିୟମ ନେଇ ସବୁଜ ସଙ୍କେତ ଦେଇଥିଲେ। ଗତ ଜୁନ ୨୨ରେ ଜିଲାପାଳଙ୍କ ଓସୱାନ ଭିସି ରୁମ୍‌ରେ ଭର୍ଚୁଆଲ ମାଧ୍ୟମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉପସ୍ଥିତିରେ କେତେଜଣ କ୍ରୀଡାବିତ୍ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଜଗତ୍‌ସିଂହପୁର ସହରରେ ଇନ୍‌ଡୋର ଷ୍ଟାଡିୟମ ହେବା ଉପରେ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଜିଲାରେ ବ୍ୟାଡମିଣ୍ଟନ୍, ଭଲି ଓ ଟେବୁଲ ଟେନିସ୍‌ରେ ଅନେକ କ୍ରୀଡାବିତ୍ ଭଲ ପ୍ରଦର୍ଶନ କରୁଛନ୍ତି। ତେଣୁ ଇନ୍‌ଡୋର ଷ୍ଟାଡିୟମ ହେଲେ କ୍ରୀଡ଼ାର ବିକାଶ ହେବ। ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସମ୍ଭବ ହେବ। ଏହି ସମୟରେ ୫-ଟି ସଚିବ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଇନ୍‌ଡୋର ଷ୍ଟାଡିୟମ ହେବା ନେଇ ଘୋଷଣା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପୂର୍ବ ପ୍ରଭାବୀ ଟିକସ ସଂଶୋଧନ ବିଲ୍ ରାଜ୍ୟସଭାରେ ପାସ୍

ଭାରତରେ ସମସ୍ତ ରେଟ୍ରୋସ୍ପେକ୍ଟିଭ(ପୂର୍ବ ପ୍ରଭାବୀ) ଟିକସକୁ ବାଦ ଦେବା ଲାଗି ସରକାର ନିୟମରେ ସଂଶୋଧନ କରିବେ। ଏସଂକ୍ରାନ୍ତ ବିଲ୍‌କୁ ସୋମବାର ରାଜ୍ୟସଭା ମଞ୍ଜୁରୀ ପ୍ରଦାନ କରିଛି। ଭାରତରେ ରହିଥିବା ସମ୍ପତ୍ତି ପରୋକ୍ଷ ଭାବେ ହସ୍ତାନ୍ତର କ୍ଷେତ୍ରରେ ଟିକସ ଆଇନ ସଂଶୋଧନ ବିଲ୍ ୨୦୨୧ ପାସ ହୋଇଥିବା ଜଣାପଡିଛି। ଲୋକସଭା ଏହି ବିଲ୍‌କୁ ଗତ ସପ୍ତାହରେ ମଞ୍ଜୁରୀ ଦେଇଥିଲା।

**ସଂକ୍ଷେପରେ**

## ଆମାଜନ, ଫ୍ଲିପ୍‌କାର୍ଟ ଆବେଦନ ଖାରଜ

ନୂଆଦିଲ୍ଲୀ, ୯।୮: ଫ୍ଲିପକାର୍ଟ ଏବଂ ଆମାଜନ ଭଳି ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀଗୁଡିକୁ ଝଟ୍‌କା ଲାଗିଛି। କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଯାଞ୍ଚ ଉପରେ ରୋକ ଲଗାଇବା ଲାଗି ଏହି ୨ କମ୍ପାନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ୨ କମ୍ପାନୀର ଆବେଦନକୁ ସର୍ବୋଚ୍ଚ ଅଦାଲତ ସୋମବାର ଖାରଜ କରିଦେଇଛନ୍ତି। ଏମାନଙ୍କ ବିରୋଧରେ ପ୍ରତିସ୍ପର୍ଦ୍ଧା ବା ପ୍ରତିଦ୍ୱନ୍ଦ୍ୱିତା ନିୟମ ଉଲ୍ଲଂଘନ ନେଇ ଅଭିଯୋଗ ରହିଥିଲା। ସୁପ୍ରିମକୋର୍ଟଙ୍କ ଏଭଳି ନିଷ୍ପତ୍ତି ଫଳରେ ଉକ୍ତ କମ୍ପାନୀ ବିରୋଧରେ ଯାଞ୍ଚ କଡ଼ାକଡ଼ି ହେବ। ୪ ସପ୍ତାହ ମଧ୍ୟରେ ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବା ଲାଗି କମ୍ପାନୀଗୁଡିକୁ ନିର୍ଦ୍ଦେଶରେ କୁହାଯାଇଛି। କମିଶନ ତାଙ୍କ ପ୍ରାଥମିକ ଯାଞ୍ଚ ବେଳେ ଫ୍ଲିପକାର୍ଟକୁ ୩୨ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପ୍ରଶ୍ନ କରିଥିଲେ। ଟପ୍ ସେଲର୍ସଙ୍କ ତାଲିକା, ଅନଲାଇନ ରିହାତି ଏବଂ ସ୍ମାର୍ଟଫୋନ କମ୍ପାନୀଙ୍କ ସହ ଡିଲ୍ ଭଳି ପ୍ରସଙ୍ଗ ଉପରେ ପ୍ରଶ୍ନ କରାଯାଇଥିଲା।

# ଭୋଡା-ଆଇଡିଆ ସଙ୍କଟ ବଢୁଛି

ନୂଆଦିଲ୍ଲୀ, ୯।୮

ଭୋଡାଫୋନ ଆଇଡିଆ ଟେଲିକମ୍ କମ୍ପାନୀର ସଙ୍କଟ ବଢ଼ିଚାଲିଛି। ଏହି କମ୍ପାନୀ ଯଦି ବନ୍ଦ ହୋଇଯାଏ ତେବେ ସରକାର ଏହାଦ୍ୱାରା ବୃହତ୍ ପରିମାଣର କ୍ଷତି ସହିବେ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏଥିରେ ସରକାର ୧.୬୦ ଲକ୍ଷ କୋଟି ଟଙ୍କା କ୍ଷତି ସହିପାରନ୍ତି ବୋଲି ଆକଳନ କରାଯାଇଛି। ଭୋଡାଫୋନ ଆଇଡିଆ ଉପରେ ମୋଟ ୧.୮୦ ଲକ୍ଷ କୋଟି ଟଙ୍କାର ଋଣ ରହିଥିବା ଜଣାପଡ଼ିଛି। ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କ ଏହି କମ୍ପାନୀକୁ ଋଣ ପ୍ରଦାନ କରିଛନ୍ତି। ବ୍ୟାଙ୍କଗୁଡିକ ଏହି କମ୍ପାନୀକୁ ମୋଟ ୩୫ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ସେହିଭଳି ନନ୍ କନଭର୍ଟେବଲ ଡିବେଞ୍ଚର(ଏନ୍‌ସିଡି)ରେ ୭୫୦୦ କୋଟି ଟଙ୍କାର ଋଣ ଏହା ଆଣିଛି। ଚଳିତ ଆର୍ଥିକ ବର୍ଷରେ ଏହି ଋଣର ଅବଧି ପରିପକ୍ୱ ହେଉଛି। ବଣ୍ଡ୍ ବା ପ୍ରତିଭୂତି ଜାରି କରି କମ୍ପାନୀ ନିବେଶକଙ୍କୁଠାରୁ ଟଙ୍କା ଉଠାଣ କରିଥିବା ବେଳେ ନିବେଶକଙ୍କୁ ସେମାନଙ୍କ ଅର୍ଥ ଏବେ ଫେରାଇବାକୁ ପଡିବ।

### କମ୍ପାନୀ ବୁଡ଼ିଲେ ସରକାରଙ୍କୁ କ୍ଷତି ୧.୬୦ ଲକ୍ଷ କୋଟି




କମ୍ପାନୀ ଉପରେ ୯୬,୩୦୦ କୋଟି ଟଙ୍କାର ସ୍ପେକ୍ଟ୍ରମ ଦେୟ ବାବଦ ବକେୟା ରହିଛି। ସରକାରଙ୍କୁ ୬୧ ହଜାର କୋଟି ଟଙ୍କାର ଆଡଜଷ୍ଟେଡ ଗ୍ରସ୍ ରେଭେନ୍ୟୁ (ଏଜିଆର୍) ବାବଦ ବକେୟା ଅର୍ଥ ମଧ୍ୟ ଏହା ରଖିଛି। ବ୍ୟାଙ୍କଗୁଡିକର ୨୩,୧୦୦ କୋଟି ଟଙ୍କାର ବକେୟା ଏହା ଉପରେ ରହିଛି। ବ୍ୟାଙ୍କ ଋଣ ଅର୍ଥର ଅଧିକାଂଶ ଭାଗ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପ୍ରଦାନ କରିଛନ୍ତି ଯାହା ସରକାରଙ୍କ ଅଂଶରେ ଆସିବ। ସେହିଭଳି ବୃହତ୍ ପରିମାଣର ବ୍ୟାଙ୍କ ଗ୍ୟାରେଣ୍ଟି ମଧ୍ୟ ରହିଛି। ଏଜିଆର୍, ସ୍ପେକ୍ଟ୍ରମ ଏବଂ ବ୍ୟାଙ୍କ ଋଣ ଉପରେ ସୁଧ ମଧ୍ୟ ଦେବାକୁ ପଡିବ। ସବୁଠାରୁ ଚକିତ କଲା ଭଳି ଘଟଣା ଯେ, କମ୍ପାନୀ ନିକଟରେ କେବଳ ୩୫୦ କୋଟି ଟଙ୍କାର କ୍ୟାଶ୍ ବାଲାନ୍ସ ରହିଛି। ଏହି କମ୍ପାନୀ ଉପରେ ଏସ୍‌ବିଆଇର ୧୧ ହଜାର କୋଟି ଟଙ୍କାର ବକେୟା ରହିଛି। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୩ ହଜାର କୋଟି, ୟେସ୍ ବ୍ୟାଙ୍କର ୪ ହଜାର କୋଟି, ଆଇଡିଏଫ୍ ସିର ୩୨୪୦ କୋଟି ଏବଂ ଇଣ୍ଡସ ଇଣ୍ଡ ବ୍ୟାଙ୍କର ୩୫୦୦ କୋଟି ବକେୟା ରହିଛି।

### ସ୍ଥିତି ଉପରେ ବ୍ୟାଙ୍କଙ୍କ ନଜର

ଏହି ଘଟଣା ଉପରେ କିଛି କହିହେବ ନାହିଁ ବୋଲି ବ୍ୟାଙ୍କଗୁଡିକ କହିଛନ୍ତି। ବ୍ୟାଙ୍କଗୁଡିକୁ ପେମେଣ୍ଟ କରିବାରେ ଭୋଡାଫୋନ ଆଇଡିଆ ଏବେ ଯାଏ ବିଫଳ ହୋଇନାହିଁ। ଯଦି କମ୍ପାନୀ ବନ୍ଦ ହୋଇଯାଏ ତେବେ ସରକାରଙ୍କୁ କର୍ପୋରେଟ ମାମଲାରେ ସବୁଠାରୁ ବଡ଼ କ୍ଷତି ସହିବାକୁ ପଡିବ। ବ୍ୟାଙ୍କଗୁଡିକର ଅର୍ଥକୁ ଏଥିରେ ଯଦି ଯୋଡ଼ାଯାଏ ତେବେ କ୍ଷତି ପରିମାଣ ଅଧିକ ରହିବ। ଭୋଡାଫୋନ ଉପରେ ରହିଥିବା ମୋଟ ଋଣ ମଧ୍ୟରୁ ପ୍ରାୟ ୭୦% ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପ୍ରଦାନ କରିଛନ୍ତି। ଗତ ୩ ବର୍ଷରେ ଏହି କମ୍ପାନୀର ୧୩.୨୦ କୋଟି ଗ୍ରାହକ ହ୍ରାସ ହୋଇଛନ୍ତି। ମାର୍ଚ୍ଚ ତ୍ରୈମାସରେ କମ୍ପାନୀକୁ ୭ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ଗତ କିଛିଦିନ ତଳେ ଟେଲିକମ୍ ବିଭାଗ ସହ ବ୍ୟାଙ୍କଗୁଡିକର ବୈଠକ ହୋଇଥିଲା। ଭୋଡାଫୋନ ଆଇଡିଆକୁ ବଞ୍ଚାଇବା ଲାଗି ବ୍ୟାଙ୍କଗୁଡ଼ିକ ପରାମର୍ଶ ଦେଇଥିଲେ। କାରଣ ଏହି କମ୍ପାନୀ ବୁଡିଲେ ଉଭୟ ସରକାର ଏବଂ ବ୍ୟାଙ୍କ କ୍ଷତି ସହିବେ।

## ୧.୬ କୋଟି ଲୋକଙ୍କୁ ମିଳିଲା ରୋଜଗାର

ନୂଆଦିଲ୍ଲୀ, ୯।୮



### କୃଷି, ନିର୍ମାଣ କ୍ଷେତ୍ରରେ ନିଯୁକ୍ତି ବଢ଼ିଛି

ଜୁଲାଇରେ ନିଯୁକ୍ତି କ୍ଷେତ୍ରରେ ସୁଧାର ପରିଲକ୍ଷିତ ହୋଇଛି। ଦିଲ୍ଲୀ ଭିତ୍ତିକ ଥିଙ୍କ୍ ଟ୍ୟାଙ୍କ୍ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ଡାଟା ମୁତାବକ, ଜୁଲାଇରେ ୧.୬ କୋଟି ଲୋକଙ୍କୁ ରୋଜଗାର ମିଳିଛି। ଜୁନ୍ ତୁଳନାରେ ବେତନଭୋଗୀ କର୍ମଚାରୀଙ୍କ ସଂଖ୍ୟା ୩୨% ହ୍ରାସ ହୋଇଥିବା ଜଣାପଡିଛି। ରିପୋର୍ଟ ମୁତାବକ, ଜୁଲାଇରେ କୃଷି କ୍ଷେତ୍ରରେ ୧.୧୨ କୋଟି ଲୋକଙ୍କୁ ନିଯୁକ୍ତି ମିଳିଛି। ନିର୍ମାଣ କ୍ଷେତ୍ରରେ ୫୪ ଲକ୍ଷ, ସେବା କ୍ଷେତ୍ରରେ ୫ ଲକ୍ଷ ଏବଂ ମାନୁଫାକ୍ଚରିଂ କ୍ଷେତ୍ରରେ ୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିଥିବା ଜଣାପଡିଛି। କୃଷି ଏବଂ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ସଂଖ୍ୟା ବଢ଼ିଛି। ଏହି ରିପୋର୍ଟରେ ଅସ୍ଥାୟୀ ନିଯୁକ୍ତି କଥା ବିଚାରକୁ ନିଆଯାଇଛି। ବିଶେଷ ଭାବେ କହିବାକୁ ଗଲେ ଅଣ ସଙ୍ଗଠିତ କ୍ଷେତ୍ରଗୁଡିକରେ ଏହିସବୁ ରୋଜଗାର ସୃଷ୍ଟି ହୋଇଛି।

ଜୁଲାଇ ସୁଦ୍ଧା ବେତନଭୋଗୀ କର୍ମଚାରୀଙ୍କ ସଂଖ୍ୟା ୭.୬୫ କୋଟି ରହିଛି। ଜୁନ୍ ତୁଳନାରେ ଏହା ୩୨ ଲକ୍ଷ କମ୍। ସେହିଭଳି କରୋନା ପୂର୍ବ ତୁଳନାରେ ଏହା ୩୬ ଲକ୍ଷ କମ୍ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। କରୋନା ଲହର ପୂର୍ବରୁ ବେତନଭୋଗୀ କର୍ମଚାରୀଙ୍କ ସଂଖ୍ୟା ୮.୭ କୋଟି ରହିଥିଲା। ଚଳିତ ବର୍ଷ ଜୁଲାଇ ସୁଦ୍ଧା ଏହା ତୁଳନାରେ ୧ କୋଟି କମ୍ ଲୋକ ବେତନଭୋଗୀ ଶ୍ରେଣୀରେ କାମ କରୁଛନ୍ତି।

## ବିନା କାରଣରେ ଅର୍ଥ ଅଟକାଇଛି ସେବି: ସାହାରା

ନୂଆଦିଲ୍ଲୀ, ୯।୮

ନିକଟରେ ପ୍ରକାଶିତ ସେବିର ବାର୍ଷିକ ରିପୋର୍ଟରେ, ସେବି ସ୍ୱୀକାର କରିଛି ଯେ, ଏହା ସାହାରାର ନିବେଶକମାନଙ୍କୁ କେବଳ ୧୨୯ କୋଟି ଟଙ୍କା ପଇଠ କରିଛି। କିନ୍ତୁ ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା ସାହାରା ଦ୍ୱାରା ସୁଧ ସମେତ ଜମା କରାଯାଇଥିବା ଅର୍ଥପରିମାଣ ୨୩,୧୯୧ କୋଟି ଟଙ୍କା ରହିଛି। ସାହାରାର ଆକଳନ ମୁତାବକ, ସାହାରା ସେବି ଆକାଉଣ୍ଟରେ ସୁଧ ସହିତ ଜମା କରାଯାଇଥିବା ଅର୍ଥ ପରିମାଣ ପ୍ରାୟ ୨୫ ହଜାର କୋଟି ଟଙ୍କା ହେବ। ସେବି ଅକାରଣରେ ବା ଅଯୌକ୍ତିକ ଭାବେ ସାହାରା ଓ ଏହାର ନିବେଶକମାନଙ୍କର ୨୫ ହଜାର କୋଟି ଟଙ୍କାକୁ ଅଟକାଇ ରଖିଥିବା ସାହାରା ଦାବି କରିଛି । ଗତ ୯ ବର୍ଷ ମଧ୍ୟରେ ଦେଶବ୍ୟାପୀ ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟରେ ବିଜ୍ଞାପନ ଦେବାପରେ ସେବି ସାହାରାର ନିବେଶକମାନଙ୍କୁ ମାତ୍ର ୧୨୯ କୋଟି ଟଙ୍କା ପରିଶୋଧ କରିଛି। ଜୁଲାଇ ୨୦୧୮ ପରେ କରାଯାଇଥିବା କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ଯେ, ସେବି ପାଇଁ ଆଉ କୌଣସି ଦାବିଦାର ନାହାନ୍ତି। ଏହାର ଅର୍ଥ ଏହା ମଧ୍ୟ ସୂଚାଉଛି ଯେ, ସାହାରା ଦ୍ୱାରା ଜମା କରାଯାଇଥିବା ସମସ୍ତ ୨୫ ହଜାର କୋଟି ଟଙ୍କାକୁ ସେବି ଅଯୌକ୍ତିକ ଭାବେ ଅଟକାଇ ରଖିଛି। ସେବି ଏହାକୁ ସାହାରାକୁ ଫେରାଇ ଦେବା ଉଚିତ। ୯ବର୍ଷ ତଳେ ଯାଞ୍ଚ ପାଇଁ ସାହାରା ଏହାର ୩ କୋଟି ନିବେଶକଙ୍କ ସମସ୍ତ ମୂଳ ଦସ୍ତାବିଜ୍‌କୁ ସେବିକୁ ଦେଇଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୫ ହଜାର କୋଟି ଟଙ୍କା ଶେଷରେ ସାହାରାକୁ ଫେରିବ। ସାହାରା ପକ୍ଷରୁ କୁହାଯାଇଛି ଯେ, ସେବି ଦ୍ୱାରା ଏହି ୨୫ ହଜାର କୋଟି ଟଙ୍କାକୁ ଅଟକ ରଖାଯିବା ଦୁର୍ଭାଗ୍ୟଜନକ ଓ ଏହା ଗ୍ରହଣୀୟ ନୁହେଁ ବୋଲି ସାହାରା କହିଛି।

## ଇ-ଯାନ ଆମଦାନୀ ଟିକସ କମିପାରେ

ନୂଆଦିଲ୍ଲୀ, ୯।୮: ଭାରତ ଇ-ଯାନ ଉପରେ ଆମଦାନୀ ଟିକସ କମାଇପାରେ। ଏହା ୪୦% ସ୍ତରକୁ ଖସିପାରେ ବୋଲି ପ୍ରକ୍ରିୟା ସହ ଜଡିତ ୨ ଜଣ ଅଧିକାରୀ ନାମ ଗୋପନ ରଖି ସୋମବାର ରଏଟର୍ସକୁ ସୂଚନା ଦେଇଛନ୍ତି। ଟିକସ ହ୍ରାସ ନେଇ ଟେସ୍‌ଲା କିଛି ଦିନ ପୂର୍ବରୁ ସରକାରଙ୍କୁ ନିବେଦନ କରିଥିଲା। ବର୍ତ୍ତମାନ ଇ-ଯାନ ଆମଦାନୀ କ୍ଷେତ୍ରରେ ଟିକସ ହାର ୬୦% ରହିଛି। ୪୦ ହଜାର ଡଲାରରୁ କମ୍ ମୂଲ୍ୟର ଯାନଗୁଡିକରେ ଏହି ଟିକସ ହାର ଲାଗୁ ହେଉଛି। ସେହିଭଳି ୪୦ ହଜାର ଡଲାରରୁ ଅଧିକ ମୂଲ୍ୟର ଇ-ଯାନ ଲାଗି ଟିକସ ହାର ୧୦୦% ରହିଛି। ଏହାକୁ ୬୦% ସ୍ତରକୁ କମାଇବା ଲାଗି ବିଚାର କରାଯାଉଛି। ସବୁ କିଛି ବର୍ତ୍ତମାନ ଆଲୋଚନା ସ୍ତରରେ ରହିଛି। ଚୂଡାନ୍ତ ପର୍ଯ୍ୟାୟକୁ ଆଲୋଚନା ଆସିଲେ ସରକାର ଟିକସ କମାଇବା ଉପରେ ବିଚାର କରିପାରନ୍ତି ବୋଲି ଅଧିକାରୀ କହିଛନ୍ତି।

# ଜୁଲାଇରେ ଯାନ ବିକ୍ରି ବଢ଼ିଲା

ନୂଆଦିଲ୍ଲୀ,୯।୮



କୋଭିଡ୍-୧୯ କଟକଣା କୋହଳ ହେଉଥିବାରୁ ଏହାର ପ୍ରଭାବ ଯାନ ବିକ୍ରି ଉପରେ ପଡ଼ିଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଏଫ୍‌ଏଡିଏ) ରିପୋର୍ଟ ମୁତାବକ, ଚଳିତ ବର୍ଷ ଜୁଲାଇରେ ଯାନ ପଞ୍ଜୀକରଣ ୩୪.୧୨% ବୃଦ୍ଧି ହୋଇଛି। ଏହି ମାସରେ ପାସେଞ୍ଜର ଯାନ, ୨ ଚକିଆ ଯାନ, ବାଣିଜ୍ୟିକ ଯାନ ସହ ପ୍ରାୟ ସବୁ ସେଗ୍‌ମେଣ୍ଟରେ ବିକ୍ରି ଉନ୍ନତ ରହିଛି।

ଗତ ମାସରେ ସାରା ଦେଶରେ ୧୫.୫୬ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଗତ ବର୍ଷ ସମାନ ମାସରେ ଏହା ୧୧.୬୦ ଲକ୍ଷ ୟୁନିଟ ରହିଥିଲା। ଗତ ମାସରେ ବାଣିଜ୍ୟିକ ଯାନ ବିକ୍ରି ୧୬୫% ବୃଦ୍ଧି ହୋଇଛି। ଏହି ବର୍ଗରେ ୫୨,୧୩୦ ୟୁନିଟ ଯାନ ପଞ୍ଜୀକରଣ ହୋଇଛି। ଗତ ବର୍ଷ ସମାନ ମାସରେ ଏହା ୧୯,୬୦୨ ୟୁନିଟ ରହିଥିଲା। ୨୦୧୯ ଜୁଲାଇ ତୁଳନାରେ ଚଳିତ ବର୍ଷ ଜୁଲାଇରେ ବିକ୍ରି ୨୪.୮୪% ନିମ୍ନରେ ରହିଛି। ଗତ ୨ ବର୍ଷ ତଳେ ଏହି ବର୍ଗରେ ୬୯,୩୬୧ ଯାନ ପଞ୍ଜୀକରଣ ହୋଇଥିଲା।

ଜୁଲାଇରେ ତିନିଚକିଆ ବର୍ଗରେ ମଧ୍ୟ ବିକ୍ରି ୮୩.୦୫% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ୨୭,୯୦୪ ୟୁନିଟ ଯାନ ଏହି ବର୍ଗରେ ପଞ୍ଜୀକରଣ ହୋଇଛି। ଏହା ଗତ ବର୍ଷ ୧୫,୨୪୪ ୟୁନିଟ ରହିଥିଲା। ଜୁଲାଇ ୨୦୧୯ରେ ୩ ଚକିଆ ଯାନ ବିକ୍ରି ୫୮, ୯୪୩ ୟୁନିଟ ରହିଛି। ସେହିଭଳି ୨ ଚକିଆ ବର୍ଗରେ ୨୭% ଏବଂ ପାସେଞ୍ଜର ଯାନ କ୍ଷେତ୍ରରେ ବିକ୍ରି ୬୨% ବଢିଛି। ୧୧.୩୨ ଲକ୍ଷ ୨ ଚକିଆ ଯାନ ଜୁଲାଇରେ ପଞ୍ଜୀକରଣ ହୋଇଥିବା ବେଳେ ୨.୬୧ ଲକ୍ଷ ୟୁନିଟ ପାସେଞ୍ଜର ଯାନ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି।

## ଏଏମ୍-ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯।୮

ଆର୍ସେଲର ମିତ୍ତଲ-ନିପନ ଷ୍ଟିଲ୍ (ଏଏମ୍-ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ କରୋନା ମହାମାରୀର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି କମ୍ପାନୀ ଟିକାକରଣକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ସରକାରଙ୍କ ପକ୍ଷରୁ କର୍ପୋରେଟମାନଙ୍କ ପାଇଁ ଟିକା ଉପଲବ୍ଧ କରାଇବା ମାତ୍ରେ କମ୍ପାନୀ ତା'ର କର୍ମଚାରୀ ଓ ଅନ୍ୟମାନଙ୍କୁ କୋଭିଡ୍ ଟିକାକରଣ ଆରମ୍ଭ କରିଥିଲା ; ଯାହାଦ୍ୱାରା ପ୍ରାୟ ୪୦ହଜାର ବ୍ୟକ୍ତି ବିଶେଷ ଅର୍ଥାତ୍ କମ୍ପାନୀର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏବଂ କମ୍ପାନୀର ବ୍ୟବସାୟିକ ସହଯୋଗୀମାନେ ପ୍ରଥମ ଡୋଜ୍ ଟିକାକରଣରେ ସାମିଲ ହୋଇପାରିଥିଲେ।

**ଫୁର୍‌ସତ୍**

# ମାନସିକ ଚାପ ମାପିବ ଯନ୍ତ୍ର




**ଲକ୍ଷ୍ନୌ:** ମଣିଷ କେତେ ଚିନ୍ତା କରୁଛି. ଏହାର ପରିମାଣ ଓ ସ୍ତର କେତେ ରହିଛି ତାହା ଏବେ ଯନ୍ତ୍ର ମାପିବ। ମାନସିକ ଚାପକୁ ମାପିବା ପାଇଁ ଏଭଳି ଏକ ଯନ୍ତ୍ର ତିଆରି କରିଛନ୍ତି ଇଞ୍ଜିନିୟରିଂ ଛାତ୍ର ଅସିତ ତିୱାରୀ। ଅନେକ ଦିନ ତଳୁ ଏକ ପ୍ରୋଜେକ୍ଟରେ କାମ କରୁଥିବା ଅସିତ୍ ଏବେ ଚିନ୍ତା ମାପିବା ପାଇଁ ତିଆରି କରିଛନ୍ତି ଏକ ଷ୍ଟ୍ରେସ୍ ଲେଭଲ ଇଣ୍ଡିକେଟର।

ଉତ୍ତରପ୍ରଦେଶ ଫରିଦାବାଦର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଛାତ୍ର ହେଉଛନ୍ତି ଅସିତ ତିୱାରୀ। ଅନେକ ଦିନର ପରିଶ୍ରମ ପରେ ଏବେ ସେ ଏକ ଷ୍ଟ୍ରେସ୍ ଲେଭଲ ଇଣ୍ଡିକେଟର ତିଆରି କରିବା କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ଏହି ମେଶିନ ଉପରେ ଜଣେ ବ୍ୟକ୍ତି ନିଜ ଅଙ୍ଗୁଳି ରଖିବା ପରେ ହିଁ ସେ କେତେ ପରିମାଣରେ ଚିନ୍ତାଗ୍ରସ୍ତ ଅଛନ୍ତି ତାହା ଜଣା ପଡିଯାଇଥାଏ। ପ୍ରଥମ ଥର ପାଇଁ ଅସିତ୍ ଏଭଳି ଏକ ମେଶିନ୍ ତିଆରି କରିଛନ୍ତି। ମାନସିକ ଚିନ୍ତା ମାପିବା ପାଇଁ ମେଶିନ ସାହାଯ୍ୟରେ ଏବେ ଅନେକ ଲୋକ ଉପକୃତ ହୋଇପାରିବେ ଏବଂ ଠିକ୍ ସମୟରେ ଚିକିତ୍ସା ମଧ୍ୟ ପାଇପାରିବେ ବୋଲି ସେ କହିଛନ୍ତି। ଅସିତଙ୍କ କହିବା କଥା ହେଉଛି ଡାଇବେଟିସ୍‌ଠାରୁ ଆରମ୍ଭ କରି ଜ୍ୱର ମାପିବା ପାଇଁ ମେଶିନ୍ ରହିଛି, କିନ୍ତୁ ଚିନ୍ତା ମାପିବା ପାଇଁ କୌଣସି ମେଶିନ୍ ନ ଥିଲା ତେଣୁ ସେ ଏଭଳି ଏକ ମେଶିନ୍ ତିଆରି କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏହି କାମରେ ସେ କାନପୁରର ଅଟଳ ଟିଙ୍କରିଂ ଲ୍ୟାବର ପ୍ରତିଷ୍ଠାତା କୌସ୍ତୁଭ ଓମାରଙ୍କ ସାହାଯ୍ୟ ନେଇଥିଲେ। ଏବେ ଅସିତଙ୍କର ଏହି ମେଶିନଟି ୫୦ ଜଣଙ୍କ ଉପରେ ପରୀକ୍ଷା କରାଯାଇ ସାରିଛି। ତେବେ ଏଥିରେ ଆଉ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କୌସ୍ତୁଭ କହିଛନ୍ତି। ତେବେ ଏହାର ପରୀକ୍ଷା ପାଇଁ ଏବେ ଏହାକୁ ଆଇଆଇଟିକୁ ପଠାଇ ଦିଆଯାଇଛି।

ଏହି ମେଶିନକୁ ବ୍ୟବହାର କରିବା ବହୁତ ସହଜ ଏବଂ ଏହା କମ୍ ଟଙ୍କାରେ ମଧ୍ୟ ଉପଲବ୍ଧ ହୋଇପାରିବ। ମେଶିନ୍ ଉପରେ ଆଙ୍ଗୁଠିରେ ଚାପ ପ୍ରୟୋଗ କଲେ ଏଥିରେ ଥିବା ସେନ୍‌ସର ମାଧ୍ୟମରେ ଚିନ୍ତାର ସ୍ତର କେତେ ରହିଛି ଜଣାପଡିଯିବ। ଏହି ମେଶିନରେ ସ୍ଲର୍କଟ ବୋର୍ଡ ସହିତ ଏଲଇଡି, କାପାସିଟର, ଆଇସି, ପୋଟେସିୟୋ ମିଟର, ଇଣ୍ଟିଗ୍ରେଟେଡ ସ୍ଲର୍କଟ ସହିତ ୫୦ରୁ ଅଧିକ ଉପକରଣ ଲଗାଯାଇଛି।

## ରୁପା କଏନ ପାଇଁ ନଦୀକୂଳରେ ଭିଡ଼

**ଭୋପାଳ:** ମଧ୍ୟପ୍ରଦେଶର ସିନ୍ଧ ନଦୀ କୂଳରୁ ରୁପା କଏନ ମିଳୁଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତାହାକୁ ପାଇବା ପାଇଁ ଅଶୋକ ନଗର ଅଞ୍ଚଳର ପଞ୍ଚାବଳୀ ଗାଁର ଲୋକଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଲାଗିଯାଇଥିଲା। ରବିବାର କେତେକ ଗ୍ରାମବାସୀଙ୍କୁ ନଦୀରୁ ରୁପା କଏନ ମିଳିଥିବା କଥା ଗାଁରେ ପ୍ରଘଟ ହେବା ପରେ ଲୋକେ ବର୍ଷାକୁ ଖାତିର ନ କରି କଏନ ନେବାକୁ ନଦୀକୂଳରେ ପହଞ୍ଚି ଯାଇଥିଲେ। ତେବେ ରୁପା କଏନ କେଉଁଠୁ ଆସିଲା ସେ ନେଇ ଲୋକଙ୍କ ମଧ୍ୟରେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କେହି ଏହାକୁ ଘରେ ରଖିଥିଲେ। ବନ୍ୟାପାଣିରେ ଘର ଭାସିଯିବାରୁ ଏସବୁ ଭାସି ଆସିଥିବା ଲୋକେ କହୁଛନ୍ତି। କିମ୍ବା ନଦୀରେ ଆସ୍ଥା ଓ ବିଶ୍ୱାସ ରଖି ଲୋକେ ମୁଦ୍ରା ବିସର୍ଜନ କରିଥିବାରୁ ତାହା ଏବେ କୂଳରୁ ମିଳୁଥିବା ମଧ୍ୟ ଚର୍ଚ୍ଚା ହେଉଛି। କଏନ ପାଇବା ପାଇଁ ଲୋକେ ନଦୀକୁ ଲମ୍ଫ ଦେଉଥିବା ମଧ୍ୟ ଦେଖିବାକୁ ମିଳୁଛି।

## ସୋସିଆଲ ମିଡିଆ ଯୋଗେ ଫେରିପାଇଲେ ମନିପର୍ସ

**ଇସଲାମାବାଦ:** ଇଣ୍ଟରନେଟ ଏବଂ ସୋସିଆଲ ମିଡିଆ କେତେ ଶକ୍ତିଶାଳୀ ମାଧ୍ୟମ ତାହା ପୁଣି ଥରେ ପ୍ରମାଣିତ ହୋଇଛି। ଗାଜି ତୈମୁର ନାମକ ଜଣେ ପାକିସ୍ତାନୀ ଯୁବକ ଲଣ୍ଡନର ଶୋରେଡିଚ ହାଇଷ୍ଟ୍ରିଟ୍‌ରେ ପଡ଼ିଥିବା ଏକ ମନିପର୍ସ ପାଇଥିଲେ। ଧୂସର ରଙ୍ଗର ଏହି ପର୍ସକୁ ଦେଖିବା ପରେ ଏହାର ପ୍ରକୃତ ମାଲିକ କିଏ ସେ ଖୋଜିବାରେ ଲାଗିଥିଲେ। ଏଥିପାଇଁ ସେ ଟୁଇଟ କରି ପ୍ରଥମେ ସୂଚନା ଦେଇଥିଲେ। ଏହା ପରେ ତୈମୁର ଜାଣିବାକୁ ପାଇଥିଲେ ପର୍ସଟି ଭାରତର ରାହୁଲ ନାମକ ଜଣେ ଯୁବକଙ୍କର। ସେ ଗୁଗଲ୍, ଫେସବୁକ ଏବଂ ଇନଷ୍ଟାଗ୍ରାମରେ ଏହି ଯୁବକଙ୍କୁ ଖୋଜିବାରେ ଲାଗିଥିଲେ। ଲିଙ୍କେଡିନ୍‌ରେ ସହାୟତାରେ ସେ ରାହୁଲଙ୍କ ନିକଟରେ ପହଞ୍ଚିପାରିଥିଲେ। ଏହା ପରେ ତୈମୁର ଟୁଇଟ କରି କହିଥିଲେ, ରାହୁଲ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ଫୁଡ୍ କମ୍ପାନୀରେ କାମ କରନ୍ତି। ସେ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟକୁ ଫୋନ କରିଥିଲେ ଏବଂ ପରେ ପର୍ସ ଫେରାଇଥିଲେ। ରାହୁଲ ପର୍ସ ଫେରିବାପାଇବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ୪ ବର୍ଷ ବଡ଼ ଅଭିନେତ୍ରୀଙ୍କ ପ୍ରେମରେ ପଡ଼ିଥିଲେ ମହେଶ



**ମୁମ୍ବାଇ:** ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ମହେଶ ବାବୁ ନିଜର ସୁନ୍ଦର ଅଭିନୟ ପାଇଁ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଏବେ ମହେଶ ବାବୁ ତାଙ୍କ ୪୬ ତମ ଜନ୍ମଦିନ ପାଳନ କରିଛନ୍ତି। ଚେନ୍ନାଇରେ ଜନ୍ମଗ୍ରହଣ କରିଥିବା ମହେଶଙ୍କ ପ୍ରେମ କାହାଣୀ କୌଣସି ଫିଲ୍ମ କାହାଣୀଠାରୁ ମଧ୍ୟ କମ୍ ନୁହେଁ। ବୟସରେ ନିଜଠାରୁ ୪ ବର୍ଷ ବଡ଼ ନମ୍ରତା ଶିରୋଦକରଙ୍କୁ ପ୍ରେମ କରିବସିଥିଲେ ମହେଶ। କିନ୍ତୁ ବୟସ ଉଭୟଙ୍କ ପ୍ରେମରେ ପ୍ରତିବନ୍ଧକ ସାଜିପାରି ନ ଥିଲା। ନମ୍ରତା ହିନ୍ଦୀ ସିନେମାର ଜଣେ ଜଣାଶୁଣା ଅଭିନେତ୍ରୀ। ସେ ସଲମାନ ଖାନଙ୍କ ବିପକ୍ଷରେ ଫିଲ୍ମ 'ଜବ ପ୍ୟାର କିସି ସେ ହୋତା ହେ'ରେ ଅଭିନୟ ଆରମ୍ଭ କରିଥିଲେ। ୧୯୯୩ରେ ନମ୍ରତା 'ଫେମିନା ମିସ ଇଣ୍ଡିଆ' ମୁକୁଟ ବିଜୟିନୀ ହୋଇଥିଲେ। ତେଲୁଗୁ ଚଳଚ୍ଚିତ୍ର 'ଭାମସି'ର ଶୁଟିଂ ସମୟରେ ନମ୍ରତା ଏବଂ ମହେଶଙ୍କ ପ୍ରଥମେ ସାକ୍ଷାତ ହୋଇଥିଲା। ବନ୍ଧୁତ୍ୱରୁ ଆରମ୍ଭ ହୋଇଥିବା ଏହି ସମ୍ପର୍କରେ ଧୀରେ ଧୀରେ ପ୍ରେମରେ ପରିଣତ ହୋଇଥିଲା। ସେତେବେଳେ କିନ୍ତୁ ଗଣମାଧ୍ୟମ ଆଗରେ ସେମାନେ ନିଜ ସମ୍ପର୍କକୁ ସ୍ୱୀକାର କରି ନ ଥିଲେ। ଏପରିକି ମହେଶ ନମ୍ରତାଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ପରିବାର ଲୋକଙ୍କୁ କହି ନ ଥିଲେ। ପରେ ଉଭୟ ବିବାହ କରିଥିଲେ। ସେମାନଙ୍କର ଏକ ପୁଅ ଗୌତମ ଓ ଝିଅ ସୀତାରା ରହିଥିବାବେଳେ ମହେଶ-ନମ୍ରତା ତାଙ୍କ ଦାମ୍ପତ୍ୟ ଜୀବନକୁ ଆଗେଇ ନେଉଛନ୍ତି।

## ଗାଈ ପିଠିରେ ବିବାହ ପ୍ରସ୍ତାବ

**ଲଣ୍ଡନ:** ଇଂଲଣ୍ଡର ଯୁବକ ଜଣେ ଯୁବତୀଙ୍କୁ ପ୍ରପୋଜ କରିବା ପାଇଁ ଭିନ୍ନ ଏକ ଉପାୟ ଆପଣାଇଛନ୍ତି। ଯୁବକ ଜଣକ ନିଜର ଦୁଇଟି ଗାଈଙ୍କ ପିଠିରେ ସ୍ପ୍ରେ ପେଣ୍ଟିଂରେ ଲେଖିଛନ୍ତି, ମୋତେ ବିବାହ କରିବ କି? ଯୁବକଙ୍କ ଏପରି ବାର୍ତ୍ତା ଦେଖି ସେହି ଯୁବତୀ ଜଣକ ଖୁସିରେ ଆତ୍ମହରା ହୋଇଉଠିଛନ୍ତି। ୨୪ ବର୍ଷୀୟ ଲୁଇସ ହ୍ୱାଇଟ ସୋମରସେଟ୍ରେରେ ରୁହନ୍ତି। ସେ ଏମିଲି ନାମକ ଜଣେ ଯୁବତୀଙ୍କୁ ମନେ ମନେ ଭଲ ପାଉଥିଲେ। ମାତ୍ର ଏକଥା ତାଙ୍କୁ ମନ ଖୋଲି କହି ପାରୁ ନ ଥିଲେ। ଏମିଲିଙ୍କୁ ମନାଇବା ପାଇଁ ଦୁଇଟି ଗାଈଙ୍କୁ ଜମିରେ ଚରାଇବା ପାଇଁ ଛାଡ଼ିଥିଲେ। ଦୁଇଟି ଗାଈ ପିଠିରେ ସେ ଏମିଲିଙ୍କ ପାଇଁ ଲେଖିଥିଲେ ମୋତେ ବିବାହ କରିବ କି? ଏହା ଦେଖି ଏମିଲି ତାଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ। ପରେ ଲୁଇସ ତାଙ୍କୁ ମୁଦି ପିନ୍ଧାଇଥିଲେ।



BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ୍, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଟୋକିଓ ହିରୋଙ୍କୁ ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିବା ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ପ୍ରଦର୍ଶନ କରୁଛନ୍ତି।




ବଜରଙ୍ଗ ପୁନିଆଙ୍କୁ ଲୋକମାନେ ଟେକି ଧରିଛନ୍ତି।



ରାଣୀ ରାମପାଲଙ୍କ ନେତୃତ୍ୱାଧୀନ ମହିଳା ହକି ଦଳ।



ମହିଳା ବକ୍ସିଂରେ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବୋର୍ଗୋହେନ।

**ନୂଆଦିଲ୍ଲୀ, ୯।୮ (ପି.ଟି.)**

ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିବା ନୀରଜ ଚୋପ୍ରାଙ୍କ ସମେତ ସଫଳତା ହାସଲ କରିଥିବା ଭାରତୀୟ ଅଲିମ୍ପିକ ଦଳ ସୋମବାର ସ୍ୱଦେଶ ଫେରିଛି। ସ୍ଥାନୀୟ ବିମାନବନ୍ଦରରେ କ୍ରୀଡ଼ାପ୍ରେମୀମାନଙ୍କ ତରଫରୁ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ମହା ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ, ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ମୁଖ୍ୟ ଆଦିଲ ସୁମାରିୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବିମାନବନ୍ଦର ଭିତରେ ଓ ବାହାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ସେମାନଙ୍କ ମଧ୍ୟରେ ଆଥ୍ଲେଟଙ୍କ ପରିବାର ସଦସ୍ୟ, ସମର୍ଥକ ଓ ରାଜନୈତିକ ନେତା ପ୍ରମୁଖ ରହିଥିଲେ। ସେମାନେ ଆଥ୍ଲେଟମାନଙ୍କ ଜୟଜୟକାର କରିଥିଲେ। ଲୋକମାନେ ନୃତ୍ୟଗୀତ ଆଦି କରି ପଦକ ବିଜେତାଙ୍କ ପ୍ରତି ସେମାନଙ୍କ ଖୁସି ଜଣାଇଥିଲେ। ଭିଡ଼ ଯୋଗୁ ସାମାଜିକ ଦୂରତ୍ୱ ରକ୍ଷା କରିବା ସମ୍ଭବ ନ ଥିଲା। କେତେକଙ୍କ ମୁହଁରେ ମାସ୍କ ନ ଥିଲା। ତାରକା ଆଥ୍ଲେଟଙ୍କ ସାମାନ୍ୟ ଝଲକ ପାଇଁ ସେମାନେ ସବୁକିଛି ଭୁଲି ଯାଇଥିଲେ। ବିମାନ ବନ୍ଦର ବାହାରେ ଉତ୍ସାହୀ ଦର୍ଶକଙ୍କ ମଧ୍ୟରେ ଠେଲାପେଲା ଲକ୍ଷ୍ୟ କରାଯାଇଥିଲା। ବିମାନ ବନ୍ଦର ଭିତରେ ଚୋପ୍ରା ଓ ଅନ୍ୟ ପଦକ ବିଜେତାଙ୍କ ସହ ସେଲ୍ଫି ନେବାଲାଗି ସଂଘର୍ଷ ଚାଲିଥିଲା। ବିମାନବନ୍ଦରରେ ଓହ୍ଲାଇବା ପରେ ସେମାନଙ୍କୁ ଫୁଲମାଳ ଓ ଫୁଲତୋଡ଼ା ସହ ସ୍ୱାଗତ କରାଯାଇଥିଲା। ଅଲିମ୍ପିକ ଫେରାନ୍ତାଙ୍କୁ ବସ୍ ଯୋଗେ ସନ୍ଧ୍ୟାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବକୁ ନିଆଯାଇଥିଲା। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ତରଫରୁ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ରେସ୍ ୱାକର କେ.ଟି. ଇର୍ଫାନ କହିଛନ୍ତି, ଆମେ ପ୍ରଥମ ଥର ଏଭଳି ଭବ୍ୟ ସମ୍ବର୍ଦ୍ଧନା ଦେଖିବାକୁ ପାଇଲୁ। ଇର୍ଫାନ ୨୦କିମି ରେସ୍ ୱାକ୍ ଇଭେଣ୍ଟରେ ଭାଗ ନେଇଥିଲେ। ଭାରତ ପୂର୍ବରୁ ୨୦୧୨ ଲଣ୍ଡନ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ୬ ପଦକ ହାସଲ କରିଥିଲା। ଟୋକିଓରେ ଏକ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ଏହି ସଫଳତାକୁ ଅତିକ୍ରମ କରିଯାଇଛି। ଚୋପ୍ରା ସ୍ୱର୍ଣ୍ଣ ପାଇଥିବାବେଳେ ୱେଟ୍ଲିଫ୍ଟର ମୀରାବାଈ ଚାନୁ ଓ ରେସଲର ରବି କୁମାର ଦହିୟା ରୌପ୍ୟ ଜିତିଥିଲେ। ବକ୍ସର ଲଭଲିନା ବୋର୍ଗୋହେନ୍, ବ୍ୟାଡ୍ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ, ପୁରୁଷ ହକି ଦଳ ଓ ରେସ୍ଲର ବଜରଙ୍ଗ ପୁନିଆ ବ୍ରୋଞ୍ଜ ଜିତିଥିଲେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ଚୋପ୍ରା ୧୩ ବର୍ଷପରେ ଓଭରଅଲ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣି ଦେଇଥିଲେ। ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଇଭେଣ୍ଟରେ ସେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଆର୍ମିରେ କାର୍ଯ୍ୟରତ ଏହି ୨୩ ବର୍ଷୀୟ ଜାଭେଲିନ ଥ୍ରୋୟର ପୂର୍ବରୁ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ହୋଇସାରିଛନ୍ତି। ଫାଇନାଲରେ ୮୭.୫୮ ମିଟର ଥ୍ରୋ କରି ଟୋକିଓରେ ସେ ସହଜରେ ସ୍ୱର୍ଣ୍ଣ ଜିତିଥିଲେ। ପଦକ ବିଜୟିନୀ ଚାନୁ ଓ ସିନ୍ଧୁ ସେମାନଙ୍କର ଇଭେଣ୍ଟ ଶେଷ ହେବା ପରେ କିଛିଦିନ ପୂର୍ବେ ସ୍ୱଦେଶ ଫେରିଛନ୍ତି। କୋଭିଡ୍ ପ୍ରୋଟୋକଲ ଅନୁସାରେ ପଦକ ବିତରଣ ଉତ୍ସବର ୪୮ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଆଥଲେଟ୍ଙ୍କୁ ଟୋକିଓ ଛାଡ଼ିବାକୁ ହେବ। ଭାରତ ଟୋକିଓ ଗେମ୍ସ ପାଇଁ ୨୨୮ଜଣିଆ ପ୍ରତିନିଧି ଦଳ ପଠାଇଥିଲା। ତନ୍ମଧ୍ୟରେ ୧୨୦ରୁ ଅଧିକ ଆଥ୍ଲେଟ ରହିଥିଲେ। କରୋନା ମହାମାରୀ ଯୋଗୁ ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ବିଳମ୍ବରେ ହୋଇଥିଲା। ଟ୍ରେନିଂ ପାଇଁ ଆଥ୍ଲେଟମାନଙ୍କ ବହୁ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା। ଲକ୍ ଡାଉନ୍ ବ୍ୟତୀତ ସେମାନଙ୍କ ଲାଗି ପ୍ରତିଯୋଗିତାର ଅଭାବ ରହିଥିଲା। ଏହାସତ୍ତ୍ୱେ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଭାରତୀୟ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଥିଲେ। କେତେଜଣ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ।

ନୂଆଦିଲ୍ଲୀସ୍ଥିତ ଏକ ୫ ତାରକା ହୋଟେଲରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ସ୍ୱର୍ଣ୍ଣ ବିଜେତା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲେ। ଆଥଲେଟମାନଙ୍କୁ ସ୍ମାରକୀ ଓ ଶାଲ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ହୋଟେଲରେ ପହଞ୍ଚିବା ପରେ ବ୍ରୋଞ୍ଜ ବିଜୟୀ ପୁରୁଷ ହକି ଦଳ ଏବଂ ୪ର୍ଥ ସ୍ଥାନ ଅଧିକାର କରିଥିବା ମହିଳା ଦଳ କେକ୍ କାଟିଥିଲେ। ସିନ୍ଧୁ ଓ ଚାନୁ ସେମାନଙ୍କ ଘରକୁ ଫେରି ଯାଇଥିବାରୁ ଉଭୟେ ଅନୁପସ୍ଥିତ ଥିଲେ। ପଦକ ବିଜେତାମାନଙ୍କୁ ଯେଉଁମାନେ ସମ୍ବର୍ଦ୍ଧିତ କରିଥିଲେ, ସେମାନଙ୍କ ମଧ୍ୟରେ ଥିଲେ କେନ୍ଦ୍ର ଆଇନ ଓ ବିଚାର ବିଭାଗ ମନ୍ତ୍ରୀ କିରିନେ ରିଜିଜୁ, କ୍ରୀଡ଼ା ସଚିବ ରବି ମିତ୍ତଲ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଥିଲେ, ନୂଆ ଭାରତ ବିଶ୍ୱରେ ଏହାର ପ୍ରଭାବ ଜାହିର କରିବାକୁ ଚାହୁଁଛି, ଏପରିକି ଖେଳରେ ମଧ୍ୟ। ଟୋକିଓ ଅଲିମ୍ପିକ୍ସରେ ଟିମ୍ ଇଣ୍ଡିଆର ସଫଳତା ହେଉଛି ଏହାର ଏକ ପ୍ରତିଫଳନ।

## ଅଲିମ୍ପିଆନ୍ସଙ୍କ ଲାଗି ସ୍କଲାରଶିପ୍

**ସିଙ୍ଗାପୁର, ୯।୮ (ପି.ଟି.):** ନିକଟରେ ଶେଷ ହୋଇଥିବା ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ କ୍ରୀଡ଼ାବିତ୍ଙ୍କ ପିଲାଙ୍କ ଲାଗି ସିଙ୍ଗାପୁର ଭିତ୍ତିକ ଗ୍ଲୋବାଲ ଇଣ୍ଡିଆନ ସ୍କୁଲ (ଜିଆଇଆଇଏସ୍) ତରଫରୁ ସୋମବାର ଏକ ସ୍ୱତନ୍ତ୍ର ସ୍କଲାରଶିପ୍ ଘୋଷଣା କରାଯାଇଛି। ଫଳରେ ପ୍ରଥମଥର ଅଲିମ୍ପିଆନମାନଙ୍କ କୌଣସି ପିଲା ଭାରତରେ ଜିଆଇଆଇଏସ୍ର ଯେକୌଣସି ସ୍କୁଲରେ ପାଠ ପଢ଼ିପାରିବେ। ଜିଆଇଆଇଏସ୍ ପରିଚାଳନା କରୁଥିବା ଗ୍ଲୋବାଲ ସ୍କୁଲ୍ସ ଫାଉଣ୍ଡେଶନ୍ସର ଚେୟାରମ୍ୟାନ ଅତୁଲ ଟେମୁରିଙ୍କର କହିଛନ୍ତି ଦେଶ ପାଇଁ ଝାଳ ବୁହାଇଥିବା ଆଥଲେଟ ଓ କ୍ରୀଡ଼ବିତ୍ମାନଙ୍କୁ ଧନ୍ୟବାଦ ଜଣାଇବାକୁ ଯାଇ ସେମାନେ ଏହି ବ୍ୟବସ୍ଥା କରିଛନ୍ତି। ସେ କହିଛନ୍ତି କେବଳ ଅଲିମ୍ପିଆନଙ୍କୁ ସ୍ୱୀକୃତି ପାଇଁ ନୁହେଁ ସେମାନଙ୍କୁ ପିଲାମାନଙ୍କୁ ବିଶ୍ୱ ଶ୍ରେଣୀୟ ଶିକ୍ଷା ସମେତ କ୍ରୀଡ଼ା ଓ ଅନ୍ୟ କୌଣସି କ୍ଷେତ୍ରରେ ଆଗ୍ରହ ଥିଲେ ସେମାନଙ୍କୁ ଉତ୍ସାହିତ କରାଯିବ। ଜିଆଇଆଇଏସ ଅଲିମ୍ପିଆନ୍ସ ସ୍କଲାରଶିପ୍ ଅନୁସାରେ ଟୋକିଓ ଗେମ୍ସ ୨୦୨୦ ପ୍ରତିନିଧିତ୍ୱ କରିଥିବା ଦଳର ପିଲାମାନଙ୍କୁ ଭାରତରେ ରହିଥିବା ଏହାର କ୍ୟାମ୍ପସରେ କିଣ୍ଡରଗାର୍ଟେନଠାରୁ ଆରମ୍ଭ କରି ଗ୍ରେଡ୍-୧୨ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରାଯିବ।

## ଉତ୍କଳ କରାଟେ ସ୍କୁଲ ଓ ରିଆକ୍ଟର ୬ ପ୍ରଶିକ୍ଷକ ନିଲମ୍ବିତ

**ଭୁବନେଶ୍ୱର, ୯।୮(କ୍ରୀଡ଼ା ପ୍ରତିନିଧି):** ବିଶୃଙ୍ଖଳିତ ଆଚରଣ ଯୋଗୁ ଉତ୍କଳ କରାଟେ ସ୍କୁଲ ଓ ରିଆକ୍ଟ(ଆତ୍ମରକ୍ଷା କୌଶଳ)ର ୬ ଜଣ କୋଚ୍ଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବାଲୁଗାଁ ଶାଖାର ସୌମ୍ୟ ରଞ୍ଜନନାୟକ, ବିଭୂତି ଭୂଷଣ ବୈଦ୍ୟ, ବିଜୁ ବିଶ୍ୱାସ, ସୁକାନ୍ତ ଘଡେଇ ଏବଂ ଟାଙ୍ଗୀ ଶାଖାର ପୀତବାସ ମାନ ସିଂ ଓ ହୃଷିକେଶ ମାନ ସିଂ। ଅନୁଷ୍ଠାନ ସହ ଏମାନଙ୍କର ଆଉ କୌଣସି ସମ୍ପର୍କ ନାହିଁ। ଭବିଷ୍ୟତରେ ଏମାନଙ୍କ ଦ୍ୱାରା କୌଣସି କାର୍ଯ୍ୟକ୍ରମ ପାଇଁ ଉତ୍କଳ କରାଟେ ସ୍କୁଲ ଦାୟୀ ରହିବ ନାହିଁ ବୋଲି ଏହାର ପ୍ରତିଷ୍ଠାତା ଓ ସମ୍ପାଦକ ସିହାନ ଡ. ହରିପ୍ରସାଦ ପଟ୍ଟନାୟକ ଜଣାଇଛନ୍ତି।

## ପୋଖରୀପୁଟ ଖେଳ ପଡ଼ିଆ ହେବ ଇନ୍ଡୋର ଷ୍ଟାଡିୟମ



ପୋଖରୀପୁଟର ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟମାନେ।

**ପୁରୁଣା ଭୁବନେଶ୍ୱର, ୯।୮(ଡି.ଏନ.ଏ.)**

ଏକାମ୍ର ନିର୍ବାଚନ ମଣ୍ଡଳୀର ପୋଖରୀପୁଟ ଖେଳପଡ଼ିଆରେ ନିର୍ମାଣ ହେବ ବହୁ ଖେଳ ବିଶିଷ୍ଟ ଇନ୍ଡୋର ଷ୍ଟାଡିୟମ। ଏଥିପାଇଁ ୯.୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କ୍ରୀଡ଼ା ଭିତ୍ତିଭୂମୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ରାଜ୍ୟ କ୍ରୀଡ଼ା ବିକାଶରେ ଏହି ଷ୍ଟାଡିୟମ ଏକ ମାପକାଠି ହୋଇପାରିବ ବୋଲି ସୋମବାର ଅପରାହ୍ନରେ ସ୍ଥାନୀୟ ପୋଖରୀପୁଟର ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରକାଶ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ, ଚେସ୍ ଖେଳାଳି ଅନସୂୟା ଚାଟାର୍ଜୀ, କ୍ରିକେଟ ଖେଳାଳି ଓ କୋଚ୍ ମନୋଜ ମହାପାତ୍ର, ବ୍ୟାଡ୍ମିଣ୍ଟନ ଖେଳାଳି ସ୍ୱୟଂସୂଚୀ ମିଶ୍ର, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟଙ୍କ ସମେତ ବହୁ କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଙ୍ଗଠକ ଉପସ୍ଥିତ ଥିଲେ।



ସୋମବାର ପ୍ୟାରିସ୍ରେ ଅଲିମ୍ପିକ୍ସ ପତାକା ପହଞ୍ଚିଛି।

## ପ୍ୟାରିସରେ ପହଞ୍ଚିଲା ଅଲିମ୍ପିକ ପତାକା

**ପ୍ୟାରିସ, ୯।୮ (ଏପି):** ଟୋକିଓରୁ ଫେରିବା ପରେ ପ୍ୟାରିସ ମେୟର ଆନି ହିଡାଲ୍ଗୋ ସୋମବାର ପ୍ୟାରିସ୍ରେ ଅଲିମ୍ପିକ ପତାକା ପ୍ରଦର୍ଶନ କରାଇଛନ୍ତି। ୨୦୨୪ରେ ଫ୍ରେଞ୍ଚ୍ ରାଜଧାନୀରେ ଗେମ୍ସ ଆୟୋଜନ ହେବ। ରବିବାର ଟୋକିଓ ଉଦ୍ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସଭାପତି ଥୋମାସ ବ୍ୟାକ୍ଙ୍କଠାରୁ ସେ ଆନୁଷ୍ଠାନିକ ଭାବେ ଏହି ପତାକା ଗ୍ରହଣ କରିଥିଲେ। ପ୍ୟାରିସ ଗେମ୍ସ ଖୁବ୍ ନିକଟରେ ଆରମ୍ଭ ହେବାକୁ ଯାଉଛି ବୋଲି ଏହି ପତାକା ସୂଚୀତ କରୁଛି। କରୋନା ମହାମାରୀ ସତ୍ତ୍ୱେ ଏକ ଜଟିଳ ପରିସ୍ଥିତିରେ ଟୋକିଓ ଗେମ୍ସ ଆୟୋଜନ ହୋଇ ପାରିବା ଆମେ ଦେଶ ପାଇଁ ଏହା ସକାରାତ୍ମକ ସୂଚନା। ପ୍ୟାରିସ ଗେମ୍ସ ପାଇଁ ପ୍ରସ୍ତୁତି ଲାଗି ସୁରକ୍ଷା ସମେତ ବିଭିନ୍ନ ପ୍ରସଙ୍ଗ ନେଇ ଫ୍ରେଞ୍ଚ୍ ଆୟୋଜକ ପ୍ରତିପକ୍ଷ ଜାପାନିଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିବେ ବୋଲି ଆନି କହିଛନ୍ତି। ଅଲିମ୍ପିକ ପତାକାକୁ ପରେ ପ୍ୟାରିସ୍ ସିଟି ହଲ୍ରେ ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଏଫିଲ ଟାୱାର ନିକଟବର୍ତ୍ତୀ ଟ୍ରୋକାଡେରୋ ସ୍କୋୟାର ନିକଟରେ ଏକ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଏଥିର ଟୋକିଓ ଫେରନ୍ତା ଫ୍ରେଞ୍ଚ ପଦକ ବିଜେତାଙ୍କୁ ସାଧାରଣ ଲୋକେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୦/୨୦୨୧ Bhubaneswar, Tuesday, August 10/ 2021

# ରୂପକ, ଅମିନ, ପଙ୍କଜ, ହେମନ୍ତ, ଆଶୀର୍ବାଦଙ୍କ ଶତକ


ଅମିନ ଖାଁ


ପଙ୍କଜ ସେନାପତି


ହେମନ୍ତ ନାୟକ


ରୂପକ ପ୍ରଧାନ


ରୀତେଶ ପ୍ରିୟରଞ୍ଜନ

**ଭୁବନେଶ୍ୱର, ୯।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୯ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୀତେଶ ପ୍ରିୟରଞ୍ଜନ ୫ ଉଇକେଟ ସଫଳତା ପାଇଥିବାବେଳେ ରୂପକ ପ୍ରଧାନ, ଅମିନ ଖାଁ, ପଙ୍କଜ ସେନାପତି, ହେମନ୍ତ ନାୟକ ଓ ଆଶୀର୍ବାଦ ସ୍ୱାଇଁ ଶତକ ହାସଲ କରିଛନ୍ତି।

ରେଭେନ୍‌ଶା-୧ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୮ ଉଇକେଟରେ ବଲାଙ୍ଗୀରକୁ ପରାସ୍ତ କରିଛି। ବଲାଙ୍ଗୀର ୭୧ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଭୁବନେଶ୍ୱର 'ବି' ୧୧.୩ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ରୀତେଶ ପ୍ରିୟରଞ୍ଜନ ୧୪ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ରେଭେନ୍‌ଶା-୨ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୫ ଉଇକେଟରେ ସୋନପୁରକୁ ହରାଇ ଦେଇଛି। ସୋନପୁର ୩୩.୨ ଓଭରରେ ୧୨୬ ରନରେ ଅଲଆଉଟ ହୋଇଥିଲା। ଜବାବରେ ଝାରସୁଗୁଡ଼ା ୩୦.୪ ଓଭରରେ ୫ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରି ନେଇଥିଲା। କଟକ ବିଡ଼ାନାସି ପଡ଼ିଆରେ ଆୟୋଜିତ ମ୍ୟାଚରେ ବରଗଡ଼ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୧୪ ରନରେ ପୁରୀକୁ ହରାଇ ଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ୪୯.୪ ଓଭରରେ ୨୮୫ ରନ କରି ଅଲଆଉଟ ହୋଇଥିଲା। ବର୍ଷା ହେବାରୁ ପୁରୀ ସମ୍ମୁଖରେ ୨୬ ଓଭରରୁ ୨୦୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପୁରୀ ୨୬ ଓଭରରେ ୬ ଉଇକେଟ ହରାଇ ୮୮ ରନ କରି ପାରିଥିଲା। ଏହି ମ୍ୟାଚରେ ବରଗଡ଼ର ରୂପକ ପ୍ରଧାନ ୧୦୧ ବଲ୍‌ରୁ ୧୧୯ ରନ କରି ଅପରାଜିତ ରହିଥିଲେ। ସନ୍‌ସାଇନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କଟକ 'ଏ' ୬ ଉଇକେଟରେ କିଟ୍‌କୁ ହରାଇ ଦେଇଛି। କିଟ୍ ୩୦ ଓଭରରେ ୧୦୦ ରନ କରି ଅଲ୍‌ଆଉଟ ହୋଇଥିବାବେଳେ କଟକ 'ଏ' ୨୫.୩ ଓଭରରେ ୪ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ନେଇଥିଲା। ଏସ୍‌ସିବି ମେଡିକାଲ

**କଳାହାଣ୍ଡି କପ୍, ରୀତେଶ ପ୍ରିୟରଞ୍ଜନଙ୍କୁ ୫ ଉଇକେଟ**

କଲେଜ ପଡ଼ିଆରେ ଯାଜପୁର ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୪୭ ରନରେ କନ୍ଧମାଳକୁ ପରାସ୍ତ କରିଛି। ଅମିନ ଖାଁ(୧୨୬ ରନ, ୧୨୪ ବଲ)ଙ୍କ ଶତକ ବଳରେ ଯାଜପୁର ୫୦ ଓଭରରେ ୮ ଉଇକେଟ ହରାଇ ୨୨୨ ରନ କରିଥିଲା। ବର୍ଷାଯୋଗୁ ମ୍ୟାଚକୁ ୪୨ ଓଭର କରାଯାଇଥିଲା ଏବଂ ୨୦୨ ରନ ଟାର୍ଗେଟ ରଖାଯାଇଥିଲା। ମାତ୍ର କନ୍ଧମାଳ ୪୨ ଓଭରରେ ୯ ଉଇକେଟ ହରାଇ ୧୫୪ ରନ କରିପାରିଥିଲା।

କିଟ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ କେନ୍ଦୁଝର ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୯୪ ରନରେ ପାରାଦୀପକୁ ହରାଇଛି। ପଙ୍କଜ ସେନାପତି (୧୦୦ ରନ, ୬୫ ବଲ)ଙ୍କ ଦ୍ରୁତ ଶତକ ବଳରେ କେନ୍ଦୁଝର ୫୦ ଓଭରରେ ୪ ଉଇକେଟ ହରାଇ ୩୨୧ ରନ କରିଥିଲା। ବର୍ଷା ଯୋଗୁ ପାରାଦୀପ ସମ୍ମୁଖରେ ୩୫ ଓଭରରୁ ୨୫୫ ରନର ଟାର୍ଗେଟ୍ ରଖାଯାଇଥିଲା। ମାତ୍ର ପାରାଦୀପ ୩୫ ଓଭରରେ ୯ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡ ମ୍ୟାଚରେ ମୟୂରଭଞ୍ଜ ୭ ଉଇକେଟରେ କୋରାପୁଟକୁ ପରାସ୍ତ କରିଛି। କୋରାପୁଟ ୨୩.୫ ଓଭରରେ ୮୬ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ ମୟୂରଭଞ୍ଜ ୧୬.୩ ଓଭରରେ ୩ ଉଇକେଟ ହରାଇ ୮୭ ରନ କରିପାରିଥିଲା। ରେଲୱେ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ଡକ୍‌ୱର୍ଥ ନିୟମରେ ଗଜପତିକୁ ୧୬୫ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୫୦ ଓଭରରେ ୪ ଉଇକେଟ ହରାଇ ୩୩୦ ରନ କରିଥିଲା। ହେମନ୍ତ ନାୟକ (୯୫ ବଲ୍‌ରୁ ୧୦୭ ରନ) ଓ ଆଶୀର୍ବାଦ ସ୍ୱାଇଁ (୧୪୩ ବଲ୍‌ରୁ ୧୦୦) ଶତକ ହାସଲ କରିଥିଲେ। ବର୍ଷାବାଧା ଯୋଗୁ ଗଜପତି ସାମ୍ନାରେ ୨୫ ଓଭରରେ ୨୨୭ ରନ ବିଜୟ ଲକ୍ଷ୍ୟ ଦିଆ ଯାଇଥିଲା। ମାତ୍ର ଏହି ଦଳ ୨୫ ଓଭରରେ ୩ ଉଇକେଟ ହରାଇ ୬୧ ରନ କରି ପାରିଥିଲା। କଟକ ନିମପୁର ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୪ ଉଇକେଟରେ ରାୟଗଡ଼ାକୁ ହରାଇଛି। ରାୟଗଡ଼ା ୮୦ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଜଗତ୍‌ସିଂହପୁର ୧୫.୨ ଓଭରରେ ୬ ଉଇକେଟ ହରାଇ ୮୧ ରନ ସଂଗ୍ରହ କରି ନେଇଥିଲା।

# ଟି୨୦ରେ ଅଷ୍ଟ୍ରେଲିଆର ସର୍ବନିମ୍ନ ସ୍କୋର

**ଢାକା, ୯।୮ (ଏପି)**

ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ବାଂଲାଦେଶ ୬୦ ରନରେ ବିଜୟ ଲାଭ କରିଛି। ଏଥିସହିତ ଦଳ ସିରିଜ ୪-୧ରେ ଜିତିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୮ ଉଇକେଟ ବିନିମୟରେ ୧୨୨ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୩.୪ ଓଭରରେ ୬୨ରନରେ ଅଲଆଉଟ ହୋଇଯାଇଥିଲା। ଅନ୍ତର୍ଜାତୀୟ ଟି୨୦ରେ ଭ୍ରମଣକାରୀ ଦଳର ଏହା ସର୍ବନିମ୍ନ ସ୍କୋର। ପୂର୍ବରୁ ଦଳ ଏହାର ସର୍ବନିମ୍ନ ସ୍କୋର ୨୦୦୫ରେ ସାଉଥାମ୍ପଟନଠାରେ ଇଂଲଣ୍ଡ ବିପକ୍ଷରେ ୭୯ରନ କରିଥିଲା। ସୋମବାର ମ୍ୟାଚରେ ଅଷ୍ଟ୍ରେଲିଆର ୯ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ମ୍ୟାଚରେ ଘଟିଥିବା ଅନ୍ୟ ଉଲ୍ଲେଖନୀୟ ଘଟଣା ମଧ୍ୟରେ ଶକିବ ଉଲ ହସନ ମାତ୍ର ୯ ଦନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଏହାଦ୍ୱାରା ସେ ଟି୨୦ରେ ୧୦୦ ଉଇକେଟ ପୂରଣ କରିବାରେ ଶ୍ରୀଲଙ୍କାର ଲସିଥ ମାଲିଙ୍ଗାଙ୍କ ପରେ ଦ୍ୱିତୀୟ ବୋଲର ବିବେଚିତ ହୋଇଛନ୍ତି।







# ଦ୍ୱିତୀୟ ଟେଷ୍ଟ ବେଳେ ଉପସ୍ଥିତ ରହିବେ ଗାଙ୍ଗୁଲି

**ଲଣ୍ଡନ, ୯।୮ (ପି.ଟି.):** ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ସୋମବାର ଲଣ୍ଡନ ଗସ୍ତ କରିଛି। ସୂର୍ଯ୍ୟକୁମାର ଯାଦବ ଓ ପୃଥ୍ୱୀ ଶ' କିନ୍ତୁ ନଟିଂହାମ୍‌ରେ ରହି ତାଙ୍କ କ୍ୱାରାଣ୍ଟାଇନ୍ ଅବଧି ଶେଷ କରିବେ। ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୧୨ରୁ ଆରମ୍ଭ ହେବ। ଲଣ୍ଡନ ଗସ୍ତ ପୂର୍ବରୁ ପ୍ରତ୍ୟେକ ଖେଳାଳିଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ହୋଇଥିଲା। ଶ' ଓ ସୂର୍ଯ୍ୟକୁମାର ଅଗଷ୍ଟ ୩ରେ ନଟିଂହାମ୍‌ଠାରେ ଦଳ ସହ ଯୋଗ ଦେଇଥିଲେ। ସେମାନଙ୍କ ୧୦ ଦିନିଆ କ୍ୱାରାଣ୍ଟାଇନ୍ ଅଗଷ୍ଟ ୧୩ରେ ଶେଷ ହେବ। ଅର୍ଥାତ ସେମାନେ ଅଗଷ୍ଟ ୧୪ରୁ ସେମାନଙ୍କ ଟ୍ରେନିଂ ଆରମ୍ଭ କରିବେ।

# ଭାରତୀୟ ଦଳରେ ସ୍ଥାନ ପାଇବାକୁ ଜିଭା ଦାବିଦାର

**ଭୁବନେଶ୍ୱର, ୯।୮ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେନ ଓଡ଼ିଶା ଆଥଲେଟିକ୍ସ ହାଇ ପରଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଟ୍ରେନିଂ ନେଉଥିବା ୧୧୦ ମିଟର ହର୍ଡଲର ଗ୍ରାସେସନ ଜିଭା ଚଳିତ ମାସ ପ୍ରଥମଭାଗରେ ପଞ୍ଜାବର ସାଙ୍ଗୁରଠାରେ ଅନୁଷ୍ଠିତ ଜୁନିୟର ଫେଡେରେଶନ କପ୍‌ରେ

**ଓଡ଼ିଶା ଆଥଲେଟିକ୍ସ ହାଇ ପରଫର୍‌ମାନ୍ସ ସେଣ୍ଟରର ସଫଳତା**

ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଫଳରେ ଚଳିତ ମାସ ଶେଷଭାଗରେ କେନିୟାରେ ହେବାକୁଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇବାର ଦାବିଦାର ପାଲଟି ଯାଇଛନ୍ତି। ୧୮ ବର୍ଷୀୟ ଜିଭା ଫେଡେରେଶନ କପ୍‌ରେ ୧୪.୧୪ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିଲେ। ଏହା ତାଙ୍କର ବ୍ୟକ୍ତିଗତ


ଗ୍ରାସେସନ ଜିଭା

ଶ୍ରେଷ୍ଠ ଟାଇମିଂ ଥିଲା। ମହାରାଷ୍ଟ୍ରର ତେଜାଶ ଅଶୋକ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ପୂର୍ବରୁ ଜିଭା ସେମିଫାଇନାଲରେ ୧୪.୧୭ ସେକେଣ୍ଡ ସମୟ ନେଇଥିଲେ। ଫାଇନାଲରେ ତାଙ୍କ ଟାଇମିଂରେ ଉନ୍ନତି ଆସିଥିବାରୁ ଏଚ୍‌ପିସି ମୁଖ୍ୟ କୋଚ୍ ଜେମ୍ସ ହିଲିଏର ଖୁସି ଜାହିର କରିଛନ୍ତି।

ଏଚ୍‌ପିସିର ମୋଟ ୪ ଆଥଲେଟ୍ ସାଙ୍ଗୁର ମିଟ୍‌ରେ ଭାଗ ନେଇଥିଲେ ସେମାନଙ୍କ ମଧ୍ୟରୁ ୧୭ ବର୍ଷୀୟ ଆର୍ଯ୍ୟନ ଏକ୍କାଙ୍କ ପ୍ରଦର୍ଶନରେ ମଧ ଉନ୍ନତି ଆସିଥିବା ପରିଲକ୍ଷିତ ହୋଇଥିଲା। ୨୦୦ ମିଟର ଇଭେଣ୍ଟରେ ଭାଗ ନେଇଥିବା ଏକ୍କା ଯଦିଓ ପଦକ ପାଇ ନ ଥିଲେ ତେବେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ପ୍ରଥମ ରାଉଣ୍ଡରେ ସେ ୨୨.୩୯ ସେକେଣ୍ଡ ସମୟ ନେଇଥିବାବେଳେ ସେମିଫାଇନାଲରେ ୨୨.୨୫ ସେକେଣ୍ଡ ସହିତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲକୁ ଉନ୍ନୀତ ହୋଇଥିଲେ। ସେଠାରେ ସେ ୨୨.୧୨ ସେକେଣ୍ଡ ନେଇ ୬ଷ୍ଠ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଅଭିଜ୍ଞ ଆଥଲେଟ୍‌ମାନେ ପୋଡିୟମ ମଣ୍ଡନ କରିଥିଲେ। ଆସନ୍ତା ବର୍ଷ ମଧ ଏକ୍କା ଜୁନିୟର ସ୍ତରରେ ଲଢ଼ିବାର ସୁଯୋଗ ପାଇବେ। ତେଣୁ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତି ଆସିବ ବୋଲି ହିଲିଏର ଆଶା ପ୍ରକାଶ କରିଛନ୍ତି। ଏଚ୍‌ପିସିରେ ଖୁବ୍ କମ୍‌ଦିନ ଟ୍ରେନିଂ ନେଇ ଗ୍ରାସେସନ ପ୍ରତି ୧୦ ମିଟରରେ ୧ ସେକେଣ୍ଡରୁ ଊର୍ଦ୍ଧ୍ୱ ଟାଇମିଂରେ ଉନ୍ନତି ଆଣି ପାରିଛନ୍ତି।

# ରାଜ୍ୟ ଓପନ ଚେସ୍: ନିଲ୍‌ସୁ ଚାମ୍ପିୟନ

**ଭୁବନେଶ୍ୱର, ୯।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ପୁରୀ ଜିଲା ଚେସ୍ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୫ତମ ସୁଦର୍ଶନ ମହାନ୍ତି ମେମୋରିଆଲ ଅନ୍‌ଲାଇନ୍ ଚେସ୍‌ରେ ଭୁବନେଶ୍ୱର କିଟ୍ ସ୍କୁଲ ଅଫ୍ ଇଞ୍ଜିନିୟରିଂର ନିଲ୍‌ସୁ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି। ରେଭେନ୍‌ଶା ହାୟର ସେକେଣ୍ଡାରି ସ୍କୁଲର ଅଂଶୁମାନ ସାମଲ ଏବଂ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲର ସମ୍ବିତ ପଣ୍ଡା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ହର୍ଷିତ ରଞ୍ଜନ ସାହୁ, ରବୀନ୍ଦ୍ର କୁମାର ଓଝା, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଆଶୀର୍ବାଦ ସ୍ୱାଇଁ, ବିକାଶ କୁମାର ଲେଙ୍କା ଓ ଆୟୁଷ୍ମାନ ମହାନ୍ତି ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅକ୍ଷଜ ନାୟକ, ଶ୍ରେୟାନ ବାଗ୍, ଦିବ୍ୟାଂଶୁ ମହାପାତ୍ର, ଶାନ୍ତନୁ ବରାଳ, ସିଦ୍ଧାର୍ଥ ମିଶ୍ର, ଅଂଶୁମାନ ପତି, ବିଭୋର ଅଦକ, ତନ୍ମୟ ତ୍ରିପାଠୀ, ସତ୍ୟମ ସର୍ବଜିତ ମିଶ୍ର, ସାହାନା ଲେଙ୍କା, ପ୍ରୀତିଶା ମିତ୍ର ଓ ଭୀମସେନ ମିତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଗୁଗଲ ମିଟ୍‌ରେ ଉଦ୍‌ଘାଟିତ ଏହି ପ୍ରତିଯୋଗିତାରେ ଯୁଗଳ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଏବଂ ବିମଳ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ସ୍ମୃତିରଞ୍ଜନ ଦାସ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅଶ୍ୱିନୀ-ସିକ୍କି ରନର୍ସଅପ୍

**ଏସଜର୍ଗ (ଡେନମାର୍କ), ୯।୮ (ପି.ଟି.)**

ଭାରତୀୟ ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ଡେନମାର୍କ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନର୍ସଅପ୍ ହୋଇଛନ୍ତି। ଏଠାରେ ଦ୍ୱିତୀୟ ସିଡ୍‌ପ୍ରାପ୍ତ ଭାରତୀୟ ଯୋଡ଼ି ଫାଇନାଲରେ ପ୍ରଥମ ସିଡ୍ ଯୋଡ଼ି ଡେନ୍‌ମାର୍କର ଆମେଲି ମେଗ୍‌ଲାଣ୍ଡ୍ ଏବଂ ଫ୍ରେଜା ରାଭନଙ୍କଠାରୁ ୨୧-୧୫, ୧୯-୨୧, ୧୪-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ଭିତରେ ଶେଷ ହୋଇଯାଇଥିଲା। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଲକ୍ଷ୍ୟ ସେନ୍ ସେମିଫାଇନାଲରେ ଫ୍ରାନ୍ସର ଖ୍ରିଷ୍ଟୋ ପୋପୋଭଙ୍କଠାରୁ ହାରି ବିଦାୟ ନେଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୬.୨୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୯।୮:ଗୋଚ୍ଛାପଡା ଥାନା ପୋଲିସ କଟ୍ରିଙ୍ଗିଆ ପଞ୍ଚାୟତ ଗୁମି ଗ୍ରାମ ରାସ୍ତାରେ ଚଢ଼ାଉ କରି ୬ କୁଇଣ୍ଟାଲ ୨୪ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପବେଡି ଗ୍ରାମର ସୁଶାନ୍ତ କହଁର ଓ ଗୁମିର ଲକ୍ଷ୍ମଣ କହଁର । ଗଞ୍ଜେଇ ଗୁମିରୁ କଣ୍ଢାମାଳ ଦେଇ ବାହାରକୁ ଚାଲାଣ ହେବା ପାଇଁ ରଖା ଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଥାନାଧିକାରୀ ରଞ୍ଜିତ କୁମାର ମୁନୀ ସଦଳବଳ ଚଢ଼ାଉ କରି ଗଞ୍ଜେଇ ବସ୍ତା ଜବତ କରିଥିଲେ । ଏ ନେଇ ଥାନାରେ ନଂ.୬୨/୨୧ରେ ମାମଲା ରୁଜୁ ହୋଇଛି ।

### ଜୁଆ ଆଡ୍ଡାରୁ ୭ ଗିରଫ

ଆସିକା,୯।୮(ଡି.ଏନ୍.ଏ.)-ଗାଙ୍ଗପୁର ଥାନା ଅନ୍ତର୍ଗତ ବଡବୋରସିଙ୍ଗ ହାଇସ୍କୁଲ ପଛପଟେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ରାତିରେ ପୋଲିସ ଚଢ଼ାଉ କରିଥିଲା । ସେଠାରୁ ୭ ଜଣଙ୍କୁ ଗିରଫ କରାଯିବା ସହ ୪୮,୧୭୦ ଟଙ୍କା, ୭ଟି ମୋବାଇଲ ଫୋନ୍, ତାସ ଜବତ କରାଯାଇଛି । ଏ ନେଇ ଗାଙ୍ଗପୁର ଥାନାରେ ନଂ. ୩୪୦/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି ।

### କୃଷକ ସଭା ପକ୍ଷରୁ ପ୍ରତିବାଦ ଦିବସ

ସୋରଡା,୯।୮(ଡି.ଏନ୍.ଏ.):ସୋରଡ଼ା ଅଖିଳ ଭାରତ କୃଷକ ସଭା ଓ କ୍ଷେତ ମଜଦୁର ପକ୍ଷରୁ ସୋମବାର ପ୍ରତିବାଦ ଦିବସ ପାଳନ କରାଯାଇଛି। ସଦସ୍ୟମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ବ୍ଲକ ଲାଇନରେ ଏକ ସଭା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଜନସାଧାରଣଙ୍କ ପାଇଁ ଉପଯୁକ୍ତ ସାବ୍ୟସ୍ତ ହୋଇପାରୁନି ବୋଲି କହିଥିଲେ। ଏଥିରେ ବାସୁଦେବ ଗଉଡ, ନୀଳମଣି ଗୁରୁ, ବିଭୁ ପ୍ରସାଦ ପାଣିଗ୍ରାହୀ, ଗଣେଶ ପଗଡ, ଦାସ ଗମାଙ୍ଗ, ସତ୍ୟ ମଣ୍ଡଳ ପରିଚାଳନା କରିଥିଲେ। ବ୍ଲକର ବହୁ ସମର୍ଥକ ଯୋଗଦେଇଥିଲେ।

### ମୃତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ମିଳୁନି ଚାକିରି

ଛତ୍ରପୁର,୯।୮(ଡି.ଏନ୍.ଏ.):ଆଇଆରଇଏଲରେ ମୃତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାରେ କମ୍ପାନୀ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ହକ୍ ପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ମୃତ ଶ୍ରମିକଙ୍କ ପରିବାର ପ୍ରସ୍ତୁତ ହେଉଛନ୍ତି। ମୃତଙ୍କ ପରିବାର ସଦସ୍ୟମାନେ ଭାରତୀୟ ମଜଦୁର ସଂଘର ରାଜ୍ୟ ନେତାଙ୍କ ସହଯୋଗ ଲୋଡିଛନ୍ତି । ଆଇଆରଇଏଲ କମ୍ପାନୀ କର୍ମଚାରୀ ସଂଘର ଏକ ବୈଠକରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଗିରିଶ ଚନ୍ଦ୍ର ମହନ୍ତ ଓ ରାଜ୍ୟ ଉପସଭାପତି ୱାଇ. ଶ୍ରୀନିବାସ ରାଓ ଯୋଗ ଦେଇଥିବା ବେଳେ ମୃତ ଶ୍ରମିକଙ୍କ ପରିବାର ସଦସ୍ୟମାନେ ସେମାନଙ୍କୁ ଭେଟି ସେମାନଙ୍କ ଦାବି ସଂପର୍କରେ ଅବଗତ କରାଇଥିଲେ । ପରିବାର ବର୍ଗଙ୍କ ସହ ସମସ୍ତ ବିଷୟ ଆଲୋଚନା କଲା ପରେ ଆଇଆରଇଏଲ କର୍ତ୍ତୁପକ୍ଷଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରାଯିବ ବୋଲି ମଜଦୁର ସଂଘର ଉଭୟ ରାଜ୍ୟ ନେତା ଆଶ୍ୱାସନା ଦେଇଥିଲେ । ଆଲୋଚନା ବେଳେ ତପନ କୁମାର ପାତ୍ର, ସୁଶାନ୍ତ ନାୟକ, ଜିତୁ ରଣସିଂ, ଶିବ ପ୍ରସାଦ, ଏସ ଦୁର୍ଯ୍ୟୋଧନ, ଆଶିଷ ମହାପାତ୍ର, ନବୀନ ଚନ୍ଦ୍ର ନାୟକ, ପ୍ରଦୀପ ପ୍ରଧାନ, ରବୀନ୍ଦ୍ର ନାଥ ବେହେରା, ସନ୍ତୋଷ ପୁଣ୍ଡି, ପି.କବିରାଜଙ୍କ ସମେତ ୪୦ ରୁ ଉର୍ଦ୍ଧ୍ୱ ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ପ୍ରଶାସନିକ ଅବ୍ୟବସ୍ଥାରୁ ଜିଲାପାଳଙ୍କ ବଦଳି ଦାବି

ନୟାଗଡ଼ ଅଫିସ,୯।୮



ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଲଣ୍ଠନ ଜାଳି ପ୍ରତିବାଦ କରାଯାଉଛି।

- ଲଣ୍ଠନ ଜାଳି, ପାଟିରେ କଳାପଟି ଭିଡ଼ି କଲେ ପ୍ରତିବାଦ
- ବିକ୍ଷୋଭ କରି ଗିରଫ ହେଲେ କଂଗ୍ରେସ ନେତା
- ବଦଳି ନ ହେଲେ ନବୀନ ନିବାସ ଘେରାଉ ଚେତାବନୀ

ପ୍ରଶାସନିକ ଅବ୍ୟବସ୍ଥାରୁ ନୟାଗଡ଼ ଜିଲାରେ ଦୁର୍ନୀତି ବଢୁଥିବା ଦର୍ଶାଇ ଜିଲାପାଳ ପୋମା ଟୁଡୁଙ୍କର ବଦଳି ଦାବି କରିଛି ଜିଲା କଂଗ୍ରେସ। ପ୍ରତିବାଦରେ କଂଗ୍ରେସ ନେତା, କର୍ମୀ, ସମର୍ଥକ ପାଟିରେ କଳାପଟି ବାନ୍ଧି ଲଣ୍ଠନ ଧରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଜିଲାପାଳଙ୍କ ଫାଟକ ଭାଙ୍ଗି ପଶିବାକୁ ଉଦ୍ୟମ କରିବା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ଶତାଧିକ ନେତା ଓ କର୍ମୀଙ୍କୁ ପୋଲିସ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଛି। ଅନ୍ୟପକ୍ଷେ ପିସି ଖୁଆ ଜିଲାପାଳଙ୍କର ବଦଳି ନ ହେଲେ ନବୀନ ନିବାସ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ରଣଜିତ ଦାଶ ଚେତାବନୀ ଦେଇଛନ୍ତି। ଏ ପରିପ୍ରେକ୍ଷୀରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ କଂଗ୍ରେସ କର୍ମୀ, ନେତା ଓ ସମର୍ଥକମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏ ନେଇ କଂଗ୍ରେସ ନେତାମାନେ ସେମାନଙ୍କ ଭାଷଣରେ ଜିଲାପାଳଙ୍କୁ ସମାଲୋଚନା କରିଥିଲେ। ନେତାଙ୍କ ଟିପ୍ପଣୀ ଅନୁସାରେ ଜିଲାର ପୁଆଣିଆ, ମହିଷାଗୋଠପଲୀ, ସୁନାଖଳା, ପୋକଶୁଙ୍ଘା, ପଙ୍କଳବାଡି ଓ ବଳଭଦ୍ରପୁରଠାରେ ବେଆଇନ କ୍ରଶର ଚାଲିଛି। ପ୍ରଶାସନ ପକ୍ଷରୁ କେବଳ ପଙ୍କଳବାରୀ କ୍ରଶରକୁ ଜବତ କରାଯାଇ ବାହାବା ନିଆଯାଉଛି। କିନ୍ତୁ ଅନ୍ୟ କ୍ରଶରଗୁଡ଼ିକୁ ଜବତ କରିବାରେ ପ୍ରଶାସନର ବଳ ପାଉନି। ଜଣେ ମନ୍ତ୍ରୀଙ୍କ ବେଆଇନ କ୍ରଶର ପାଇଁ ଅହେତୁକ ଅନୁକମ୍ପା ଦେଖାଯାଉଛି। ଚାପରେ ଜିଲାପାଳ, ଡିଏଫ୍‌ଓ ଚେପା ହୋଇ ଚଢ଼ାଉକୁ ଭୁଲି ଯାଉଛନ୍ତି। ଏଣୁ ଜିଲାର ପାହାଡ଼, ମାଙ୍କଡ଼ା ପଥର ଖଣି, ଜଙ୍ଗଲ, ମାଟି, ମୋରମ ଭଳି ପ୍ରାକୃତିକ ସମ୍ପଦ ଲୁଟ୍‌କୁ ରୋକିବାରେ ଜିଲାପାଳ ବିଫଳ ହୋଇଛନ୍ତି। ଏଣୁ ପ୍ରାକୃତିକ ସମ୍ପଦରେ ଭରପୂର ନୟାଗଡ଼ ଜିଲା ପଦା ହୋଇଚାଲିଛି। ପୁରୁଣା ଦଶପଲ୍ଲାରେ ରେଲ୍‌ୱେ ଟ୍ରାକ୍ ନିର୍ମାଣ ପାଇଁ ପାହାଡ଼ ଫଟାଯାଇ ୨ରୁ ୩ କୋଟି ଟଙ୍କାର ପଥର ଠିକାଦାର ନେଇ ଲାଭବାନ୍ ହୋଇଛନ୍ତି। ଲୁଟ୍ କରାଇବା ପାଇଁ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଛି। ଏହାର ତଦନ୍ତକୁ ଚପାଇ ଦିଆଯାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାବେଳେ ଜିଲାରେ ଅନେକ କର୍ମଚାରୀ ଓ ଅଧିକାରୀ ୫ ବର୍ଷରୁ ଉର୍ଦ୍ଧ୍ୱ ରହିଛନ୍ତି। ୩ ବର୍ଷରୁ ଅଧିକ ରହିଥିବା କର୍ମଚାରୀ ଓ ଅଧିକାରୀଙ୍କ ବଦଳି ନ ହେଲେ ପଞ୍ଚାୟତ ନିର୍ବାଚନରେ ସ୍ୱଚ୍ଛତା ରହିବନି। ଜିଲାପାଳ ଜାଣିଶୁଣି ସେମାନଙ୍କୁ ବଦଳି କରୁନାହାନ୍ତି। ନୟାଗଡ଼ ଚିନିକଳରୁ ୩୦ କୋଟି ଟଙ୍କାର ଉପକରଣ ଚୋରି ହୋଇଯାଇଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସିସିଟିଭି କ୍ୟାମେରା ଲାଗି ଥିଲେ ମଧ୍ୟ ଚୋରି ରୋକା ଯାଇ ପାରିନାହିଁ। ବିଗତ ୨ବର୍ଷରେ ନୟାଗଡରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୦ କୋଟି ଖର୍ଚ୍ଚରେ ବହୁ ଅନିୟମିତତା ହୋଇଛି। ଭାପୁର ବ୍ଲକରେ ୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ହେଲେ ଜିଲାପାଳଙ୍କ ତଦନ୍ତରେ ସ୍ୱଚ୍ଛତା ରହୁନି। ଜିଲାରେ ମିଲରମାନେ ୨ବର୍ଷ ଧରି ନିମ୍ନମାନର ଚାଉଳ ଯୋଗାଣ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କୋଭିଡ୍ ମୃତକଙ୍କ ତଥ୍ୟ ଲୁଚାଯାଇଛି। ମହାନଦୀରୁ ବେଆଇନ ଭାବେ ବାଲି ଲୁଟ୍ ଚାଲିଛି। ଜିଲାକୁ ବଞ୍ଚାଇବା ପାଇଁ ଜିଲାପାଳଙ୍କ ବଦଳି ଦାବି କରି କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ବାଛିନେଇଛି ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବକ୍ତାମାନେ ଟିପ୍ପଣୀ ଦେଇଥିଲେ। ଜିଲା ସଭାପତି ଦାଶଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାଶୀର ନୱାଜ, ଜିଲା ଉପସଭାପତି କମଳ ସାହୁ, ବରିଷ୍ଠ ନେତା ସରୋଜ ପରିଡ଼ା, ରାଜ୍ୟ ଯୁବ କଂଗ୍ରେସ ସଭାପତି ଆଦିତ୍ୟ ପ୍ରସାଦ ଜେନା, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଅକ୍ଷୟ ମଲ୍ଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଟ୍ରାକ୍ଟର ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗ

ଚିକିଟି,୯।୮(ଡି.ଏନ.ଏ.)

କେ.ନୂଆଗାଁ ଥାନା ନୂଆ ମଇସାନପୁର ଗ୍ରାମର ଟ୍ରାକ୍ଟର ଡ୍ରାଇଭର ଇନ୍ଦ୍ର ପ୍ରଧାନ (୫୫)ଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଇନ୍ଦ୍ରଙ୍କ ଏତଲା କ୍ରମେ କେ. ନୂଆଗାଁ ପୋଲିସ ନଂ ୧୫୩/୨୧ରେ ମାମଲା ରୁଜୁ କରିଛି। ଇନ୍ଦ୍ର କଳବାଡ଼ ଗ୍ରାମର ବିପ୍ର ପ୍ରଧାନଙ୍କ ଜମିରେ ଟ୍ରାକ୍ଟର ଯୋଗେ ଚାଷ କରୁଥିଲେ। ଏତିକି ବେଳେ ନୂଆ ମଇସାନପୁର ଗ୍ରାମର ବାପା ପୁଅ ମିଶି ଜମିରେ କିଏ ଚାଷ କରିବାକୁ କହିଲା ପଚାରି ଗାଳିଗୁଲଜ କରିବା ସହ ଇନ୍ଦ୍ରକୁ ମାଡ ମାରିଥିଲେ।

## ଅସନ୍ତୁଷ୍ଟ ଛାତ୍ରୀଛାତ୍ର, ଅଭିଭାବକଙ୍କ ସ୍କୁଲ ଘେରାଉ

### ସିବିଏସ୍‌ଇ ଦଶମ ମାର୍କ ନେଇ ବିବାଦ

ହିଞ୍ଜିଳିକାଟୁ,୯।୮(ଡି.ଏନ୍.ଏ)

ହିଞ୍ଜିଳିକାଟୁ ବୃନ୍ଦାବନ ନାୟକ ଇଂଲିଶ ମିଡିୟମ ସ୍କୁଲରେ ସିବିଏସଇ ଦ୍ୱାରା ପ୍ରକାଶିତ ଦଶମ ମାର୍କକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କମ ମାର୍କ ପାଇଥିବାରୁ ସୋମବାର ବହୁ ଅଭିଭାବକ ଓ ଛାତ୍ରୀଛାତ୍ର ଉକ୍ତ ସ୍କୁଲରେ ପହଞ୍ଚି ବିକ୍ଷୋଭ କରିଥିଲେ। ପାତର ଅନ୍ତର ନୀତି ଅବଲମ୍ବନ କରି ସ୍କୁଲ କର୍ତ୍ତୃପକ୍ଷ ବୋର୍ଡକୁ କମ ମାର୍କ ପ୍ରଦାନ କରିଥିବା ସେମାନେ ଅଭିଯୋଗ କରି ହୋ-ହାଲ୍ଲା କରିଥିଲେ। ଅନ୍ୟ ପକ୍ଷରେ ସ୍କୁଲର ଅଧକ୍ଷା ରାଧାରାଣୀ ସାମନ୍ତରାଏ ମାର୍କରେ ପାତନ୍ତ ଅନ୍ତର କରାଯାଇଥିବା କଥାକୁ ଅସ୍ୱୀକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ଗତ ପରୀକ୍ଷାରେ ରଖିଥିବା ମାର୍କକୁ ବିଚାରକୁ ନେଇ ସିବିଏସଇ ବୋର୍ଡକୁ ପ୍ରଦାନ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ପାଇଥିବା ମାର୍କରେ ଅସନ୍ତୋଷ ଅଛନ୍ତି, ସେମାନଙ୍କ ପାଇଁ ଅଫଲାଇନ ପରୀକ୍ଷା ଦେବାର ସୁଯୋଗ ରହିଛି ବୋଲି ସେ କହିଛନ୍ତି। ତେବେ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ମାନସିକ ଭାବେ ପ୍ରସ୍ତୁତି ନ ଥିବା ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ପ୍ରତିକ୍ରିୟାରେ କହିଥିଲେ। ଚଳିତ ବର୍ଷ ସ୍କୁଲର ୬୩ଜଣ ୧୦ମ ଶ୍ରେଣୀ ପରୀକ୍ଷାର୍ଥୀ ଥିବା ବେଳେ ବିକ୍ଷୋଭରେ ପ୍ରାୟ ୨୦ଜଣ ଅଭିବାବକ ଓ ସେମାନଙ୍କ ପଲାମାନେ ଉପସ୍ଥିତ ଥିଲେ। ବହୁ ବୁଝାଶୁଝା ପରେ ଆପୋଷ ସାମାଧାନ ହୋଇଥିଲା।



ମାର୍କକୁ ନେଇ ଅଭିଭାବକଙ୍କ ଦ୍ୱାରା ସ୍କୁଲ ଘେରାଉ।

## ଆଇନ ଅମାନ୍ୟ ଆନ୍ଦୋଳନ, ୧୨୮ ଗିରଫ



ଟ୍ରେଡ଼ ୟୁନିୟନ ପକ୍ଷରୁ ଦଶପଲ୍ଲାଠାରେ କରାଯାଇଥିବା ଆଇନ ଅମାନ୍ୟ ଆନ୍ଦୋଳନ।

ଦଶପଲ୍ଲା,୯।୮ (ଡି.ଏନ୍.ଏ.)

ଭାରତର ଟ୍ରେଡ ୟୁନିୟନ, ଅଖିଳ ଭାରତ କୃଷକ ସଭା, ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନ ଦଶପଲ୍ଲା ଶାଖା ପକ୍ଷରୁ ସୋମବାର ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ଏଥିପାଇଁ ୧୨୮ ଜଣ ଗିରଫ ହୋଇଛନ୍ତି। ବିଭିନ୍ନ ଦାବିକୁ ନେଇ ଏହି ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ କୃଷକ ବିରୋଧୀ ୩ ଟି କୃଷି ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମକ କୋଡ୍ ବାତିଲ କର, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବର୍ଷକୁ ୨୦୦ ଦିନ କାମ ଦେବା, ଦୈନିକ ୬୦୦ ଟଙ୍କା ମଜୁରି ଦେବା ଏବଂ ମେଶିନ ଦ୍ୱାରା କାମ ବନ୍ଦ କରିବା, ମୁଣ୍ଡ ପିଛା ୧୦ କେଜି ଚାଉଳ ଏବଂ ଗହମ ଦେବା, ଆୟକର ଦେଉ ନ ଥିବା ପରିବାରଙ୍କୁ ମାସିକ ୭ ହଜାର ୫୦୦ ଟଙ୍କା ୬ ମାସ ପର୍ଯ୍ୟନ୍ତ ଦେବା, ବୃର୍ତ୍ତାଙ୍ଗ ଜଳସେଚନ ଯୋଜନା ଶୀଘ୍ର କାର୍ଯ୍ୟକାରିତା, ନୟାଗଡ଼ ଚିନିକଳ ଚାଲୁ କରିବା ପ୍ରଭୃତି ଦାବିକୁ ନେଇ ଆନ୍ଦୋଳନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦଶପଲ୍ଲା ବ୍ଲକ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ମେଳିଆତୋଟାଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟଠାରେ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟାଳୟକୁ ପ୍ରବେଶ ସମୟରେ ପୋଲିସ ୧୨୮ ଜଣଙ୍କୁ ଗିରଫ କରି ପରେ ଛାଡି ଦେଇଥିଲା। ଶ୍ରମିକ ନେତା ଶରତ ବେହେରା ଓ କୃଷକ ନେତା ଗଣେଶ୍ୱର ନାୟକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା।

## ବାଇକ୍‌ରେ ଆସି ଝାମ୍ପିନେଲେ ୨ ଲକ୍ଷ

ଫୁଲବାଣୀ ଅଫିସ, ୯।୮

ଫୁଲବାଣୀ ସହରରେ ଏବେ ପଲସର ଆତଙ୍କ ଦେଖା ଦେଇଛି। ସୋମବାର ଦ୍ୱିପ୍ରହରରେ ୨ ଦୁର୍ବୃତ୍ତ ଏକ ପଲସରରେ ଆସି ମାଷ୍ଟରପଡାର ପାରିଜାତ କଲ୍ୟାଣ ମଣ୍ଡପ ପାଖରେ ଜଣେ ମହିଳାଙ୍କ ଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ଢିପାସାହିର ଲକ୍ଷ୍ମୀ ସାହୁ ଘର କିଣିବା ପାଇଁ ୟୁନିଅନ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇଥିଲେ। ସେଠାରୁ ସେ ସବରେଜିଷ୍ଟ୍ରାର ଅଫିସକୁ ଯାଇଥିଲେ । କୌଣସି କାରଣରୁ ତାଙ୍କର କାଗଜପତ୍ର କାମ ହୋଇପାରି ନ ଥିଲା । ସେ ଟଙ୍କା ଧରି ଦିଅର ଗଙ୍ଗାଧର ସାହୁଙ୍କ ସହ ସ୍କୁଟିରେ ଫେରୁଥିଲେ । ମାଷ୍ଟ୍ରପଡାସ୍ଥିତ ପାରିଜାତ କଲ୍ୟାଣ ମଣ୍ଡପ ସାମନାରେ ପୂର୍ବରୁ ସେମାନଙ୍କୁ ପିଛା କରୁଥିବା ଦୁଇ ଯୁବକ ଏକ ପଲସରରେ ଆସି ଲକ୍ଷ୍ମୀଙ୍କ ହାତକୁ ଭିଡି ଦେଇଥିଲେ । ଲକ୍ଷ୍ମୀ ଓ ଗଙ୍ଗାଧର ତଳେ ପଡିଯିବାରୁ ସେମାନେ ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ । ବ୍ୟାଗରେ ୨ ଲକ୍ଷ ଟଙ୍କା ସହ ଏଟିଏମ୍ କାର୍ଡ, ଆଧାରକାର୍ଡ, ବ୍ୟାଙ୍କ ପାସ ବୁକ୍ ଆଦି ଅତ୍ୟାବଶ୍ୟକ ଜିନିଷ ଥିବା ଲକ୍ଷ୍ମୀ ଟାଉନ ଥାନାରେ ଏତାଲା ଦେଇଛନ୍ତି।

## ଯାତ୍ରୀ ବିଶ୍ରାମାଗାର, ଭେଣ୍ଡିଂ ଜୋନ ସ୍ଥାନ ଚିହ୍ନଟ

ଗଞ୍ଜାମ,୯।୮(ଡି.ଏନ.ଏ.)

ଗଞ୍ଜାମ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋନିତ କୁମାର, ନୂତନ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ସାନ ବଜାର ବଣିକ ସଂଘ ସଭାପତି ସୁଧୀର କୁମାର ପାଢ଼ୀ,ଏନଏସି ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସାନ ବଜାର ସଂଘ ଉପସଭାପତି ପ୍ରଭାତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସୋମବାର ଯାତ୍ରୀ ବିଶ୍ରାମାଗାର, ଭେଣ୍ଡିଂ ଜୋନ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ସାନ ବଜାର ଛକ ଓ ବଡ଼ ବଜାର ଛକଠାରେ ଦୁଇଟି ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେବା ପାଇଁ ସ୍ଥିର କରାଯାଇଛି। ଏଥିସହିତ ସାନ ବଜାର ଶନି ମନ୍ଦିର ଓ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ସମ୍ମୁଖରେ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ଗଞ୍ଜାମ ଏନଏସି କନିଷ୍ଠ ଯନ୍ତ୍ରୀ କେହି ନଥିଲେ। ବର୍ତ୍ତମାନ ନୂଆ ଜେଇ ଜଇନ ହୋଇଛନ୍ତି। ଶୀଘ୍ର ସହରରେ ଥିବା ଅର୍ଦ୍ଧନିର୍ମିତ ପ୍ରକଳ୍ପ ଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଏନଏସି ଇଓ ରୋନିତ କୁମାର କହିଛନ୍ତି। ଏଥିସହିତ ଭେଣ୍ଡିଂ ଜୋନ ପାଇବାକୁ ଯୋଗ୍ୟ,ବ୍ୟବସାୟୀଙ୍କୁ ଏନଏସି କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ମିଳିତ ମଞ୍ଚର ଦାବିପତ୍ର

ପାରଳାଖେମୁଣ୍ଡି,୯।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଠାରେ ଜିଲା କୃଷକ ସଂଘ ଆହ୍ୱାନ କ୍ରମେ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଭିନ୍ନ ସମସ୍ୟାର ସମାଧାନ ସହ ବାରିକ, ଜିମ, କଳାକାରମାନେ ଲକ ଡାଉନ ସମୟରେ ଜିବିକା ହରାଇଥିବାରୁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ମିଳିତ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ବିଭିନ୍ନ ସଂଘଠନର କର୍ମକର୍ତ୍ତା ଏକତ୍ରିତ ହୋଇ ଜିଲା କୃଷକସଂଘ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିବା ପରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆଞ୍ଚଳିକସ୍ତରୀୟ ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର

ଦିଗପହଣ୍ଡି,୯।୮(ଡି.ଏନ.ଏ.)



ପ୍ରଶିକ୍ଷାର୍ଥୀଙ୍କ ଗହଣରେ ଅତିଥି ଓ ପ୍ରଶିକ୍ଷକବୃନ୍ଦ।

ଗଞ୍ଜାମ ଜିଲା ଟାଏକୋଣ୍ଡୋ ଆସୋସିଏଶନ୍ ପକ୍ଷରୁ ଦିଗପହଣ୍ଡିରେ ଆଞ୍ଚଳିକସ୍ତରୀୟ ଟାଏକୋଣ୍ଡୋ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବ୍ଲାକବେଲ୍ଟ ପ୍ରାପ୍ତ ବାସୁ ନାୟକଙ୍କ ସଂଯୋଜନାରେ ସ୍ଥାନୀୟ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ସଭାଗୃହରେ ଆୟୋଜିତ ଶିବିରରେ ଗଞ୍ଜାମ ଜିଲା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ କେ. ମନୋଜ ପ୍ରଧାନ ମୁଖ୍ୟଅତିଥି ଏବଂ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ସମ୍ପାଦକ ଆଲୋକ ବିଷୋୟୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲାର ବ୍ରହ୍ମପୁର, ଛତ୍ରପୁର, ଚିକିଟି, ଦିଗପହଣ୍ଡି, ଗଞ୍ଜାମ ପ୍ରଭୃତି ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଟାଏକୋଣ୍ଡୋ ମାର୍ଶଲ ଆର୍ଟ ଏକାଡେମୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଶିକ୍ଷଣ ନେଉଥିବା ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଏକାଡେମୀର ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଟାଏକୋଣ୍ଡୋ ପଦୋନ୍ନତି କଲର ବେଲ୍ଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ସିଏଚ୍.ପ୍ରସାଦ ନାୟକ, ମନୋଜ କୁମାର ମହାରଣା, ଇ.ଲଳିତ କୁମାର, ବିକାଶ ଗୌଡ଼ ପ୍ରମୁଖ ଉପସ୍ଥିତ ଥିବା ବେଳେ ସନ୍ତୋଷ କୁମାର ମହାପାତ୍ର, ଧ୍ରୁବ ଗୌଡ଼, ଏମ୍. ଯୋଗେନ୍ଦ୍ର, ବି. ପ୍ରସନ୍ନ ପାତ୍ର, କାମାକ୍ଷା ପାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଶେରଗଡ଼ ଗସ୍ତ

ଶେରଗଡ,୯।୮(ଡି.ଏନ.ଏ.)

ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗା ଚରଣ ବେହେରା ସୋମବାର ଶେରଗଡ଼ ଗସ୍ତରେ ଆସି ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ତଦାରଖ କରିଛନ୍ତି। ପ୍ରଥମେ ଆଦର୍ଶ ବିଦ୍ୟାଳୟ ଯାଇ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା କୋଠରୀ ନିର୍ମାଣ ଓ ବାରଣ୍ଡାର ନବୀକରଣ, ଶ୍ରେଣୀ କୋଠରୀ ନବିରଣ ସହ ପୁରା କୋଠାକୁ ରଙ୍ଗ ପକାଇବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାକୁ ତୁରନ୍ତ ସାରିବାକୁ ଯନ୍ତ୍ରୀ ବନୋଜ ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ବସଷ୍ଟାଣ୍ଡ ନିର୍ମାଣସ୍ଥଳ ପରିଦର୍ଶନ କରିବା ସହ ପାଚେରୀ ନିର୍ମାଣ କାର୍ଯ୍ୟକୁ ଆଗେଇବାକୁ କହିଥିଲେ। ଚାରିଛକ ଦେଇ ନାଳ କାମ ଅଗ୍ରଗତି କରିବାକୁ ଅବନୀ କୁମାର ଦାଶଙ୍କୁ କହିଥିଲେ। ଉକ୍ତ ପରିଦର୍ଶନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମନାଥ ହୋତା, ସହକାରୀ ଯନ୍ତ୍ରୀ ବନୋଜ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୁଇ ସମାଜ ଯୁବ ପରିଷଦର ବିକ୍ଷୋଭ

ଫୁଲବାଣୀ ଅଫିସ, ୯।୮




କୁଇ ସମ୍ପ୍ରଦାୟର ଲୋକେ ରାଲିରେ ଯାଉଛନ୍ତି।

କନ୍ଧମାଳ ଜିଲା କୁଇ ସମାଜ ଯୁବ ପରିଷଦ ପକ୍ଷରୁ ବିଭିନ୍ନ ଦାବି ନେଇ ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରିଷଦ କର୍ମକର୍ତ୍ତାମାନେ ମାଦିକୁନ୍ଦା ଛକରୁ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭାକରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଅନୁସୂଚିତ କ୍ଷେତ୍ରରେ ଜଳ, ଜମି, ଜଙ୍ଗଲ, ପରିବେଶ, ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ନିୟମ ରହିଛି । ତେଣୁ ଆଦିବାସୀଙ୍କ ବାସଭୂମିରୁ ବେଆଇନ ଓ ଅନିୟନ୍ତ୍ରିତ ଖଣିଜ ସମ୍ପଦ ବନ୍ଦ କରାଯାଉ । କୁଇ କନ୍ଧ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ, ଏସ୍‌ପିଓ ପୋଲିସ ବ୍ୟବସ୍ଥାର ପୁନରୁଦ୍ଧାର କରାଯାଇ ନିଯୁକ୍ତି, ଫୁଲବାଣୀରେ ଥିବା ବିଏଡ୍ କଲେଜକୁ ପୁନଃ ଆଦିବାସୀ ବିଭାଗକୁ ହସ୍ତାନ୍ତର କରିବା ସହ ସେଥିରେ ୫୦ ପ୍ରତିଶତ ସିଟ୍ ଆଦିବାସୀଙ୍କ ପାଇଁ ସଂରକ୍ଷଣ କରିବା, ଜିଲାର ସମସ୍ତ ଚତୁର୍ଥ ଶ୍ରେଣୀ ପଦବୀରେ କେବଳ କନ୍ଧଙ୍କୁ ନିଯୁକ୍ତି ଦେବା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୁନଃ ସ୍ଥାପନ, ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ କୁଇ ଶିକ୍ଷା ବାଧ୍ୟତାମୂଳକ କରିବା, ପେସା ଆଇନ ଲାଗୁ କରିବା, ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା କରିବା ଆଦି ଦାବିପତ୍ରରେ ଉଲ୍ଲେଖ ଅଛି । ଯୁବ ପରିଷଦ ସଭାପତି ଦେବାଶିଷ କହଁର, ସମ୍ପାଦକ ଅଜିତ ଜାନୀ, କୁଇ ସମାଜ ସଭାପତି ଗୋବିନ୍ଦ ଘଟାଲ, ସମ୍ପାଦକ ଶ୍ରୀନିବାସ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

## ସଂକ୍ଷେପରେ

### ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଅସନ୍ତୋଷ

**ନିଷ୍କାସନ ହୋଇପାରୁନି ବର୍ଷାପାଣି**

**ଖଣ୍ଡପଡ଼ା,୯।୮(ସ୍ୱ.ପ୍ର):** ଖଣ୍ଡପଡ଼ା ସହରର ବିଭିନ୍ନ ସାହିବସ୍ତିରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଜଳ ନିଷ୍କାସନ ପଥ ବନ୍ଦ ଯୋଗୁ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରିକି ଅନେକ ଜାଗାରେ ବର୍ଷା ପାଣି ଘେରରେ ଜନସାଧାରଣ ରହୁଛନ୍ତି। ଖଣ୍ଡପଡ଼ା ସହରର ଜେଲରୋଡ ରାସ୍ତା ପାର୍ଶ୍ୱରେ ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଥିବା ଜନସାଧାରଣ ବର୍ଷା ୪ମାସ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ଷା ପାଣି ମାସ ମାସ ଧରି ଜମି ରହୁଥିବାରୁ ମଶାମାଛିଙ୍କ ବଂଶ ବୃଦ୍ଧିରେ ସହାୟକ ହେଉଛି। ଫଳରେ ମଶା, ମାଛିଙ୍କ ଦୌରାତ୍ମ୍ୟରେ ସ୍ଥାନୀୟ ବାସିନ୍ଦା ତ୍ରାହି ତ୍ରାହି ଡାକୁଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସହରର ଗଳିକନ୍ଦି ସହ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସାମାନ୍ୟ ବ୍ଲିଚିଂ ପାଉଡର ଟିକେ ପକାଇବାକୁ ଏନ୍‌ଏସି କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ ନ କରିବା ପରିତାପର ବିଷୟ। ସାମ୍ପ୍ରତିକ ପରିସ୍ଥିତିରେ ଦୂଷିତ ପରିବେଶକୁ ନେଇ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କାରେ ସହରବାସୀ ଆତଙ୍କିତ ହୋଇପଡିଛନ୍ତି। ଏଥିପ୍ରତି ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଭିନ୍ନ ଇଲାକାରେ ଜମି ରହିଥିବା ବର୍ଷା ଜଳ ନିଷ୍କାସନ ସହ ମଶାବଂଶ ଲୋପ ନିମନ୍ତେ ସହରର ଗଳିକନ୍ଦିରେ ମଶାଧୂଆଁ ପ୍ରୟୋଗ କରିବାକୁ ସାଧାରଣରେ ଦାବି ହେଉଛି।

### ୨୫ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୯।୮:** ନୟାଗଡ଼ ଜିଲାରେ କରୋନାରେ ସୋମବାର ୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ପରିପ୍ରେକ୍ଷୀରେ ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୮୪୧ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ୨, ଦଶପଲ୍ଲାରେ ୩, ଖଣ୍ଡପଡ଼ାରେ ୫, ନୟାଗଡ଼ରେ ୪, ଓଡ଼ଗାଁରେ ୭, ରଣପୁର ବ୍ଲକରେ ୩ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ଜଣେ ଅଛନ୍ତି। ପ୍ରକାଶଥାଉକି, କରୋନାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାରୁ ୧୫୫ ଜୀବନଦୀପ ଲିଭି ସାରିଲାଣି।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା,୯।୮(ସ୍ୱ.ପ୍ର.):** ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ୍ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ାର ଏକ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଅଖିଳ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାଧୀନତା ଦିବସ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ପାଳନ କରାଯିବା ସହ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ରହିବାକୁ ମହାରଣା କହିଥିଲେ। ଏଥିରେ ଅନୁଷ୍ଠାନର ସଦସ୍ୟ ବିନାୟକ ମିଶ୍ର, ଭିକାରି ଖଣ୍ଡାୟତ, ଦୁର୍ଗାମାଧବ ଦାସ, ବୈକୁଣ୍ଠନାଥ ଦାସ, ଦେବରାଜ କର, ସମ୍ପାଦକ ଲକ୍ଷ୍ମୀଧର ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କମ୍ପିଲା ଜିଲାପାଳଙ୍କ କାର୍ଯ୍ୟାଳୟ ମାର୍ଗ

**ନୟାଗଡ଼ ଅଫିସ,୯।୮**

କ୍ରାନ୍ତି ଦିବସ ଅବସରରେ ସୋମବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ମାର୍ଗ କମ୍ପିଥିଲା। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ, ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଏବଂ ନବନିର୍ମାଣ କୃଷକ ସଙ୍ଗଠନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଆନ୍ଦୋଳନକାରୀଙ୍କ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନର ଅଭାବ ହୋଇଥିଲା। ତେବେ ସିଆଇଟିୟୁ, ଆଇଏନ୍‌ଟିୟୁସି, ଏସ୍‌ୟୁସିଆଇ, କ୍ଷେତ ମଜଦୁର ୟୁନିୟନ ଓ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଏହି ଅବସରରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ, ଯାତ୍ରା କଳାକାର ଓ କର୍ମଚାରୀ ସଂଘ, ନବନିର୍ମାଣ କୃଷକ ସଙ୍ଗଠନ ଉପଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।







ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯାତ୍ରା କଳାକାର ଓ କର୍ମଚାରୀ ସଂଘର ନୟାଗଡ଼ ଶାଖା ପକ୍ଷରୁ ବିକ୍ଷୋଭ।

**କ୍ରାନ୍ତି ଦିବସରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ**

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବିକ୍ଷୋଭ

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ନୟାଗଡ଼ ଜିଲା ସଙ୍ଗଠନ ପକ୍ଷରୁ ୫ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଥିଲା। ମଞ୍ଚର ଦାବି ଅନୁସାରେ ୨୦୧୮ ଚାକିରି ସର୍ତ୍ତାବଳୀରେ ପେନସନ ବ୍ୟବସ୍ଥା ନାହିଁ। ଏଥିସହ ସପ୍ତମ ବେତନ ସୁବିଧା, କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ, ଅବସରକାଳୀନ ସୁବିଧା, ଅବସର ସମୟ ୬୦ରୁ ୬୨କୁ ବୃଦ୍ଧି କରିବା ଆଦି ସମସ୍ୟାର ସମାଧାନ ପାଇଁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଏଗୁଡ଼ିକୁ ପୂରଣ କରିବାକୁ ସଙ୍ଗଠନଗୁଡ଼ିକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ରକ୍ଷା ନ କରିବାରୁ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିଲା ବୋଲି ନୟାଗଡ଼ ଜିଲା ଆବାହକ ତଥା ଓଷ୍ଟା ଜିଲା ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ୬୬୨ବର୍ଗ କଲେଜର ସମ୍ପାଦକ ସରୋଜ ରଥ, ୪୮୮ ବର୍ଗର ଶାହାଜାହାନ, ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବିନାୟକ ପରିଡ଼ା, ଅଯୋଧ୍ୟାନାଥ ନାୟକ, ଅକ୍ରୁର ପରିଡ଼ା ପ୍ରମୁଖ କହିଛନ୍ତି।

### ୧୫ ଦିନ ମହଲତ ଦେଲେ ଯାତ୍ରା କଳାକାର

ଯାତ୍ରା କଳାକାର ଓ କର୍ମଚାରୀ ସଂଘର ନୟାଗଡ଼ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧୫ଦିନ ଭିତରେ ସରକାର ସଂଘର ଦାବି ପୂରଣ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘର ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ କରୋନାର ପ୍ରଥମରୁ ଦ୍ୱିତୀୟ ଲହର ମଧ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ କାରଣରୁ ଯାତ୍ରା କଳାକାର, କର୍ମଚାରୀ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ବର୍ଗର କଳାକାରଙ୍କୁ ବିଗତ ୬ ମାସର ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ଯୋଗାଇ ଦେବାକୁ ଘୋଷଣା କରିବା, କଳାକାରଙ୍କୁ ଋଣ ଦିଆଯାଇ ଏମ୍‌ଏସ୍‌ଏମ୍‌ଇର ଅନ୍ତର୍ଭୁକ୍ତ କରିବା, ଯେଉଁମାନେ କରୋନା ସମୟରେ ଋଣ ନେଇଛନ୍ତି ପରିଶୋଧ ପାଇଁ ୨ ବର୍ଷ ସମୟ ଦେବା, ଯାତ୍ରା ଚାଲିବା ପାଇଁ ନାଇଟ୍ କର୍ଫ୍ୟୁ ପ୍ରତ୍ୟାହାର କରାଯାଉ। ସରକାର ଯଦି ତୃତୀୟ ଲହର ପାଇଁ ଶଟ୍‌ଡାଉନ ଓ ଲକ୍‌ଡାଉନ କରିବେ, ୬ ମାସର ପ୍ୟାକେଜ୍ ବାଦ ପ୍ରତି ମାସରେ ଜୀବିକା ଖର୍ଚ୍ଚ ଦେବାରେ ବ୍ୟବସ୍ଥା କରନ୍ତୁ। କଳାକାରଙ୍କ ଭତ୍ତା ୧୨୦୦ରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବା ପରି ଅନୁରୂପ ଦାବି ରହିଛି। ଜିଲା ସଭାପତି ପ୍ରମୋଦ ବେହେରା ଓ ସମ୍ପାଦକ ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଆନ୍ଦୋଳନରେ ଯାତ୍ରା କଳାକାରମାନେ ସାମିଲ ହୋଇଥିଲେ।

### ୧୧ଶହ କୋଟି ଟଙ୍କାର ପ୍ୟାକେଜ ମାଗିଲେ

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୧୧୦୦ କୋଟି ଟଙ୍କାର ପ୍ୟାକେଜ୍ ମଗାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ କଳାକାର, ବିୟୁଟିପାର୍ଲର, ସେଲୁନ୍, ସ୍ପା ଓ ଚାଷୀଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏହି କ୍ଷତି ଭରଣା ପାଇଁ ପ୍ୟାକେଜ୍ ମଗାଯାଇଛି। ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା, ଘରଭଡା, ଖାଇବା ଓ ପିନ୍ଧିବା ଚିନ୍ତାର କାରଣ ପାଲଟିଛି। କଳାକାର, ବିୟୁଟିପାର୍ଲର, ସେଲୁନ୍, ସ୍ପା ପାଇଁ ମାସିକ ୫ ହଜାର ଲେଖାଏ ୧୧୦୦ କୋଟିର ସହାୟତା ଆବଶ୍ୟକତା ରହିଛି ବୋଲି ଦାବି କରାଯାଇଛି। ଚାଷୀମାନଙ୍କର ସୁରକ୍ଷା ଭତ୍ତା ପାଇଁ ମାସିକ ୫ ହଜାର ହିସାବରେ ୩୬ ଲକ୍ଷ ଚାଷୀ ପରିବାରକୁ ୨୧,୬୦୦ କୋଟି ଦାବି ହୋଇଆସୁଛି। ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ସହସଂଯୋଜକ ରଣଜିତ ଦଳବେହେରା, ରଣପୁର ସଭାପତି ଅକ୍ଷୟ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ଶ୍ରମିକ କୃଷକ ମଞ୍ଚର ସତ୍ୟାଗ୍ରହ

ସିଆଇଟିୟୁ, ଆଇଏନ୍‌ଟିୟୁସି, ଏସ୍‌ୟୁସିଆଇ, କ୍ଷେତ ମଜଦୁର ୟୁନିୟନ ଓ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇ ୩୫ ଜଣ ଗିରଫ ହୋଇଛନ୍ତି। ଆନ୍ଦୋଳନକାରୀ ଶ୍ରମିକ ଓ କୃଷକ ମଞ୍ଚର ସଦସ୍ୟମାନେ କେନ୍ଦ୍ର ଏନ୍‌ଡିଏ ସରକାରଙ୍କର କୃଷକ ବିରୋଧୀ କଳା ଆଇନ, ଶ୍ରମିକ ବିରୋଧୀ ଶ୍ରମ କୋଡ୍‌କୁ ବିରୋଧ କରି ସମାଲୋଚନା କରିଥିଲେ। ଆକାଶଛୁଆଁ ଦରବୃଦ୍ଧିକୁ ରୋକ ଲଗାଇବା ସହ ନୟାଗଡ଼ ଚିନିକଳକୁ ଚାଲୁ କରିବାକୁ ଦାବି ରଖିଥିଲେ। ନୟାଗଡ଼ର ବୃତ୍ତଙ୍ଗ ଓ ପଦ୍ମାବତୀ ବ୍ୟାରେଜ୍ ଯୋଜନା କାର୍ଯ୍ୟକାରୀ କରିବା ଦାବି ଉପସ୍ଥାପନ କରିଥିଲେ। କୃଷକ ଓ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଗୋଲକ ବିହାରୀ ମୁଦୁଲି, ଆଇନଜୀବୀ ଅମିୟ ପଟ୍ଟନାୟକ, ଶ୍ରମିକ ଓ କୃଷକ ନେତା ପବିତ୍ର ଇନ୍ଦ୍ରଜିତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଟିକା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା



ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପାଇଁ ଲୋକଙ୍କ ଗହଳି।

**ଖଣ୍ଡପଡ଼ା,୯।୮(ସ୍ୱ.ପ୍ର.)**

- ୩୦୦ ଟିକାକୁ ହଜାରରୁ ଊର୍ଦ୍ଧ୍ୱ ଲୋକ
- ମାସ୍କ ନାହିଁ, ସାମାଜିକ ଦୂରତ୍ୱ ରହୁନି
- ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ

କରୋନା ଟିକା ନେବାକୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଉଥିବା ବେଳେ ରାତି ନ ପାହୁଣୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳାପୁରୁଷଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଛି। ତେବେ ସୋମବାର ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସାଧାରଣଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଟିକା ନେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଭିଡ ଲଗାଇଥିଲେ। ବିଶେଷକରି କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭୋର ୪ଟାରୁ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଲମ୍ବାଧାଡିରେ ଠିଆ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଧାଡ଼ିଭାଙ୍ଗି ଟିକା ଆଗ ନେବାକୁ ହୋହଲ୍ଲା କରିଥିଲେ। ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ଖଣ୍ଡପଡା ଥାନାରୁ ପୋଲିସ ଟିମ୍ ଆସିବାରୁ ପରିସ୍ଥିତି ଆୟତ୍ତକୁ ଆସିଥିଲା। ଅଧିକାଂଶ ଲୋକ ମୁହଁରେ ମାସ୍କ ପିନ୍ଧି ନ ଥିଲେ। କୋଭିଡ୍ ଆଇନକୁ ଫୁ କରି ଦଳ ଦଳ ହୋଇ ଆଗ ଆମେ ଟିକା ନେବୁ ବୋଲି ପାଟିତୁଣ୍ଡ କରିଥିଲେ। ତେବେ ଟିକା ନେବାକୁ ଆସି କରୋନାକୁ ଆମନ୍ତ୍ରଣ କରୁଥିବା ସମ୍ପର୍କରେ ଅନେକ ସଚେତନ କରାଉଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ତେବେ ଟିକା ପ୍ରଦାନରେ ବିଳମ୍ବ ସାଙ୍ଗକୁ ଦୀର୍ଘ ସମୟ ଧରି ଜନସାଧାରଣଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଠେଲାପେଲା କରିବା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଇନରେ ଠିଆ ହୋଇଥିବା ଜନସାଧାରଣ ପ୍ରଚଣ୍ଡ ରୌଦ୍ରତାପ ପ୍ରଭାବରେ ଆଉ ଲାଇନରେ ଠିଆ ହୋଇ ନ ପାରି ଶେଷରେ ନିଜ ନିଜର ଚପଲ ପଛକୁ ପଛ ଥୋଇ ଲମ୍ବା ଲାଇନ କରିବାର ଦୃଶ୍ୟ ନଜରକୁ ଆସିଥିଲା। ଏକା ସାଙ୍ଗରେ ଶତାଧିକ ଜନସାଧାରଣ ଟିକା ନେବାକୁ ଭିଡ଼ ଜମାଇବାରୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଏଥିନିମନ୍ତେ ନାକେଦମ ହେବାକୁ ପଡିଥିଲା। ତେବେ ନୂଆଗଡିଆସାହିରେ ୩୩୨, ଖଣ୍ଡପଡ଼ାରେ ୩୨୫ ଓ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୨୭ ଜଣ ମହିଳାପୁରୁଷ ଟିକା ନେଇଥିବା ଡା. ଏଲୋରା ଦାସ ସୂଚନା ଦେଇଛନ୍ତି।

### ପୂଜା ହେବ ୭ ଜଣରେ: ଶୋଭାଯାତ୍ରା ପାଇଁ ଲଗାମ ନାହିଁ

**ନୟାଗଡ଼ ଅଫିସ,୯।୮**

ପାର୍ବଣ ଅବକାଶରେ ଗଣେଶ, ଦୁର୍ଗା, ଲକ୍ଷ୍ମୀ ଓ କାଳୀପୂଜା ପାଇଁ ରାଜ୍ୟ ସରକାର କରୋନା କଟକଣା ସକାଶେ ଗାଇଡ୍‌ଲାଇନ ଜାରି କରିଛନ୍ତି। ପୂଜା ଲାଗି ପୂଜା ମଣ୍ଡପରେ କେବଳ ୭ଜଣ ରହିପାରିବେ। ସେହିପରି ପତାକା ଉତ୍ତୋଳନରେ ୨୦ଜଣ ସାମିଲ ହେବାକୁ ଅନୁମତି ମିଳିଛି। କିନ୍ତୁ ନୟାଗଡ଼ ଜିଲାରେ ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ପକ୍ଷରୁ ହେଉଥିବା ଶୋଭାଯାତ୍ରାରେ ଶତାଧିକ ଲୋକ ସାମିଲ ହେଉଛନ୍ତି। ଏମାନେ କରୋନା କଟକଣା ମାନୁ ନ ଥିଲେ ମଧ୍ୟ ଏମାନଙ୍କ ଉପରେ ଲଗାମ ନାହିଁ। ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏକ ଶୋଭାଯାତ୍ରାରେ ସୋମବାର ସନ୍ଧ୍ୟାରେ ଏକତ୍ରିତ ହୋଇଥିଲେ। ମନ୍ତ୍ରୀ ଅରୁଣ ସାହୁ ଏଥିରେ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଲଣ୍ଠନ ଶୋଭାଯାତ୍ରାରେ ଶହେରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇ ଆନ୍ଦୋଳନ କରିଥିଲେ। ଅନ୍ୟ ଆନ୍ଦୋଳନରେ ମଧ୍ୟ କରୋନା କଟକଣାକୁ ଫୁ କରି ଦିଆଯାଇଛି ବୋଲି ଅଭିଯୋଗ ଉଠିଛି। ତେବେ ପୂଜା ଓ ଅଗଷ୍ଟ ୧୫ ପାଳନ ପାଇଁ କଟକଣା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ଦୁଇ କାର୍ ମୁହାଁମୁହିଁ ଧକ୍କା



ଦୁର୍ଘଟଣା ଗ୍ରସ୍ତ ଦୁଇ କାର।

**ନୟାଗଡ଼ ଅଫିସ/ଦଶପଲ୍ଲା, ୯।୮(ଡି.ଏନ୍.ଏ.)**

**ବୌଦ୍ଧ ଏଡିଏମ୍‌ଙ୍କ ସମେତ ୭ ଆହତ, ୩ ଗୁରୁତର**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ରଙ୍ଗମାଟିଆ ଛକରେ ସୋମବାର ପୂର୍ବାହ୍ନରେ ଦୁଇଟି କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବୌଦ୍ଧ ଅତିରିକ୍ତ ଜିଲାପାଳ (ଏଡିଏମ୍) ଏନ୍.ସି. ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ୭ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ଅତିରିକ୍ତ ଜିଲପାଳଙ୍କ ସମେତ ବିଭୁଦତ୍ତ ଦାସ, ଡ୍ରାଇଭର କାହ୍ନା ଦାସଙ୍କ ସମେତ ୩ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ବୌଦ୍ଧର ଅତିରିକ୍ତ ଜିଲାପାଳ କାର (ନଂ. ଓଡି୦୨ବିଜି୬୦୨୨) ଯୋଗେ ଭୁବନେଶ୍ୱରରୁ ବୌଦ୍ଧ ଯାଉଥିଲେ। ବିପରୀତ ପାର୍ଶ୍ୱ ଫୁଲବାଣୀରୁ ଭୁବନେଶ୍ୱରରୁ କାର (ନଂ.ଓଡି୦୭ଏଜେ ୨୦୮୨)ରେ ଏସ.କେ. ଦିଗାଲ ନାମକ ଜଣେ ବ୍ୟକ୍ତି ଆସୁଥିଲେ। ରଙ୍ଗମାଟିଆ ଛକଠାରେ ଦୁର୍ଘଟଣା ପରେ ଅତିରିକ୍ତ ଜିଲାପାଳ, ଇଡ୍‌କୋ କର୍ମଚାରୀ ବିଭୁଦତ୍ତ ଦାସ ଓ ଡ୍ରାଇଭର କାହ୍ନା ସାହୁ ଆହତ ହୋଇଥିଲେ। ଅତିରିକ୍ତ ଜିଲାପାଳଙ୍କ ଡାହାଣ ଗୋଡ ଓ ମୁଣ୍ଡରେ ଆଘାତ ଲାଗିଛି। ଦିଗାଲଙ୍କ କାରରେ ଯାତ୍ରା କରୁଥିବା ଦିଗାଲଙ୍କ ସମେତ ଫୁଲବାଣୀ କେନ୍ଦୁପଦର ଗାଁର ବୈଜୟନ୍ତୀ ପ୍ରଧାନ, ନିରଞ୍ଜନ ସାହାଣୀ, ଦୀପ୍ତିମୟୀ ପ୍ରଧାନ, ପୁଣ୍ୟତୋୟା ନାୟକ, ପ୍ରଭାସିନୀ ନାୟକ (୭ବର୍ଷ) ପ୍ରମୁଖ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି କାର ୨ଟିକୁ ଜବତ କରିଛି।

# ମୋବାଇଲ ସେବା, ବିଦ୍ୟୁତ୍ ସଂଯୋଗ ପାଇଁ ଦାବିପତ୍ର

**ଗଣିଆ, ୯।୮(ଡି.ଏନ.ଏ.)**

ଅଗଷ୍ଟ ୯ କ୍ରାନ୍ତି ଦିବସ ତଥା ବିଶ୍ୱ ଜନଜାତି ଦିବସ ଅବସରରେ ସୋମବାର ଗଣିଆ ବ୍ଲକ ବଡଶିଲିଙ୍ଗା ପଞ୍ଚାୟତ ଆଦିମ ଅଧିବାସୀ ମୁକ୍ତିମଞ୍ଚ ଜନ ସଙ୍ଗଠନ ପକ୍ଷରୁ ମୋବାଇଲ ଓ ବିଦ୍ୟୁତ୍ ସେବା ନେଇ ଗଣିଆ ଥାନା ଅଧିକାରୀ ଓ ବ୍ଲକ ପ୍ରଶାସନ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବଡଶିଲିଙ୍ଗା ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଗଣିଆ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ପ୍ରଥମେ ମୋବାଇଲ ଟାୱାର ନିର୍ମାଣ ପାଇଁ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଗଣିଆ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ବ୍ଲକ ପରିସରରେ ପହଞ୍ଚି ବଡଶିଲିଙ୍ଗା ପଞ୍ଚାୟତର ଯେଉଁ ଗ୍ରାମଗୁଡ଼ିକୁ ବିଦ୍ୟୁତ ସଂଯୋଗ ହୋଇ ନାହିଁ ସେଠାକୁ ଯୋଗାଣ ଲାଗି ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ଲକର କିରାଣି ରଜନୀ ପ୍ରଧାନଙ୍କୁ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ପୂର୍ବରୁ ସୂଚନା ଥିଲେ ମଧ୍ୟ ବ୍ଲକରେ ଦାବିପତ୍ର ଗ୍ରହଣ କରିବାକୁ ବିଡିଓ କିମ୍ବା ଅତିରିକ୍ତ ବିଡିଓଙ୍କ ଅନୁପସ୍ଥିତ ଯୋଗୁ ଲୋକେ କ୍ଷୋଭ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ବଡଶିଲିଙ୍ଗା ଭଳି ଏକ ଆଦିବାସୀ ବହୁଳ ଅଞ୍ଚଳରେ ହାତଗଣତି କେତେଗୋଟି ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଅଧିକାଂଶ ଗ୍ରାମରେ ବିଦ୍ୟୁତ୍ ଓ ମୋବାଇଲ ସେବା ଏବେ ବି ଅପହଞ୍ଚ ହୋଇ ରହିଛି। ଫଳରେ ଅଞ୍ଚଳର ଲୋକମାନେ ଏହି ସେବାରୁ ବଞ୍ଚିତ ହେବା ସହ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଥିବା ଜଣାପଡିଛି। ଅପରପକ୍ଷେ ଏହି ସେବାଗୁଡିକ ଉପଲବ୍ଧ ନ ଥିବାରୁ ବଡଶିଲିଙ୍ଗା ପଞ୍ଚାୟତରେ କୌଣସି ସରକାରୀ କର୍ମଚାରୀ ରହୁ ନାହାନ୍ତି। ଜରୁରୀ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଯୋଗାଯୋଗରେ ସମସ୍ୟା ସୃଷ୍ଟି ହେଉଛି ବୋଲି ଲୋକେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡଶିଲିଙ୍ଗା ଆଦିମ ଅଧିବାସୀ ମୁକ୍ତିମଞ୍ଚର ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକ, ବିପ୍ରଚରଣ ମଲିକ, ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ମିଶ୍ର, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ରଘୁନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଗଣିଆ ଆଇଆଇସିଙ୍କୁ ଅଞ୍ଚଳବାସୀ ଏସ୍‌ପି ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି।

# ନୟାଗଡ଼ ଜିଲାରେ ହେବ ୫ ଇନ୍‌ଡୋର ଷ୍ଟାଡିୟମ

**ନୟାଗଡ ଅଫିସ,୯।୮**

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ନୟାଗଡ଼ ବିଧାୟକ**

ରାଜ୍ୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଅଧୀନରେ ୮୯ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ରାଜ୍ୟର ୮୯ଟିରୁ ନୟାଗଡ଼ ଜିଲାକୁ ୫ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ମିଳିଥିବାରୁ କୃଷିମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧନ୍ୟବାଦ ଜଣାଇବା ପାଇଁ କ୍ରୀଡାବିତ୍, କ୍ରୀଡାପ୍ରେମୀ ଓ ଅନ୍ୟମାନଙ୍କୁ ନେଇ ଶୋଭାଯାତ୍ରା ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସୋମବାର ସନ୍ଧ୍ୟାରେ ବାହାରି ଟ୍ରାଫିକ ଛକ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏଥିରେ ବିଜେଡି ଜିଲା ସଭାପତି ରମେଶ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ପୂର୍ବତନ ନଗରପାଳ ଗୁରୁ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ମନ୍ତ୍ରୀ ସାହୁ କୁହନ୍ତି, ଭାରତ ବର୍ଷର କ୍ରୀଡ଼ା ରାଜଧାନୀ ଭାବେ ଓଡ଼ିଶା ବିବେଚିତ ହେଉଛି। ଏ ଅବସରରେ ମୁଖ୍ୟମନ୍ତ୍ରୀଙ୍କର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ପଦକ୍ଷେପ ଯୁଗାନ୍ତକାରୀ। ନୟାଗଡରେ ୯ କୋଟି ୯୫ ଲକ୍ଷ ବ୍ୟୟରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ। ସେହିପରି ଓଡ଼ଗାଁ, ଦଶପଲ୍ଲା, ଖଣ୍ଡପଡ଼ା ଓ ରଣପୁର ବିଜ୍ଞାପିତ ଅଞ୍ଚଳରେ ୪ଟି ଇନ୍‌ଡୋର ଷ୍ଟାଡିୟମ ଅନୁରୂପ ଭାବେ ନିର୍ମାଣ ହେବ।

ଏହି ଇନ୍‌ଡୋର ଷ୍ଟାଡିୟମର ନିର୍ମାଣ ୧୮ ମାସ ମଧ୍ୟରେ ହେବ। ଏହାକୁ କ୍ରୀଡ଼ା, ବିପର୍ଯ୍ୟୟ ଆଶ୍ରୟସ୍ଥଳ ଓ ଚିକିତ୍ସାଳୟ ଉପଯୋଗୀ କରାଯିବ। ଏହି ଇନ୍‌ଡୋର ଷ୍ଟାଡିୟମର କୋଠା ନିର୍ମାଣ ଏଭଳି ହେବ, ଯାହାକି ଘଣ୍ଟା ପ୍ରତି ୨୦୦ କିମି ବେଗରେ ପବନକୁ ସହ୍ୟ କରି ପାରୁଥିବ। ଏହାକୁ ମହାବାତ୍ୟା ଓ ବନ୍ୟା ସମୟରେ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯିବ। ମହାମାରୀ ସମୟରେ ଏନ୍‌ଏସି ଅଞ୍ଚଳରେ ଥିବା ଷ୍ଟାଡିୟମ୍‌ଗୁଡିକରେ ୫୦ ଶଯ୍ୟା ବିଶିଷ୍ଟ ମେଡିକାଲ ଓ ପୌରାଞ୍ଚଳରେ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ଭାବେ ବିକଶିତ ହେବାର ଭିତ୍ତିଭୂମି ରହିବ। ଏସବୁ ବ୍ୟତୀତ ତାଲିମ କାର୍ଯ୍ୟକ୍ରମ, ସଭା, ପରୀକ୍ଷା କେନ୍ଦ୍ର ଆଦି କାର୍ଯ୍ୟ ପାଇଁ ମଧ୍ୟ ଏହି ଷ୍ଟାଡିୟମ ନିର୍ମାଣ ଅତ୍ୟନ୍ତ ଉପଯୋଗୀ ହୋଇପାରିବ। କ୍ରୀଡ଼ା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଭଲପାଇବା ଓ କ୍ରୀଡାବିତ୍‌ଙ୍କୁ ଏହା ଉତ୍ସାହିତ କରିବ।



ନୟାଗଡ଼ ସହରରେ ବିଜେଡି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।